ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଡିସେମ୍ବର ୨୦୨୩



ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ଫଟୋ : ଅଜୟ ମହାଲା

Vol-2 • Issue-10 • December 2023 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୨ • ସଂଖ୍ୟା-୧୦ • ଡିସେମ୍ବର ୨୦୨୩ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି

**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସଂପାଦକ

**ନିହାର ରଂଜନ ଶତପଥୀ**

ଉପଦେଷ୍ଟା

**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥୀ**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ

**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ

**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା

**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ

**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ

**ଅଜୟ ମହାଲା**

ଯୋଗାଯୋଗ

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।

ପାଠକଙ୍କ ମତାମତ ୦୨
ସାହିତ୍ୟରେ ଗବେଷଣାର ମାନ (ସଂପାଦକୀୟ) ୦୩
ସାହିତ୍ୟରେ ରିକ୍ତତାବୋଧ (ପ୍ରବନ୍ଧ): ରମାକାନ୍ତ ନାୟକ ୦୫
କବି ଓ ଈଶ୍ୱର (କବିତା) : ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ୧୧
ମାଆର ଫୋନ (ଗଳ୍ପ) : ରଜନୀକାନ୍ତ ମହାନ୍ତି ୧୨
ନାମଚାରି ଓ ବିଚରା ଗୋପାଳ (ରମ୍ୟରଚନା) : ଗୋପାଳକୃଷ୍ଣ ଆଚାର୍ଯ୍ୟ ୧୪
ବ୍ଲାଇଣ୍ଡନେସ୍ (ଗଳ୍ପ) : ଜାକିର ଖାନ୍ ୧୮
ଲୋକଗୀତରେ ସାହିତ୍ୟର ସ୍ପନ୍ଦନ (ପ୍ରବନ୍ଧ) : ପ୍ରଫୁଲ୍ଲ କୁମାର ସାହୁ ୨୦
ବର୍ଷୀୟାନ କବି ସୌଭାଗ୍ୟ କୁମାର ମିଶ୍ରଙ୍କ ସହ ଆଳାପ (ସାକ୍ଷାତକାର) ୨୫
ସ୍ରଷ୍ଟା ଓ ସୃଷ୍ଟି (ଗଳ୍ପ) : ସଂଗୀତା ପତି ୨୯
ଓଡ଼ିଆ ପତ୍ରିକାମାନଙ୍କର ପୂଜା ସଂଖ୍ୟା, ୨୦୨୩ (ପ୍ରବନ୍ଧ) : ଭାରତୀ ବାରିକ ୩୨
ଅଦେଖା ଜଉତିଷ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର ୩୭
ଓଡ଼ିଆ ଭ୍ରମଣ ଉପନ୍ୟାସରେ 'ଭାରତ' (ପ୍ରବନ୍ଧ) : ପବିତ୍ର ଦାସ ୪୧
ଦେବଦୂତ (ଅନୁବାଦ ଗଳ୍ପ) : କନକ ମଂଜରୀ ପଟ୍ଟନାୟକ ୪୭
ମୋ ସ୍ମୃତିରେ ଶଗଡ଼ (ଅନୁଭୂତି) : ବନଜ ଦେବୀ ୪୯
ଦେବୀ (ଗଳ୍ପ) : ସୁନନ୍ଦା ମହାନ୍ତି ୫୨
ଓଡ଼ିଆ ଗୀତି କବିତାର ଗତି ଓ ପ୍ରକୃତି (ପ୍ରବନ୍ଧ) : ସଦାନନ୍ଦ ପରିଡ଼ା ୫୫
ଦେହ ଦେବାଳୟ (କବିତା) : ବିଜୟଲକ୍ଷ୍ମୀ ପଟ୍ଟନାୟକ ୫୯
ଲୋକନାଟକ 'ଲୀଳା'ର ଭାଷା (ପ୍ରବନ୍ଧ): ଜ୍ୟୋତିପ୍ରଭା ମହାନ୍ତି ୬୦
ଦୁଇଟି ମିନିଗପ (ଗଳ୍ପ) : ଆରାଧନା ମିଶ୍ର ୬୩
ଜେଜେଙ୍କ ସକାଳ ଓ ଅବୁଝା ନାତି (ଶିଶୁ ଗଳ୍ପ) : ରବୀନ୍ଦ୍ର ନାଥ ମାଝୀ ୬୪
ରହସ୍ୟ ଓ ଅନୁସନ୍ଧାନ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ ୬୬
ସାହିତ୍ୟ ସମାଚାର ୬୭
ତୁଚ୍ଛତାଚ୍ଛଲ୍ୟ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୮

# ପାଠକଙ୍କ ମତାମତ

ସାହିତ୍ୟ ଚର୍ଚ୍ଚା ନଭେମ୍ବର ସଂଖ୍ୟାରେ ପ୍ରକାଶିତ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ 'ଆଧୁନିକ କବିତାର ବୋଧଗମ୍ୟତା' ଶୀର୍ଷକ ପ୍ରବନ୍ଧରେ କବିତାରେ ସୁବୋଧତା, ଅବୋଧତା ଓ ଦୁର୍ବୋଧତା ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା ହୋଇଛି। ପାଠକ କାହିଁକି ବୁଝିହେଉନଥିବା କବିତାକୁ ଅବୋଧ କହି ମୁହଁ ଫେରାଇ ନେଉଛନ୍ତି, କବିତା ପ୍ରତି ପାଠକଙ୍କ ଆଗ୍ରହ କମ୍ ହୋଇଯିବା, କବି ଗଦାଗଦା କବିତା ପାଠକଙ୍କ ମନକୁ ବିଚାରନକରି ରଚନା କରିବା, ବହୁ କବିତା ଛନ୍ଦୋବଦ୍ଧ ନହେବା ଆଦିର ବିଭିନ୍ନ କାରଣ ଦର୍ଶାଇଛନ୍ତି ପ୍ରାବନ୍ଧିକ। ସମାଧାନରେ ଜଣାଇଦେବାକୁ ଚାହିଁଛନ୍ତି ଯେ, କବିତାର ସଂଜ୍ଞା, ସ୍ୱରୂପ, ଶୈଳୀ, ଭାଷା, ରଚନାବିଧି ଆଦି ବିଷୟରେ ଅଜ୍ଞ ଥିବା ପାଠକ ହିଁ ଆଧୁନିକ କବିତାକୁ ଦୁର୍ବୋଧ କହିପାରେ। ପୁଣି ପାଠକମାନଙ୍କ ଧୈର୍ଯ୍ୟ, ନିଷ୍ଠା, ଆଗ୍ରହ ଆଦି କବିତା ପାଠ ସମୟରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରେ। ପୁଣି କବିତାର ଦୁର୍ବୋଧତା ପାଇଁ ସମାଲୋଚକମାନଙ୍କୁ ମଧ୍ୟ ଦାୟୀ କରାଯାଇପାରେ। କାରଣ ସେମାନଙ୍କ ନିର୍ଦ୍ଦିଷ୍ଟ କବିତାପ୍ରତି ଆକର୍ଷଣ ଏବଂ ପ୍ରଶଂସା ଦ୍ୱାରା ଅନ୍ୟ କବିତାଗୁଡ଼ିକ ଶ୍ରୀହୀନ ହୋଇପଡେ। ଖୁବ୍ ସୁନ୍ଦର ଭାବେ ପ୍ରାବନ୍ଧିକ ଏହି ବିଷୟଟିକୁ ଆଲୋଚନା କରିଛନ୍ତି।

**ଶୁଚିସ୍ମିତା ବିଶ୍ୱାଳ**
biswalsuchismita@yahoo.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ଲେଖକର ଆତ୍ମପରିଚୟ ଓ ଫଟୋ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ଆଜିର ଏହି ଯୁଗରେ।' 'ସାହିତ୍ୟ ଚର୍ଚ୍ଚା'ର ନଭେମ୍ବର ସଂଖ୍ୟାର ସମ୍ପାଦକୀୟ ଏହା ସୂଚାଇଦେଉଛି। ଲେଖାଟି ପାଇଁ ଧନ୍ୟବାଦ।

**ଲିକୁ ବେହେରା**
beheraliku051@gmail.com

'ସାହିତ୍ୟ ଚର୍ଚ୍ଚା', ୨୦୨୩ ନଭେମ୍ବର ସଂଖ୍ୟା ବହୁତ ହୃଦୟସ୍ପର୍ଶୀ ହୋଇଛି। ପ୍ରତ୍ୟେକ ଲେଖାରେ ଭରିରହିଛି ସମାଜକୁ ଦିଗ୍ ଦର୍ଶନ ଦେଲା ଭଳି ବାର୍ତ୍ତା। ସମ୍ପାଦକୀୟ ପୃଷ୍ଠାରେ ଲେଖକମାନେ କିପରି ନିଜର ଲେଖା ଅପେକ୍ଷା 'ସ୍ୱ' ପରିଚୟ ସୃଷ୍ଟି ପାଇଁ ବେଶି ଯତ୍ନବାନ ହେଉଛନ୍ତି ସେଥିପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଡ.ଧର୍ମଛଡାଙ୍କ 'ଫବେଷଣା' ରମ୍ୟରଚନାଟି ଆମ ସମାଜ ପାଇଁ ଦେଇଯାଇଛି ଅନେକ ବାର୍ତ୍ତା। ଖତୁଆ ମୁହଁରେ ଲେଖକ ବିଶ୍ଳେଷଣ କରିଛନ୍ତି ବାହାଘର ଓ ନିର୍ବାଚନର ସମସ୍ତ ଗତିବିଧି, ଯାହା ଏବେ ସବୁ ଘଟିଯାଉଛି। ଏହା ନିଛକ ସତକଥା। ଲାଞ୍ଚ ଠାରୁ ପେଞ୍ଚ ପର୍ଯ୍ୟନ୍ତ ସମସ୍ତ ସତ୍ୟ ଘଟଣାକୁ ଏଥିରେ ନିର୍ଭୀକ ଭାବରେ ପ୍ରକାଶ କରାଯାଇଛି। ବିବାହିତ ସ୍ତ୍ରୀ ଓ ପୁରୁଷ ଲକ୍ଷଣକୁ କିପରି ଚିହ୍ନିବା ତା'ର ମଧ୍ୟ ଏକ ସୁନ୍ଦର ଉଦାହରଣ ପ୍ରସ୍ତୁତ କରିଛନ୍ତି ଲେଖକ।

**ସ୍ମାରକ ସତ୍ୟପ୍ରକାଶ ଦାସ**
smaraksatyaprakashdas@gmail.com

ମୋତେ ଗଳ୍ପ ପଢିବାକୁ ଭଲ ଲାଗେ। ନଭେମ୍ବର ସଂଖ୍ୟାରେ ନାରୁ ମହାନ୍ତିଙ୍କ 'ଅକୁହା କଥା', ରବି ପଣ୍ଡାଙ୍କ 'ଆଉ ଜେଣ ତ୍ରିଶଙ୍କୁ', ଧରିତ୍ରୀ ପାଣିଗ୍ରାହୀଙ୍କ 'ରଙ୍ଗ ନମ୍ବର' ଓ 'ଦାଗ' ଶୀର୍ଷକ ଦୁଇଟି ମିନିଗଳ୍ପ ତଥା କୁଞ୍ଜବିହାରୀ ସାହୁଙ୍କ ଶିଶୁଗଳ୍ପ 'ବୁଢ଼ିଆ ଓ ଟଗର ଗଛ' ମନକୁ ଛୁଇଁଲା। ଶେଷ ପୃଷ୍ଠାରେ ପ୍ରଶାନ୍ତ ଭୂୟାଁଙ୍କ ନୂଆ ଶବ୍ଦ 'ସମ୍ପ୍ରତିସଞ୍ଚର' ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା ହୋଇଛି। ଅଜୟ ମିଶ୍ରଙ୍କ ଧାରାବାହିକ ବ୍ୟଙ୍ଗ 'ଏକଡିମ୍ ପୁରସ୍କାର'ରେ ଦୃଢ଼ ବାର୍ତ୍ତା ରହିଛି। ପ୍ରବନ୍ଧରେ ଉଦୟନାଥ ସାହୁଙ୍କ 'ଓଡ଼ିଆ ଗାଥା କବିତା ଓ ଦୀର୍ଘ କବିତା'ରୁ ଅନେକ ତତ୍ତ୍ୱ ସମ୍ପର୍କରେ ଜାଣିବାକୁ ମିଳିଲା।

**ସୌମ୍ୟ ରଞ୍ଜନ ସେଠୀ**
soumyabbs19@gmail.com


ସମ୍ପାଦକୀୟ

# ସାହିତ୍ୟରେ ଗବେଷଣାର ମାନ

ଆଜିକାଲି କିଛି ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗମାନଙ୍କରେ ଚାଲିଥିବା ଗବେଷଣାର ମାନକୁ ଅନୁଧ୍ୟାନ କଲେ ବିଚଳିତ ହେବାକୁ ପଡ଼େ। ଅବଶ୍ୟ ଆମେ ସବୁତକ ଗବେଷଣା ପାଇଁ ଏକଥା କହୁନାହୁଁ। କେତେକ ନିର୍ଦ୍ଦିଷ୍ଟ ପିଏଚ୍.ଡି ସନ୍ଦର୍ଭ ଓଡ଼ିଆ ସାହିତ୍ୟର ମୂଲ୍ୟବାନ ଦିଗମାନଙ୍କୁ ଆଲୋକକୁ ଆଣି ଏହାର ସମୃଦ୍ଧି ଓ ବିକାଶରେ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି ଏଥିରେ ସନ୍ଦେହ ନାହିଁ। ତେବେ ଏହା ଏକ ଧାରା ନ ହୋଇ ବରଂ ବ୍ୟତିକ୍ରମ। ବହୁ ଦଶକ ପୂର୍ବେ ଡ଼. ହରେକୃଷ୍ଣ ମହତାବ ଓଡ଼ିଆ ସାହିତ୍ୟରେ ଗବେଷଣାର ଗୁଣବତ୍ତାକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିଥିଲେ। ସେବେଠାରୁ ନେଇ ଆଜି ପର୍ଯ୍ୟନ୍ତ ସାହିତ୍ୟ ଗବେଷଣାରେ ବରଂ ଆହୁରି ଅଧୋଗତି ହୋଇଛି ସିନା, ଉନ୍ନତି ଦୃଷ୍ଟିଗୋଚର ହେଉନାହିଁ।

ଓଡ଼ିଆ ବିଭାଗମାନଙ୍କରେ ପିଏଚ୍.ଡ଼ି ପାଇଁ ଦାଖଲ ହେଉଥିବା କେତେକ ଗବେଷଣାତ୍ମକ ସନ୍ଦର୍ଭରେ ଜାଲିଆତି ହେଉଥିବାର ଖବରମାନ ଏବେ ଖବରକାଗଜର ପୃଷ୍ଠା ମଣ୍ଡନ କଲାଣି। କିଛି ଦିନ ତଳେ, ବାରିପଦାର ଜଣେ ଅଧ୍ୟାପିକା ସେଠାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନକଲୀକୃତ ସନ୍ଦର୍ଭ ଦାଖଲ କରିଥିବାର ଅଭିଯୋଗ ସତ୍ୟ ବୋଲି ଜଣାପଡ଼ିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଦିଆଯାଇଥିବା ପିଏଚ୍.ଡି ଡିଗ୍ରୀ ପ୍ରତ୍ୟାହାର କରିନେଇଛନ୍ତି। କେବଳ ନକଲୀକରଣ ହିଁ ନୁହେଁ, ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷଣା କ୍ଷେତ୍ରରେ ଏହି ଧରଣର ଆହୁରି କେତେକ ଅନୈତିକ କାର୍ଯ୍ୟକଳାପ ମଧ୍ୟ ଏବେ ଚର୍ଚ୍ଚାକୁ ଆସିଛି।

ଆଉ ଏକ ବିସଙ୍ଗତି ହେଲା ଗବେଷଣା ପାଇଁ ଦୁର୍ବଳ ବିଷୟବସ୍ତୁମାନଙ୍କର ଚୟନ। କୌଣସି ଏକ ମୌଳିକ ବା ଉପାଦେୟ ବିଷୟବସ୍ତୁ ନୁହେଁ, ବରଂ ଯେଉଁ ବିଷୟଟି ଉପରେ ଗବେଷଣା କଲେ ସହଜରେ ଓ ଶୀଘ୍ର ସନ୍ଦର୍ଭଟିଏ ସାରିହେବ ତାହାକୁ ହିଁ ବଛାଯାଉଛି। ଓଡ଼ିଆ ବିଭାଗରେ ଚାଲିଥିବା ଏବର ଗବେଷଣାର ବିଷୟବସ୍ତୁଗୁଡ଼ିକୁ ଅନୁଧ୍ୟାନ କଲେ ଆମେ ଜାଣି ପାରିବା ଯେ ସମକାଳୀନ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ବା କୌଣସି ଅଜଣା ଅଶୁଣା ନିର୍ଦ୍ଦିଷ୍ଟ କୃତି ଉପରେ ହିଁ ଅଧିକ ସଂଖ୍ୟାରେ ସନ୍ଦର୍ଭମାନ ପ୍ରସ୍ତୁତ ହେଉଛି। ଉଦାହରଣ ସ୍ୱରୂପ, 'ଅମୁକ ଦାସଙ୍କର ଓଡ଼ିଆ ସାହିତ୍ୟକୁ ଦାନ', ଅବା 'ସମୁକ ସଞ୍ଚୟନର ଭାଷା ଓ ଶୈଳୀ', ଯେତେବେଳେକି ତଥାକଥିତ ଅମୁକ ଦାସ କିମ୍ବା ସମୁକ ସଞ୍ଚୟନର ସାହିତ୍ୟ ଜଗତକୁ ସେମିତି କିଛି ଆଖିଦୃଶିଆ ଅବଦାନ ନଥାଏ। ପିଏଚ୍. ଡି ଗବେଷଣା ସମ୍ପର୍କରେ ୟୁ.ଜି.ସିର ଦିଶାନିର୍ଦ୍ଦେଶ କହେ ଯେ, ଗବେଷଣା ପାଇଁ ପ୍ରସ୍ତାବିତ କ୍ଷେତ୍ରର ସାମାଜିକ ଓ କ୍ଷେତ୍ରୀୟ ପ୍ରାସଙ୍ଗିକତା ଥିବା ସହିତ ତାହାର ଜାତୀୟ ଓ ଅନ୍ତର୍ଜାତୀୟ ଗୁରୁତ୍ୱ ତଥା ସର୍ଜନାତ୍ମକ ମୂଲ୍ୟ ମଧ୍ୟ ରହିଥିବା ଉଚିତ, ଯାହାକି ମାନବୀୟ ଜ୍ଞାନଭଣ୍ଡାରରେ ଏକ ମହତ୍ତ୍ୱପୂର୍ଣ୍ଣ ମୂଲ୍ୟ ସଂଯୋଜନ କରିପାରୁଥିବ। କିନ୍ତୁ ଏହାର ବିପରୀତ, ଓଡ଼ିଆ ବିଭାଗର ଅଧିକାଂଶ ଗବେଷଣାର ବିଷୟବସ୍ତୁକୁ ଅନୁଧ୍ୟାନ କଲେ ଆମକୁ ନିରାଶ ହେବାକୁ ପଡ଼େ। ଏହା ମଧ୍ୟ ଲକ୍ଷ୍ୟ କରାଯାଏ ଯେ ଅନ୍ୟ ବିଭାଗମାନଙ୍କ ତୁଳନାରେ ଓଡ଼ିଆ ବିଭାଗର ଗବେଷକମାନେ ଅପେକ୍ଷାକୃତ କମ୍ ସମୟ ମଧ୍ୟରେ ନିଜ ସନ୍ଦର୍ଭଟି ଲେଖି ଶେଷ କରିଦିଅନ୍ତି।




ଏଭଳି ଏକ ସଙ୍କଟ ସମ୍ପର୍କରେ ନିଜର ମନ୍ତବ୍ୟ ରଖି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରଫେସର ସ୍ୱର୍ଗତ ସୁଦର୍ଶନ ଆଚାର୍ଯ୍ୟ ଏକଦା ଆମ ପତ୍ରିକା ସହିତ ଏକ ସାକ୍ଷାତକାରରେ କହିଥିଲେ ଯେ ଆଜିକାଲି ଏପରିକି କେତେକ ଗବେଷକ ଟଙ୍କା ଦେଇ ପିଏଚ୍.ଡି ଥେସିସ୍ କିଣୁଛନ୍ତି। ଏହାଠାରୁ ବଳି ଦୁର୍ଭାଗ୍ୟଜନକ କଥା ଆଉ କିଛି ଥାଇପାରେ କି! ଆମର ଗବେଷକ ଓ ବିଶେଷତଃ ସେମାନଙ୍କର ଗାଇଡ୍‌ମାନେ ଏ ବିଷୟରେ ଆତ୍ମାନୁଶୀଳନ କରିବାର ବେଳ ଆସିଛି।

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ବ୍ୟଙ୍ଗଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---


## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬

ପ୍ରବନ୍ଧ

# ସାହିତ୍ୟରେ ରିକ୍ତତାବୋଧ



ରମାକାନ୍ତ ନାୟକ

ସାହିତ୍ୟ ପଠନ ପାଠକର ହୃଦୟକୁ ପ୍ରବୋଧିତ କରେ, ପ୍ରାଣକୁ ପୁଲକିତ କରେ, ଚେତନାକୁ ରସାର୍ଦ୍ର କରେ, ବିଗଳିତ କରେ ପ୍ରେମ ଓ ଶ୍ରଦ୍ଧାରେ। ସୁଧୀ ପାଠକ ନିଜର ଅନ୍ତଃକରଣରେ ଉପଲବ୍ଧି କରେ ସାହିତ୍ୟର ହୃଦୟସ୍ପର୍ଶୀ ମଙ୍ଗଳମୟ ପଙ୍କ୍ତିକୁ। ସକଳ ହିତ ସାଧନ କରେ ବୋଲି ତାହା ସାହିତ୍ୟ। ସାହିତ୍ୟ ପାଠକର ଚେତନାକୁ ଉନ୍ମୁଖ କରେ, ଅମୃତର ଆସ୍ୱାଦନରେ ପାଠକକୁ ଉପନୀତ କରାଏ। ସୀମିତ ସ୍ୱାର୍ଥ, ସଂକୀର୍ଣ୍ଣ ପରିସୀମା ମଧ୍ୟରୁ ସାହିତ୍ୟ ତାହାର ଗ୍ରାହକକୁ ମହାଜୀବନର ମାର୍ଗପ୍ରଦର୍ଶନ କରେ। ସାହିତ୍ୟ ପାଠକର ଆତ୍ମାକୁ ମନୋରମ ମଧୁର କୋମଳତାର ସ୍ପର୍ଶରେ ତଲ୍ଲୀନ କରିଦିଏ। ସାହିତ୍ୟ ହିଁ ଆତ୍ମବିନୋଦନର ବିସ୍ତୀର୍ଣ୍ଣ ଭୂଖଣ୍ଡ। ସଂସାରର ପ୍ରେମ ଓ ମଙ୍ଗଳମୟ ସଙ୍ଗୀତ ଆବାହନ କରେ ସାହିତ୍ୟ। ଏହି ବିଶ୍ୱ ଯେ ମଧୁମୟ, ପ୍ରେମମୟ ଓ ଆନନ୍ଦମୟ, ଏହା ସାହିତ୍ୟ ଘୋଷଣା କରେ। ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର, ଶୋଷଣ, ନିର୍ଯାତନା ବିରୁଦ୍ଧରେ ସାହିତ୍ୟ ବଜ୍ରଗମ୍ଭୀର କଣ୍ଠରେ ବିପ୍ଳବର ଆହ୍ୱାନ କରେ। ବାସ୍ତବରେ ଭଲ ସାହିତ୍ୟର ଆଭିମୁଖ୍ୟ ହେଉଛି ଜୀବନକୁ ମଧୁମୟ, ରସମୟ କରିବା ପାଇଁ ସୃଜନଶୀଳତା ମାଧ୍ୟମରେ ସକଳ ଆୟୋଜନର ସମାବେଶ ସମ୍ପନ୍ନ କରିବା।



ସାଧାରଣତଃ ପାଠକ ଚିରାୟତ ସାହିତ୍ୟ (କ୍ଲାସିକ ଲିଟରେଚର) ଅଧ୍ୟୟନ କରିବା ସମୟରେ ଚିରନ୍ତନ ନୈସର୍ଗିକ ପ୍ରଶାନ୍ତି, ସନ୍ତୋଷ, ପ୍ରେରଣା, ଓ ପରିତୃପ୍ତିରେ ତାହାର ମନପ୍ରାଣ ପରିପୂର୍ଣ୍ଣ ହୋଇଉଠେ। ସେହି ସାହିତ୍ୟର ଅକଳ୍ପନୀୟ କଳାଶକ୍ତି ପାଠକକୁ ତଲ୍ଲୀନ କରିଦିଏ। ଏକ ନୂତନ ଆଲୋକ ଆଡ଼କୁ ଉନ୍ମୁଖ କରେ। ମାତ୍ର ସାମ୍ପ୍ରତିକ ଯୁଗର ଅନେକ ଗଳ୍ପ, କବିତାଦି ପାଠକର ମନକୁ କ୍ଷଣିକ ଆନନ୍ଦ, ଉନ୍ମାଦନା, ବିଳାସ ଓ ରୋମାଞ୍ଚରେ ଅମୋଦିତ କରିଦେଲେ ମଧ୍ୟ ପର ମୁହୂର୍ତ୍ତରେ ଅତୃପ୍ତି, ଅବସାଦ ଓ ବିଷର୍ଣ୍ଣତା ତାହାର ଚେତନାକୁ ଆଚ୍ଛନ୍ନ କରିଦିଏ। ଅନ୍ୟ ପକ୍ଷରେ ସାହିତ୍ୟ ସ୍ରଷ୍ଟା, ପାଠକୀୟ ଆଦୃତି, ସମ୍ବେଦନଶୀଳତା ଓ ଉଦବୋଧନଶୀଳତାର ଅଭାବରେ ନିଜ ସୃଷ୍ଟିରେ ଆତ୍ମହରା ହେବା ପରିବର୍ତ୍ତେ ବ୍ୟର୍ଥତା ଓ ଅବସୋସର ଯନ୍ତ୍ରଣା ତାକୁ ଅଥୟ କରେ। ତାହାର ସମଗ୍ର ସୃଷ୍ଟି ତାକୁ ଅସାର ଲାଗେ, ଶୂନ୍ୟ ମନେହୁଏ। ସାହିତ୍ୟକାର ନିଜର ଅଭିବ୍ୟକ୍ତିକୁ କୃତ୍ରିମ ବର୍ଣ୍ଣାଢ଼୍ୟ ଭାଷା ବିନ୍ୟାସ ଓ ଚାତୁର୍ଯ୍ୟରେ ପ୍ରକାଶ କରିବା ସମୟରେ ବେଳେ ବେଳେ ସମାଜ ପ୍ରତି ଅଙ୍ଗୀକାର ବୋଧ, ପାଠକୀୟ ରୁଚି, ଆଦର୍ଶ, ନୈତିକ ମୂଲ୍ୟବୋଧ ଓ ସର୍ବୋପରି ରସମୟତା ପ୍ରତି ଯଥାର୍ଥ ଦୃଷ୍ଟି ଦେଇନପାରିଲେ ତାହାର ସୃଜନଶିଳ୍ପ ବାସ୍ତବ ଆଭିମୁଖ୍ୟଠାରୁ ଅପସରି ଯାଏ। ଏହାହିଁ ସାରସ୍ୱତ ସୃଷ୍ଟିକୁ ରିକ୍ତତାରେ ନିଷ୍ଫଳ କରିଦିଏ।

**ସାହିତ୍ୟରେ ଅବମୂଲ୍ୟାୟନ**

କିନ୍ତୁ ସମଗ୍ର ପୃଥିବୀରେ ପ୍ରତିନିୟତ ବିପୁଳ ସଂଖ୍ୟାରେ ଗ୍ରନ୍ଥମାନ ରଚିତ ଓ ପ୍ରକାଶିତ ହେଉଥିଲେ ମଧ୍ୟ ଉତ୍କୃଷ୍ଟ ଗ୍ରନ୍ଥର ସଂଖ୍ୟା ଅପ୍ରଚୁର। ପୁନଶ୍ଚ ଓଡ଼ିଆ ସାହିତ୍ୟରେ ନୈରାଶ୍ୟଜନକ ଭାବରେ ଅବମୂଲ୍ୟାୟନ ହୋଇଛି ବୋଲି ଅନେକ ସାହିତ୍ୟ ସମୀକ୍ଷକ ମତ ପୋଷଣ କରନ୍ତି। ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ସୁରେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟରେ ଅବମୂଲ୍ୟାୟନ ସ୍ପଷ୍ଟତଃ ବିଂଶ ଶତାବ୍ଦୀର ଷାଠିଏ ଦଶକର ଶେଷ ଭାଗରୁ ମୁଣ୍ଡ ଟେକିଥିବାର ଅଭିଯୋଗ କରନ୍ତି। ତାଙ୍କ ଭାଷାରେ "ସାଂପ୍ରତିକ ସାହିତ୍ୟ ନୂତନ ଭାବଧାରା ଓ ଚେତନାର ବାହକ ହୋଇ ପାରି ନାହିଁ। ବକ୍ତବ୍ୟ ଅଭାବରେ ଶୈଳୀ ଓ ଆଙ୍ଗିକ ହିଁ କେବଳ

ହୋଇଛି ସାହିତ୍ୟର ପୁଞ୍ଜି । ସେଥିପାଇଁ ସାହିତ୍ୟ ଯେ ସମାଜଠାରୁ ସଂପର୍କଚ୍ୟୁତ ହୋଇପଡ଼ିଛି, ଏଥିରେ ବିସ୍ମିତ ହେବାର କିଛି ନାହିଁ ।" ସେହିପରି ପ୍ରସିଦ୍ଧ ରୁଷୀୟ ଲେଖକ ଭାଲେରୀ ଲାର୍ବାଉଡ୍ କହନ୍ତି ପ୍ରତି ତିରିଶ ବର୍ଷ ମଧ୍ୟରେ ଜନ୍ମ ନେଉଥିବା କୃତି ଭିତରୁ ଶତକଡ଼ା ପାଞ୍ଚଟି ମାତ୍ର ପରମାୟୁ ନେଇ ବଞ୍ଚି ରହନ୍ତି । ସାହିତ୍ୟ ସମାଜର ସମ୍ପଦ ହେବା ପରିବର୍ତ୍ତେ ବ୍ୟକ୍ତିର ପୁଞ୍ଜି ଭାବରେ ବୃହତ୍ତର ପାଠକ ସମାଜଠାରୁ ଅନ୍ତର୍ହିତ ହୋଇଯାଆନ୍ତି ।

ସଭ୍ୟତାର ଉଷା କାଳରେ ଜ୍ଞାନ ବିଜ୍ଞାନ ସାହିତ୍ୟ ଥିଲା ଶ୍ରୁତି ନିର୍ଭର । ବିଶ୍ୱର ସର୍ବପ୍ରାଚୀନ ସାହିତ୍ୟ 'ବେଦ'ର ପ୍ରସାର ମାଧ୍ୟମ ମୁଖ ନିଃସୃତ ଥିଲା ବୋଲି ତାହାକୁ ଶ୍ରୁତି କୁହାଯାଉଥିଲା । ପ୍ରାଚୀନ ଗ୍ରୀସ୍‌ର ଆଦିକବି ହୋମରଙ୍କ ଯୁଗରେ ମଧ୍ୟ ଶ୍ରୁତିର ପ୍ରାଧାନ୍ୟ ରହିଥିଲା । ଭୁର୍ଜପତ୍ର, ତାଳପତ୍ର ଓ ଲେଖନୀ ଥିଲା ଲେଖକୀୟ ଅଭିବ୍ୟକ୍ତିର ଏକମାତ୍ର ସମ୍ବଳ । ହିମାଳୟର ନିଭୃତ ଗିରିକନ୍ଦରରେ ମହର୍ଷି ବ୍ୟାସଦେବ ଓ ଦଣ୍ଡକାରଣ୍ୟର ନିର୍ଜନ ଅଗମ୍ୟ ଅରଣ୍ୟ ମଧ୍ୟସ୍ଥ ଆଶ୍ରମରେ ଆଦିକବି ବାଲ୍ମିକୀ ଯେଉଁ ରଚନା କରିଥିଲେ ତାହା ସହସ୍ର ସହସ୍ର ବର୍ଷ ବ୍ୟାପୀ ଅଗଣିତ ପାଠକମାନଙ୍କୁ ତଲ୍ଲୀନ କରିଦିଏ । ଭାରତବର୍ଷର ଦୁଇ ମହାକାବ୍ୟ ରାମାୟଣ ଓ ମହାଭାରତ ଭଳି ଶକ୍ତିଶାଳୀ ଭିତ୍ତି ବ୍ୟତିରେକେ ଭାରତୀୟ ସାହିତ୍ୟର ବିକାଶ କଳ୍ପନାତୀତ । ଏହି ଦୁଇ ମହତୀଗ୍ରନ୍ଥ ପଣ୍ଡିତ, ମୂର୍ଖ, ଆସ୍ତିକ ନାସ୍ତିକ ନିର୍ବିଶେଷରେ ସମସ୍ତଙ୍କୁ ଆଶ୍ଳେଷାବଦ୍ଧ କରି ଆସିଛି ଅନନ୍ତ ଯୁଗଧରି । ଭାରତର ଜନଜୀବନ, ସମାଜ ବ୍ୟବସ୍ଥା, ସାଂସ୍କୃତିକ ଐଶ୍ୱର୍ଯ୍ୟ, ସାହିତ୍ୟ ଓ ଆଧ୍ୟାତ୍ମିକ ଦିଗ୍‌ବିଦିକ୍‌କୁ ଯେପରି ପ୍ରଭାବିତ କରି ଆସିଛି, ମଣିଷ ଜାତିର ଇତିହାସର ଅନ୍ୟ କୌଣସି ସାହିତ୍ୟରେ ସେପରି ଭୂମିକା ଦୃଶ୍ୟମାନ ହୁଏ ନାହିଁ । ସେମାନଙ୍କର ନା ଥିଲା ବିପୁଳ ପାଠକୀୟ ସମାଜ, ଅଭିବ୍ୟକ୍ତିର ଅପର୍ଯ୍ୟାପ୍ତ ମାଧ୍ୟମ ଅବା ପ୍ରଶଂସା, ପୁରସ୍କାର ଓ ଲେଖକୀୟ ବିତ୍ତପ୍ରାପ୍ତିର ସମ୍ଭାବନା ! ନିର୍ଜନ ଜନମାନବହୀନ ଘନ ଅରଣ୍ୟ ମଧ୍ୟରେ ଅନିନ୍ଦ୍ୟ ରୂପ ଲାବଣ୍ୟ ଓ ମଧୁର ସୌରଭରେ ପରିପାର୍ଶ୍ୱକୁ ମହକିତ କରୁଥିବା ରଙ୍ଗବେରଙ୍ଗ ପୁଷ୍ପରାଜିର ସ୍ୱତଃ ପ୍ରସ୍ଫୁଟନ ପରି ସେମାନଙ୍କର ସୃଜନ ଥିଲା ଗୋଟିଏ ଗୋଟିଏ ନୈସର୍ଗିକ ପ୍ରେରଣାର ସ୍ପନ୍ଦନ ଓ ସ୍ୱତଃସ୍ଫୂର୍ତ୍ତ ବିସ୍ଫୁରଣ ।


### ଅଭିବ୍ୟକ୍ତିର ଉନ୍ନତ ମାଧ୍ୟମ

ସଂପ୍ରତି ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ ସହିତ ଅଭିବ୍ୟକ୍ତିର ମାଧ୍ୟମ ଅକଳ୍ପନୀୟ ଭାବରେ ବୃଦ୍ଧି ଘଟିଛି । ବିଶ୍ୱାୟନ ଯୋଗୁ ସମଗ୍ର ପୃଥିବୀର ଜ୍ଞାନ ଓ ପ୍ରଜ୍ଞା ବିନିର୍ମୁକ୍ତ ଓ ବିସ୍ଫୁରିତ ହୋଇ ଯେକୌଣସି ପ୍ରାନ୍ତରେ କ୍ଷଣିକେ ଉପଲବ୍ଧ ହୋଇପାରୁଛି । ସମୟର ଗତି ବଢ଼ିଛି, ବ୍ୟବଧାନ ସଙ୍କୁଚିତ ହୋଇଛି । ପଞ୍ଚଦଶ ଶତାବ୍ଦୀରେ ମୁଦ୍ରଣ ଯନ୍ତ୍ରର ପ୍ରଚଳନ ଓ ସଂପ୍ରତି ଡିଜିଟାଲ ବ୍ୟବସ୍ଥା ସହଜ ସୁଲଭ ଭାବରେ ଲିଖିତ ସାହିତ୍ୟକୁ କ୍ଷୀପ୍ରତର ଭାବରେ ପାଠକର ନିକଟବର୍ତ୍ତୀ କରିପାରୁଛି । ମୁଦ୍ରିତ ପୁସ୍ତକର ପ୍ରକାଶନ ପରେ ଲେଖକୀୟ ପ୍ରସିଦ୍ଧିର ମାନକ ହୋଇଛି ପୁସ୍ତକ ପ୍ରକାଶନର ସଂଖ୍ୟା ଓ ବିକ୍ରିର ପରିମାଣ । ଗୋଟିଏ ଦଶନ୍ଧିର ଅବଧି ମଧ୍ୟରେ ବଙ୍ଗଳା ସାହିତ୍ୟରେ ଅନ୍ନପୂର୍ଣ୍ଣା ଦେବୀ ୬୨ଟି ଓ ସୁନୀଲ ଗଙ୍ଗୋପାଧ୍ୟାୟ ୪୧ଟି ଉପନ୍ୟାସ ଲେଖିଥିବାର ଦୃଷ୍ଟାନ୍ତ ରହିଛି । ଉଲ୍ଲେଖଯୋଗ୍ୟ ଯେ ବିଶ୍ୱ ସାହିତ୍ୟ ଜଗତରେ କେହି ସାହିତ୍ୟିକ ଅତି ବେଶି ଓ ଅନ୍ୟ କେହି ଅତି କମ୍ ରଚନା କରି ବିଖ୍ୟାତ ହୋଇଥିବାର ଉଦାହରଣ ଅଛି । ଇଂରାଜୀ କବି ଜୁଲିଏଟ୍ ନିଜ ଜୀବଦ୍ଦଶାରେ ମୋଟ ୫୪ଟି କବିତା ଲେଖି ଯଶସ୍ୱୀ ହୋଇଛନ୍ତି । ହିନ୍ଦୀ ସାହିତ୍ୟରେ ଚନ୍ଦ୍ରଧର ଶର୍ମା ଗୁଲେରୀଙ୍କ ଗୋଟିଏ ମାତ୍ର ଗଳ୍ପ 'ଉସ୍‌ନେ କହା ଥା' ଓ ବୁକର ପୁରସ୍କାର ବିଜୟିନୀ ଅରୁନ୍ଧତୀ ରାୟଙ୍କର ଗୋଟିଏ ମାତ୍ର ଉପନ୍ୟାସ 'ଦି ଗଡ ଅଫ ସ୍ମଲ ଥିଙ୍ଗସ୍" ସେମାନଙ୍କୁ ପ୍ରସିଦ୍ଧି ପ୍ରଦାନ କରିଥିଲା । ବିଂଶ ଶତାବ୍ଦୀରେ ହିନ୍ଦୀ ଔପନ୍ୟାସିକ ପ୍ରେମଚାନ୍ଦ ପ୍ରାୟ ତିନିଶହଟି କ୍ଷୁଦ୍ରଗଳ୍ପ ଓ ଏକ ଡଜନରୁ ଊର୍ଦ୍ଧ୍ୱ ଉପନ୍ୟାସ, ଅନେକ ପ୍ରବନ୍ଧ ଏବଂ ଅନୁବାଦର ସ୍ରଷ୍ଟା ହୋଇଥିଲେ ସୁଦ୍ଧା ତାଙ୍କ ରଚିତ 'ଗୋଦାନ', 'କର୍ମଭୂମି', 'ମାନସରୋବର', 'ସତରଞ୍ଜି କା ଖିଲାଡି', 'ଇଦ୍‌ଗା' ପାଇଁ ଥିଲେ ବିଶ୍ୱବିଦିତ । ପ୍ରାକ୍ ସ୍ୱାଧୀନତା କାଳରେ ଓଡ଼ିଆ ସାହିତ୍ୟରେ ବ୍ୟାସକବି ଫକୀରମୋହନଙ୍କ 'ଛ' ମାଣ ଆଠ ଗୁଣ୍ଠ' ଉପନ୍ୟାସ, 'ରେବତୀ' କ୍ଷୁଦ୍ରଗଳ୍ପ, ଲକ୍ଷ୍ମୀକାନ୍ତଙ୍କ ବୁଢ଼ା ଶଙ୍ଖାରି, ଭଗବତୀ ଚରଣଙ୍କ 'ଶିକାର',

> **ସମଗ୍ର ପୃଥିବୀର ଜ୍ଞାନ ଓ ପ୍ରଜ୍ଞା ବିନିର୍ମୁକ୍ତ ଓ ବିସ୍ଫୁରିତ ହୋଇ ଯେକୌଣସି ପ୍ରାନ୍ତରେ କ୍ଷଣିକେ ଉପଲବ୍ଧ ହୋଇପାରୁଛି । ସମୟର ଗତି ବଢ଼ିଛି, ବ୍ୟବଧାନ ସଙ୍କୁଚିତ ହୋଇଛି ।**

'ହାତୁଡ଼ି ଓ ଦା', କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମାଂସର ବିଳାପ, ଅନନ୍ତ ପ୍ରସାଦ ପଣ୍ଡାଙ୍କ ଗୋପୀ ସାହୁର ଦୋକାନ, ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଅନ୍ଧାରୁଆ', 'ମଶାଣିର ଫୁଲ' ଗୋଦାବରୀଶ ମହାପାତ୍ରଙ୍କ 'ମାଗୁଣିର ଶଗଡ଼', 'ନୀଳ ମାଷ୍ଟ୍ରାଣୀ', ସୁରେନ୍ଦ୍ର ମହାନ୍ତିଙ୍କ 'ଭାରତ ଆବିଷ୍କାର' ପ୍ରଭୃତି କାଳଜୟୀ ସାହିତ୍ୟର ସ୍ୱାକ୍ଷର ବହନ କରନ୍ତି। ଏପରିକି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ', ରାମକୃଷ୍ଣ ନନ୍ଦଙ୍କ ପ୍ରାର୍ଥନା 'ଆହେ ଦୟାମୟ ବିଶ୍ୱ ବିହାରୀ' ପରି ଗୋଟିଏ ଗୋଟିଏ ମାତ୍ର କବିତା ଲେଖକଙ୍କୁ ଯେ ପ୍ରସିଦ୍ଧିର ଶୀର୍ଷରେ ପହଞ୍ଚାଇ ଦେଇପାରେ ଏହା ହିଁ ତାହାର ଉଦାହରଣ।

## ସାହିତ୍ୟର ପ୍ରଲମ୍ବିତ ଇଲାକା




ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ଥିଲା ଈଶ୍ୱର ଓ ଧର୍ମକୈନ୍ଦ୍ରିକ। ସାମ୍ପ୍ରତିକ କାଳରେ ଏହା ରାଜନୀତି ଓ ସମାଜତତ୍ତ୍ୱଠାରୁ ଆରମ୍ଭ କରି ଯୌନତତ୍ତ୍ୱ ପର୍ଯ୍ୟନ୍ତ ପ୍ରଲମ୍ବିତ। ସ୍ୱାଧୀନତୋତ୍ତର ଓଡ଼ିଆ ସାହିତ୍ୟକୁ ସମାଲୋଚକମାନେ ଅତ୍ୟାଧୁନିକ ଯୁଗ ଭାବରେ ନିର୍ଣ୍ଣିତ କରନ୍ତି। ଭାରତୀୟ ପାରମ୍ପରିକ ମୂଲ୍ୟବୋଧର ସଙ୍କଟ, କ୍ଷମତା ରାଜନୀତିର ବଳୟରେ ସ୍ୱାଧୀନତା ଓ ରାମରାଜ୍ୟର ସ୍ୱପ୍ନ ଭଙ୍ଗ, ବିଧ୍ୱସ୍ତ ଗ୍ରାମ୍ୟ ଜୀବନ, ବୈଦ୍ୟୁତିକ ଗଣମାଧ୍ୟମର ପ୍ରାବଲ୍ୟ, ଉଗ୍ର ଆଧୁନିକ ଜୀବନଶୈଳୀ ଭାରତୀୟ ଜନଜୀବନକୁ କବଳିତ କରିଛି। ସମାଜ ହୋଇଛି ବିପର୍ଯ୍ୟସ୍ତ ଓ ନୀତିଭ୍ରଷ୍ଟ। ବିଂଶ ଶତାବ୍ଦୀର ଶେଷ ଭାଗରେ ଆଲବର୍ଟ କାମ୍ୟୁ, ଫ୍ରାଞ୍ଜ୍ କାଫକା, ଓ ନିତ୍ସେଙ୍କ ପ୍ରଭାବ ସାହିତ୍ୟ ଜଗତକୁ ଆଲୋଡ଼ିତ କଲା। ବାସ୍ତବ ଆଧୁନିକବାଦକୁ ହୃଦୟଙ୍ଗମ ନ କରି ଆମ ସାହିତ୍ୟକୁ ତଥାକଥିତ ଆଧୁନିକ କରିବା ନାମରେ ଆମେ ଅଗ୍ରସର ହେଲେ। ଏହି ପ୍ରସଙ୍ଗରେ ବିଶିଷ୍ଟ ପ୍ରାବନ୍ଧିକ ହର ପ୍ରସାଦ ଦାସଙ୍କ ଉକ୍ତି ଉଲ୍ଲେଖଯୋଗ୍ୟ। "କବିତାରେ ଛନ୍ଦ ନାହିଁ, ତାକୁ ସ୍ୱର ଦେଇ ଗାଇ ହେବ ନାହିଁ। ଗଦ୍ୟ ଭଳି ଲେଖା ହୋଇଥିବ, ବୁଝି ହେଉ ନ ଥିବ, ମଝିରେ ମଝିରେ ହତାଶା, ଶୂନ୍ୟତା ବା ଆତ୍ମ ନିର୍ବାସନର ସୂଚନାଟିଏ ଥିବ। ଯିଏ ଚାହିଁବ, ଯେତେବେଳେ କବିତାଟିଏ ଲେଖି ପାରୁଥିବ। ସ୍ୱୟଂ କବି ଛଡ଼ା ତାକୁ କେହି ପଢ଼ୁ ନ ଥିବେ।.... ଗଳ୍ପରେ ଗଳ୍ପ ନ ଥିବ। କହିବାର ଢଙ୍ଗରେ କିନ୍ତୁ ଚାତୁରୀ ଥିବ। କ'ଣ କୁହାଯାଇଛି ତା' ଅପେକ୍ଷା କିପରି କୁହାଯାଇଛି ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହେଉଥିବ। ଚରିତ୍ର ବା ଘଟଣା କିଛି ନ ଥିବ। ସ୍ଥାନ କାଳ ପାତ୍ର ନିର୍ବିଶେଷରେ ଜୀବନ ଜିଜ୍ଞାସା ଥିବ, କିନ୍ତୁ ସେଇଟା କ'ଣ କହି ହେଉ ନ ଥିବ।" (ସାହିତ୍ୟରେ ଆଧୁନିକତା) ପ୍ରଖ୍ୟାତ କବି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ "ନୂତନ କବିତାର ଭୂମିକା" ଗ୍ରନ୍ଥରେ ଖୁବ୍ ବିମର୍ଷତାର ସହିତ କହନ୍ତି, "ମତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ, ଅବସ୍ଥା ପର୍ଯ୍ୟନ୍ତ ସାହିତ୍ୟ ଉପନୀତ ହୋଇସାରିଲାଣି। କେହି କାହାକୁ କହିବାର ନାହିଁ। ଯାହାର ଯାହା ମନକୁ ଆସିଲା ସେ ତାହା ଲେଖିଗଲା। କିଏ ରେଫ୍ୟୁଜି ବାଳିକାକୁ ଚାହିଁଲାଣି ତ କିଏ ଦୁଧିଆଳୀ ରାତି ଆଡ଼କୁ ପିଠି କରି ଶୋଇଲାଣି ତ କିଏ ବିଅରରେ ସୋଡ଼ା ମିଶାଇ ପିଇଲାଣି। ନାନା ପ୍ରକାର କ୍ଲିଷ୍ଟ, ଅଚଞ୍ଚା ଶବ୍ଦ ପ୍ରୟୋଗ ଦେଖିଲେ ମୁଁ ଓଡ଼ିଆରେ ଜଣେ ଆଧୁନିକ କବି ବୋଲି ଲଜ୍ଜା ବୋଧକରେ।"

ଅବଶ୍ୟ କବିତା ବୁଝି ହେଉନି ବୋଲି ତାହାର ଅବମୂଲ୍ୟାୟନ ହୋଇଛି କହିବା ଯଥାର୍ଥ ନୁହେଁ। ଅନେକ ସାର୍ଥକ କବିତା ମନ୍ତ୍ର ପରି ଅଶ୍ରୁତ କିମ୍ବା ଅର୍ଦ୍ଧେକ ସ୍ୱଷ୍ଟ ଓ ଅର୍ଦ୍ଧେକ ଅସ୍ୱଷ୍ଟ। ସଂସ୍କୃତ କବି ଭବଭୂତିଙ୍କ ସମୟରେ ତାଙ୍କ କବିତା ସମସାମୟିକ ପାଠକ, ପଣ୍ଡିତ ଓ ଶାସ୍ତ୍ରଜ୍ଞମାନଙ୍କ ପାଇଁ ଅବୋଧ ଥିଲା ବୋଲି ଏକାନ୍ତ କ୍ଷୋଭରେ ସେ କହିଥିଲେ, "ଏ ବିପୁଳ ପୃଥିବୀ ପଡ଼ି ରହିଛି। ମହାକାଳର ମହାବିସ୍ମୃତି ମଧ୍ୟରେ ହୁଏତ କେବେ ଜଣେ ସମାନଧର୍ମା ଜନ୍ମ ହେବେ ଓ ମୋ କବିତାକୁ ଉପଲବ୍ଧି କରିବେ।" ଉପେନ୍ଦ୍ର, ଦୀନକୃଷ୍ଣ, ବଳଦେବ ମଧ୍ୟ ଥିଲେ ପାଠକଙ୍କ ନିକଟରେ ଅତ୍ୟନ୍ତ ଦୁର୍ବୋଧ୍ୟ। କବିତାର ଭାଷା ଶବ୍ଦର ବ୍ୟଞ୍ଜନାତ୍ମକ ଶକ୍ତି ଉପରେ ଅଧିକ ନିର୍ଭରଶୀଳ। ଯେଉଁ କବିତାର ବ୍ୟଞ୍ଜନାର୍ଥ ଯେତେ ଶକ୍ତିଶାଳୀ

ତାହା ସହସା ପ୍ରକଟିତ ନ ହେଲେବି ବୌଦ୍ଧିକ ପାଠକ ପାଇଁ ସେହି କବିତାଟି ଭବିଷ୍ୟତରେ ନିଶ୍ଚୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହେବ। ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଗ୍ରୀକ୍ କବୟିତ୍ରୀ ସାଫୋ ଲେଖିଥିଲେ: "ମୁଁ ଯେଉଁ ଶବ୍ଦମାନ ଡାକି ଆଣିଛି, ସେମାନେ ଅମର।" ଖ୍ରୀ.ପୂ ପଞ୍ଚମ ଶତାବ୍ଦୀରେ କବି ପିଣ୍ଡାର ଘୋଷଣା କରିଥିଲେ, "ଯେଉଁ ନଗରୀ ମୋତେ ଲେଖିବାକୁ ନିୟୋଜିତ କରିଥିଲା ସେହି ନଗରୀର ମୃତ୍ୟୁ ପରେ ମଧ ଲୋକେ ମୋର ଗୀତ ଗାଉଥିବେ।" ଲେଖକ ସେକ୍ସପିୟର ତାଙ୍କର ୫୫ ତମ ସନେଟ୍‌ରେ ଲେଖିଥିଲେ "ରାଜାଙ୍କର ଶଙ୍ଖମର୍ମର ଓ ସ୍ୱର୍ଣ୍ଣ ନିର୍ମିତ ସ୍ମାରକ ଏହି କବିତାଠାରୁ ଦୀର୍ଘଜୀବୀ ହେବେ ନାହିଁ।"

**ସନ୍ଧିକ୍ଷଣ**

ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ ପ୍ରକାରାନ୍ତରେ ଏକ ସନ୍ଧିକ୍ଷଣର ସାହିତ୍ୟ। ବିଗତ ବିଂଶ ଶତାବ୍ଦୀ ଓ ସମାଗତ ଏକବିଂଶ ଶତାବ୍ଦୀର ମଧ୍ୟବର୍ତ୍ତୀ ସ୍ଥିତିରେ ସାହିତ୍ୟ କେବଳ ଏକ ଦୀର୍ଘଶ୍ୱାସ, କଙ୍କାଳହୀନ କଳେବର, ଯାହା ସତ୍ତାହୀନ ଶୂନ୍ୟତା ଭିତରେ ନିଜର ସ୍ଥିତିକୁ ଜାହିର କରିବାକୁ ବ୍ୟାକୁଳ। ଅଧୁନା ଅଗଣିତ ପୁସ୍ତକମାନ ପ୍ରକାଶିତ ହେଉଥିଲେ ସୁଦ୍ଧା ସେଥିରୁ ସିଂହଭାଗ ପାଠକ ମନରେ ଆବେଗ, ଉତ୍ସାହ, ପ୍ରେରଣା, ଜ୍ଞାନ ଓ ମୂଲ୍ୟବୋଧ ସୃଷ୍ଟି କରିବାରେ ସମର୍ଥ ହୋଇପାରୁନାହିଁ। ଏକଦା ଫକୀର ମୋହନଙ୍କ 'ଛ' ମାଣ ଆଠଗୁଣ୍ଠ' ଧାରାବାହିକ ଭାବରେ ପତ୍ରିକାରେ ପ୍ରକାଶିତ ହେଉଥିବା ବେଳେ ଉପନ୍ୟାସର ଖଳନାୟକ ରାମଚନ୍ଦ୍ର ମଙ୍ଗରାଜଙ୍କୁ ନେଇ ମାନ୍ୟବର ଅଦାଲତ ରାୟ ଦେବେ ବୋଲି ଅଧ୍ୟାୟଟିଏ ପ୍ରକାଶିତ ହେଲା। ଏହା ପଢ଼ି କାହିଁ କେଉଁ ଦୂରାନ୍ତ ଅଞ୍ଚଳରୁ ଶଗଡ଼ରେ ଲୋକେ ଆସି କଟକ କିଲଚରୀ ହତାରେ ଏକତ୍ର ହେଲେ। ସାହିତ୍ୟ କିପରି ଜୀବନ୍ତ ଅନୁଭୂତି ପ୍ରଦାନ କରେ ତାହାର ଏହା ଏକ ପ୍ରକୃଷ୍ଟ ନମୁନା। ସାଂପ୍ରତିକ ସାହିତ୍ୟ ଏପରି ଭାବାବେଗ କେତେକାଂଶରେ ସୃଷ୍ଟି କରିପାରୁନି ପାଠକ ମହଲରେ। ଲେଖକ ବହୁଳତା ସହିତ ପାଠକ ବିରଳତା ହେଉଛି ସାମ୍ପ୍ରତିକ ସାହିତ୍ୟର ଏକ ବିଡ଼ମ୍ବିତ ବୈରୂପ୍ୟ। ସାହିତ୍ୟରେ ଅଙ୍ଗୀକାରବଦ୍ଧତା, ଅନୁରାଗ, ନିଷ୍ଠା ଓ ନିର୍ଭୀକତାର ସ୍ୱର ସେତେ ଶାଣିତ ହେଉନାହିଁ। ସାହିତ୍ୟର ରସଭୋଗ ପାଇଁ କ୍ଷେତ୍ର ଓ ସୂତ୍ର କ୍ରମଶଃ ଦୁର୍ବଳ ବୋଧ ହେଉଛି। ବ୍ୟସ୍ତବହୁଳ ଜୀବନ ମଧ୍ୟରେ ରସଭୋଗର ପ୍ରବଣତା ଧୀରେ ଧୀରେ ଅପସରି ଯାଉଛି।

**ସାହିତ୍ୟରେ ଅଙ୍ଗୀକାରବଦ୍ଧତା, ଅନୁରାଗ, ନିଷ୍ଠା ଓ ନିର୍ଭୀକତାର ସ୍ୱର ସେତେ ଶାଣିତ ହେଉନାହିଁ।**

ଯେଉଁ ସାହିତ୍ୟ ପାଠକକୁ ତାହାର ନିଜ ସହିତ ପରିଚୟ କରାଇ ଦେବା ସହିତ ପରିବର୍ତ୍ତନର ଇଙ୍ଗିତ ଦିଏ, ଅବା ପାଠକ ମନରେ ପରିବର୍ତ୍ତନର ସୂତ୍ରପାତ କରିପାରେ, ତାହା ହିଁ ଉତ୍କୃଷ୍ଟ ସାହିତ୍ୟ। ମହାଭାରତରେ ବ୍ୟାସଦେବଙ୍କର ବ୍ରହ୍ମାଙ୍କ ପ୍ରତି ବକ୍ତବ୍ୟ ଥିଲା : ମୁଁ ଅନେକ ବିଷୟ ବର୍ଣ୍ଣନା କରିବି, କିନ୍ତୁ ସବୁ ବର୍ଣ୍ଣନା ମଧ୍ୟରେ କେବଳ ଗୋଟିଏ ବିଷୟ ହିଁ ପ୍ରତିପାଦିତ କରିବି ଯେ ଆମେ ସମସ୍ତେ (ଦୁର୍ଯ୍ୟୋଧନଙ୍କ ସମେତ) କେବଳ ଗୋଟିଏ ପରମବସ୍ତୁ ପାଇଁ ବ୍ୟାକୁଳ ସନ୍ଧାନରେ ବ୍ୟାପୃତ, ଜାଣତରେ ଅବା ଅଜାଣତରେ। ତେଣୁ ମନୁଷ୍ୟ ତତ୍ତ୍ୱତଃ ଅସୀମାଭିମୁଖୀ। ସାହିତ୍ୟ ପାଇଁ କଳାର ଉପାଦେୟତା ହେଉଛି ରଚନାର ରୀତି, ଶୈଳୀ, ଆଙ୍ଗିକ, ଅଳଙ୍କାର ଓ ଭାଷା ଇତ୍ୟାଦି।

**ସାହିତ୍ୟର ପ୍ରଧାନ ଧର୍ମ**

ଶ୍ରେଷ୍ଠ ସାହିତ୍ୟ ବା କାବ୍ୟ ନାଟକାଦି ବୋଲି ଯାହା ଯୁଗ ଯୁଗ ବ୍ୟାପୀ ବିବେଚିତ ହୁଏ ସେଥିରେ ଏକମାତ୍ର ଲକ୍ଷ୍ୟ ସମାଜ ମଙ୍ଗଳ ନୁହେଁ, ଯଦିଓ ସ୍ଥୂଳତଃ ସାହିତ୍ୟର ଲକ୍ଷ୍ୟ ସମାଜର ହିତସାଧନ। କିନ୍ତୁ ଏହାକୁ ଅତି ମନୋରମ ଉପାୟରେ ପ୍ରତିପନ୍ନ କରିବା ଉତ୍ତମ ସାହିତ୍ୟର ପ୍ରଧାନ ଧର୍ମ। ହିତକୁ ମନୋହାରୀ କରି ଉପସ୍ଥାପନ କରିବା ସାହିତ୍ୟର ପରମ ଲକ୍ଷ୍ୟ। ଚିତ୍ତାକର୍ଷଣ କୌଶଳ ଖୁବ୍ ସାର୍ଥକ ଭାବରେ ରଚନାରେ ପରିସ୍ଫୁଟ ନ ହେଲେ ତାହା ସାଫଲ୍ୟମଣ୍ଡିତ ହୋଇପାରିବ ନାହିଁ। ସ୍ୱାଧୀନତୋତ୍ତର ଓଡ଼ିଆ ସାହିତ୍ୟରେ ଗୋପୀନାଥ ମହାନ୍ତିଙ୍କ 'ଅମୃତର ସନ୍ତାନ', କାହ୍ନୁଚରଣ ମହାନ୍ତିଙ୍କ 'କା', ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ', ନିତ୍ୟାନନ୍ଦ ମହାପାତ୍ରଙ୍କ 'ଘରଡିହ, କଳ୍ପନା କୁମାରୀ ଦେବୀଙ୍କ 'ଅଚିହ୍ନା ବାସଭୂମି' ଉପନ୍ୟାସ, ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ', ନୀଳକଣ୍ଠ ଦାସଙ୍କ 'ଆତ୍ମଜୀବନୀ', କାଳିଚରଣ ପଟ୍ଟନାୟକଙ୍କ 'କୁମ୍ଭାରଚକ', କୁଞ୍ଜ ବିହାରୀ ଦାସଙ୍କ 'ମୋ କାହାଣୀ', ସତ୍ୟ

ନାରାୟଣ ରାଜଗୁରୁଙ୍କ 'ମୋ ଜୀବନ ସଂଗ୍ରାମ', ଶରତ କୁମାର ମହାନ୍ତିଙ୍କ 'ଗାନ୍ଧୀ ମଣିଷ', ପଠାଣି ପଟ୍ଟନାୟକଙ୍କ 'ଜୀବନର ଚଳାପଥ' ପ୍ରଭୃତି ଜୀବନ ସାହିତ୍ୟ, ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତା-୧୯୬୦, ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଉତ୍ତରାୟନ', ଗୋଦାବରୀଶ ମହାପାତ୍ରଙ୍କ 'ବଙ୍କା ସିଧା', ବିନୋଦ ନାୟକଙ୍କ 'ସରୀଶୃପ', ଗୁରୁ ପ୍ରସାଦ ମହାନ୍ତିଙ୍କ 'ସମୁଦ୍ର ସ୍ନାନ', ସୀତାକାନ୍ତ ମହାପାତ୍ରଙ୍କ 'ଶବ୍ଦର ଆକାଶ', ରାଧାମୋହନ ଗଡ଼ନାୟକଙ୍କ 'ସୂର୍ଯ୍ୟ ଓ ଅନ୍ଧକାର', ରମାକାନ୍ତ ରଥଙ୍କ 'ସପ୍ତମ ଋତୁ', ଅନନ୍ତ ପଟ୍ଟନାୟକଙ୍କ 'ଅବାନ୍ତର', ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଶୈଳକଳ୍ପ', ସୌଭାଗ୍ୟ ମିଶ୍ରଙ୍କ 'ଦ୍ୱାସୁପର୍ଣ୍ଣା', ସୌରୀନ୍ଦ୍ର ବାରିକଙ୍କ 'ଆକାଶ ପରି ନିବିଡ଼', ଭାନୁଜୀ ରାଓଙ୍କ 'ନଈ ଆରପାରି', ଜଗନ୍ନାଥ ପ୍ରସାଦ ଦାସଙ୍କ 'ଆହ୍ନିକ', ହର ପ୍ରସାଦ ଦାସଙ୍କ 'ଗର୍ଭଗୃହ', ପ୍ରତିଭା ଶତପଥୀଙ୍କ ତନ୍ମୟ ଧ୍ୱନି, ବଂଶୀଧର ଷଡଙ୍ଗୀଙ୍କ ସୂରୋଦୟ, ଦୀପକ ମିଶ୍ରଙ୍କ 'ସୁଖ ସଂହିତା', ପ୍ରମୋଦ କୁମାର ମହାନ୍ତିଙ୍କ 'ଅସରନ୍ତି ଅଣସର', ଫନୀ ମହାନ୍ତିଙ୍କ 'ମୃଗୟା' ଗୋପାଳ ରଥଙ୍କ 'ବିପୁଳ ଦିଗନ୍ତ', ହୃଷିକେଶ ମଲ୍ଲିକଙ୍କ 'ସରି ଯାଇଥିବା ଅପେରା' ଗାୟତ୍ରୀବାଳା ପଣ୍ଡାଙ୍କ 'ଦୟାନଦୀ' ପ୍ରଭୃତି କାବ୍ୟ କବିତା, ମନୋଜ ଦାସଙ୍କ 'ମନୋଜ ଦାସଙ୍କ କଥା ଓ କାହାଣୀ' କିଶୋରୀ ଚରଣ ଦାସଙ୍କ 'ଠାକୁରାଣୀ', ଅଖିଳ ମୋହନ ପଟ୍ଟନାୟକଙ୍କ 'ଏ ଅନ୍ଧଗଳି', ମହାପାତ୍ର ନୀଳମଣି ସାହୁଙ୍କ 'ଅଭିଶପ୍ତ ଗନ୍ଧର୍ବ', ବୀଣାପାଣି ମହାନ୍ତିଙ୍କ 'ପାଟଦେଈ', ରବି ପଟ୍ଟନାୟକଙ୍କ 'ବିଚିତ୍ର ବର୍ଣ୍ଣା', ଶାନ୍ତନୁ ଆଚାର୍ଯ୍ୟଙ୍କର 'ଚଳନ୍ତି ଠାକୁର', ଚନ୍ଦ୍ର ଶେଖର ରଥଙ୍କ 'ସବୁଠାରୁ ଦୀର୍ଘ ରାତି', ପ୍ରତିଭା ରାୟଙ୍କ 'ଉଲ୍ଲଙ୍ଘନ, 'ରାମଚନ୍ଦ୍ର ବେହେରାଙ୍କ 'ଗୋପପୁର', ଗୌରହରି ଦାସଙ୍କ 'କଣ୍ଟା ଓ ଅନ୍ୟାନ୍ୟ ଗଳ୍ପ', ବିଭୂତି ପଟ୍ଟନାୟକଙ୍କ 'ମହିଷାସୁରର ମୁହଁ, ପରମିତା ଶତପଥୀଙ୍କ 'ପ୍ରାପ୍ତି', ଗାୟତ୍ରୀ ସରାଫଙ୍କ 'ଏତାବତୀର ଶିଳ୍ପୀ', ତରୁଣକାନ୍ତି ମିଶ୍ରଙ୍କ 'ଭାସ୍ୱତୀ', ଯଶୋଧାରା ମିଶ୍ରଙ୍କ 'ସମୁଦ୍ରକୂଳ ଘର' ପ୍ରଭୃତି ଗଳ୍ପ ସାହିତ୍ୟକୁ ଗଭୀର ଭାବେ ଅଧ୍ୟୟନ କଲେ ଆମେ ପାଇବା ଯେ ମଣିଷର ଅଭ୍ୟନ୍ତରରେ ଅନୁଭୂତ ରିକ୍ତତା ସେଗୁଡିକରେ ବିଭିନ୍ନ ବାଟରେ ପ୍ରତିଫଳିତ ହୋଇଛି।



**ପ୍ରେରଣାର ଉତ୍ସ**

ପ୍ରାଚୀନ ଯୁଗରେ କବିମାନେ ତାଙ୍କ ଇଷ୍ଟଦେବୀଙ୍କ କୃପା ଯୋଗୁ କବି ହୋଇପାରୁଥିଲେ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରୁଥିଲେ। ଇଂରେଜୀ କବି ତଥା ଚିତ୍ରକର ଉଇଲିୟମ ବ୍ଲେକ୍ କହୁଥିଲେ, 'ଆଇ ରାଇଟ୍ ହ୍ୱେନ୍ କମାଣ୍ଡେଡ୍ ବାଏ ଦି ସ୍ପିରିଟ୍ ଆଣ୍ଡ ଦି ମୁମେଣ୍ଟ ଆଇ ହାଭ୍ ରିଟନ୍। ଆଇ ସି ଦି ୱାର୍ଡସ୍ ଫ୍ଲାଏ ଏବାଉଟ ଦି ରୁମ ଇନ୍ ଅଲ୍ ଡିରେକସନସ୍'। ସାହିତ୍ୟ ସର୍ଜନାର ଉତ୍ସ ଅତିଭୌତିକ ଶକ୍ତି କି ନୁହେଁ ତାହା ଭିନ୍ନ ବିଷୟ। ମାତ୍ର ଏହା ସ୍ୱୀକାର୍ଯ୍ୟ ଯେ ପ୍ରେରଣା ଆସେ ବ୍ୟକ୍ତିର ହୃଦୟ କନ୍ଦରରୁ। ପ୍ରେରଣାବିହୀନ ସାହିତ୍ୟ ସୃଷ୍ଟି କେବେ ହେଲେ ପାଠକର ଚେତନାକୁ ସ୍ପର୍ଶ କରିପାରିବ ନାହିଁ। ଯେତେବେଳେ କୌଣସି ଘଟଣା ସାହିତ୍ୟ ସ୍ରଷ୍ଟାର ହୃଦୟକୁ ଉଦ୍‌ବେଳିତ କରେ, ସେହି ଭାବୋଚ୍ଛ୍ୱାସରୁ ଜାତ ସର୍ଜନା ହିଁ ପାଠକ ମନରେ ରେଖାପାତ କରିପାରେ। ଯଶସ୍ୱୀ ସାହିତ୍ୟିକ ମନୋଜ ଦାସଙ୍କୁ ପ୍ରଶ୍ନ ଥିଲା, 'ଆପଣ ଦୁଇ ଭାଷାରେ ଲେଖନ୍ତି। ଚିନ୍ତା କରନ୍ତି କେଉଁ ଭାଷାରେ?' ଉତ୍ତରରେ ସେ ପ୍ରକାଶ କରିଥିଲେ 'ସମ୍ଭବତଃ ନିରବତାର ଭାଷାରେ।' ତାଙ୍କ ମତରେ ସମସ୍ତ ପ୍ରେରଣାର ଉତ୍ସ ନିରବତା। ଚିଲିର ମହୀୟସୀ କବୀ ଗାବ୍ରିଏଲ ମିଷ୍ଟ୍ରାଲ ଏକ ସନ୍ଧ୍ୟାରେ ବିଦ୍ୟାଳୟରୁ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ନିର୍ଜନ ଗହମ କ୍ଷେତ କଡ଼ରେ ଦେଖିଲେ ଜଣେ ଅତ୍ୟନ୍ତ କ୍ଳାନ୍ତ ଗର୍ଭବତୀ ନାରୀଶ୍ରମିକ ଓ ତାଙ୍କ ପ୍ରତି ଦୁଇ ଅସାମାଜିକ ପୁରୁଷଙ୍କର ଅଶ୍ଳୀଳ ମନ୍ତବ୍ୟ। ସେହି ମୁହୂର୍ତ୍ତରେ ଗାବ୍ରିଏଲ ମିଷ୍ଟ୍ରାଲ ଅନୁଭବ କଲେ ମାତୃଜାତିର ଅସହାୟତା। ସେହି ଗଭୀର ପ୍ରେରଣାର ବଶବର୍ତ୍ତୀ ହୋଇ ସେ ଲେଖିଲେ ତାଙ୍କର ପ୍ରଥମ କବିତା 'ମା'। ତାଙ୍କର ପରବର୍ତ୍ତୀ ସମସ୍ତ କବିତାର ବିଷୟବସ୍ତୁ ହେଲା ମା' ଓ ଶିଶୁ। ଏହି ଲାଟିନ ଆମେରିକୀୟ ଲେଖିକାଙ୍କୁ ସତେ ଯେପରି ଅପେକ୍ଷା କରି ରହିଥିଲା ବିଶ୍ୱର ଶ୍ରେଷ୍ଠ ପୁରସ୍କାର ନୋବେଲ ପୁରସ୍କାର।

ରାଜତନ୍ତ୍ର କାଳରେ ସୁବିଖ୍ୟାତ ସାରସ୍ୱତ ସ୍ରଷ୍ଟାମାନଙ୍କୁ ସାହିତ୍ୟ ପୃଷ୍ଟପୋଷକ ଶାସକଗଣ ବିଭିନ୍ନ ଉପାଧିରେ ଭୂଷିତ

କରି ନିଜ ଦରବାରରେ ମର୍ଯ୍ୟାଦାପୂର୍ଣ୍ଣ ଆସନ ପ୍ରଦାନ କରୁଥିଲେ। ପରବର୍ତ୍ତୀ କାଳରେ ସାହିତ୍ୟ ସମାଲୋଚକ ତଥା ବିଦଗ୍ଧ ପାଠକମାନଙ୍କ ଆଦୃତିକୁ ବିଚାର କରି ସେମାନଙ୍କୁ ଭକ୍ତକବି, କବିବର, କବିସମ୍ରାଟ, କବିସୂର୍ଯ୍ୟ, ସ୍ୱଭାବକବି ପ୍ରଭୃତି ଉପାଧିରେ ବିମଣ୍ଡିତ କରାଯାଉଥିଲା। ସମ୍ପ୍ରତି ଯଶସ୍ୱୀ ଲେଖକମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀମାନ ପ୍ରତିଷ୍ଠା କରାଯାଇ ପୁରସ୍କାରର ବ୍ୟବସ୍ଥା କରାଯାଇଛି। ମାତ୍ର ଅନେକ ସମୟରେ ପୁରସ୍କାର ଚୟନରେ ପକ୍ଷପାତିତାର ଅଭିଯୋଗ ହୁଏ। ଯୋଗ୍ୟ ପ୍ରତିଭାସଂପନ୍ନ ଲେଖକ ଉପେକ୍ଷିତ ହେଉଥିବା ମତ ପ୍ରକାଶ ପାଏ। ଏପରିକି କେତେକ ସମୟରେ ସର୍ତ୍ତମୂଳକ ପୁରସ୍କାର ପ୍ରଦାନ କରାଯାଉଛି ତ ଆଉ କେତେବେଳେ ପୁରସ୍କାର ପ୍ରତ୍ୟାହାର କରାଯାଉଛି। ତେବେ ପ୍ରତିଭାହୀନ ଉଚ୍ଚାଭିଳାଷୀ ସାହିତ୍ୟିକଙ୍କ ସଂଖ୍ୟା ଏବେ ନଗଣ୍ୟ ନୁହେଁ। ଅନ୍ୟ ପକ୍ଷରେ ଟଲଷ୍ଟୟ, ଜେମ୍ସ ଜୟେସଙ୍କ ଭଳି ପ୍ରଚଣ୍ଡ ପ୍ରତିଭାଧର ଲେଖକମାନେ ନୋବେଲ ପୁରସ୍କାରରୁ ବଞ୍ଚିତ ହୋଇ ମଧ୍ୟ ବିଶ୍ୱ ସାହିତ୍ୟାକାଶରେ ଉଜ୍ଜ୍ୱଳ ନକ୍ଷତ୍ର ସଦୃଶ ପ୍ରତିଭାତ ହୁଅନ୍ତି ଚିରଦିନ ପାଇଁ।

**ଅନେକ ଲେଖକ ଦାରିଦ୍ର୍ୟର କଷାଘାତରେ ପ୍ରପୀଡିତ। ଏହା ସତ୍ତ୍ୱେ ସବୁକାଳରେ ବିଶ୍ୱର ଅମର ସାହିତ୍ୟ ଭାସ୍କର୍ଯ୍ୟ ସେହିମାନଙ୍କ ନିହାଣମୁନରେ ଖୋଦିତ ହୁଏ।**

## ଆର୍ଥିକ ସଫଳତା, ନା ବିଫଳତା !

ସାହିତ୍ୟ ଓ ସାହିତ୍ୟିକର ବାସ୍ତବ ସଫଳତା ଆର୍ଥିକ ସଫଳତା ବା ପରିମାଣାତ୍ମକ ପ୍ରକାଶନ ଉପରେ ନିର୍ଭର କରେ ନାହିଁ। ଆମେରିକାର ଲୋକପ୍ରିୟ କାର୍ପେଟବାଗର ଉପନ୍ୟାସଗୁଡିକରୁ ଲେଖକମାନେ ନିୟୁତ ନିୟୁତ ଡଲାର ଆୟ କରୁଥିବା ବେଳେ ସେ ରାଷ୍ଟ୍ରରେ ବିଶୁଦ୍ଧ ସାହିତ୍ୟ ସ୍ରଷ୍ଟାମାନେ ବୁଭୁକ୍ଷୁ। ଅନେକ ଲେଖକ ଚିରନ୍ତନ ଦାରିଦ୍ର୍ୟର କଷାଘାତରେ ପ୍ରପୀଡିତ। ଏହା ସତ୍ତ୍ୱେ ସବୁକାଳରେ ବିଶ୍ୱର ଅମର ସାହିତ୍ୟ ଭାସ୍କର୍ଯ୍ୟ ସେହିମାନଙ୍କ ନିହାଣମୁନରେ ଖୋଦିତ ହୁଏ। କୁହାଯାଏ ଯଶସ୍ୱୀ ଇଂରେଜ କବି ମିଲଟନ ତାଙ୍କର କାଳଜୟୀ କୃତି 'ପାରାଡାଇଜ ଲଷ୍ଟ୍'ର ସ୍ୱତ୍ୱ ପ୍ରକାଶକଙ୍କୁ ବିକ୍ରି କରିଥିଲେ ମାତ୍ର ପଚାଶ ପାଉଣ୍ଡରେ। ସେକ୍ସପିୟରଙ୍କ ନାଟକଗୁଡିକରୁ ପ୍ରାପ୍ୟ ରୟାଲଟି ଥିଲା ତାଙ୍କ ପାନୀୟ ମଦ୍ୟ ପାଉଣା ତୁଳନାରେ ଅତ୍ୟନ୍ତ ନଗଣ୍ୟ। ବଙ୍ଗ କବି ମାଇକେଲ ମଧୁସୂଦନ ତାଙ୍କର କାବ୍ୟ ଓ ନାଟକରୁ ଔଷଧର ବ୍ୟୟ ମଧ୍ୟ ତୁଲାଇପାରୁ ନ ଥିଲେ। ଉପନ୍ୟାସ ମୁଦ୍ରଣର ବ୍ୟୟ ଭାର ପଇଠ କରିବା ପାଇଁ ଫକୀର ମୋହନଙ୍କୁ ଧାନ ବିକ୍ରୟ କରିବାକୁ ପଡ଼ିଥିଲା। ଆର୍ଥିକ ଦୁର୍ଗତ ସାହିତ୍ୟ ସ୍ରଷ୍ଟାମାନଙ୍କ ତାଲିକା ଯଥେଷ୍ଟ ସୁଦୀର୍ଘ। ତେବେ ସମସାମୟିକ ସମାଜରେ ଲୋକପ୍ରିୟତା ଓ ଆର୍ଥିକ ସାଫଲ୍ୟ ଭିତ୍ତିରେ ସାହିତ୍ୟର ମାନଦଣ୍ଡ ନିର୍ଦ୍ଧାରଣ କରିବା ଯଥାର୍ଥ ନୁହେଁ।

ପ୍ରଖ୍ୟାତ ଇଂରାଜୀ ଡିଟେକ୍‌ଟିଭ ଉପନ୍ୟାସ ଲେଖିକା ତଥା ପୃଥିବୀର ବୃହତ୍ତମ ନାଟକ 'ଦି ମାଉସଟ୍ରାପ୍' ରଚୟିତା ଆଗାଥା କ୍ରିଷ୍ଟି ତାଙ୍କ ପଞ୍ଚସ୍ତରୀତମ ଜନ୍ମ ଦିବସରେ ତାଙ୍କ ରଚିତ ପଞ୍ଚସ୍ତରୀତମ ଉପନ୍ୟାସ 'ପାସେଞ୍ଜର ଟୁ ଫ୍ରାଙ୍କଫର୍ଟ'ର ଉନ୍ମୋଚନ କରି ଯେଉଁ ବକ୍ତବ୍ୟ ଦେଇଥିଲେ ତାହା ଉଲ୍ଲେଖନୀୟ। "ଆଇ ରିଗାର୍ଡ ମାଇଁ ୱାର୍କ ଆଜ ଅଫ୍ ନୋ ଇମ୍ପୋର୍ଟାନ୍ସ। ଆଇ ହାଭ୍ ମେନଲି ସେଟ ଆଉଟ ଟୁ ଏଣ୍ଟରଟେନ।" ମୋ ଲେଖା ପ୍ରତି ମୁଁ କୌଣସି ଗୁରୁତ୍ୱ ଦିଏ ନାହିଁ। କେବଳ ମନୋରଞ୍ଜନ ବ୍ୟତୀତ ମୁଁ କିଛି କରିପାରିନାହିଁ। ତାଙ୍କର ସମଗ୍ରକୃତି କେବଳ ଅସାର, ଶୂନ୍ୟ ଓ ରିକ୍ତ ବୋଲି ନିଜେ ଖେଦୋକ୍ତି ପ୍ରକାଶ କରିଛନ୍ତି। ସମାଜ ଓ ଜୀବନ ପ୍ରତି ସାହିତ୍ୟର ଯେ ଗୋଟିଏ ଦାୟିତ୍ୱ ରହିଛି ତାହା ଅସ୍ୱୀକାର କରିହେବ ନାହିଁ। ଅନ୍ୟପକ୍ଷରେ ସାହିତ୍ୟ ଯେ କେବଳ ସମାଜଧର୍ମୀ ହେବାକୁ ବାଧ୍ୟ, ନୀତି ପ୍ରଚାର ରହିତ ସାହିତ୍ୟ ଯେ ଅଶୁଦ୍ଧ ଅପୂର୍ଣ୍ଣ ବୋଲି କହିବା ମଧ୍ୟ ସମୀଚୀନ ନୁହେଁ। ସଂସ୍କୃତ ଆଳଙ୍କାରିକମାନଙ୍କ ମତରେ ସାହିତ୍ୟ ହେଉଛି ରସ ଓ ଭାବୋଦ୍ଦୀପନାର ସ୍ୱତଃସ୍ଫୂର୍ତ୍ତ ନିର୍ଝର। ବସନ୍ତର ମନ୍ଦ ମଳୟ, ବିହଙ୍ଗର କୂଜନ, ସମୁଦ୍ରର ଉତ୍ତାଳ ଢେଉ, ଆକାଶରେ ସପ୍ତରଙ୍ଗ ଇନ୍ଦ୍ରଧନୁର ବର୍ଣ୍ଣଛଟାରେ ଥାଏ ଚିରନ୍ତନ ସୌନ୍ଦର୍ଯ୍ୟ। ସେଥିରେ ନ ଥାଏ ସମାଜ ପ୍ରତି ଦାୟିତ୍ୱବୋଧର ଭାବନା। ତେଣୁ ରସକାନ୍ତି ବିହୀନ ସାହିତ୍ୟ ଯେତେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହେଲେ ମଧ୍ୟ ଏହାର ସଫଳତା ସତ୍ତ୍ୱେ ଲେଖକକୁ ଘୋର ରିକ୍ତ ଓ ନିଃସ୍ୱ କରିଥାଏ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
rknprincipalbbm@gmail.com

**କବିତା**

# କବି ଓ ଈଶ୍ୱର



**ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ**

ରେଡିମେଡ୍ ଚନ୍ଦନରେ ବୋଳା କାଚଘର
ଗୋଡ଼ ପାଖରେ ଓହଳେଇ
ଫୋନ ପେ'ର ବିଜ୍ଞାପନ
ଅଦ୍ଭୁତ ନିୟମ ସାଥେ
ଅକୁଳାଣ ଫ୍ରେମରେ
ପ୍ରତିଥର ବନ୍ଧା ପଡ଼ନ୍ତି ଈଶ୍ୱର।

କବି ତ ଘୋର ସଂସାରୀ,
ସଂସାର ଦାୟରେ
ଛାତିଏ ଦୁଃଖକୁ
ଅଚିରେ କଣ୍ଠସ୍ଥ କରି,
ନିଜ ପାଇଁ ସିଏ
ଗାର କାଟି ନିତି
ତିଆରୁଥାଏ ପଞ୍ଜୁରି।



ଲେଉଟାଇ ଦେଖ
ଇତିହାସ ବହିର
ପୃଷ୍ଠା ପରେ ପୃଷ୍ଠା
ଥିବ ସେଠି ନିଶ୍ଚେ
ବେଦ ପାଇଁ ଯୁଦ୍ଧ
ବିଧି ପାଇଁ ଯୁଦ୍ଧ
ସିଦ୍ଧି ପାଇଁ ଯୁଦ୍ଧ
ଏମିତି କି ଈଶ୍ୱରଙ୍କ ପାଇଁ ଯୁଦ୍ଧ
କିନ୍ତୁ ନିଖୋଜ ଥିବେ ଖୋଦ ଈଶ୍ୱର !

ଭାରି କଷ୍ଟରେ
ତେଲ ଲୁଣ ସଂସାରରୁ
ତର କାଢ଼ି କବି
ଲେଖିଥିବ ଗୁଡ଼ାଏ
ବେକାରିଆ କଥା,
ଅତି ଯତ୍ନରେ
ଚାଳିଶ ଭାଗ ଉଇ ଚରିଥିବା
ତା' ଟିପା ଖାତାରେ।

ପୂଜକ କହୁଛି ଈଶ୍ୱର ମୋର
ଧର୍ମ କହୁଛି ଈଶ୍ୱର ମୋର
ପୁରାଣ କହୁଛି ଈଶ୍ୱର ମୋର
ଏମିତି କି ହାଣ ମୁହଁରେ
ବେକ ପତେଇଥିବା
ଛେଳିଟା ବି କହୁଛି
ଈଶ୍ୱର କେବଳ ତା'ର
ଅଥଚ
ସାରା ଦୁନିଆକୁ ମୋର କହି ଯେ,
ଚିତ୍କାର କରୁଛି ଅହରହ
ସେ କାଳେ କବି !
ଯିଏ ଚିରକାଳ ନୁହେଁ କାହାର।

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
priyankapdas9@gmail.com



ଗଳ୍ପ

# ମାଆର ଫୋନ

ରଜନୀକାନ୍ତ ମହାନ୍ତି

ଘରର ଏଇ ଫ୍ଲୋରଟାଇଲକୁ ମାଆ ସବୁଦିନେ ପୋଛୁଥିବ। ଏଇ ସିଙ୍କ୍‌ରେ ସବୁଦିନେ ଅଇଁଠା ବାସନ ମାଜୁଥିବ। ଏଇ ସବୁ ସୋଫା, ଚେୟାର, ପଲଙ୍କର ଗୋଡ, ବାଡକୁ ଝାଡୁଥିବ, ଘଷୁଥିବ। ଏମିତି ସବୁ ଦୃଶ୍ୟକୁ ମନେ ମନେ ଆଙ୍କିଗଲା ନୋରା। କଲେଜ୍‌ରେ ତୃତୀୟ ବର୍ଷରେ ପଢୁଥିବା ନୋରା ଶକ୍ତିଙ୍କ ଛଅ ବର୍ଷର ପୁଅ ବିଟୁର ଜନ୍ମଦିନ ପାର୍ଟିରେ ଯୋଗଦେବାକୁ ଆସିଛି। ଉତ୍ସବର ମଉଜରେ ଭିଜି ନ ଯାଇ ଏଇ ଭାବନାରେ ବୁଡିଯାଉଛି। କେହି ଜଣେ ଫ୍ୟାନ୍ ସୁଇଚ୍ ଅନ୍ କଲାରୁ ଫ୍ୟାନ୍ ବୁଲିଲା ଯେ ବେଲୁନଗୁଡିକ ଫଡ୍ ଫଡ୍ ହେଲା। ସେ ଉପରକୁ ମୁହଁ ଉଠାଇ ଫ୍ୟାନ୍‌କୁ ଦେଖିଲା କେତେ ଚିକ୍ ଚିକ୍ ମାରୁଚି। ଆଜି ସକାଳେ ମାଆ ନିଶ୍ଚୟ ଶିଡିରେ ଚଢ଼ି ଫ୍ୟାନ୍‌କୁ ସଫା କରିଚି! ଭାବିନେଲା ସେ। ଏଥର ନିଜକୁ ନିଜେ ଗାଳିଦେଲା- ତୁ ବିଟୁର ଜନ୍ମଦିନରେ ଭାଗନେବାକୁ ଆସିଛୁ ନା ମାଆର କାମ ହିସାବ କରିବାକୁ ଆସିଛୁ! ସେ ବା' କଣ କରିବ? ମଣିଷର ଅବସ୍ଥା ତ ତାକୁ ପାଦେ ପାଦେ ବନ୍ଦୀ କରୁଛି, ପୁଣି ମୁକୁଳାଉଛି! ସେ ଚକ୍ରରୁ ମୁକ୍ତି କାଇଁ? ମାଆ ଏଇ କଲୋନୀର ଅନେକଙ୍କ ଘରେ ବାସି କାମ କରେ। କାହାର କାହାର ରୋଷେଇ କରେ। ସାରାଦିନ ଏଇଠି ଖଟେ। ପ୍ରଥମ ଥର ପାଇଁ ଏ ଘରକୁ ସେ ଆସିଚି ନିମନ୍ତ୍ରଣରେ। ଏଠି ପହଞ୍ଚି ଘରର କଲିଂବେଲ୍ ମାରିଲାରୁ ବିଟୁର ମାଆ ତା' ପାଖକୁ ଆସି ହସ ହସ ମୁହଁରେ ସ୍ୱାଗତ କରିଥିଲେ- ଆସ... ଏବଂ ପ୍ରଶ୍ନିଳ ହେଇଉଠିଥିଲେ। କ୍ଷଣିକ ବାଦେ କହିଥିଲେ- ତୁମେ ଦିଦିଙ୍କ ଝିଅ....!



ହଁ, ମୁଁ ଦିଦିର ଝିଅ ନୋରା, କହିଥିଲା ସେ। ବିଟୁ ଆସି ଯାଇଥିଲା ସେଠିକି। ନୋରା ଉପହାର ପ୍ୟାକେଟ୍‌ଟି ବିଟୁକୁ ବଢ଼ାଇ ଦେଇଥିଲା। ଥ୍ୟାଙ୍କ ୟୁ କହି ବିଟୁ ଉପହାରଟି ଧରି ତା' ସାଙ୍ଗଙ୍କ ମେଳକୁ ପଳାଇ ଯାଇଥିଲା। ବସ, ବୋଲି କହିଥିଲେ ବିଟୁର ମାଆ। ସାମ୍ନାରେ ସୋଫା, ସୋଫା ପଛେ ପଛେ ପ୍ଲାଷ୍ଟିକ ଚେୟାର ପଡ଼ିଥିଲା। ସେ ପ୍ଲାଷ୍ଟିକ ଚେୟାରରେ ବସି ପଡ଼ିଲେ। ବିଟୁର ମାଆ କହିଲେ - ସୋଫାରେ ବସ!

: ନାଇଁ ଠିକ୍ ଅଛି। ମୁଁ ଏଇଠି ବସୁଚି। ସେଠି ବୟସ୍କମାନେ ବସିବେ, କହିଥିଲା ନୋରା। ହସି ହସି ଚାଲିଗଲେ ବିଟୁ ମାଆ। ଗୋଟେ ଗ୍ଲାସ୍ ଜୁସ୍ ଆଣି ଧରାଇଦେଲେ। ନୋରା ଜୁସ୍ ପିଇଲା। ଭାବି ହେଲା- କାହିଁକି ମୁଁ ସୋଫାରେ ନ ବସି ପ୍ଲାଷ୍ଟିକ ଚେୟାରରେ ବସିଲି? କାହିଁକି? କିଏ ଅଟକେଇଲା?

ବିଟୁ ମାଆ ପଚାରିଲା - ନୋରା, ତୁମ ମାଆ ଏ ଯାଏ ଆସିଲେନି?

: ତୁ ଆଗେ ଆଗେ ଯାଆ, ମୁଁ ଟିକେ ପଛେ ଯିବି ବୋଲି ମାଆ କହିଥିଲା, ଏ ଯାଏ କାହିଁକି ଆସିଲାନି କେଜାଣି! ନୋରା ଉତ୍ତର କଲା।

: ହଉ! କହିଲେ ବିଟୁ ମାଆ ଏବଂ ଫୋନ୍ କଲେ। ସେ ପାଖରୁ ଦିଦିର ଫୋନ୍ ଆସିଲା - ମୁଁ ନିଶ୍ଚେ ଯିବି! ବିଟୁର ଜନ୍ମ ଦିନରେ ଯିବିନି ତ ଆଉ କାହା ଜନ୍ମଦିନରେ ଯିବି! ଏସବୁ ଶୁଣୁଥିଲା ନୋରା। ବେଶ୍ ଖୁସି ହେଉଥିଲା।

ଧୀରେ ଧୀରେ ଅତିଥିଙ୍କର ଗହଳି ଜମୁଥିଲା। ବିଟୁର ସାଙ୍ଗସାଥୀଙ୍କ କଳରବରେ ଛଳନାହୀନ, ଅହଂକାରହୀନ ହେଇଉଠୁଥିଲା ଉତ୍ସବ। ଅତିଥିମାନେ ମୁକୁଳି ଯାଉଥିଲେ ନିଜ ନିଜ ଭାରାରୁ!

ଜନ୍ମଦିନ କେକ୍ କଟା ସରିଲା ପରେ ଡିନର୍ ପର୍ବ ଆରମ୍ଭ ହେଇଗଲା। ନୋରା ବାରମ୍ବାର ଦ୍ୱାର ମୁହଁକୁ ଚାହୁଁଥିଲା - ମାଆ ଏ ଯାଏ କାହିଁକି ଆସିଲାନି ଭାବୁଥିଲା। ହାଉଯାଉ, ଘୋ ଘୋ ଭିତରେ ବିଟୁର ବାପା ଶକ୍ତିଙ୍କର ପାଟି ଶୁଭିଲା- ଗୁଡ଼ାଏ କାମ ରହିଲାଣି, ଦିଦି କାଇଁ ଏଯାଏ ଆସିଲାନି! ଏ କଥାରେ ସମସ୍ତଙ୍କ ମୁହଁ ବୁଲି ଆସି ନୋରା ଉପରେ ପଡ଼ିଲା। ସତେ ଯେମିତି ସେ କାମବାଲିର ଉତ୍ତରଦାୟୀ ପ୍ରତିନିଧି! ନୋରା ପାଟିରେ ଥିବା ଆଇସକ୍ରିମ ଥଣ୍ଡା କି ଗରମ ତାକୁ ଜଣାଗଲା ନାହିଁ।

**ବିଟୁର ସାଙ୍ଗସାଥୀଙ୍କ କଳରବରେ ଛଳନାହୀନ, ଅହଂକାରହୀନ ହେଇଉଠୁଥିଲା ଉତ୍ସବ। ତିଥିମାନେ ମୁକୁଳି ଯାଉଥିଲେ ନିଜ ନିଜ ଭାରାରୁ!**

ପରେ ପରେ ମାଆ ପାଖରୁ ଫୋନ୍ ଆସିଲା - ନୋରା ! ତୁ ଆସିଲା ପରେ ହିଁ ମୁଁ ଯିବି। ସେତେବେଳେ ନୋରାର ମୁହଁକୁ ସତରେ ଦେଖିବାର ଥିଲା!

□□

ଲେଖକଙ୍କ ଇ-ମେଲ ଠିକଣା:
rajanikantamohanty153@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୧୧.୮୦
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books

**'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି। ସମସ୍ତ ଉପାଦାୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ :**




**www.sahityacharcha.com**



ରମ୍ୟରଚନା

# ନାମଚାରି ଓ ବିଚରା ଗୋପାଳମାନେ

ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ

ଆଜ୍ଞା, ଆପଣ ପିଲାଦିନୁ ଏମିତି କିଛି ଶୁଣି ଆସିଥିବେ, ଯେମିତି: ଅମୁକ, ଢିଙ୍କି, ବଗ, ଚକୁଳି (ଅବଶ୍ୟ ଇଂଗ୍ରିଜିଆ ଶୈଳୀରେ ଏବେ ସହରିଆ କହୁଛନ୍ତି: ଟମ୍, ଡିକ୍, ହେରି। ଏମିତି କହିଲେ ଓଡ଼ିଆଙ୍କ ମଳିଆତୁଣ୍ଡରେ ମାହାର୍ଦ୍ଦ ଲାଗିଯାଏ ବୋଧହୁଏ)।

ଆଉ ବି ଶୁଣିଥିବେ: ରାମ, ଶାମ, ଦାମ, ଗୋପାଳ। ଶୁଣିଛନ୍ତି ନା।

ହାଁ ! ମନା ତ କମା କରିପାରିବେ ନାହିଁ। ମୋତେ କିନ୍ତୁ ଏଯାଏ ମଥାଗରମରେ ପକେଇଛି ଏ କଥାଲଥାର ଅଛିଦ୍ର ଶିକୁଳିର ରହସ୍ୟଘନତା। ଅମୁକ ପାଖକୁ ଢିଙ୍କି କାହିଁକି ଆସିଲା ? ସେଠି ପୁଣି ନଳିଗୋଡ଼ିଆ ବଗଭାଇ ଢୁକିଲା କେମିତି। ହାହାହାହା। ସେ ଚକୁଳିପିଠାକୁ କିଏ ଏଠି ରଖିଲା ?



ଏସବୁ ଅସଙ୍ଗତ ନୁହେଁ କି ? ଲାଗୁଛି ହେନେରି ଇବସନଙ୍କ ନାଟକ ଭଳି। ଚଉକି ସହ କଥାଭାଷାର ଉଭଟତା। ନ ହେଲେ ରମେଶ ପାଣିଗ୍ରାହୀଙ୍କ ନାଟକ 'ମୁଁ ଆମ୍ଭେ ଓ ଆମ୍ଭେମାନେ'ର ପଥପ୍ରାନ୍ତେ ପାକେଲାକଦଳୀର ପତିତ ଚୋପାକୁ ଉଠେଇ ଅନର୍ଗଳ ବକୁଥିବା ପ୍ରଫେସରଙ୍କ ଅବୋଧ ବାଚାଳତା। ଏ ବି ନୂଆକଥା ହୋଇ ଆଉ ଏବେ ନାହିଁ। ଦେଖନ୍ତୁ ଆପଣ କେଉଁ କଥାରେ ଗପଟେ ଆରମ୍ଭ କରିଥିବେ, ତା' ଡାଳ, ପତ୍ର, କଳି ବାହାରି ମୂଳକଥାକୁ ଶେଷରେ କେଉଁଠି ରଖିଦେବ ଯେ ଆପଣ ଅସଙ୍ଗତିର ନାଗପାଶରୁ ମୁକୁଳିବାକୁ ଯାଇ ବାଧ ହୋଇ କଥାକୁ ଅସମାପ୍ତ ସିଦ୍ଧାନ୍ତରେ ରଖିବେ। ଏମିତି ତ ଆଗରୁ ଆମେ ଶୁଣିଛେ: କିସ କଥା ?

ବେଙ୍ଗୁଲୀ କଥା/କି ବେଙ୍ଗୁଲୀ/କାଠ ବେଙ୍ଗୁଲୀ/କି କାଠ/ ତେଲିମାଠ...ଏମିତି ଏମିତି ଏମିତି କାନକୋଳି କଣ୍ଟାରେ ଶେଷ। ଗପ ନା ଫପ। ଗୋଟିଏ ଅସଙ୍ଗତିର ଖିଅରେ ଛନ୍ଦୁଣି ମନ୍ଦୁଣି ହେଇ ଛୁଆ ଛ'ରେ ହର୍ଷଉ। ପିଲାଙ୍କୁ ଠକିବା ବା କଥାକଣାରେ ଚୁଣ୍ଟାମାରିବାକୁ ଏ ଉଭଟତା ହିଁ କାଫି। ସତ କହିଲି ନା।

**ଗଛତୋଳା ମିଛ**

ଆମ ଗାଁ'ରେ ଏମିତି ଡିହଗାଲୁଆ ଅଛନ୍ତି (ସମସ୍ତଙ୍କ ଗାଁ'ରେ ଥିବେ), ଯେଉଁମାନେ ଗଛତୋଳା ମିଛ ପଣି ଦେଇଯିବେ ଅନର୍ଗଳ। ଯାଃ' ଅନେଇଥା ଚାଳକୁ ଥାଳକୁ। ଏମିତି ଗାଲୁଆଙ୍କୁ ଲୋକେ ଗୋପାଳ ସହ ଯୋଡ଼ିଦିଅନ୍ତି। ଯେମିତି ଗୋପାଳଭାଣ୍ଡ। ସବୁଠୁ ବିକଳିଆ କଥାଟି କ'ଣ ଜାଣିଛନ୍ତି ? ରାମବାବୁ କୁହାଯିବ। ଶାମବାବୁ କୁହାଯିବ। ଦାମବାବୁ କୁହାଯିବ। ଗୋପାଳବାବୁ ପ୍ରାୟ କୁହା ହେଉ ନ ଥିବ। ଯେମିତି ମନୁ ତିଆରିଛନ୍ତି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟଙ୍କ ଏକାନ୍ତ ସେବକ ଶୁଦ୍ରଟିଏ। ଏଣୁ, ଗୋପାଳ କେତେବେଳେ ଗୋପାଳିଆ ତ କେତେବେଳେ ମଧ୍ୟମ ବର୍ଣ୍ଣରେ ଏ'କାର ଯୁକ୍ତ ଅବର୍ଜ୍ୟାଟିଏ। ସମସ୍ତେ ସପର୍ଯ୍ୟା, ଏକା ଗୋପାଳ ଅବର୍ଜ୍ୟା। ସୁରଭାଇ ଏଇନା ଥୁକି ଦେବେ: ଆ ଥୁ। କି କଥା ଏଗୁଡ଼ାକ। ଲଜ୍ଜା। ଲଜ୍ଜା ! ଘୋର ଲଜ୍ଜା !

ଆହୁରି ବିକଳ ଏ ଗୋପାଳମାନେ ହୁଅନ୍ତି। ସେ ଗୋପ', ଗୋପୀ' ଆଦି ସମ୍ବୋଧନରେ ଗୋପନ ହୋଇଯାଆନ୍ତି। ବିଲକୁଲ ପଙ୍କୁଆକଳପା ମାଛ ଭଳି ଖଚଖଚ ହେଇ ଉଝୁଳା ପୋଖରୀରେ ଅଣନିଃଶ୍ୱାସୀ ହୋଇଯାଆନ୍ତି।

ନଗଦାନଗଦି ଦୁଃଖଟେ ବଖାଣୁଛି। ଘା' ଶୁଖିନି। ନିତି ରାତିରେ ବକଳ ଯୋଡ଼ି ହଉ ହଉ ସକାଳୁ ମୂଲ୍ୟାଙ୍କନ

କେନ୍ଦ୍ରରେ ଲହୁଲୁହାଣ ଉହୁଆହା ! ଏଇ ଏଇ ହାଲି ମୁଁ ଦୁଆଦଶ ପରୀକ୍ଷା ଖାତା କମ୍ପ୍ୟୁଟରରେ ଦେଖୁଛି। ସେଠି ରୂଢ଼ି ପ୍ରବଚନ ପଢ଼ିଛି: କଂସାରିଘର ପାରା।

ପିଲା ଲେଖିଛନ୍ତି: ଗୋପାଳକୁ କ'ଣ ହାଇକୋଟ ଦେଖଉଚ ମ, ସେ ପରା କଂସାରିଘରର ପାରା !

(ଏକଦମ ଚେମେଡ଼ା କଇଁଆକାଠ ! ଭଲ ଉ)।

ପୁଣି ପଢ଼ିଚି: କୁଟା ଖଣ୍ଡକ ଦି' ଖଣ୍ଡ ନ କରିବା।

ପିଲା ଲେଖିଛନ୍ତି: ଗୋପାଳଟା ବ୍ରହ୍ମାଣ୍ଡଠକ। ମୋ ଭଉଣୀ ବାହାଘରରେ ସେ କୁଟାଖଣ୍ଡକୁ ଦି'ଖଣ୍ଡ କଲା ନାହିଁ !

(ତା'ମାନେ ମହାଠାପୁଆ ! ଭଲ ଉ)।

ପୁଣି ପଢ଼ିଚି: ହଲିଲା ପାଣିରେ ଗୋଡ଼ ନ ଦେବା !

ପିଲା ଲେଖିଛନ୍ତି: ଗୋପାଳ ବଡ଼ ହୁସିଆର। ସେ ହଲିଲା ପାଣିରେ ଗୋଡ଼ ଦିଏ ନାହିଁ।

(ତା'ମାନେ ପ୍ରକାଣ୍ଡ କନ୍ଦିଗଲିଆ, ସୁବିଧାବାଦିଆ ! ଭଲ ଉ)

ପୁଣି ପଢ଼ିଚି: ଋଷି ଜଟା ଛିଡ଼େଇ ମରିବା।

ପିଲା ଲେଖିଛନ୍ତି: ଗୋପାଳଟା ଏଡ଼େ ଖେଚଡ଼ ଯେ ତା କାମ ଦେଖିଲେ ଋଷି ଜଟା ଛିଡ଼େଇ ମରିବେ !

(ଗୋପାଳମାନେ କ'ଣ ଏଡ଼େ ଖରାପ ! ଭଲ ଉ)

ଆଚ୍ଛା ପିଲାଏ ! ରାମ, ଶାମ, ଦାମ କଥା ଲେଖୁନ। ଏଇ ଗୋପାଳ ଉପରେ ଏତେ ଗ୍ରଜ୍ ରଖୁଚ କାହିଁକି ?

ଶେଷକଥାଟି ହେଲା: ଗୋପାଳଟା ଗୋଟିଏ ୟୁସ୍‌ଲେସ୍। ଗୋପାଳମାନେ ନନ୍‌ସେନ୍ସ।

## ଓଡ଼ିଆ ବୋଲି ଫଟା କପାଳ

ହେ ଗୋପାଳ !

ତୁ ଓଡ଼ିଶାର ବୋଲି ଫଟାକପାଳ !

ନ ହେଲେ ତୁ ହିନ୍ଦିଆ ହୋଇଥିଲେ ଗୋପାଲ୍ ବା ଗୋପାଲା ହେଇ ଝୁଲା ଝୁଲୁଥାଆନ୍ତୁ, ଗେଲ ହେଉଥାଆନ୍ତୁ। ଫିଲିମର ହିରୋ ବନିଥାଆନ୍ତୁ। ଗିରିଧର ଗୋପାଲ୍ ହୋଇ ପୂଜା ପାଇଥାଆନ୍ତୁ।

ମୁଁ କିନ୍ତୁ ଗୋପାଳ ନୁହେଁ କି ଗୋପାଳଚନ୍ଦ୍ର ନୁହେଁ ॥ ଗୋପାଳକୃଷ୍ଣ॥

ତଥାପି ଶତକଡ଼ା ନବେ ମଣିଷ ମୋତେ ଗୋପାଳ ଡାକି ହିଁ ଖୁସି ହୁଅନ୍ତି। ଅଧିକାଂଶ ଚିଠି (ସରକାରୀ ଓ ବେସରକାରୀ)ରେ କୃଷ୍ଣ କତୁରି ହୋଇ ଆସିଥାଏ।

ପିଲାଦିନେ ଖୁବ୍ ଚିଡୁଥିଲି ମୋ ନନା ବୋଉଙ୍କ ଉପରେ...

ଏବେ କିନ୍ତୁ ମୁଁ ନନାବୋଉଙ୍କ ନାମକରଣର ସାର୍ଥକତା ପ୍ରଶ୍ନର ଉତ୍ତର ଲେଖୁଛି ଯେ ଗୋଟିଏ ପ୍ରଶ୍ନର ଉତ୍ତରରେ ଘଣ୍ଟା ବାଜିଗଲା।

ରାମ ହୋଇଗଲେ ମର୍ଯ୍ୟାଦା ପୁରୁଷୋତ୍ତମ। ଶାମ ହୋଇଗଲେ ପ୍ରେମମୟ ପୁରୁଷ। ଦାମ ହୋଇଗଲେ ପରମ ପୂଜନୀୟ। ବିଚରା ଏଇ ଚାରିନାମରୁ ଚୋର ପରି ଅପମାନିତ ହୋଇ କାନ୍ଦିଲା ଗୋପାଳ। ଗୋ' ମାନେ ଗୋରୁ। ଗୋପାଳ ଗୋରୁପାଳ। ସକାଳୁ ଗେଫୁ ଥା' ବାସିପଖାଳ। ବାଡ଼ି ଖଣ୍ଡେ ଧରି ବଣକୁ ଚାଲ। ପାଠଶାଠ ନାହିଁ ଖେଳୁଥା' ଖେଳ।

ଏ ଗୋପାଳରୁ ହେଲା ଗୁଆଳ। ଗୁଆଳରୁ ଗଉଡ଼। ଭକ୍ତଚରଣ ଲେଖିଲେ ଛିଗୁଲେଇକି:

**ତୁ ଓଡ଼ିଶାର ବୋଲି ଫଟାକପାଳ ! ନ ହେଲେ ତୁ ହିନ୍ଦିଆ ହୋଇଥିଲେ ଗୋପାଲ୍ ବା ଗୋପାଲା ହେଇ ଝୁଲା ଝୁଲୁଥାଆନ୍ତୁ, ଗେଲ ହେଉଥାଆନ୍ତୁ।**

ଘରେ ନ ରହନ୍ତି ଗଉଡ଼େ ବଡ଼ ଅଧମ ଜାତି।
ଘେନି ବଚ୍ଛା ବୃନ୍ଦ ବାଳକେ ବନେ ବୁଲନ୍ତି ନିତି।

ବାଳକ ଏମାନେ। ନିର୍ବୁଦ୍ଧିଆ।

ଲୋକେ ଚିହ୍ନାନ୍ତି: ଅଶୀ ବର୍ଷରେ ବୁଦ୍ଧି ପାକଳ।

ଅଧମଜାତି। ଚାକୁଣ୍ଡା ପତର ଛେଦି ପକାନ୍ତି। ସୁଆରିପାଲିଙ୍କି କାନ୍ଧେ ବୁହାନ୍ତି। ହାକୁମଧାବଲ ଗୀତ ଗାଆନ୍ତି।

ଶିଶୁ ଠିଆ ଠିଆ ହଉଥିବ। କାନ୍ଥ ଧରି ଚାଲ ଚାଲ ହଉଥବ। ଢଳଢଳ ହଲୁଥବ ଦେହ। ଟଳଟଳ ହେଉଥବ ପା' ପାପୁଲି।

ମା' ଗୀତ ଗାଉଥବ:

ଢଳଢଳିଆ ଗଉଡ଼
ଦୁଧଭାର ନେଇ ଦଉଡ଼।

## ମଥୁରା ମଙ୍ଗଳର ଚିଟାଉ

ଏ ଗଉଡ଼ମାନଙ୍କୁ ବହେ ଶୋଧି 'ମଥୁରାମଙ୍ଗଳ'ରେ ଦ୍ରୁମିଳାନନ୍ଦନ ଚିଟଉ ପଠେଇଥେଲା ମହାମନ୍ତ୍ରୀ ତଥା ଶ୍ରୀକୃଷ୍ଣଙ୍କ ଆତ୍ମୀୟ ଅକ୍ରୁର ହାତରେ। ଧନୁଯାତ ହବ। ଅଷ୍ଟମଲ୍ଲ, କୁବଳୟା

ହାତୀ ଏମିତି ତାଚଉଁ ତାଚଉଁ ଆୟୋଜନ ଚାଲିବ। ପଠାଅ ଆମ ଭଣଜା ଦୁଇଙ୍କୁ। ତୁମ ଜାତି ଗଉଡ଼। ତୁମର ବୁଦ୍ଧି କାଇଁ? କେବେଠୁ ଭେଟି ବେଠି ଦେଇନ? ତୁରନ୍ତ ମହଣମହଣ ଭାରଭାର ଦହି ଦୁଧ ଲହଣି ଆଣି, ପନିପରିବା, କଉଡ଼ି ଆଣି ଏଠିକି ଆସ। ତମ ଗୋପପୁରିଆ ମଫଗୁଡ଼ାକ। ଆମ ମଥୁରିଆ ସହରୀବାବୁଙ୍କ ପାସଙ୍ଗରେ ପଡ଼ିପାରିବ ତମେ? ତମେ ସବୁ ଗଉଡ଼ ହୁଡ଼।

ଯିମିତି ଶୁଣିଲେ ଗଉଡ଼ଛୁଆ, ଗର୍ଜିଲେ: ଧନ ଚିନିନୁ କି? ହେଇଟି ମଣି! ମାକେ ବାଉଙ୍ଗୀମାଡ଼ ଚାଖିନ ବୋଧେ। ହା'ରେ!

ଗଉଡ଼ମାନେ କୃଷ୍ଣଚେଲା। ଗୋପ ବୃନ୍ଦାବନରେ ଗୋପାଳ ପିନ୍ଧନ୍ତି କଟିକୁ ଖଣ୍ଡେ। କାନ୍ଧରେ ଖଣ୍ଡେ। ହାତରେ ଠେଙ୍ଗା ଖଣ୍ଡେ। ଉଗାଳ ଗାଇ ଚାଲନ୍ତି ବ୍ରଜଦାଣ୍ଡେ। ବାହା ହଲାଇ ଚାଣ୍ଡେଚାଣ୍ଡେ। ଆଇଁଷ ନ ଦିଅନ୍ତି ତୁଣ୍ଡେ। କାହାଠି ଦୋରେହା ରଖନ୍ତିନି ପିଣ୍ଡେ। ହସଖୁସି, ଗୀତ, ଥଟଲବାଜି, ଢଗଢମାଳି, ଖେମେଟାନାଚରେ ସବୁବେଳେ ଏମାନେ ଦୁଲୁଦୁଲୁ ଭୁସୁଭୁସୁ। ଆସିବ କିଏ ସେଠିକୁ ଆସୁ। ଫଡ଼ିଆ ଯଦି ହୁଗାଳି ନ ଦେଇଚନ୍ତି ମୋତେ କହିବ।



ଏ କୃଷ୍ଣ ହେଲେ କହ୍ନ, କହ୍ନେଇ, କାହ୍ନା। ଗୋପାଳ ଇଏ। ସୁଦୁ ଦେଶୀ।

ମଥୁରାକୃଷ୍ଣ ରାଜଧାନିଆ। ଦେଖିଲେ ଲାଗିବ ବଡ଼ ଛାନିଆ। ସେ ବାସୁଦେବ ହେଲେ ବାସିବେ। ନନ୍ଦସୁତ ହେଲେ ମଇଁଷିଆ ଗନ୍ଧେଇବେ।

ଦେଖୁନ। କଣ୍ଟ ଦେଇ ଗଲେ ବ୍ରଜବାଳୀଙ୍କୁ ଗୋପାଳକୃଷ୍ଣ। ଆଉ ଆସିବା ନାଁ' ଧଇଲେନି। ରହିଗଲେ ସହରରେ, ମଧୁପୁରରେ। ଡକେଇଲେ ଗଉଡୁଣୀ ରାଧାଙ୍କୁ। ରାଧା ବାଇବିଛ ପରି ହେଲେ ସେଠିକା ଆରବା ଦେଖି। ଖସି ପଳେଇଲେ ବଣକୁ। ସେ ପାଇଲେନି ରଜାଠି ଗୋପାଙ୍ଗନାଙ୍କ ଦୁକୂଳ ଚୋରଙ୍କୁ।

**ପ୍ରଭାସଯଜ୍ଞରେ ଯଶୋମତୀ**

ଏମିତି କାଳେ ପ୍ରଭାସଯଜ୍ଞରେ ଯଶୋମତୀ ଯାଇଥେଲେ ତାଙ୍କ ପୁଅକୁ ଦେଖିବାକୁ। ଚାଲିଲା ଟକରାଟକରି। ଦେବକୀ ବନାମ ଯଶୋଦା। ଗର୍ଭର ଗର୍ବ ଖର୍ବ ହେଲା ପ୍ରୀତି ସମ୍ବୋଧନରେ। ମଧୁପୁରିଆ କୃଷ୍ଣ 'ମୋ ଗୋପାଳରେ। ମୋ କହ୍ନାଇରେ!' ଡାକ ଶୁଣି ଅଦଭୂତ ଛିଡ଼ା ହୋଇଗଲେ ମଥାରେ ପଗଡ଼ି, ଗଳାରେ ଗରଡ଼ମାଳ, ବନମାଳ, ମଥାରେ ଜାମୁଡ଼ାଳ। ବାଳଗୋପାଳ।

ଟିକିଏ ଆଖି ପକାନ୍ତୁନା ଏଇ ମଧୁରମନ୍ତ୍ର ଆଡ଼େ:

ଗୋଧନ ପାଳକ ଗୋପକୁମାରଂ
ଚନ୍ଦନ ଚର୍ଚ୍ଚିତ କୁଙ୍କୁମଭାରଂ
ନୀଳକଳେବର ଶୋଭିତହାରଂ
ତଂ ପ୍ରଣମାମିଚ ବାଳଗୋପାଳଂ।

ଶ୍ରୀମନ୍ଦିର ଦୁଆରଫିଟା, ମଙ୍ଗଳଆଳତି, ମଇଲମ, ଅବକାଶ, ତଡ଼ପଲାଗି ଆଦି ପରେ ପା ଆରମ୍ଭ ହୁଏ 'ଗୋପାଳ ବଲ୍ଲଭ ଭୋଗ।' ତିନିବାଡ଼ରେ ଠାକୁରଠାକୁରାଣୀ ବିରାଜିତ ହୋଇ ଶ୍ରୀବଳଦେବ ଦ୍ୱାଦଶାକ୍ଷରୀ ବାସୁଦେବ ମନ୍ତ୍ର, ଶ୍ରୀଜଗନ୍ନାଥ ଅଷ୍ଟାଦଶାକ୍ଷରୀ ଗୋପାଳମନ୍ତ୍ର ଓ ମା' ସୁଭଦ୍ରା ଏକାକ୍ଷର ମନ୍ତ୍ରରେ ଆରାଧିତ ହୁଅନ୍ତି ପରା। ଏଣୁ ଗୋପାଳ ସବୁବେଳେ ଅଲଗା ।

ଟିକେ ହଟକେ।

ଗୋପାଳମାନେ ସବୁବେଳେ ଅଣଓରିଆ। ବାଟଘାଟରେ ନାଁ ପକାନ୍ତି। ଗଉଡୁଣିଙ୍କ ଠେକି ଭାଙ୍ଗନ୍ତି। ସରଳହୁଣି ଚୋରି କରି ଖାଆନ୍ତି। କହିବାକୁ ଗଲେ ଚୋରଜାତୀୟ। ବିଲ୍ୱମଙ୍ଗଳ ସେଇଥିପାଇଁ 'ଚୌର ଚିନ୍ତାମଣି'ରେ ଲେଖିଲେ:

ବ୍ରଜେ ପ୍ରସିଦ୍ଧଂ ନବନୀତ ଚୌରଂ
ଗୋପାଙ୍ଗନାନାଂଚ ଦୁକୂଳ ଚୌରଂ॥

ହେ ଭାଇ! କଥା ତ ଏଇଠି ସରିଗଲା। ଏକଦମ ସିସିଆର୍ ଖରାପ।

କବି କିନ୍ତୁ ଏଇ ଚୋରକୁ ନେଇ କେମିତି ଭଲ ଦୁଇପଦ ପରେ ଲେଖିଲେ ଦେଖନ୍ତୁ ତ:

ଅନେକ ଜନ୍ମାର୍ଜିତ ପାପ ଚୌରଂ
ଚୌରାଗ୍ରଗଣ୍ୟଂ ପୁରୁଷଂ ନମାମି ॥

ହେ ପ୍ରଭୁ। ତୁମେ କାମଦଂମୋକ୍ଷଦଂ ଚୈବ। ତୁମେ ଗୋପାଳ।

ଗୋ' ଶବ୍ଦର କ'ଣ କମ୍ ଅର୍ଥ କି ?

ଦେଖନ୍ତୁ: ଗୋ'ଶବ୍ଦର ଅର୍ଥ: ୧)ଧେନୁ ୨)ବଳଦ ୩) ବୃଷ ୪) ଦୁଧ,ଦହି ଓ ଘିଅ ଇତ୍ୟାଦି ୫)ପଶୁ ୬) ପୃଥିବୀ ୭)ମାତା ୮)ବେଦମାତା ୯)ବାଣୀ,ବାକ୍ୟ ୧୦)ସ୍ୱର୍ଗ ୧୧)ଚକ୍ଷୁ ୧୨)ଇନ୍ଦ୍ରିୟ ୧୩)ଦିଗ ୧୪)ଦୃଷ୍ଟି ୧୫)କେଶ ୧୬)କିରଣ ୧୭)ସୂର୍ଯ୍ୟ ୧୮)ନକ୍ଷତ୍ର ୧୯) ଚନ୍ଦ୍ର ୨୦)ଲୋମ ୨୧) ଗୃହ ୨୨) ବଜ୍ର ୨୩) ନଅସଂଖ୍ୟା ୨୪)ଗାୟକ ୨୫)ବୃଷରାଶି ଇତ୍ୟାଦି

ଗୋ'ଧାତୁର ଅର୍ଥ ହେଲା ଯଥେଷ୍ଟ ବିଚରଣଶୀଳ। ବିଶ୍ୱକୁ ବ୍ୟାପିଯାଇଛନ୍ତି ବୋଲି ନାରାୟଣ ହେଉଛନ୍ତି 'ବିଷ୍ଣୁ'। ସେ ଅତ୍ର, ତତ୍ର, ସର୍ବତ୍ର ରହିଛନ୍ତି। ଏଣୁ ଗୋ'କୁ ଯିଏ ପାଳିବ ସେ କେତେବଡ଼ କ'ଣ ନ ହୋଇଥିବ।

ସେଇଥିପାଇଁ ଆମ ମନ୍ତ୍ର କହିଛନ୍ତି:

ହରେ ମୁରାରେ
ମଧୁକୈଟଭାରେ
ଗୋବିନ୍ଦ ଗୋପାଳ ମୁକୁନ୍ଦ ଶୌରେ
ଯଜ୍ଞେଶ ନାରାୟଣ କୃଷ୍ଣ ବିଷ୍ଣୁ
ନିରାଶ୍ରୟ ମାଂ ଜଗଦୀଶ ରକ୍ଷ।

ଏଣୁ ଗୋପାଳ ନାମ କାହିଁରେ କ'ଣ ଆଜି ହେଜୁଛି। ଯେ ଗୋପାଳ ସେ ଗୋପାଳକୃଷ୍ଣ। ବ୍ରହ୍ମାଣ୍ଡକୁ ଯିଏ ଆକର୍ଷିତ କରେ ସେ ଗୋପାଳକୃଷ୍ଣ।

**ଅଡୁଆରେ ନାଁ**

ଏ ନାଁ'ଟି ଏମିତି ଅଡୁଆରେ ପକାଏ ଯେ ବେଳେ ବେଳେ ବିରକ୍ତ ଲାଗେ। ଅନେକ ସମୟରେ ଗୋଟିଏ ମଠର ବାବାଙ୍କ ଦୂରଭାଷ ମୋ ପାଖକୁ ଆସେ। ସେ ବାବା ମୋତେ ଜାଣନ୍ତି ବୋଲି ମୁଁ କିଛି କହିପାରେନା। ନ ହେଲେ ମୁଁ ଯୋଉଁ ଚିଡ଼ାଲୋକ ଭଲକରି ଶୁଣେଇ ଦିଅନ୍ତି। କାରଣ ସେ ତାଗିଦ କରିବା କଣ୍ଠରେ ହିଁ କଥା ଆରମ୍ଭ କରିଥାଆନ୍ତି। ଆମ ଘରେ ବା ଆମ ବନ୍ଧୁବାନ୍ଧବରେ ମୋତେ ଲୁଲୁ ବୋଲି ଡାକନ୍ତି। କିନ୍ତୁ, ମୋ କକେଇ ଓ ତାଙ୍କ ପରିବାର ମୋତେ 'ଗୋପାଳ' ନାମରେ ଡାକନ୍ତି। ମୁଁ ପହିଲେ ଭାରି ଚିଡୁଥିଲି ଛୁଆବେଳେ। ଭାବୁଥିଲି ସେମାନେ ମୋତେ ଭଲ ପାଆନ୍ତି ନାହିଁ। କିନ୍ତୁ ବଡ଼ ହେଲା ପରେ ଏ ନାମକୁ ମୁଁ ଜପାମାଳି କରିଛି। ମୋ ସାର (ଭାସ୍କର ସାର) ମୋତେ କେତେ ଗେହ୍ଲା କରି ବସେଇ ବସେଇ ଗୋପାଳ ବୋଲି ଡାକନ୍ତି। ଆହା ସାର୍ ଆଉ କାହାନ୍ତି ?

ମୁଁ କାଳେ ଜନ୍ମ ନେଇଥିଲି ସନ୍ତାନ ଗୋପାଳ ମନ୍ତ୍ରରେ ପାଞ୍ଚ ଝିଅ ପରେ। ଯେଉଁ ମହାନ ଆତ୍ମା ସେ ମନ୍ତ୍ର ନନାଙ୍କୁ ଦାନ କରିଥିଲେ, ତାଙ୍କର ଗୋଟିଏ ପୁଅ ମୁଁ ଜନ୍ମ ହେବା ଦିନ ଆତ୍ମହତ୍ୟା କରିଥିଲେ ବୋଲି ବୋଉ କହେ। ନନାଙ୍କୁ ବାପା ସେଦିନ ଦରଦଭରା କଣ୍ଠରେ କହିଥିଲେ: ଧନ୍ୟ ତୋ ଗୁରୁ ! ତୋତେ ଏ ମନ୍ତ୍ର ଦାନ କରି ସେ ତାଙ୍କ ପୁଅକୁ ଯମ ମୁହଁକୁ ଠେଲି ଦେଲେ। ମୋର ଦୁଇଟି ପୁଅ । ମୁଁ ବି ସେ ମନ୍ତ୍ର ଜାଣିଛି। ମୁଁ ତ କାହିଁ ଏତେ ନିଷ୍ଠୁର ହୋଇପାରିଲିନି।

**ମୁଁ ରାମ, ଶାମ, ଦାମ ନ ହୋଇ ଏମିତି ଗୋପାଳ ହୋଇଥାଏ। ଅଳିଦଳି, ରଡ଼ିମଡ଼ି ସହୁଥାଏ।**

ଶେଷକଥା :

ମୋ ନାମ ଦୋଷ ମୋଠି' ଥାଉ। ମୁଁ ରାମ, ଶାମ, ଦାମ ନ ହୋଇ ଏମିତି ଗୋପାଳ ହୋଇଥାଏ। ଅଳିଦଳି, ରଡ଼ିମଡ଼ି ସହୁଥାଏ। ତୁମର ସେଥିରେ ମୁଣ୍ଡ ପୂରେଇବାର ନାହିଁ।

ହେଲା !

ଆପଣ ଏଇଟାକୁ ଆତ୍ମରତି (ନାରସିସିଜମ୍)ବି କହିଲେ ଭଲ।

ହେ ଗୋପାଳ ଚୂଡ଼ାମଣି !

ତୁମ ପାଇଁ ଆଜିର ଶ୍ରଦ୍ଧାଞ୍ଜଳି ଏଇ ପଦକରେ:

କସ୍ତୁରୀତିଳକଂ ଲଲାଟପଟଳେ ବକ୍ଷସ୍ଥଳେ କୌସ୍ତୁଭଂ,
ନାସାଗ୍ରେ ନବ(ବର)ମୌକ୍ତିକଂ କରତଳେ ବେଣୁଂ କରେ କଙ୍କଣଂ।
ସର୍ବାଙ୍ଗେ ହରିଚନ୍ଦନଂ ସୁଲଳିତଂ କଣ୍ଠେ ଚ ମୁକ୍ତାବଳିଂ,
ଗୋପସ୍ତ୍ରୀ ପରିବେଷ୍ଟିତୋ ବିଜୟତେ
ଗୋପାଳ ଚୂଡ଼ାମଣି।

□□

ଲେଖକଙ୍କ ଇ-ମେଲ ଠିକଣା:
gacharyalulu@gmail.com

ଗଳ୍ପ



# ବ୍ଲାଇଣ୍ଡନେସ୍

ଜାକିର ଖାନ୍

ପୃଥିବୀବାସୀ ଆସି ବସିପଡ଼ିଲେ ସମୟ ଏକ୍ସପ୍ରେସ୍‌ରେ। ଅନନ୍ତ ଷ୍ଟେସନରୁ ଅନନ୍ତ ଷ୍ଟେସନକୁ ଯାତ୍ରା। କେତେ ବିଚିତ୍ର ସତେ, ଆରମ୍ଭ ଓ ଶେଷ ଷ୍ଟେସନର ନାଁ ପୂରା ଏକାଭଳି।

ଅନନ୍ତ ଷ୍ଟେସନରୁ ଯାତ୍ରା ଆରମ୍ଭ କରି ସମୟ ଏକ୍ସପ୍ରେସ କ୍ରମେ ଗତିଶୀଳ ହେବାରେ ଲାଗିଥିଲା। ମୌନତା କ୍ରମେ ମୁଖରତାରେ ରୂପାନ୍ତରିତ ହେବାର ପ୍ରକ୍ରିୟାରେ ଥିଲା। ହଠାତ୍ ଜଣେ କହି ଉଠିଲେ - ଆରେ, ଏତେ ଧୀରେ କ'ଣ ଯାଉଛି ଏ ଗାଡ଼ି ? ତାଙ୍କ କଥାରେ ଜଣେ ପ୍ରତ୍ୟୁତ୍ତର ରଖିଲେ - କାହିଁ, ନାହିଁ ତ। ଠିକ୍ ଗତିରେ ଗାଡ଼ି ଯାଉଛି ତ। ଏଥର ଆଉ ଜଣେ କହି ଉଠିଲେ, ଠିକ୍ ଗତିରେ ! ନା ନା। ଅତି ତୀବ୍ରଗତିରେ ଗତି କରୁଛି ଏହି ଗାଡ଼ି। ଏଭଳି ଭାବରେ ସବୁ ଯାତ୍ରୀ ଅଲଗା ଅଲଗା ଭାବରେ ନିଜ ନିଜ ମତବ୍ୟକ୍ତ କରିଚାଲିଲେ। ତା'ପରେ ଆରମ୍ଭ ହେଲା ଉଚ୍ଚବାଚ, କଥା କଟାକଟି, ସମର୍ଥନ, ବିରୋଧ। ଏହାରି ଭିତରେ ଜଣେ ମନକୁ ମନ କହିଉଠିଲା - ଆମେ ଏଠି ପରସ୍ପର ପରସ୍ପରର ବିରୋଧୀ। କିନ୍ତୁ ସେ ଏହା ଏତେ ନିମ୍ନ ସ୍ୱରରେ କହିଲା ଯେ ତାହା ତା' ନିଜ ବ୍ୟତୀତ ଅନ୍ୟ କାହାରିକୁ ଶୁଣାଗଲା ନାହିଁ। ଇତିମଧ୍ୟରେ ଗାଡ଼ିଟି ଏକ ଅନ୍ଧକାରରେ ପରିପୂର୍ଣ୍ଣ ଟନେଲ ଭିତରେ ପଶିଗଲା। ଅନ୍ଧାର କାରଣରୁ ଏକ ଶୀତଳ ନୀରବତା ପ୍ରସାରିତ ହୋଇଗଲା ଗାଡ଼ି ଭିତରେ। ଚାରିଆଡ଼େ ନିସ୍ତବ୍ଧ ନୀରବତା।



ତେବେ ଅନ୍ଧାର ହଟିଗଲା ପରେ ଧୀରେ ଧୀରେ। ପୁଣି ଯାତ୍ରୀଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହେଲା ଯାହା କ୍ରମେ ସଘନ ହେବାରେ ଲାଗିଲା। ଆମେ ସମସ୍ତେ ଯଦି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା ବା ଚର୍ଚ୍ଚା କରନ୍ତେ, ତେବେ ଯାଇ ଆମ ବାର୍ତ୍ତାଳାପ ସଠିକ୍ ଦିଗରେ ଆଗେଇପାରନ୍ତା। ନଚେତ ଭିନ୍ନ ଭିନ୍ନ ବିଷୟରେ ଚର୍ଚ୍ଚା କଲେ କେହି କାହାକୁ ଶୁଣିପାରିବେନି। ଅଯଥାରେ ହୋହାଲ୍ଲା, ଘୋ ଘା ହେବା ହିଁ ସାର ହେବ। ଏପରିକି ହାତାହାତି ଏବଂ ରକ୍ତପାତ ହେବାର ମଧ୍ୟ ଆଶଙ୍କା ରହିଛି ବୋଲି ମତ ପ୍ରକାଶ ପାଇଲା। ତେଣୁ ଶାନ୍ତି ବଜାୟ ରଖିବା ପାଇଁ ସ୍ଥିର ହେଲା ଯେ ଆକାଶର ନୀଳ ରଙ୍ଗ ଏବଂ ଧରିତ୍ରୀର ସବୁଜିମାକୁ ନେଇ ଚର୍ଚ୍ଚା କରାଯିବ।

ଜଣେ ଧନୀ ଓ ଶକ୍ତିଶାଳୀ ଭଳି ଦେଖାଯାଉଥିବା ବ୍ୟକ୍ତି ଯାହାଙ୍କ ପାଖରେ ଜଣେ ଧର୍ମଗୁରୁ ମୌନ ହୋଇ ବସି ରହିଥିଲେ କହିଲେ - ଭାବିଲେ ଦେଖି, ଯଦି ଆକାଶଟା ନୀଳ ଓ ପୃଥିବୀଟା ସବୁଜ ରଙ୍ଗର ହୋଇ ନ ଥାନ୍ତା ତେବେ କେତେ ଭୟଙ୍କର ହୋଇଥାନ୍ତା। ମୋ ମତରେ ଏହି ରଙ୍ଗ ଭିନ୍ନ ଆକାଶ ଓ ପୃଥିବୀ ଯଦି ଅନ୍ୟ କିଛି ରଙ୍ଗର ହୋଇଥାନ୍ତା ତେବେ ଆମ ଜୀବନ ଦୁର୍ବିସହ ହୋଇଉଠନ୍ତା। ନା' କ'ଣ କହୁଛନ୍ତି ?

ଏହା ପରେ ଆରମ୍ଭ ହେଲା ଆଲୋଚନା। ହାତଗଣତି କେତେ ଜଣଙ୍କୁ ଛାଡ଼ି ପ୍ରାୟ ସମସ୍ତେ ଏହି କଥାରେ ଏକମତ ହେଲେ। ସଭିଙ୍କ ମତରେ ଏହି ଦୁଇଟି ରଙ୍ଗ ଉପଯୁକ୍ତ ବୋଲି ଆଲୋଚନା ହେଲା। ତେବେ ଧୀରେ ଧୀରେ ସେମାନଙ୍କ କଥାବାର୍ତ୍ତାରେ ବିରୋଧାଭାସର ଆଭାସ ମିଳିଲା। ଜଣେ କହିଲେ - ଠିକ୍ ଅଛି ଯେ କିନ୍ତୁ ଏହା ସମ୍ପୂର୍ଣ୍ଣ ଠିକ ନୁହେଁ। ଏଥିରେ ଅନେକ ଅଭାବ ମଧ୍ୟ ରହିଛି। ଏଭଳି ନୈରାଶ୍ୟବାଦୀଙ୍କ କଥା ସହିତ ମଧ୍ୟମମାର୍ଗର କିଛି ଲୋକଙ୍କର ଚାପା ସମର୍ଥନ ପରିବେଶକୁ କେମିତି ଗମ୍ଭୀର ଗମ୍ଭୀର କରିଦେଲା। ଅତ୍ୟଧିକ ଆଶାରେ କେତେ ଜଣ କହି ଉଠିଲେ - ଏହା ଆହୁରି ସୁନ୍ଦର ହୋଇପାରିଥାନ୍ତା। ଏଥିରେ

କେଉଁ କେଉଁ ଉପାଦାନ ରହିଥିଲେ ଏହା ଅଧିକ ସୁନ୍ଦର ଓ ରୋଚକ ହୋଇପାରିଥାନ୍ତା, ସେ ସମ୍ପର୍କରେ ମଧ୍ୟ ବିଶଦ ଭାବରେ ଚର୍ଚ୍ଚା ଆଗକୁ ବଢ଼ିବାକୁ ଲାଗିଲା। ଆଲୋଚନା ଯାଇ ପହଞ୍ଚିଲା ଜଣେ ଯୁବକଙ୍କ ପାଖରେ। ସେ ଏଯାଏଁ ଗାଡ଼ିରେ ବସିରହି ବାହାର ଆଡ଼କୁ ଚାହିଁରହିଥିଲେ। ଆରମ୍ଭରୁ ସେ ଇଚ୍ଛାକୃତ ଭାବରେ ବେଶ ଉଦାରତାର ସହ ଆଲୋଚନା ଓ ଚର୍ଚ୍ଚାରୁ ଦୂରେଇ ରହିଥିଲେ। ହଠାତ୍ ଲୋକଙ୍କ ଧ୍ୟାନ ତାଙ୍କ ଆଡ଼କୁ ଆକର୍ଷିତ ହେବାରୁ ସମସ୍ତେ ତାଙ୍କ ମତ କ'ଣ ବୋଲି ଜାଣିବାକୁ ଇଚ୍ଛା କଲେ।

ଲୋକଙ୍କ ପ୍ରଶ୍ନରେ ଯୁବକ ଜଣଙ୍କ ସାମାନ୍ୟ ଅସହଜ ମନେହେଲେ। କେମିତି ଟିକେ ପରାଜିତ ପରାଜିତ ମନେହେଲା ତାଙ୍କର ଅବସ୍ଥା। ତେବେ ସେ ହଠାତ ନିଜକୁ ସମ୍ଭାଳି ନେଇ ଟିକେ ସଳଖି ବସିଗଲେ। ପରିଷ୍କାର କରି କହିଲେ - ଦେଖନ୍ତୁ ଆଜ୍ଞା। ମୁଁ ଜଣେ କଲର ବ୍ଲାଇଣ୍ଡ୍ ବ୍ୟକ୍ତି। ନୀଳ ରଙ୍ଗ କ'ଣ ଏବଂ ସବୁଜ ରଙ୍ଗ କ'ଣ ମୁଁ ଜାଣେନାହିଁ। ଏହି ଦୁଇଟି ରଙ୍ଗ ସମ୍ପର୍କରେ ମୋର ଧାରଣା ନାହିଁ। ମୋତେ ଆକାଶ କଳା ଦେଖାଯାଏ। ଆଉ ଏ ପୃଥିବୀର ସବୁଜିମା ମୋତେ ଧଳା ଦୃଶ୍ୟମାନ ହୁଏ। ହଁ, ଜାଣିଛନ୍ତି ରାତିରେ ମୋତେ ଉଭୟ ଆକାଶ ଓ ପୃଥିବୀ କେବଳ ଓ କେବଳ କଳା ରଙ୍ଗର ବୋଲି ଲାଗେ। ଆପଣମାନଙ୍କ ଠାରୁ ଏହାର ପ୍ରକୃତ ରଙ୍ଗ ସଂପର୍କରେ ଶୁଣି ମୁଁ କଳ୍ପନା କରୁଥିଲି ସତରେ ଏ ଆକାଶ ଓ ଏ ପୃଥିବୀ କିଭଳି ? ଏପରିକି ମୋ କଳ୍ପନାର ଶେଷ ସୀମାରେ ପହଞ୍ଚି ମଧ୍ୟ ମୁଁ ଆପଣମାନଙ୍କ କହିବା ମୁତାବକ ଏହାର ରଙ୍ଗକୁ କଳ୍ପନା କରିପାରିଲି ନାହିଁ। ତେଣୁ ବାହାର ଆଡ଼କୁ ଚାହିଁରହି ଆଲୋଚନାରୁ ଖସିଯିବାକୁ ଚାହୁଁଥିଲି।

**ମୋ କଳ୍ପନାର ଶେଷ ସୀମାରେ ପହଞ୍ଚି ମଧ୍ୟ ମୁଁ ଆପଣମାନଙ୍କ କହିବା ମୁତାବକ ରଙ୍ଗକୁ କଳ୍ପନା କରିପାରିଲି ନାହିଁ।**

ଯୁବକଙ୍କ କଥା ଶୁଣି ଗାଡ଼ି ଭିତରେ କିଛି ସମୟ ପାଇଁ ନୀରବତାର ଆସ୍ତରଣ ଖେଳିଗଲା। କିଛି ସମୟ ପରେ ଲୋକେ ଯୁବକଙ୍କ ଉପସ୍ଥିତି କଥା ଭୁଲିଗଲେ ବୋଧହୁଏ। କାରଣ ଚର୍ଚ୍ଚା ପୁଣି ଆରମ୍ଭ ହୋଇଯାଇଥିଲା। ଅବଶ୍ୟ ସମବେଦନାରୁ କଥା ଆରମ୍ଭ ହୋଇ କୋଳାହଳରେ ରୂପାନ୍ତରିତ ହୋଇଥିଲା।

ଗାଡ଼ିରେ ଯୁବକଙ୍କ ଅନୁରୂପ ଆଉ ଜଣେ ଥିଲା। ସେ ଥିଲା ଜଣେ ସୁନ୍ଦରୀ ତରୁଣୀ। ସେ ମଧ୍ୟ ଆଲୋଚନାଠାରୁ ଏଯାଏଁ ଦୂରେଇ ରହିଥିଲା। ଲୋକଙ୍କ ସମୂହ ପ୍ରଶ୍ନରେ ଝିଅଟି ଆଦୌ ବିଚଳିତ ବା ହତପ୍ରଭ ହେଲା ନାହିଁ। ବରଂ ସ୍ମିତ ହସି ଲୋକଙ୍କ ଆଡ଼କୁ ସିଧା ସିଧା ଚାହିଁଲା। ସତେ ଯେମିତି ଦୂରରୁ ଥାଇ ସେ କେଉଁ ଅନ୍ଧାରୀ ଗହ୍ୱର ଭିତରେ କିଛି ଖୋଜି ହେଉଛି। ସେଇଭଳି ଜଣାଗଲା ତା'ର ଭାବ। ତା'ପରେ ସେ ପୂର୍ବ ଭଳି ହସ ହସ ମୁହଁରେ କହିଲା - ଦେଖନ୍ତୁ ଆଜ୍ଞା। ମୁଁ ଜମାରୁ ଦେଖିପାରେ ନାହିଁ। ଜନ୍ମରୁ ଆଖି ନାହିଁ ମୋର। ମୋତେ ଆପଣ ଜଣେ ଅନ୍ଧ ବୋଲି କହିପାରନ୍ତି। କୌଣସି ରଙ୍ଗକୁ ମୁଁ ସ୍ୱଚକ୍ଷୁରେ କେବେ ବି ଦେଖିନାହିଁ। ଗୋଟିଏ ରଙ୍ଗରୁ ଅନ୍ୟ ରଙ୍ଗଟିର ଭିନ୍ନତା କ'ଣ ତାହା ମୋତେ ଜଣା ନାହିଁ। କିନ୍ତୁ ଗୋଟିଏ କଥା କହିବି। ଏ ସବୁ ରଙ୍ଗର ମାୟାଜାଲ କେବଳ ଆଉ କେବଳ ବାହ୍ୟ ଆବରଣ ବୋଲି ମୁଁ ମନେକରେ। କିନ୍ତୁ ଗୋଟିଏ କଥା ଜାଣିଛନ୍ତି, ଆପଣମାନେ ଯେତେ ସବୁ ରଙ୍ଗ ବିଷୟରେ ଚର୍ଚ୍ଚା କଲେ ବା କରିଥାନ୍ତି, ଖରାପ ଭାବିବେ ନାହିଁ, ମୁଁ ଏହାଠାରୁ ଆହୁରି ହଜାର ହଜାର ଭିନ୍ନ ଭିନ୍ନ ରଙ୍ଗ ସମ୍ପର୍କରେ ଜାଣିଛି। ସେସବୁକୁ ମୁଁ ଅନୁଭବ କରିଛି ଓ କରୁଛି ମଧ୍ୟ। ଜାଣିଛନ୍ତି ମୋ କଳ୍ପନାରେ ଭରି ରହିଛି ଅନେକ ରଙ୍ଗ। ଯାହା ଆପଣଙ୍କ ଦୃଶ୍ୟ ଜଗତରେ ନାହିଁ। ରଙ୍ଗର ଉପସ୍ଥିତି ବା ଅନୁପସ୍ଥିତି ତେଣୁ ମୋତେ କେବେ ବି ପ୍ରଭାବିତ କରିପାରି ନ ଥାଏ। ଏହା ଦ୍ୱାରା ମୋର କିଛି ଫରକ ପଡ଼େନାହିଁ। ମୁଁ ଯେତିକି ଅନୁଭବ କରିଛି ଏ ଆକାଶ, ଏ ପୃଥିବୀ ଖୁବ୍ ଖୁବ୍ ଖୁବ୍ ସୁନ୍ଦର। ଏତେ ସୁନ୍ଦରତାରେ ଭରପୂର ଯେ ଏହା ଆଗକୁ ସୁନ୍ଦରତା ସମ୍ପର୍କରେ ଆଉ ଚର୍ଚ୍ଚା ଛାଡ଼ନ୍ତୁ, କଳ୍ପନା ମଧ୍ୟ କରାଯାଇ ପାରେନା। ଏତିକି କହି ସେ ପୂର୍ବ ଭଳି ସେଇମିତି ସ୍ମିତ ହାସ୍ୟ ସହକାରେ ରୁମାଲରେ ଆଖି ପୋଛିଲା।

ଗାଡ଼ିରେ ପୁଣି ଖେଳିଗଲା ଏକ ଶୀତଳ ନୀରବତା। ଏଭଳି ଶୀତଳତାର ପ୍ରଭାବରେ ଶବ୍ଦସବୁ ବରଫ ପାଲଟି ଯାଉଥିଲା।

ସମୟ ଏକ୍ସପ୍ରେସ ତୀବ୍ର ଗତିରେ ମାଡ଼ିଯାଉଥିଲା ଆଗକୁ ଆଗକୁ। ଅନନ୍ତରୁ ଅନନ୍ତକୁ।

□□

ଲେଖକଙ୍କ ଇ-ମେଲ ଠିକଣା:
zakirkhanbbsr@gmail.com



ପ୍ରବନ୍ଧ

# ଲୋକଗୀତରେ ସାହିତ୍ୟ ଓ ସଂସ୍କୃତିର ସ୍ପନ୍ଦନ

ଡ.ପ୍ରଫୁଲ୍ଲ କୁମାର ସାହୁ


ସାଧାରଣତଃ ମୌଖିକ ପରମ୍ପରାରେ ପ୍ରଚଳିତ ସାହିତ୍ୟକୁ କୁହାଯାଏ ଲୋକସାହିତ୍ୟ। ଲୋକମାନଙ୍କ ଆଶା ନିରାଶା, ସୁଖଦୁଃଖ, ବ୍ୟଥା ବେଦନା, ମାନ ଅପମାନ ଆଦି ଜୀବନ ସଂଗ୍ରାମର କଥା ହିଁ ତା'ର ଆଧାର। ଏ ସାହିତ୍ୟ କୌଣସି ଧରାବନ୍ଧା ନୀତି ନିୟମ ଭିତରେ ବନ୍ଧା ନୁହେଁ, ବରଂ ମୁକ୍ତ ଆକାଶର ବିହଙ୍ଗ ପରି ସ୍ୱାଧୀନ। ମନ ଫୁଲାଣିଆ ଭାବୋଚ୍ଛ୍ୱାସ ଏହାର ପ୍ରାଣ ଉତ୍ସ ଏବଂ ରସୋପଲବ୍ଧି ଏହାର ପ୍ରକୃତ ମାନଦଣ୍ଡ। ଡକ୍ଟର ନଟବର ସାମନ୍ତରାୟଙ୍କ ମତରେ – "ହୁଗୁଳା ମନର ମୁକୁଳା ଭାବରାଶି ଏହାର ଶ୍ରେଷ୍ଠ ସମ୍ପଦ। ଏହାର ବିଷୟବସ୍ତୁ ଭିତରେ ଜାତି ଅଜାତି ବାରଣ ନାହିଁ। କୌଣସି ନୀତି ବନ୍ଧନରେ ଏହାର ରୂପ ନିୟନ୍ତ୍ରିତ ନୁହେଁ। ମନଫୁଲାଣିଆ ପ୍ରାଣ ଏହାର ପ୍ରେରଣାର ଭୂମି ଓ କ୍ଷଣିକ ଭାବୋଚ୍ଛ୍ୱାସ ହିଁ ଏହାର ପରମ ବୈଶିଷ୍ଟ୍ୟତା" (ପଲ୍ଲୀ ସାହିତ୍ୟ)। ଅର୍ଥାତ୍ ମୁକ୍ତ ଭାବରେ ସ୍ୱତଃ ସଞ୍ଚରଣଶୀଳତା ଲୋକ ସାହିତ୍ୟର ବିଶେଷତ୍ୱ। କୌଣସି ମହିମାମଣ୍ଡିତ ବିଷୟ ଏହାର ଉପଜୀବ୍ୟ ନୁହେଁ କି ଏହା କାହାକୁ ଶୁଣାଏ ନାହିଁ ପରମାର୍ଥିକ ତତ୍ତ୍ୱ। ସୁଖଦୁଃଖ ହସକାନ୍ଦର ଘଟଣା ପ୍ରବାହକୁ ନେଇ ତା'ର ସମ୍ପର୍କ କେବଳ ଜୀବନ ଜିଇବା ସହିତ। ଗ୍ରାମ୍ୟ ଜୀବନବୋଧ ବା ପଲ୍ଲୀ ମଣିଷର ଜୀବନ ଗାଥା ହିଁ ଏହାର ମୂଳକଥା। ତେଣୁ ଏହାର ଅନ୍ୟ ନାମ ପଲ୍ଲୀ ସାହିତ୍ୟ। ଚିନ୍ତାମଣି ବେହେରାଙ୍କ ମତରେ ଲୋକଗୀତି ବା ଲୋକ ସଙ୍ଗୀତ ଗ୍ରାମ୍ୟ ସାହିତ୍ୟ ବା ଜାନପଦୀ ସାହିତ୍ୟ ଅନ୍ତର୍ଭୁକ୍ତ। ପ୍ରତ୍ୟେକ ଦେଶର ସାହିତ୍ୟର ଧାରା ସମାନ୍ତର ଭାବରେ ପ୍ରବାହିତ ହୋଇ ଚାଲିଛି। ଏହି ଲୋକଗୀତି ସମୂହ ବିଦଗ୍ଧ କବିଙ୍କର ଆୟାସ ପ୍ରସୂତ ରଚନାଠାରୁ ଭିନ୍ନ। ଏଥିରେ ନ ଥାଏ ମସ୍ତିଷ୍କର ପ୍ରୟୋଗ ବା କୃତ୍ରିମ ଅଳଙ୍କାର ଚାତୁରୀ। ଏଗୁଡ଼ିକ ସ୍ୱତଃସ୍ଫୂର୍ତ୍ତ ସ୍ୱକୀୟ ରସମାଧୁରୀରେ ସ୍ନିଗ୍ଧ, ବିଭିନ୍ନ ସ୍ତର ଗ୍ରାମର ଲଳିତ ଗୀତି ମୂର୍ଚ୍ଛନାର ଅଧିକ ନିକଟବର୍ତ୍ତୀ (ଆଧୁନିକତାର କ, ଖ ଓ ଅନ୍ୟାନ୍ୟ ଆଲୋଚନା)। ତୁଣ୍ଡ ବାଇଦ ସହସ୍ର କୋଶ ନ୍ୟାୟରେ ଏହା ବ୍ୟାପିଯାଏ ଖୁବ୍ କ୍ଷିପ୍ର ଗତିରେ। ଜଣେ ଗାଇଲେ ଦଶ ଜଣ ଶୁଣନ୍ତି ଓ ଦଶ ଜଣଙ୍କ ପାଖରୁ ବ୍ୟାପିଯାଏ ଶହେ ଜଣଙ୍କ ପାଖକୁ। ସେଥିପାଇଁ ଏହା ଲୋକ ବେଦ ନାମରେ ମଧ୍ୟ ପରିଚିତ। ପଲ୍ଲୀ ଜୀବନର ହସକାନ୍ଦ ସୁଖଦୁଃଖ ସହିତ ଏହା ଓତଃପ୍ରୋତ ଭାବେ ଜଡ଼ିତ ଏବଂ ସମକାଳୀନ ସମାଜର ରୁଚି ଓ ଆଦର୍ଶକୁ ନେଇ ଏହା ଗତିଶୀଳ। ଏହାର ପ୍ରକାଶଭଙ୍ଗୀ ଯେମିତି ସରଳ, ସେମିତି ପ୍ରାଣସ୍ପର୍ଶୀ ଓ ଲୋକପ୍ରିୟ। ଏହାକୁ ବୁଝିବା ପାଇଁ ମସ୍ତିଷ୍କଚାଳନା କରିବାକୁ ପଡ଼େନି କି ଆବଶ୍ୟକ ହୁଏନି ବିଦ୍ୱତ୍ତା। ଏହା ହିଁ କାଳ କାଳ ଧରି ଶ୍ରୋତାକୁ ମୋହାବିଷ୍ଟ କରି ରଖିଥିବା ଲୋକସାହିତ୍ୟର ଅସଲ ଶକ୍ତି।

**ଏ ସାହିତ୍ୟ କୌଣସି ଧରାବନ୍ଧା ନୀତି ନିୟମ ଭିତରେ ବନ୍ଧା ନୁହେଁ, ବରଂ ମୁକ୍ତ ଆକାଶର ବିହଙ୍ଗ ପରି ସ୍ୱାଧୀନ।**

### ପ୍ରଥମେ ଗାଥା

ଲୋକ ସାହିତ୍ୟର ସବୁଠାରୁ ଲୋକପ୍ରିୟ ବିଭାଗଟି ହେଉଛି ଲୋକଗୀତ। ବିଶ୍ୱର ଯେ କୌଣସି ଭାଷାରେ ତା'ର ସାହିତ୍ୟିକ ବିଭବଟି ପ୍ରଥମେ ଆତ୍ମ ପ୍ରକାଶ କରିଛି କବିତାରେ। ଅର୍ଥାତ୍ କଥାରେ ନୁହେଁ, ପ୍ରଥମେ ଗାଥାରେ ହିଁ ପ୍ରକାଶ ପାଇଛି ଓଡ଼ିଆ ଲୋକସାହିତ୍ୟ। ଆନନ୍ଦ ସଞ୍ଚାର କରିବା ଲୋକ ଗୀତର ଧର୍ମ। ଲୋକ ଗୀତ କର୍ମବିମୁଖ ମଣିଷକୁ କର୍ମଚଞ୍ଚଳ କରେ ଏବଂ ନୈରାଶ୍ୟକୁ ଦୂରେଇ ଦେଇ ପ୍ରାଣେ ପ୍ରାଣେ ଭରିଦିଏ ଆଶାର ଆଲୋକ। ଗ୍ରାମ୍ୟ ପରିବେଶରେ ରହୁଥିବା ଲୋକମାନଙ୍କ ଜୀବନର ସୁଖଦୁଃଖକୁ ନେଇ ନିରନ୍ତର ଗାଇ ଚାଲିଛି ଲୋକକବି। କୃତ୍ରିମତା ନୁହେଁ, ତା'ର ଏହି ଗୀତ ଭିତରେ ରୂପ ପାଇଛି ସମାଜର ଅବିକଳ ଛବି। ବିଶେଷକରି ସାମାଜିକ

ପରମ୍ପରା ଓ ପର୍ବପର୍ବାଣିକୁ ନେଇ ପ୍ରକାଶ ପାଇଛି ଅସୁମାରୀ ଲୋକଗୀତ। ତା'ର ଏକ ସୁନ୍ଦର ଦୃଷ୍ଟାନ୍ତ ହେଉଛି ରଜଦୋଳି ଗୀତ। ଓଡ଼ିଶାର ଗଣପର୍ବ 'ରଜ'। ଏହି ଐତିହ୍ୟପୂର୍ଣ୍ଣ ପର୍ବ ଅନ୍ତରାଳରେ ଲୁକ୍କାୟିତ ହୋଇ ରହିଛି ପ୍ରାଚୀନ ଓଡ଼ିଶାର ସାଂସ୍କୃତିକ ଇତିହାସ। ଶତାବ୍ଦୀ ଶତାବ୍ଦୀ ଧରି ଏହା ସାମାଜିକ ସରଳତା ଓ ସାମୂହିକତାର ସ୍ୱର ବହନ କରି ଓଡ଼ିଆ ଜନଜୀବନରେ ସୃଷ୍ଟି କରିଛି ଆନନ୍ଦ ଓ ଉଲ୍ଲାସ। ସାଧାରଣତଃ ରଜପର୍ବରେ କିଶୋରୀମାନଙ୍କ ଖୁସି ଅଧିକ ଓ ସେମାନଙ୍କ ଦୋଳି ଗୀତରେ କମ୍ପିଉଠେ ଗାଆଁ ଦାଣ୍ଡ। ସେମାନଙ୍କ ପାଇଁ ରଜଦୋଳିରେ ବସି ଝୁଲିବା ଯେତିକି ଉପଭୋଗ୍ୟ, ତା'ଠାରୁ ବେଶି ଶ୍ରୁତିମଧୁର ମନମତାଣିଆ ରଜଦୋଳି ଗୀତ। ଏହି ଗୀତଗୁଡ଼ିକର ଭାଷା ସରଳ ଓ ସାବଲୀଳ। ଏଥିରେ ପ୍ରତିଫଳିତ ହୋଇଥାଏ ପରିବାର ଓ ସମାଜର ନିତିଦିନିଆ ଚିତ୍ର। ଆନନ୍ଦ ସଞ୍ଚାର ତା'ର ଧର୍ମ। ଓଡ଼ିଶାର ଦୋଳି ଗୀତ ଖୁବ୍ ଲୋକପ୍ରିୟ ଏବଂ ତା'ର ପ୍ରଧାନ କାରଣ ହେଉଛି ତା'ର ସାଙ୍ଗୀତିକତା। ଶ୍ରୋତାକୁ ସହଜରେ ଆକର୍ଷିତ କରେ ତା'ର ଛନ୍ଦମାଧୁର୍ଯ୍ୟ ଓ ଗୀତିମୟତା।



**ଦୋଳି ଗୀତ**

ଦୋଳି ଗୀତରେ ଥିବା ସାମାଜିକ ଦୃଶ୍ୟପଟ୍ଟରେ ନାରୀମାନଙ୍କର ସୁଖ ଦୁଃଖର କାହାଣୀ ତଥା ସେମାନଙ୍କ ମନୋଭୂମିର ଚିତ୍ର ଅଧିକ ସ୍ପଷ୍ଟ। ସାଧାରଣତଃ ଭାଇର ସମୃଦ୍ଧି ଓ ପ୍ରତିଷ୍ଠା ଦେଖି ଗର୍ବ ଅନୁଭବ କରେ ଭଉଣୀ। ସାଙ୍ଗସାଥୀ ମେଳରେ ବର୍ଣ୍ଣନା କରେ ଭାଇର ସଫଳତା। ଦୋଳିରେ ବସି ଅତି ଉଲ୍ଲସିତ ଚିତ୍ତରେ ଭାଇର ସେଇ ଗୌରବ ବଖାଣିବା ବେଳେ ତା' କଣ୍ଠରୁ ଝରିଆରେ - "ଦୋଳି ହୁଏ ରଟ ରଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ, ସୁନା ମୁକୁଟ ଲୋ ଦିଶୁଥାଏ ଝଟ ଝଟ"। ଶାଶୁ ଘରକୁ ଯାଇଥିବା ଝିଅ ବାପ ଘରେ ରହି ରଜପର୍ବ ପାଳିବାରେ ଥାଏ ଏକ ନିଆରା ଆନନ୍ଦ। ଶାଶୁ ଘର ପରି ବାପଘରେ ନ ଥାଏ ନୀତିନିୟମର ବନ୍ଧନ। ସାମୟିକ ଭାବେ ସେଥିରୁ ମୁକୁଳି ରଜପର୍ବ ମନାଏ ପିଲାଦିନର ସାଙ୍ଗସାଥୀଙ୍କ ମେଳରେ। ସେଇ ଖୁସିର ପୁନରାବୃତ୍ତି କାମନା କରି ରଜଦୋଳିରେ ବସି ସେ ଗାଏ -

"ବାର ମାସରେ ତ ତେର ପରବ,
ବାର ପରବକୁ ଛାଡ଼ି ଦେବ,
ଛାଡ଼ି ତ ଦେବ ଗୋ ରଜ ପରବକୁ ମୋତେ ଆଣିବ।"

ଦୋଳି ଭିତରେ ପ୍ରେମ ପ୍ରଣୟର କଥା ଯେତିକି ଥାଏ ତା' ଠାରୁ ବେଶି ଥାଏ ତେଲଲୁଣ ସଂସାରର ଯାବତୀୟ ଅଭାବ ଅସୁବିଧା କଥା। ଶାଶୁ ଘରର କଷଣକୁ ନିଜ ବାପା ଭାଇଙ୍କ ଆଗରେ ମୁହଁ ଖୋଲି ନବବଧୂ କହିପାରେନି ସତ, କିନ୍ତୁ ମନ ଭିତରେ ଗୁମୁରୁଥିବା ସେ କୋହ ଓ ବେଦନାକୁ ସାଙ୍ଗ ମେଳରେ ପ୍ରକାଶ କରିବାକୁ ଯାଇ ସେ ଗାଏ -

"ଡିଙ୍କିରେ କୁଟିଲି ତାଳ,
ତୋରାଣି କଂସାରେ ଲୁହ କଂସାଏ
ଲୋ ବଉ
ଅଢ଼େଇ ପହର ବେଳ।"

ଉପକୂଳ ଓଡ଼ିଶାଠାରୁ ଉତ୍ତର ଓଡ଼ିଶା ବିଶେଷ କରି ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ରଜଦୋଳି ଗୀତର ଭାବ, ଶୈଳୀ ଓ ପରମ୍ପରା ନିଆରା। ଏଠାରେ କେବଳ ଝିଅମାନେ ନୁହନ୍ତି, ଦୋଳିଖେଳ ଅବସରରେ ଉଭୟ ଝିଅ ଓ ପୁଅଙ୍କ ଭିତରେ ଲାଗିଯାଏ ଗୀତ ପ୍ରତିଯୋଗିତା। ଏହି ପ୍ରତିଯୋଗିତାମୂଳକ ଗୀତ ସାଧାରଣତଃ ତିନି ପ୍ରକାର ଯଥା - ଭକ୍ତିମୂଳକ, ପୌରାଣିକ ଓ ସାମାଜିକ। ଭକ୍ତିମୂଳକ ଗୀତରେ ଥାଏ ଦେବଦେବୀଙ୍କ ବନ୍ଦନା। ଗୀତ ଆରମ୍ଭ କରିବା ପୂର୍ବରୁ ଦେବଦେବୀଙ୍କ ସ୍ତୁତି ଗାନ କରାଯାଏ ଆଶିଷ ଭିକ୍ଷା ଉଦ୍ଦେଶ୍ୟରେ।

'ଜାମୁକୋଳି କଳା କଳା,
ପ୍ରଥମେ ବନ୍ଦୁଛି ମାଆ ମଙ୍ଗଳା,
ମାଆ ମଙ୍ଗଳା କଣ୍ଠ ମୋର କର ମୁକୁଳା।"

ଦୋଳିଗୀତରେ ଥାଏ ପୌରାଣିକ ଆଖ୍ୟାୟିକାର ଅବତାରଣା। ଗୀତର ଭାବ ଆଧୁନିକ ହେଲେ ବି ତା'ର ମାଧୁର୍ଯ୍ୟ ବୃଦ୍ଧି କରେ ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ପୁରାଣ କାହାଣୀ। ଏହା ଆଧାତ୍ମିକ ଭାବ ଜାଗ୍ରତ କରିବା ସହ ଶ୍ରୋତାମାନଙ୍କ ମନରେ ଭରିଦିଏ ନାହିଁ ନ ଥିବା ଉତ୍କଣ୍ଠା।

"ନୂଆ ତାଟିଆରେ ଘିଅ,
ସୀତା ଠାକୁରାଣୀ କାହାର ଝିଅ, ଏହାର ଉତ୍ତର ଦିଅ।"

ଏହି ଅବସରରେ ପରିବେଶକୁ ଖୁବ୍ ମନୋଜ୍ଞ କରିଦିଏ ପୁଅଦଳ ଓ ଝିଅଦଳଙ୍କ ଭିତରେ ଭାବଦିଆନିଆ। ଏଭଳି ବାଦୀ ଗୀତରେ ଥାଏ ଆଶୁ କବିତ୍ୱ ଓ ପ୍ରତ୍ୟୁତ୍ପନ୍ନମତିତା। ତା'ର ପ୍ରତିଟି ସୋପାନକୁ ପ୍ରେମର ଆହ୍ଲାଦରେ ଭରିଦିଏ ଯୁବପ୍ରାଣର ଅନ୍ତରଙ୍ଗ ଉଚ୍ଛ୍ୱାସ। ଯୁବକମାନଙ୍କୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଆହ୍ୱାନ ଦେଇ ଯୁବତୀମାନେ ଗାଆନ୍ତି...

"ଆମ୍ବ ପଣସ,
ଆସ ଭାଇମାନେ ଦୋଳିରେ ବସ,
ଦୋଳିରେ ବସ, ନ କରି ମନ ବିରସ।"

**ଚକୁଳିଆ ପଣ୍ଡା ଗୀତ ପେଟ ପାଇଁ ଦାନା ଯୋଗାଡ଼ କରିବାର ଏକ ମାଧ୍ୟମ ହୋଇପାରେ, ମାତ୍ର ତା' ଭିତରେ ରହିଛି ଆମ ସାମାଜିକ ଜୀବନର ମର୍ମ କଥା।**

ଦୋଳି ଭିତରେ ଶୁଣିବାକୁ ମିଳେ ଜୀବନର ଅନେକ ମର୍ମବାଣୀ। ସେଇ ଜୀବନଧର୍ମୀ ଆଭିମୁଖ୍ୟ ନେଇ ଦୋଳିରୁ ଭାସିଆସେ "ଜୀବନ ଅଢ଼େଇ ଦିନ, ରାତି ପାହିଲେ ସବୁ ମଳିନ, କାଳ ଏକା ବଳବାନ"। ସୁସ୍ଥ ସୁନ୍ଦର ସମାଜ ଗଠନ ଦୋଳି ଗୀତର ଅନ୍ୟତମ ଲକ୍ଷ୍ୟ। ତେଣୁ ଏହା ସାମାଜିକ ଆଚରଣ ପ୍ରତି ବ୍ୟଙ୍ଗୋକ୍ତି ପ୍ରକାଶ କରେ ଏବଂ ସାବଧାନ କରାଇଦିଏ ସମାଜକୁ କଳୁଷିତ କରୁଥିବା ତତ୍ତ୍ୱ ପ୍ରତି। ଏହି ମର୍ମରେ ନିଶା ନିବାରଣ ନିମନ୍ତେ ଦୋଳି ଭିତରେ ଯୁବତୀମାନେ ନିଶାସକ୍ତ ଯୁବକ ଆଡ଼କୁ ଲକ୍ଷ୍ୟ କରି ଗାଆନ୍ତି–

"ଯାମୁକୋଳି ନଦବଦ,
ଯିଏ ପିଉଛନ୍ତି ହାଣ୍ଡିଆ ମଦ,
ତା' ସାଙ୍ଗେ ପୀରତି ମନ୍ଦ।"

ସାଧାରଣତଃ ଦର୍ଶକମାନେ ଦୋଳି ନିକଟରେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରନ୍ତି ଶେଷ ପର୍ଯ୍ୟନ୍ତ। ରଜ ସରେ କିନ୍ତୁ ତୁଣ୍ଡରୁ ସରେ ନାହିଁ ରଜଦୋଳି ଗୀତ।


**କୁଳ ବେଉସା ମଧ୍ୟ**

ସଙ୍ଗୀତ ଯେ କେବଳ ସଂସ୍କୃତିର ବାର୍ତ୍ତାବହ ତାହା ନୁହେଁ, ଅନେକଙ୍କ ପାଇଁ ଏହା ଜୀବନଧାରଣର ସମ୍ବଳ ବା କୁଳ ବେଉସା। ଏହି ଦୃଷ୍ଟିରୁ ଚକୁଳିଆ ପଣ୍ଡା ଗୀତ ପେଟ ପାଇଁ ଦାନା ଯୋଗାଡ଼ କରିବାର ଏକ ମାଧ୍ୟମ ହୋଇପାରେ, ମାତ୍ର ତା' ଭିତରେ ରହିଛି ଆମ ସାମାଜିକ ଜୀବନର ମର୍ମ କଥା। ସତ୍ୟ ଓ ପୁଣ୍ୟର ବାର୍ତ୍ତାବହ ଚକୁଳିଆ ପଣ୍ଡା। ଚିତାଚୈତନ୍ୟ ଓ ତିଳକରେ ସଜେଇ ହୋଇଥିବା ବ୍ରାହ୍ମଣ। ସାଧାରଣ ବ୍ରାହ୍ମଣଠାରୁ ସେ ଅଲଗା। ବୈଶାଖର ଡହ ଡହ ଖରାରେ ମୁଣ୍ଡରେ ତାଳପତ୍ର ଛତା ଧରି ଗାଆଁ ଦାଣ୍ଡରେ ଭିକ୍ଷାବୃତ୍ତି କରୁଥିବା ଚକୁଳିଆ ପଣ୍ଡାଙ୍କ ଗୀତର ଆରମ୍ଭରେ ଥାଏ "ଦେଇ ଥିଲେ ପାଇ, ବୁଣିଥିଲେ ଦାୟୀ, ନ ଦେଇଥିଲେ ପଡ଼ିଆ ଭୂମିରେ ଗୋଧନ ଚରାଇ।" କିମ୍ବା "ମାଆ ଓ ମାଉସୀମାନେ କୁଣ୍ଠିତ ନୋହିବ, ମୁକ୍ତ ହସ୍ତେ ଦାନ ଦେଇ ପୁଣ୍ୟ କରୁଥିବ।" ଏମାନେ ଗାଆନ୍ତି ବଳି, କର୍ଣ୍ଣ, ହରିଶ୍ଚନ୍ଦ୍ର ପ୍ରମୁଖ ଦାନବୀରମାନଙ୍କ ପ୍ରସଙ୍ଗ। କେବଳ ଦାନବୀର ନୁହନ୍ତି, ପ୍ରସଙ୍ଗକ୍ରମେ ଏମାନେ ଗାଇଥାନ୍ତି ଦେବତା, ରାକ୍ଷସ, ମଣିଷ ଓ ପଶୁପକ୍ଷୀଙ୍କ କଥା। ସେମାନେ ଗୀତରେ ଗୀତରେ ବଖାଣନ୍ତି ଘୋର କଳିକାଳରୁ ନିସ୍ତରିବାର ନିଦାନ। କେବଳ ରାମକୃଷ୍ଣ ବା ଋଷିମହାଋଷିଙ୍କ ପରମାର୍ଥିକ ଜୀବନର ଗୂଢ଼ କଥା ନୁହେଁ, ଆମ ପାରିବାରିକ, ସାମାଜିକ ଓ ସାଂସ୍କୃତିକ ଜାଗରଣ କଥା ବି ରୂପ ପାଏ ଚକୁଳିଆପଣ୍ଡା ଗୀତରେ। ଭାଗବତ, ନୃସିଂହ ପୁରାଣ, ହରିବଂଶ ଓ ମହାଭାରତରୁ ଦାନ, ତ୍ୟାଗ, ତିତିକ୍ଷାର କାହାଣୀ ସଂଗ୍ରହ କରି ନିଜସ୍ୱ ଢଙ୍ଗରେ ଗାଉଥିବା ଏଇ ଚକୁଳିଆ ପଣ୍ଡାମାନେ ଜଣେ ଜଣେ ଆଶୁକବି। ପରିବେଶକୁ ଖାପ୍ ଖୁଆଇ ଏମାନେ ଅନେକ ଗୀତ ରଚନା କରିପାରନ୍ତି ଆକର୍ଷଣୀୟ ଢଙ୍ଗରେ। ଏମାନେ ବିନା ବାଦ୍ୟଯନ୍ତ୍ରରେ ଗୀତ ଗାଇ ପ୍ରକାଶ କରନ୍ତି ଲୋକଙ୍କ ଭାଗ୍ୟ ଭବିଷ୍ୟତ। ଜାତିପ୍ରଥାଠୁ ଆରମ୍ଭ କରି ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସୃଷ୍ଟି କରନ୍ତି ଜନସଚେତନତା।

"ବ୍ରାହ୍ମଣର ମାଆ ସେଇ ଚଣ୍ଡାଳର ମାଆ,
ଜାତି ପତି କଲେ ହେବନି ସେ ସାହା,
ଜାତିଆଣ କଥା ଭାଇ ମନୁ ଭୁଲିଯିବ,
ଶ୍ରୀୟା ଚଣ୍ଡାଲୁଣୀ କଥା ମନେ ରଖିଥିବ"।

ଏଭଳି ଗୀତ ବୋଲି ବୋଲି ଏମାନେ ଚାଲିଥାଆନ୍ତି ଗାଆଁ ଦାଣ୍ଡରେ। ଏମାନଙ୍କୁ ଧର୍ମପ୍ରଚାରକ ମହାତ୍ମା ଭାବେ ବିବେଚନା କରି କାଂସ୍ୟ ଓ ତାମ୍ର ପାତ୍ରରେ ଭିକ୍ଷା ଆଣି ଅଜାଡ଼ି ଦିଅନ୍ତି ଗୃହବଧୂ।

ଲୋକଗୀତର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ ହେଉଛି କାନ୍ଦଣା। ଏହା ଜୀବ ଓ ଜୀବନର ଏକ ପ୍ରବହମାନ ଧାରା। ପରମ୍ପରା କ୍ରମେ ଆମ ମାଟିର ମାଆ ମାଉସୀ ଆଦି ପୂର୍ବ ପିଢ଼ିର ନାରୀମାନଙ୍କ ମୁଖରୁ ଝଙ୍କୃତ ହୋଇ କାନକୁ କାନ ପ୍ରସାରିତ ହୋଇଥିବା କାନ୍ଦଣା ବୋଲି ଭିତରେ ଯେଉଁ ଆତ୍ମ ନିବେଦନ ରହିଛି ତାହା ହିଁ ଲୋକଗୀତର ଅମୂଲ୍ୟ ସାରସ୍ୱତ ବିଭବ।



**ବାହାଘର କାନ୍ଦଣା**

ବାହାଘର ଏକ ସାଂସାରିକ ନିୟମ। ଏହି ବାହାଘର ବେଳେ ଓଡ଼ିଆ ଝିଅର କାନ୍ଦଣା ଯେମିତି ଆମ ସାହିତ୍ୟରେ ସ୍ଥାନ ନେଇଛି ତାହା ବିଶ୍ୱ ସାହିତ୍ୟରେ ବିରଳ। ଝିଅଟିଏ ଶାଶୁ ଘରକୁ ଯିବାବେଳେ ଯେଉଁ ମର୍ମ ବେଦନା ଅନୁଭବ କରେ ତାହା ଖୋଜେ ପ୍ରକାଶର ମାଧ୍ୟମ। ସେଇ ମାଧ୍ୟମ ନିଏ କାନ୍ଦଣାର ରୂପ। ସେଥିରେ ଉଚ୍ଛଳିଉଠେ ପଛ ଦିନର କଥା, ପିଲାବେଳ, ଧୂଳିଖେଳ ଓ ଆହୁରି କେତେ କ'ଣ। ଏଥିରେ ନା ଥାଏ ଆଭିଜାତ୍ୟର ଅହଂକାର, ନା ବ୍ୟାକରଣର କଠୋର ସଂଯମ। ଥାଏ କେବଳ ହୃଦୟର ଭାଷା, ମନର ଆବେଗ ଓ ଆଶଙ୍କା। କହିବାକୁ ଗଲେ ନାରୀ ଜୀବନର ଅଗ୍ନି ପରୀକ୍ଷାର ଏକ କାବ୍ୟିକ ଉଚ୍ଛ୍ୱାସ ହେଉଛି କାନ୍ଦଣା। ଏହି କାନ୍ଦଣା ଭିତରେ ଥାଏ ଅସୀମ ଶକ୍ତି, ଏହା ଶୁଣିବା ମାତ୍ରେ ଶୋକାପ୍ଳୁତ ହୋଇ ଉଠେ ହୃଦୟ। ଛାତିକୁ ମାଡ଼ିବସେ କୋହ। ଆଖିରୁ ଝରିପଡ଼େ ଲୁହ। ବାପ ଘରେ ଥିବାବେଳେ କେତେ ଗେଲବସରରେ ବଢ଼ିଥିବା ଝିଅଟିର ବାହାଲଗ୍ନ ସ୍ଥିର ହୋଇଗଲା ମାତ୍ରେ ତା'ର ହୃଦୟ ସ୍ୱତଃ କାନ୍ଦିଉଠେ ଏବଂ ପ୍ରଥମ ଅଭିଯୋଗ ବାଢ଼ିବସେ ସ୍ନେହମୟୀ ଜନନୀ ପାଖରେ।

"ବୋଉ ଲୋ ମମତା ତୁଟାଇ ଦେଲୁ ଲୋ ବୋଉ
ସୁହାଗେ ବଢ଼ାଇ କପଟ କଲୁ ଲୋ ବୋଉ
ଝିଅ ଜନମର ଲୀଳା ସରିଲା ଲୋ ବୋଉ
ବାପାଙ୍କ ମନରେ ଏମିତି ଥିଲା ଲୋ ବୋଉ।"

ଏହି କ୍ରମରେ ବର ରୋଶଣି କରି ଦାଣ୍ଡ ଦୁଆରେ ପହଞ୍ଚିବାର ଅବ୍ୟବହିତ ପୂର୍ବରୁ ବାଜା ରୋଶଣି ଓ ଆତସବାଜିର ଶବ୍ଦ ଭିତରେ ମିଶି ଯାଉଥାଏ କାନ୍ଦଣାର ସ୍ୱର। ସେ ବାପାଙ୍କ ଉଦ୍ଦେଶ୍ୟରେ କହିଚାଲେ -

"ଆସିଲାଣି କଂସ ଧୂଳି ଉଡ଼େଇ
ମୋ ବାପା,
ନେଇଯିବ ମୋତେ ଜାଲ ବିଛେଇ
ମୋ ବାପା।"

ଶେଷରେ ଆସେ କନ୍ୟା ଜୀବନର ସବୁଠାରୁ ଶୋକାର୍ଦ୍ର ମୁହୂର୍ତ୍ତ ଝିଅ ବିଦା ହେବାର ସମୟ। ସମ୍ପୂର୍ଣ୍ଣ ଶୋକାକୁଳ ହୋଇଯାଏ ପରିବେଶ। କନ୍ୟା ମନରେ ଥାଏ ଶଶୁର ଘରେ ଯନ୍ତ୍ରଣା ମିଳିବାର ଆଶଙ୍କା। ତେଣୁ ବିଦାୟ ନେବା ସମୟରେ ସେ କାନ୍ଦି କାନ୍ଦି କହୁଥାଏ-

"କାଙ୍କଣ ଯେମନ୍ତେ ବନେ ଝୁରଇ ହେ ବାପା,
ତୁମ୍ଭକୁ ତେମନ୍ତ ଝୁରି ମରିବି ହେ ବାପା,
ପିଠି କି ଜାଣିବ ପେଟର ବ୍ୟଥା ମୋ ବୋଉ,
ପରକି ଜାଣିବ ମୋ ମନ କଥା, ମୋ ବୋଉ।"

ଓଡ଼ିଆରେ ଏ ସବୁ କାନ୍ଦଣାର ସ୍ରଷ୍ଟା ହେଉଛନ୍ତି - ମାଆମାନେ, ଝିଅମାନେ ଓ ଶାଶୁ ଘରକୁ ଯାଇଥିବା ନୂଆ ବୋହୂମାନେ। ସେଇ ଆଶୁ କବିମାନେ ଖଞ୍ଜିଛନ୍ତି କାନ୍ଦଣାରେ କେତେ କେତେ ଚିତ୍ର, କଳ୍ପନା ଓ ମିଥ୍। ପରମ୍ପରା କ୍ରମେ ଇଏ

କାନ୍ଦଣା ଗଢ଼ି ଆସିଛି ପିଢ଼ି ପରେ ପିଢ଼ି। ପ୍ରତ୍ୟେକ ପିଢ଼ି ତାକୁ ଆୟତ୍ତ କଲାବେଳେ ତା' ଦେହରେ ସଂଯୋଗ କରିଛି ନୂଆ ନୂଆ ଅନୁଭବର ଡେଣା। ପୁରୁଷକୈନ୍ଦ୍ରିକ ସମାଜରେ ନାରୀର ନିଜସ୍ୱ ଆବେଗ ଉପରେ ପର୍ଯ୍ୟବସିତ କାନ୍ଦଣା ପରମ୍ପରା ଏବେ ହଜିଯିବାକୁ ବସିଲାଣି ଆଧୁନିକ ସଭ୍ୟତାର ଖୋଳପା ଭିତରେ। ନାରୀ ଭିତରର କୋମଳପଣରୁ ପ୍ରସାରଲାଭ କରିଥିବା ଏହି କାନ୍ଦଣା ଆଜି ସଭ୍ୟତା ଆଖିରେ କୁ-ସଂସ୍କାର ହୋଇପାରେ, ମାତ୍ର ତା' ଭିତରେ ଭରି ରହିଛି ନାରୀ ଜୀବନର ଆବେଗିକ ଚିତ୍ର।

## ଆମ ଓଷାବ୍ରତ

ଓଡ଼ିଆ ଲୋକଗୀତକୁ ଅଧିକ ସମୃଦ୍ଧ କରିଛି ଆମ ଓଷାବ୍ରତ। ଓଡ଼ିଶାର ଗ୍ରାମାଞ୍ଚଳରେ ଓଷାବ୍ରତ ଏକ ନିତିଦିନିଆ ଦୃଶ୍ୟ। ଏହା ହୋଇପାରେ ସାମୂହିକ, ଗୋଷ୍ଠୀଗତ, ଜାତିଗତ ବା ପାରିବାରିକ। ଦେବଭୂମି ଓଡ଼ିଶାରେ କଳନା କରି ହୁଏନି ଦେବଦେବୀଙ୍କ ସଂଖ୍ୟା। ପ୍ରତ୍ୟେକ ଦେବଦେବୀଙ୍କ ରୂପ, ରୁଚି ଓ ଗୁଣ ପୁଣି ସ୍ୱତନ୍ତ୍ର। ଆମ କଳ୍ପନା, ବିଶ୍ୱାସ ଓ ଆବଶ୍ୟକତାରୁ ସେମାନଙ୍କର ସୃଷ୍ଟି ଏବଂ ସେମାନଙ୍କୁ ସ୍ମରଣା କରିବା ପାଇଁ ଆମେ ତିଆରି କରିଛୁ ନାନା ପ୍ରକାର ସାଂସ୍କୃତିକ ବିଧି। ଗପରେ ହେଉ କି ଗୀତରେ ହେଉ ସେମାନଙ୍କ ବ୍ରତ ଓ ବୃତ୍ତାନ୍ତକୁ ଲେଖିଛୁ ଖୁବ୍ ଶ୍ରଦ୍ଧା ଓ ଭକ୍ତିରେ। ଏଥିରେ ପ୍ରକାଶ ପାଇଛି ସବୁ ଦେବଦେବୀଙ୍କ ବିଶେଷ କ୍ଷମତାର ପରିସର। ଆମର ଆବଶ୍ୟକତା ଦୃଷ୍ଟିରୁ ସେମାନଙ୍କ ଉପାସନା ପାଇଁ ରହିଛି ବାଧ୍ୟବାଧକତା। ପ୍ରତ୍ୟେକ ଦେବଦେବୀଙ୍କୁ ସୁମରଣା କରିବାର ବିଧି ମଧ୍ୟ ଭିନ୍ନ ଭିନ୍ନ। କେଉଁ ଦିଅଁଙ୍କ ପୂଜା ଘର ଭିତରେ କରାଯାଏ ତ, ଆଉ କାହାର ଆରାଧନା କରାଯାଏ ଦାଣ୍ଡ ମଝିରେ। କେତେବେଳେ ମୃଣ୍ମୟୀ ମୂର୍ତ୍ତି ସ୍ଥାପନା କରି ବ୍ରତ ପାଳନ କରାଯାଏ ତ ଆଉ କେତେବେଳେ ପୀଠ ମଣ୍ଡପରେ। କେଉଁଠି ବହି ପଢ଼ାଯାଏ ତ, ଅନ୍ୟ କେଉଁଠି ଉଚ୍ଚାରଣ ହୁଏ ମନ୍ତ୍ର। ବୁଧେଇ ଓଷା, ଜହ୍ନିଓଷା ଓ ଖୁଦୁରୁକୁଣୀ ଓଷା ଆଦି ବିଭିନ୍ନ ପ୍ରକାର ଓଷା ଓ ବ୍ରତ ପାଳନ ହୁଏ ବର୍ଷତମାମ। ଓଷା କରୁଥିବା ନାରୀମାନଙ୍କୁ କୁହାଯାଏ ଓଷେଇତୀ ଓ ବ୍ରତଚାରିଣୀ। ଏମାନଙ୍କୁ ପ୍ରାୟତଃ ଜଣା ନ ଥାଏ ଓଷା ଓ ବ୍ରତ ପାଳନର ଉଦ୍ଦେଶ୍ୟ। ତଥାପି ସେମାନେ ପରମ୍ପରାକ୍ରମେ ବ୍ରତ ପାଳନ କରନ୍ତି ଦେବଦେବୀଙ୍କ କୋପରୁ ନିସ୍ତାର ପାଇବା ପାଇଁ। ବିଭିନ୍ନ ଓଷାମାନଙ୍କ ମଧ୍ୟରେ ଝିଅମାନଙ୍କ ଦ୍ୱାରା ସର୍ବାଧିକ ପାଳିତ ହେଉଥିବା ଓଷା ହେଉଛି ଖୁଦୁରୁକୁଣୀ ଓଷା। ଭାଦ୍ରବ ମାସ ପ୍ରତି ରବିବାର ପାଳନ ହେଉଥିବା ଏହି ଓଷାର କ୍ରମ ପରିଣତି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଖୁବ୍ ନାଟକୀୟ। ତରୁଣୀମାନେ ଭିନ୍ନ ଭିନ୍ନ ଦଳରେ ବିଭକ୍ତ ହୋଇ ଏହି ଓଷା ପାଳନ କରନ୍ତି ଏବଂ ସେମାନଙ୍କ ମଧ୍ୟରେ ଲାଗିଯାଏ ପ୍ରତିଯୋଗିତା। ପ୍ରତ୍ୟେକ ଦଳ ନିଜ ନିଜର ଦେବୀ ଭାଲୁକୁଣୀଙ୍କୁ ପ୍ରଶଂସା କଲାବେଳେ ପ୍ରତିପକ୍ଷ ଦଳର ଦେବୀଙ୍କୁ ସମାଲୋଚନା କରନ୍ତି ନିଜର ବାକ୍‌ଚାତୁରୀ ବଳରେ। ଏଥିରେ ପ୍ରତିପାଦିତ ହୁଏ ଗ୍ରାମ୍ୟ ତରୁଣୀର କବିତ୍ୱ ଓ ବୁଦ୍ଧିମତ୍ତା। ଦୃଷ୍ଟାନ୍ତ ସ୍ୱରୂପ "ଆମ ଭାଲୁକୁଣୀ ଖାଏ ଖିରି, ତୁମ ଭାଲୁକୁଣୀ ବାଟ ହଗୁରୀ। ଆମ ଭାଲୁକୁଣୀ ଖାଏ ମୁଆଁ, ତୁମ ଭାଲୁକୁଣୀ ମୁହଁରେ ନିଆଁ।" ଆମ ଭାଲୁକୁଣୀ ବେକରେ ମାଳି, ତୁମ ଭାଲୁକୁଣୀ ତ୍ରିପଣ୍ଡ କାଳୀ ଇତ୍ୟାଦି...।

**ଆମ କଳ୍ପନା, ବିଶ୍ୱାସ ଓ ଆବଶ୍ୟକତାରୁ ଦେବଦେବୀଙ୍କର ସୃଷ୍ଟି ଏବଂ ସେମାନଙ୍କୁ ସ୍ମରଣ କରିବା ପାଇଁ ଆମେ ତିଆରି କରିଛୁ ନାନା ପ୍ରକାର ସାଂସ୍କୃତିକ ବିଧି।**

ଉପରୋକ୍ତ ଓଷା ଅନ୍ତରାଳରେ ରହିଛି ଓଡ଼ିଆମାନଙ୍କ ଦରିଆପାରି ଜୀବନର ଇତିହାସ ତଥା ସାମାଜିକ ଓ ପାରିବାରିକ ଜୀବନର ରହସ୍ୟ। ଅର୍ଥାତ୍ ଆମ ଓଷା ପରମ୍ପରା ଆମ ଇତିହାସ ଓ କିଂବଦନ୍ତୀକୁ ଜାଣିବାର ଏକ ଶକ୍ତିଶାଳୀ ମାଧ୍ୟମ।

ଲୋକଗୀତ ସହିତ ଯୋଡ଼ି ହୋଇ ରହିଛି କୃଷକ ଗୀତ, ଶଗଡ଼ିଆ ଗୀତ, ନାଉରିଆ ଗୀତ ଆଦି ଆହୁରି ଅନେକ ପ୍ରକାର ଗୀତ। କହିବାକୁ ଗଲେ ପୁରାଣଠାରୁ ଇତିହାସ ଏବଂ ଭୂଗୋଳରୁ ଦର୍ଶନ ପର୍ଯ୍ୟନ୍ତ ସବୁକିଛିର ପ୍ରତିଛବି ରହିଛି ଲୋକଗୀତରେ। ଅଜ୍ଞାତ ସ୍ରଷ୍ଟାଙ୍କ ଦ୍ୱାରା ଏହାର ସୃଷ୍ଟି କ୍ରିୟା ମୌଖିକ ହେଲେ ବି ଖୁବ୍ ଚିତ୍ତାକର୍ଷକ, ଯାହା ଆମ ସଂସ୍କୃତିର ମୌଳିକ ସ୍ପନ୍ଦନ।


□□

ଲେଖକଙ୍କ ଇ-ମେଲ ଠିକଣା:
pks88a1962@gmail.com

# ବର୍ଷୀୟାନ କବି ସୌଭାଗ୍ୟ କୁମାର ମିଶ୍ରଙ୍କ ସହ ସାରସ୍ୱତ ଆଳାପ

ସାକ୍ଷାତକାର

*ବିଶିଷ୍ଟ କବି ଡ. ସୌଭାଗ୍ୟ କୁମାର ମିଶ୍ର ଓଡ଼ିଆ କବିତାରେ ଆଧୁନିକ ଯୁଗର ଅନ୍ୟତମ ଅଗ୍ରଦୂତ ଭାବରେ ସୁପରିଚିତ। ୧୯୪୧ ମସିହାରେ ଜନ୍ମିତ ଡ. ମିଶ୍ର ବୃତ୍ତିରେ ଥିଲେ ଜଣେ ଅଧ୍ୟାପକ, ଏବଂ ୨୦୦୧ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ତଥା ବିଭାଗାଧ୍ୟକ୍ଷ ପଦରେ ଥାଇ ସେବାନିବୃତ୍ତ ହୋଇଥିଲେ। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗଙ୍ଗାଧର ଜାତୀୟ ସମ୍ମାନ ଭଳି ବହୁ ମର୍ଯ୍ୟାଦାଜନକ ସମ୍ମାନରେ ବିଭୂଷିତ ହୋଇଛନ୍ତି। ଏଯାବତ୍ ତାଙ୍କର ପ୍ରାୟ ୧୫ ଗୋଟି କବିତା ସଂକଳନ ପ୍ରକାଶିତ ହୋଇ ପାଠକାଦୃତ ହୋଇଛି। ତା'ଙ୍କର ବାସଭବନରେ ତାଙ୍କ ସହିତ ସାକ୍ଷାତ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଶୁଣିଛୁ ଯେ ଆପଣ ପ୍ରାଥମିକ ସ୍କୁଲରେ କେବେ ହେଁ ନ ପଢ଼ି, ସିଧାସଳଖ ହାଇସ୍କୁଲ୍‌ରେ ନାମ ଲେଖାଇଥିଲେ। ଏହା କିଭଳି ସମ୍ଭବ ହେଲା ?

**ସୌଭାଗ୍ୟ କୁମାର ମିଶ୍ର:** ପ୍ରାଥମିକ ବିଦ୍ୟାଳୟରେ କାହିଁକି ପଢ଼ି ନ ଥିଲି ସେକଥା ଏବେ କହିପାରିବିନି, କାରଣ ସେ ସମୟରେ ସେଇଟା ସେତେ ଗୁରୁତ୍ୱପୂର୍ଣ୍ଣ ନ ଥିଲା। ମୋ' ବାପା ଶିକ୍ଷା ବିଭାଗରେ ଚାକିରି କରୁଥିଲେ; କିନ୍ତୁ ମୁଁ ଘରେ ରହି ଯାହା ପଢ଼ିବା କଥା ପଢୁଥିଲି।

**ସାହିତ୍ୟ ଚର୍ଚ୍ଚା:** ତେବେ ସେଇ ବାଲ୍ୟ କାଳରେ ପାଠପଢ଼ା ଛଡ଼ା କିଛି ଅନ୍ୟ ଆଗ୍ରହରେ ବୋଧହୁଏ ଆପଣ ବ୍ୟାପୃତ ହୋଇଯାଇଥିବେ।

**ସୌଭାଗ୍ୟ କୁମାର ମିଶ୍ର:** ହଁ, ସେତେବେଳେ ଆମେ ବର୍ଷେ ଖଣ୍ଡେ ଗଞ୍ଜାମର କୁଲାଡ଼ ପାଖରେ ଥିବା ଗୋଟିଏ ବ୍ରାହ୍ମଣ ଶାସନରେ ରହୁଥିଲୁ। ମୋ ବାପା ବହୁତ ସଂଗୀତପ୍ରିୟ ଥିଲେ। ତେଣୁ ମୁଁ ସଂଗୀତ ଚର୍ଚ୍ଚାରେ ଲିପ୍ତ ହୋଇପଡ଼ିଲି।

**ସାହିତ୍ୟ ଚର୍ଚ୍ଚା:** ତେବେ ସଂଗୀତ କ'ଣ ବିଧିବଦ୍ଧ ଭାବରେ ଶିଖୁଥିଲେ ?

**ସୌଭାଗ୍ୟ କୁମାର ମିଶ୍ର:** ହଁ, ଜଣେ ସଂଗୀତ ଶିକ୍ଷକ ଘରକୁ ଆସି ମୋତେ ଏଥିରେ ତାଲିମ ଦେଉଥିଲେ।

**ସାହିତ୍ୟ ଚର୍ଚ୍ଚା:** ପୁଣି ହାଇସ୍କୁଲ୍‌କୁ ଗଲେ କେମିତି ?

**ସୌଭାଗ୍ୟ କୁମାର ମିଶ୍ର:** ଗୋଟିଏ ପ୍ରବେଶିକା ପରୀକ୍ଷା ଦେଇ ମୁଁ ସିଧାସଳଖ ବେଲଗୁଣ୍ଠା ହାଇସ୍କୁଲରେ ନାମ ଲେଖାଇଲି।

**ସାହିତ୍ୟ ଚର୍ଚ୍ଚା:** ସେତେବେଳେ ବୋଧହୁଏ ହାଇସ୍କୁଲ୍‌ରେ ନାମ ଲେଖାଇବା ପାଇଁ ସିଧାସଳଖ ଏମିତି ଏକ ପରୀକ୍ଷାର ବ୍ୟବସ୍ଥା ମଧ୍ୟ ଥିଲା !

**ସୌଭାଗ୍ୟ କୁମାର ମିଶ୍ର:** ହଁ, ସେତେବେଳେ ଏ ବ୍ୟବସ୍ଥା ଥିଲା।

**ସାହିତ୍ୟ ଚର୍ଚ୍ଚା:** ଆଉ ମଧ୍ୟ ଶୁଣିଛୁ ଯେ ପିଲାଦିନେ ଆପଣ କୁଆଡ଼େ ପାରମ୍ପରିକ ଛାନ୍ଦ, ଚମ୍ପୂ ଓ ଚଉପଦୀ ଆଦିର ଭକ୍ତ ହୋଇସାରିଥିଲେ। ଏଥିପାଇଁ ପ୍ରେରଣା କେଉଁଠୁ ପାଇଲେ ?

**ସୌଭାଗ୍ୟ କୁମାର ମିଶ୍ର:** ସ୍କୁଲରେ ମୋ'ର ଜଣେ ପ୍ରିୟ ସାଙ୍ଗ ଥିଲେ, ଯେ କି ଆମର ଉପର ଶ୍ରେଣୀରେ ପଢୁଥିଲେ। ସେ ସେହି ବୟସରେ ମଧ୍ୟ ଭଞ୍ଜ ଓ କବିସୂର୍ଯ୍ୟଙ୍କ ସାହିତ୍ୟରେ ଭାରି ଧୂରୀଣ ଥିଲେ। କବିସୂର୍ଯ୍ୟ ଓ ଅନ୍ୟମାନଙ୍କର ଗ୍ରନ୍ଥାବଳୀ ଆମ ଘରେ ଥିଲା। ବାପା ସେଥିରୁ କିଛି କିଛି ଆମକୁ ପଢ଼ାଉଥିଲେ। ଏହି କାରଣରୁ କାବ୍ୟ କବିତାର ପାରମ୍ପରିକ ଛନ୍ଦ ଓ ଆଳଙ୍କାରିକତା ପ୍ରତି ମୋ'ର ଆକର୍ଷଣ ବଢ଼ିଲା।

**ସାହିତ୍ୟ ଚର୍ଚ୍ଚା:** ପାରମ୍ପରିକ ଛନ୍ଦୋବଦ୍ଧ କବିତାର ଏଭଳି ଏକ ପରିବେଶରେ ବଢ଼ିଥିବା ସତ୍ତ୍ୱେ, ପରବର୍ତ୍ତୀ ସମୟରେ ଯେତେବେଳେ ଆପଣ ଆଧୁନିକ କବିତାର ଦୁନିଆରେ ପାଦ ଦେଲେ, ସେତେବେଳେ ତାହାର ଲଗାମଛଡ଼ା ଶୈଳୀ ସହିତ ପୁଣି ସାଲିସ୍ କଲେ କିପରି ?

**ସୌଭାଗ୍ୟ କୁମାର ମିଶ୍ର:** ପାରମ୍ପରିକ ଛନ୍ଦୋବଦ୍ଧ ଧାରାରେ ହିଁ ମୁଁ ପିଲାଦିନେ କବିତା ଲେଖିବା ଆରମ୍ଭ କରିଥିଲି। ମୁଁ ଚୋଖୀ ଓ ବଙ୍ଗଳାଶ୍ରୀ ରାଗରେ 'ଖଲ୍ଲିକୋଟ' ବୋଲି ସେତେବେଳେ ଗୋଟିଏ କାବ୍ୟ ଲେଖିସାରିଥିଲି, ଅବଶ୍ୟ ସେଇଟି ଛପା ହୋଇ ନ ଥିଲା, ଏକ ହାତଲେଖା ଆକାରରେ ଥିଲା। ସେତେବେଳକୁ ଆମ ସ୍କୁଲରେ ବୃନ୍ଦାବନ ପାତ୍ର ମୋ'ର ଶିକ୍ଷକ ଥିଲେ। ସେ ସେହି ଲେଖା ଦେଖି କହିଲେ, ତୁ ଏମିତି କ'ଣ ଲେଖୁଛୁ ? ଆଧୁନିକ କବିତା ଲେଖ୍।

**ସାହିତ୍ୟ ଚର୍ଚ୍ଚା:** ତାଙ୍କର ଏହି କଥା ବୋଧହୁଏ ଆଧୁନିକ କବିତା ପ୍ରତି ଆପଣଙ୍କ ମନରେ ଉତ୍ସୁକତା ଜଗାଇଥିବ।

**ସୌଭାଗ୍ୟ କୁମାର ମିଶ୍ର:** ହଁ, ସେତେବେଳେ ମୁଁ ତା'ଙ୍କୁ ପଚାରିଥିଲି ଯେ କେମିତି ହେବ ସେଇଟା ! ସେ କହିଲେ, 'ମୁଁ ତୋତେ କିଛି ପୁରୁଣା 'ଆସନ୍ତାକାଲି' ଦେବି। ସେଥିରେ ଥିବା କବିତା ସବୁ ପଢ଼ିଲେ ଜାଣିପାରିବୁ ଆଧୁନିକ କବିତା କେମିତି ଲେଖାଯାଏ।'

**ସାହିତ୍ୟ ଚର୍ଚ୍ଚା:** ତେବେ ଇଏ ହେଉଛି ଆଧୁନିକ କବିତା ଜଗତରେ ଆପଣଙ୍କର ପାଦ ଥାପିବାର ଗୁମର। କିନ୍ତୁ ମନେହୁଏ ପିଲାଦିନେ ଆପଣଙ୍କ ଜୀବନରେ ପଡ଼ିଥିବା ପାରମ୍ପରିକ ଶୈଳୀର ପ୍ରଭାବକୁ ଆପଣ ମନରୁ ସମ୍ପୂର୍ଣ୍ଣ ପୋଛିଦେଇ ପାରି ନ ଥିବେ।

**ସୌଭାଗ୍ୟ କୁମାର ମିଶ୍ର:** ତା'ର ବହୁ ବର୍ଷ ପରେ ଯେତେବେଳେ ମୋ'ର କେତୋଟି କବିତା ସଂକଳନ ପ୍ରକାଶ ପାଇଲା ଜୀବନାନନ୍ଦ ପାଣି ମୋ' କବିତାର ସମୀକ୍ଷା କରିବାକୁ ଯାଇ ଲେଖିଲେ ଯେ କବିସୂର୍ଯ୍ୟଙ୍କ ଭାଷାଚାତୁରୀ ଓ ମୋ ଭାଷାଚାତୁରୀ ମଧ୍ୟରେ ସାମଞ୍ଜସ୍ୟ ଅଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ କ'ଣ ତାଙ୍କର ଏହି ଟିପ୍ପଣୀ ସହ ଏକମତ ?

**ଜୀବନାନନ୍ଦ ପାଣି ମୋ' କବିତାର ସମୀକ୍ଷା କରିବାକୁ ଯାଇ ଲେଖିଲେ ଯେ କବିସୂର୍ଯ୍ୟଙ୍କ ଭାଷାଚାତୁରୀ ଓ ମୋ ଭାଷାଚାତୁରୀ ମଧ୍ୟରେ ସାମଞ୍ଜସ୍ୟ ଅଛି।**

**ସୌଭାଗ୍ୟ କୁମାର ମିଶ୍ର:** ହଁ, ଏହା ମୁଁ ନିଜେ ବି ଅନୁଭବ କରିପାରିଥିଲି।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣ ନିଜ କବିତାର ଏହି ଦୁଇଟି ବିପରୀତମୁଖୀ ଧାରା ମଧ୍ୟରେ ସମନ୍ୱୟ ଆଣିବା ପାଇଁ କିପରି ସମର୍ଥ ହେଲେ ?

**ସୌଭାଗ୍ୟ କୁମାର ମିଶ୍ର:** ଦେଖନ୍ତୁ, କବିତାରେ ଭାଷାର ବ୍ୟବହାର କ'ଣ ହୁଏ, କେମିତି ହୁଏ, ସେସବୁ ତ ମୁଁ ଶିଖିଲି କବିସୂର୍ଯ୍ୟଙ୍କଠାରୁ। ତେଣୁ ସେଇଟି ହେଉଛି ମୂଳଦୁଆ।

**ସାହିତ୍ୟ ଚର୍ଚ୍ଚା:** ତେବେ ତାହାକୁ ସମକାଳୀନ କବିତାର ଛାଞ୍ଚରେ ପରିସ୍ଫୁଟ କଲେ କେମିତି ?


**ସୌଭାଗ୍ୟ କୁମାର ମିଶ୍ର:** ଓଡ଼ିଆ ଆଧୁନିକ କବିତା ଯେ ଛନ୍ଦରୁ ଏକବାରେ ବିଚ୍ଛିନ୍ନ ସେକଥା ନୁହେଁ। ଏହି କବିତାର ଭାବ ବିନ୍ୟାସରେ ମଧ୍ୟ ଗୋଟିଏ ଅନ୍ତରୀଣ ଛନ୍ଦ ଅଛି। ଏଣୁ ମୁଁ କବିତାର ପାରମ୍ପରିକ ଅବଧାରଣାକୁ ଆଧୁନିକ କବିତାର ଧାରା ସହିତ ତାଳ ଦେଇ ପରିବେଷଣ କରିବାରେ କିଛି ଅସୁବିଧା ଅନୁଭବ କଲି ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆଜିର ପରିବେଶରେ ଠିଆହୋଇ ଆପଣଙ୍କର କ'ଣ ମନେହୁଏନି ଯେ ଆମର ପାରମ୍ପରିକ କାବ୍ୟ କବିତାର ଅଳଙ୍କାରିକତା ଓ ଗରିମା ସହିତ ତୁଳନା କଲେ

ଆଧୁନିକ କବିତାର ସେମିତି କିଛି ମହତ୍ତ୍ୱ ନାହିଁ?

**ସୌଭାଗ୍ୟ କୁମାର ମିଶ୍ର:** ଦେଖନ୍ତୁ, ସେମିତି ତୁଳନା କରାଯାଇପାରିବ ନାହିଁ। ଭଞ୍ଜଙ୍କ ସହିତ ରମାକାନ୍ତ ରଥଙ୍କୁ ଏକସଙ୍ଗରେ ରଖି ତଉଲିବା ଉଚିତ ହେବ ନାହିଁ। ସେବର ସମୟ ଅନୁସାରେ କାବ୍ୟ ପରମ୍ପରା ଯାହା ଥିଲା, ଆଜି ସେକଥା ନାହିଁ। ଏହା ଏକାନ୍ତ ସ୍ୱାଭାବିକ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ କଲେଜ ସମୟର ଛାତ୍ର ଜୀବନରେ ପ୍ରଖ୍ୟାତ କବି ଗୁରୁ ମହାନ୍ତି ଆପଣଙ୍କୁ ଇଂରାଜୀ କବି ଟି.ଏସ୍.ଏଲିଅଟ୍‌ଙ୍କ କବିତା ସହିତ ପରିଚିତ କରାଇଥିଲେ ବୋଲି ଆମେ ଠାଏଁ ପଢ଼ିବାକୁ ପାଇଛୁ। ଏହି ଏଲିଅଟୀୟ କାବ୍ୟସ୍ୱରକୁ ଆପଣ ନିଜର କବିତାରେ ମଧ୍ୟ ପ୍ରୟୋଗ କରିବାକୁ ଚେଷ୍ଟା କରିଥିଲେ କି?




**ସୌଭାଗ୍ୟ କୁମାର ମିଶ୍ର:** ସଚେତନ ଭାବରେ ଅବଶ୍ୟ ମୁଁ ଏହା କରିନାହିଁ। ମୋ'ର ଫାଷ୍ଟ-ଇଅର୍ ବେଳକୁ ଗୁରୁ ମହାନ୍ତି ମୋତେ କହିଲେ ଯେ ତୁମେ ଏଲିୟଟଙ୍କ 'ୱେଷ୍ଟ ଲ୍ୟାଣ୍ଡ୍' ପଢ଼। ମୁଁ କିନ୍ତୁ ପ୍ରଥମେ ତାହା ପଢ଼ି କିଛି ବୁଝିପାରିଲି ନାହିଁ। କିନ୍ତୁ 'ୱେଷ୍ଟ ଲ୍ୟାଣ୍ଡ'ର ରିଦମ୍ ମୋତେ ଅତି ପ୍ରଭାବିତ କଲା। ଏହାଛଡ଼ା ସେଥିରେ ଥିବା କଥିତ ଭାଷାର ଶୈଳୀ ମଧ୍ୟ ମୋତେ ଛୁଇଁଥିଲା। ତାଙ୍କର କବିତାରେ ଥିବା ନୈରାଶ୍ୟବାଦ ମଧ୍ୟ ମୋର ପ୍ରଥମ କିଛି କବିତାକୁ ପ୍ରଭାବିତ କରିଛି।

**ସାହିତ୍ୟ ଚର୍ଚ୍ଚା:** ନୈରାଶ୍ୟବାଦର କଥା ଆପଣ ଯାହା କହିଲେ ସେହି ଦିଗଟିକୁ ବିଚାର କଲେ, କବିତାରେ ଆପଣ ଯେତେବେଳେ ମାନବୀୟ ଦୁଃଖ ବା ବେଦନାରେ କଥା କହନ୍ତି, ତାହାର ପରିଧି ବାହାରେ ମଧ୍ୟ ସେଥିରେ ଏକ ସକାରାତ୍ମକ ଜୀବନଦୃଷ୍ଟି ଝଲସୁ ଥାଏ। ଆପଣ କ'ଣ ସତରେ ଭାବନ୍ତି ଯେ ଦୁଃଖ ଓ ବେଦନା ମଣିଷ ଜୀବନର ଶେଷ କଥା ନୁହେଁ?

**ସୌଭାଗ୍ୟ କୁମାର ମିଶ୍ର:** ହଁ, ସେମିତି। କିନ୍ତୁ ମୁଁ ନୈରାଶ୍ୟବାଦୀ କବି ନୁହେଁ। ମୋ'ର 'ଅଷ୍ଟଜହ୍ନର ଏଲିଜି'ରେ ଏହାର ସ୍ପଷ୍ଟ ଚିତ୍ର ଆପଣ ପାଇପାରିବେ।

**ସାହିତ୍ୟ ଚର୍ଚ୍ଚା:** ୧୯୭୦ ଦଶକ ବେଳକୁ ଆପଣ ଆଧୁନିକ ଓଡ଼ିଆ କାବ୍ୟ ଜଗତରେ ଏକ ପ୍ରମୁଖ ସ୍ୱର ଭାବରେ ନିଜକୁ ସ୍ଥାପିତ କରିସାରିଥିଲେ। ଅଥଚ ସେତେବେଳର କାବ୍ୟଧାରାରେ ସମ୍ପୂର୍ଣ୍ଣ ଭାବରେ ସାମିଲ୍ ନ ହୋଇ ଆପଣ ଏକ ବ୍ୟତିକ୍ରମୀ ନୀତି ଆପଣାଇବାକୁ ଚେଷ୍ଟା କରିଥିଲେ, ବୋଧହୁଏ।

**ସୌଭାଗ୍ୟ କୁମାର ମିଶ୍ର:** ମୁଁ ସବୁବେଳେ ନିଜର ଏକ ଶୈଳୀ ତିଆରି କରିବାକୁ ଚେଷ୍ଟା କରିଥିଲି ଏବଂ କଲି ମଧ୍ୟ। ଯେଉଁ ଦୁଇଜଣଙ୍କ ଦ୍ୱାରା ମୁଁ ବେଶି ପ୍ରଭାବିତ ହୋଇଥିଲି, ସେମାନେ ହେଲେ ଗୁରୁ ମହାନ୍ତି ଓ ରମାକାନ୍ତ ରଥ। ମୋ'ର ଦ୍ୱିତୀୟ କବିତା ବହିଟିରେ ଆପଣ ଠଉରାଇପାରିବେ ଯେ ପ୍ରଥମ ବହିଠାରୁ ଏହା ଏକ ଭିନ୍ନ ମୋଡ଼ ନେଇଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ 'ମଧପଦଲୋପୀ' କବିତା ସଂକଳନର କଥା କହୁଛନ୍ତି!

**ସୌଭାଗ୍ୟ କୁମାର ମିଶ୍ର:** ହଁ ଏଥିରେ ମୁଁ 'ଆତ୍ମନେପଦୀ'ର ଶୈଳୀରୁ ବିଚ୍ୟୁତ ହେବାପାଇଁ ଚେଷ୍ଟା କରିଛି। ମୁଁ ଚାହୁଁଥିଲି, କିଛି ଗୋଟିଏ ନୂଆ କରିବାପାଇଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ପ୍ରଥମ ପୁସ୍ତକ 'ଆତ୍ମନେପଦୀ'ରେ ଆମର ଦୃଷ୍ଟିକୁ ଆସେ ପ୍ରକୃତିର ଏକ ସରଳ ଓ ଛନ୍ଦାୟିତ ଉପସ୍ଥାପନା, ଯେମିତି, 'ଆକାଶ ଉଡ଼ାଏ ତା'ର ବନାରସୀ ଶାଢ଼ିର ପଣତ'। ଏସବୁ ପଢ଼ିଲେ ମନେହୁଏ ଯେମିତି ଆପଣ ଆଧୁନିକ ଯୁଗରେ ନାହାନ୍ତି, ବରଂ ଅଛନ୍ତି ତାହା ପୂର୍ବର ସବୁଜ ଯୁଗରେ।

**ସୌଭାଗ୍ୟ କୁମାର ମିଶ୍ର:** ଏହା ସବୁଜ ଯୁଗର ଷ୍ଟାଇଲ୍ ମୋଟେ ନୁହେଁ। ସେ ଯୁଗର ଲିରିସିଜମ୍ ତ ଅଲଗା ପ୍ରକାର।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣଙ୍କର ଦ୍ୱିତୀୟ କବିତା ସଂକଳନରେ ଆପଣ କ'ଣ ସମକାଳୀନ ଆଧୁନିକତା ସହିତ

ତାଳ ଦେବା ଆରମ୍ଭ କଲେ ?

**ସୌଭାଗ୍ୟ କୁମାର ମିଶ୍ର:** ହଁ, ସେମିତି କୁହାଯାଇପାରେ।

**ସାହିତ୍ୟ ଚର୍ଚ୍ଚା:** ଆଧୁନିକତା ସହିତ ପରମ୍ପରାର ସଙ୍ଗମ ଆପଣଙ୍କର କବିତାର ଆଉ ଏକ ବିଶେଷତ୍ୱ; ଯେମିତିକି ଆପଣ 'ଗେଣ୍ଡା' କବିତାରେ ଓଡ଼ିଆ ଭାଗବତରୁ ମଧ୍ୟ ଚେନାଏ ଉଦ୍ଧାର କରିବାକୁ ପଛାଇନାହାନ୍ତି।

**ସୌଭାଗ୍ୟ କୁମାର ମିଶ୍ର:** ପାରମ୍ପରିକତାକୁ ଆଧୁନିକ ଢଙ୍ଗରେ ପ୍ରୟୋଗ କରିବା ହେଉଛି ଆଧୁନିକ କବିତାର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ। ଆମେ କହିପାରିବାନି ଯେ ଟି.ଏସ୍. ଏଲିଅଟ୍‌ଙ୍କ କବିତାରେ ଜନ୍ ଡନ୍‌ଙ୍କର ଶୈଳୀର କିଛି ହିଁ ପ୍ରଭାବ ପଡ଼ି ନ ଥିଲା। ସମକାଳୀନ କାବ୍ୟ ଧାରାରେ ପାରମ୍ପରିକତାର ଛାପ ଯେତେ ପ୍ରଚ୍ଛନ୍ନ ଭାବରେ ହେଲେ ବି, ନିଶ୍ଚିତ ଭାବରେ ରହିବ।

**ସେବର ଛନ୍ଦ ଆଉ ଫେରି ଆସିପାରିବ ନାହିଁ। କାରଣ ଯୁବ କବିମାନଙ୍କର ସେଇଟା ପସନ୍ଦ ନୁହେଁ; ସେମାନେ ତାକୁ ଛାଡ଼ି ସାରିଲେଣି।**

**ସାହିତ୍ୟ ଚର୍ଚ୍ଚା:** ତା'ର ଅର୍ଥ ଏଲିଅଟ୍ ନିଜର 'ଟ୍ରାଡିସନ୍ ଏଣ୍ଡ ଇଣ୍ଡିଭିଜୁଆଲ୍ ଟ୍ୟାଲେଣ୍ଟ' ପ୍ରବନ୍ଧରେ ଯାହା କହିଛନ୍ତି, ତାହା ସହିତ ଆପଣ ଏକମତ !

**ସୌଭାଗ୍ୟ କୁମାର ମିଶ୍ର:** ହଁ, ନିଶ୍ଚୟ। ତେବେ ଓଡ଼ିଆରେ ପାରମ୍ପରିକତା ବୋଲି କହିଦେଲେ ଆମେ ଭାବୁଛେ ଯେ ତାହା ପୁରୁଣାକାଳିଆ। କିନ୍ତୁ ଇଂରାଜୀରେ 'ଟ୍ରାଡିସନ' ଶବ୍ଦକୁ ଏକ ବ୍ୟାପକ ଅର୍ଥରେ ବ୍ୟବହାର କରାଯାଏ।

**ସାହିତ୍ୟ ଚର୍ଚ୍ଚା:** ଏକ ସମୟରେ ଆପଣ ଦେଶ ତଥା ବିଦେଶର ଅନେକ ମଞ୍ଚରେ ଓଡ଼ିଆ କବିତାର ପ୍ରତିନିଧିତ୍ୱ କରିଛନ୍ତି। ବିଶ୍ୱ ସାହିତ୍ୟର ପ୍ରେକ୍ଷାପଟରେ ସେତେବେଳେ ଓଡ଼ିଆ କବିତାର ଯେଉଁ ଛବି ଥିଲା, ସାମ୍ପ୍ରତିକ କାଳରେ ସେଥିରେ କିଛି ଉନ୍ନତି ହୋଇଛି, ନା ଅବନତି ?

**ସୌଭାଗ୍ୟ କୁମାର ମିଶ୍ର:** ଏବେ ଓଡ଼ିଆ କବିତାର ଉନ୍ନତି ହୋଇଛି ବୋଲି ମୋର ବିଶ୍ୱାସ। କିନ୍ତୁ ଆଜିର ସମୟରେ କବିତାକୁ ଗୋଟିଏ ନଭେଲ୍ ଭଳି ଗୁରୁତ୍ୱ ଦେଇ ପଢ଼ାଯାଉନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣ କ'ଣ ଭାବୁଛନ୍ତି ଯେ ଧୀରେ ଧୀରେ ପ୍ରାଚୀନ ଛନ୍ଦ ଏବେ ଆମ କବିତାକୁ ନୂଆ ରୂପରେ ଫେରିଆସୁଛି ?

**ସୌଭାଗ୍ୟ କୁମାର ମିଶ୍ର:** ସେବର ଛନ୍ଦ ଆଉ ଫେରି ଆସିପାରିବ ନାହିଁ। କାରଣ ଯୁବ କବିମାନଙ୍କର ସେଇଟା ପସନ୍ଦ ନୁହେଁ; ସେମାନେ ତାକୁ ଛାଡ଼ି ସାରିଲେଣି। ଉଦାହରଣ ସ୍ୱରୂପ ଗିରିଜା ବଳିଆର ସିଂହ ଅନୁପ୍ରାସ ଲଗେଇ ଯେମିତି କବିତା ଲେଖିଛନ୍ତି, ସେମିତି ତାଙ୍କୁ ଛାଡ଼ି ଆଉ କିଏ କରିଛନ୍ତି ?

**ସାହିତ୍ୟ ଚର୍ଚ୍ଚା:** କବିତା ବ୍ୟତୀତ ସାହିତ୍ୟର ଅନ୍ୟ ବିଭାଗଗୁଡ଼ିକରେ କଲମ ଚାଳନା ପାଇଁ ଆପଣ ଆଗ୍ରହୀ ହୋଇନାହାନ୍ତି କାହିଁକି ? ଅବଶ୍ୟ, 'କଥା ଚାରିପଦ'ରେ ଥିବା ସେଇ ଚାରୋଟି ମାତ୍ର ଗଳ୍ପକୁ ଛାଡ଼ି।

**ସୌଭାଗ୍ୟ କୁମାର ମିଶ୍ର:** ନାଟକ ତ ମୁଁ ଲେଖେ ନାହିଁ। ତେବେ ଉପନ୍ୟାସ ବା ଗଳ୍ପ ଲେଖିବାକୁ ଚେଷ୍ଟା କରୁଥିଲି; ଗଳ୍ପ ଚାରିଟି ଉତୁରିଲା। ବିଭିନ୍ନ ସମୟରେ ଆଲୋଚନାମୂଳକ ପ୍ରବନ୍ଧ ମଧ୍ୟ କିଛି ଲେଖିଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ ନିଜର ସର୍ବଶେଷ କବିତାଟି ଲେଖିବାର ବହୁ ସମୟ ବିତିଗଲାଣି, ବୋଧହୁଏ।

**ସୌଭାଗ୍ୟ କୁମାର ମିଶ୍ର:** ବର୍ଷେ ଖଣ୍ଡେ ହେବ କିଛି ଲେଖିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଏମିତି କାହିଁକି ?

**ସୌଭାଗ୍ୟ କୁମାର ମିଶ୍ର:** ବିଭିନ୍ନ ସ୍ଥାନକୁ ଯିବାଆସିବାରେ ବ୍ୟସ୍ତ ରହିଲି; ତା'ପରେ ମୋର ଅସୁସ୍ଥତା ମଧ୍ୟ ଆଉ ଏକ କାରଣ।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଏଇ ସମୟ ମଧ୍ୟରେ କିଛି କିଛି କବି-ଭାବ ତ ମନ ଭିତରେ ନିଶ୍ଚୟ ଖେଳୁଥିବ।

**ସୌଭାଗ୍ୟ କୁମାର ମିଶ୍ର:** ହଁ ଏ ଭିତରେ ତ କବିତାର ଅନେକ ଭାବର ଲହଡ଼ି ତ ମନରେ ସୃଷ୍ଟି ହୋଇଛି, କିନ୍ତୁ ସେଗୁଡ଼ିକର ଗର୍ଭପାତ ହୋଇଗଲା।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋଜ୍ଞ ଆଲୋଚନାଟି ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ।

□□


ଗଳ୍ପ

# ସ୍ରଷ୍ଟା ଓ ସୃଷ୍ଟି



ସଂଗୀତା ପତି

ସ୍ନିଗ୍ଧା ଦେବୀଙ୍କ ମନ ଆନନ୍ଦରେ କୁରୁଳି ଉଠୁଥିଲା। ତାଙ୍କ ଜୀବନର ସ୍ୱପ୍ନକୁ ପୁଅ ରବିନ୍ ଆଜି ସାକାର କରିଛି। ତାଙ୍କର ଅସମ୍ଭବ ଅପୂର୍ଣ୍ଣ ଇଚ୍ଛାକୁ ସେ ପୁଅ ମାଧ୍ୟମରେ ସମ୍ଭବ କରିପାରିଛନ୍ତି। ବିରାଟ ବଡ଼ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଯୋଗଦେବାକୁ ତାଙ୍କ ପୁଅକୁ ଆମନ୍ତ୍ରିତ କରାଯାଇଛି। ବିଭିନ୍ନ ଦେଶର ସବୁ ବଡ଼ ବଡ଼ ଚିତ୍ରଶିଳ୍ପୀମାନେ ଯୋଗ ଦେବେ ଏବଂ ତାଙ୍କ ପୁଅ ରବିନ୍ ବି... ଏହାଠାରୁ ବଡ଼ ଖୁସିର କଥା କ'ଣ ହେଇପାରେ। ପୁଅର ପ୍ରତିଷ୍ଠାରେ, ସୁନାମରେ ତାଙ୍କ ଛାତି ଆନନ୍ଦରେ ଫାଟି ପଡୁଥିଲା। ନିଜ ସ୍ୱପ୍ନକୁ ସାକାର କରିଥିଲେ ନିଜ ସାନପୁଅ 'ରବିନ୍' ମାଧ୍ୟମରେ, ସେଥିପାଇଁ ଈଶ୍ୱରଙ୍କୁ ପ୍ରତିଦିନ ସକାଳୁ ରାତ୍ରି ଯାଏ କୃତଜ୍ଞତା ଜଣାଉଥିଲେ।



ମନେ ପଡୁଥିଲା ତାଙ୍କର ନିଜର ପୁରୁଣା କଥା ... ସେ ନିଜ ପାଇଁ ଝିଅଟିଏ ଚାହୁଁ ଥିଲେ। ସାଧାରଣତଃ ପୁଅଟେ ହେଲେ ମା' ଓ ପରିବାର ଖୁସି ହୁଅନ୍ତି। କିନ୍ତୁ ଯେଉଁ ମା' ପରିସ୍ଥିତିର ଚାପରେ ପଡ଼ି ନିଜ ସ୍ୱପ୍ନକୁ ସାକାର କରିପାରି ନ ଥାଏ ଏବଂ ନିଜ ଅପୂର୍ଣ୍ଣ ସ୍ୱପ୍ନ ଭିତରେ ନିଜକୁ ଖୋଜୁଥାଏ, ସେ ମନେ ମନେ କନ୍ୟା ସନ୍ତାନଟିଏ ଚାହେଁ, କାରଣ ତା' ଦ୍ୱାରା ନିଜର ଅପୂର୍ଣ୍ଣ ସ୍ୱପ୍ନକୁ ପୂର୍ଣ୍ଣ କରିବାକୁ ଶତ ପ୍ରତିଶତଠାରୁ ବି ଅଧିକ ଚେଷ୍ଟା କରେ ଓ ସଫଳ ହୁଏ ମଧ୍ୟ ଏବଂ ନିଜ ସ୍ୱପ୍ନ ପୂରଣ ହୋଇଯିବାର ଆନନ୍ଦ ଅନୁଭବ କରେ। ନିଜ କନ୍ୟା ଭିତରେ ସେ ନିଜକୁ ପାଏ। ନିଜର ପ୍ରତିଛବି ତାକୁ ତା' ଝିଅ ମଧ୍ୟରେ ଦୃଶ୍ୟ ହୁଏ। ସେଥିପାଇଁ ସ୍ନିଗ୍ଧା ନିଜ ପାଇଁ ଏକ କନ୍ୟା ସନ୍ତାନ ଚାହୁଁଥିଲେ। କିନ୍ତୁ ନିୟତିର ଇଚ୍ଛା ଆଗରେ ଈଶ୍ୱର ବି ଅସମର୍ଥ, ତାଙ୍କର କନ୍ୟା ନୁହେଁ ପୁତ୍ର ସନ୍ତାନଟିଏ ହେଲା। ସମସ୍ତେ ଖୁସିରେ ଫାଟି ପଡୁଥିବା ବେଳେ, ସେ ମନରେ କେମିତି ନିରାଶ ଓ ଅଭାବ ବୋଧ ଅନୁଭବ କରୁଥିଲେ। ମନେ, ମନେ ଝିଅର ନାମ ଶିଳ୍ପୀ ରଖିବେ ବୋଲି ବି ଠିକ୍ କରିସାରିଥିଲେ ... କିନ୍ତୁ ......

ସାଧାରଣତଃ ପୁଅମାନଙ୍କୁ ବାପାମାନେ ତାଙ୍କ ନିଜ ସ୍ୱପ୍ନରେ ଗଢ଼ିବାକୁ ଚାହାନ୍ତି, ତାଙ୍କ ଘରେ ବି ସେଇୟା ହେଲା। ସ୍ନିଗ୍ଧା ପୁଅ ରୀତେଶକୁ ପାଠ ସହ ଚିତ୍ର କଳା ସ୍କୁଲରେ ଆଡମିଶନ୍ କରିବାକୁ ଚାହୁଁଥିଲେ, କିନ୍ତୁ ତା' ବାପା ତାଙ୍କୁ ବିରୋଧ କରି ପୁଅକୁ ଗଣିତ ଅଲିମ୍ପିଆଡ୍ ଓ ଖେଳରେ କୋଚିଙ୍ଗ ଦେବାକୁ ଇଚ୍ଛା କଲେ। ସ୍ନିଗ୍ଧା ନିଜ ସ୍ୱପ୍ନରୁ ଓହରିଗଲେ। ରୀତେଶ ହେବାର ଆଠବର୍ଷ ପରେ ପୁଣି ସ୍ନିଗ୍ଧା ସନ୍ତାନ ସମ୍ଭବା ହେଲେ। ପୁଣି ତାଙ୍କ ମନରେ ଆଶା ଉଜ୍ଜୀବିତ ହୋଇ ଉଠିଲା ଝିଅଟିଏ ପାଇଁ ... ନା ଏଥର ବି ପୁଅ ... ସ୍ନିଗ୍ଧା ନିରାଶ ହେଲେନି। ସାନ ପୁଅର ନାମକରଣ କଲେ ତାଙ୍କର ପ୍ରିୟ ଚିତ୍ରଶିଳ୍ପୀ ମହାନ୍ ଚିତ୍ରକାର 'ରବି ବର୍ମା'ଙ୍କ ନାମରେ 'ରବିନ୍' ଏବଂ ଛୋଟ ବେଳୁ ତାକୁ ରଙ୍ଗ ପେନ୍ସିଲ୍‌ରେ ନିଜେ ଚିତ୍ର କରିବା ଶିଖାଇଲେ। ପୁଅ ବି ଖୁସିରେ ତାଙ୍କ କଥା ମାନୁଥିଲା। ସ୍ନିଗ୍ଧାଙ୍କର କିଛି କିଛି ଚିତ୍ର ବିଷୟରେ ଧାରଣା ଥିଲା। ପିଲାବେଳେ ତାଙ୍କ ଭାଇକୁ ଚିତ୍ର ଶିଖାଇବା ପାଇଁ ଆର୍ଟ୍ ସ୍କୁଲ ପଠାଯାଉଥିଲା। ଭାଇର ଇଚ୍ଛା ନ ଥିଲା ଶିଖିବା ପାଇଁ, କିନ୍ତୁ ତାଙ୍କର ପ୍ରବଳ ଇଚ୍ଛା ଥିଲା ଶିଖିବାକୁ, ଭାଇର ହୋମୱାର୍କ ସବୁ ସେ ଲୁଚି ଲୁଚି କରୁଥିଲେ, ସେଥିପାଇଁ ଭାଇ ତାଙ୍କୁ ଚକୋଲେଟ୍ ଓ ହେୟାର

କ୍ଲିପ୍ ଲାଞ୍ଚ ଦେଉଥିଲା। ସେଥିପାଇଁ ସେ ଯେତିକି ଶିଖିଥିଲେ ରବିନ୍‌କୁ ଶିଖାଇଲେ ଘରେ, ତା'ପରେ ତାକୁ ଏକ ସ୍କୁଲରେ ଆଡ୍‌ମିଶନ୍ କରିଦେଲେ। ସେବେଠାରୁ ରବିନ୍ ଆଉ ପଛକୁ ଫେରି ଚାହିଁନି, ଆଗକୁ ବଢ଼ି ଚାଲିଛି। ତାଙ୍କୁ ନିରାଶ କରିନି କେବେ...

ରବିନ୍ ସଫଳତାର ଶିଢ଼ି ଗୋଟେ ପରେ ଗୋଟେ ଚଢ଼ି ଚାଲିଥିଲା। ପୁରସ୍କାର ପରେ ପୁରସ୍କାର ପାଇ ଚାଲିଥିଲା। ଦିନକୁ ଦିନ ତା'ର ହାତ ନିଖୁଣ ଓ ପରିପକ୍ୱ ହୋଇ ଉଠୁଥିଲା, ତା' ସହ ନିଜର ବୁଦ୍ଧି, ନିପୁଣତା ଓ ସର୍ଜନାତ୍ମକ କଳା ବି।

ଏବେ ସେ ଅତି ଅଳ୍ପ ବୟସରୁ ଚିତ୍ରଶିଳ୍ପୀର ଆଖ୍ୟା ପାଇ ସାରିଥିଲା। ତା' ନିଜର ଗୁରୁଙ୍କ ଠାରୁ ବି ବୁଦ୍ଧି ଓ ବିଚକ୍ଷଣତାରେ ପାଦେ ଆଗକୁ ବଢ଼ିଯାଇଥିଲା। ଶହ ଶହ ଚିତ୍ର କରି ବି, ତାର ମନ ସନ୍ତୁଷ୍ଟ ହେଉ ନ ଥିଲା। ତା' ନିଜର ପ୍ରତି ସୃଷ୍ଟିକୁ ନିରୀକ୍ଷଣ କରି ଦେଖିଲା ବେଳେ ତାକୁ ଲାଗୁଥିଲା ଯେମିତି କିଛି ଅଭାବ ରହି ଯାଇଛି। ଗୋଟେ ପେଣ୍ଟିଂଠାରୁ ଆଉ ଗୋଟେ ପେଣ୍ଟିଂ ଅଧିକ ନିଖୁଣ ଓ ସୁନ୍ଦର ହେଉଥିଲା। ସବୁଗୁଡିକ ଏକକୁ ବଳି ଆରେକ ଥିଲା, ତଥାପି ତା' ମନ ଅସନ୍ତୁଷ୍ଟ ରହୁଥିଲା, ମନ ଭରୁ ନ ଥିଲା।

**ସ୍ରଷ୍ଟା ନିଜ ସୃଷ୍ଟିକୁ ଦେଖି ଏତେ ବିମୋହିତ ହୋଇଗଲା ଯେ ମନେ ମନେ ମନେ ତାକୁ ପ୍ରେମ କରି ବସିଲା।**

ସେ ଆମନ୍ତ୍ରିତ ହୋଇଥିବା ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଯୋଗଦେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲା ଏବଂ ଥିମ୍ ସିଲେକ୍ଟ କଲା 'ନାରୀ'। ସେ ଚିନ୍ତା କଲା ଏକ ନିଖୁଣ ଚିତ୍ର ପରି ନୁହଁ, ଏକ ଜୀବନ୍ତ ନାରୀ ଚିତ୍ର ନିଜ ରଙ୍ଗ ତୂଳୀରେ କାନଭାସ୍ ଉପରେ ଆଙ୍କିବା ପାଇଁ... ଏଇଟା ଯେମିତି ହେବ ତା' ଜୀବନର 'ଶ୍ରେଷ୍ଠ କୃତି'।

ଜୀବନ୍ତ ଚିତ୍ରଟିଏ ଆଙ୍କିବା ପାଇଁ ଗୋଟେ ଜୀବନ୍ତ ମଡେଲର ଝଲକାଏ ଦୃଶ୍ୟପଟ ନିହାତି ଦରକାର ତା' କଳାକାର ମନ ଜାଣି ଥିଲା। ସେଥିପାଇଁ ସେ ପ୍ରାୟ ଝିଅମାନଙ୍କୁ ଲକ୍ଷ୍ୟ କରୁଥିଲା ନିଜ ଚିତ୍ରକରର ଦୃଷ୍ଟିରେ, କିନ୍ତୁ କେହି ତା' ମନକୁ ଛୁଇଁପାରୁ ନ ଥିଲେ। ଦିନେ ପାର୍କରେ ବସି ଚିତ୍ର ଆଙ୍କୁଥିବା ବେଳେ ଏକ ଆଠ, ଦଶ ବର୍ଷର ହେବ ସୁନ୍ଦର ଛୋଟ ଚୁଲବୁଲି ଝିଅଟେ ତା'ର ମନକୁ ପ୍ରଭାବିତ କଲା। ତା'ପରେ ତାକୁ ମନରେ ରଖି ନିଜର କାନ୍‌ଭାସ୍ ଉପରେ ରଙ୍ଗ ଦେଲା। ତା' ପରେ ନିଜର ଶିଳ୍ପୀ ମନର କଳ୍ପନାର ଆଖିରେ ତାକୁ ବଡ଼ କରି ଚାଲିଥିଲା କାନଭାସ୍‌ର ଚିତ୍ରପଟରେ ...ଦଶ ବର୍ଷର .... ପନ୍ଦର ବର୍ଷର ...ଅଠର ବର୍ଷର... ପଚିଶ ବର୍ଷର.... ଏବଂ ସତେଇଶ ବର୍ଷର ଯୁବତୀ ପାଖରେ ତା' ତୂଳୀ ରହିଗଲା, ଆଉ ଆଗକୁ ବଢ଼ିବା ଦରକାର ନ ଥିଲା .... ପୂରା ପରିପୂର୍ଣ୍ଣ, ନିଖୁଣ କଥା କୁହା ଜୀବନ୍ତ ନାରୀର ଚିତ୍ରପଟ। ଦେଖିଲେ ଲାଗୁଥିଲା ଯେମିତି କାନ୍‌ଭାସ୍‌ରୁ ବାହାରି ଆସୁଛି ସେ, ଆଖିର ଚାହାଣିର ମାଦକତା, ଅସମ୍ଭବ ଅଙ୍ଗ ସୌଷ୍ଠବରେ ବିଭୂଷିତା, ଜୀବନ୍ତ ପରୀକନ୍ୟା ପରି ....

ନିଜ ଆଖିକୁ ନିଜେ ବିଶ୍ୱାସ କରି ପାରୁ ନ ଥିଲା ନିଜ କୃତିକୁ ଦେଖି। ସ୍ରଷ୍ଟାର ମୁହଁ ଖୁସିରେ ଝଲସି ଉଠିଲା, ଘାସ ଉପରେ ସକାଳର ସୂର୍ଯ୍ୟ କିରଣ ହସିଲା ପରି। ସ୍ରଷ୍ଟା ନିଜ ସୃଷ୍ଟିକୁ ଦେଖି ଏତେ ବିମୋହିତ ହୋଇଗଲା ଯେ ମନେ ମନେ ମନେ ତାକୁ ପ୍ରେମ କରି ବସିଲା। ଏହିଟା ଥିଲା ତା'ର ନିଜ ପାଇଁ 'ଶ୍ରେଷ୍ଠ କୃତି'। ଅନ୍ତର୍ଜାତୀୟ ଚିତ୍ର ପ୍ରଦର୍ଶନୀରେ ବି ତା'ର ଏହି ନାରୀ ଚିତ୍ରପଟଟିକୁ ଶ୍ରେଷ୍ଠ କଳାର ପୁରସ୍କାର ମିଳିଲା, ବହୁତ ମହାନ୍ ବିରାଟ ଓ ଆଗ ଧାଡ଼ିର କଳାକାରମାନଙ୍କୁ ପଛରେ ପକାଇଦେଇ।


କଳାକାର ଜୀବନକୁ ପରିପୂର୍ଣ୍ଣତା ମିଳିଗଲା ଭଳି ସେ ଅନୁଭବ କଲା ନିଜେ ନିଜେ...

କିନ୍ତୁ ........ମନର କଳ୍ପନାରେ ସେ ଯେଉଁ ଏକ ଅସମ୍ଭବ ସୁନ୍ଦର ଚିତ୍ର ପ୍ରତିମା ଆଙ୍କିଦେଲା ରଙ୍ଗ ତୂଳୀର ଯାଦୁରେ ...ତା' ନିଜ ଆଖି ଲାଖି ରହିଗଲା ସେହି ଚିତ୍ରପଟରେ, ଏବଂ ଏକ ଅଦୃଶ୍ୟ ଆକର୍ଷଣରେ ଟାଣି ହୋଇଯାଉଥିଲା ତା' ହୃଦୟ। ନିଜ ସୃଷ୍ଟି ପାଖରେ ନିଜେ ହାରିଗଲା। ସେ ମନେ ମନେ ସେଇଭଳି ଏକ ଜୀବନ୍ତ ଝିଅ ଖୋଜି ବୁଲିଲା।

ଏହା ଭିତରେ ତା'ର ବିବାହ ବୟସ ହୋଇଯାଇଥିଲା। ସ୍ନିଗ୍ଧା ପୁଅ ପାଇଁ ଝିଅ ଦେଖିବାରେ ଲାଗିଥିଲେ। ସେ ତାଙ୍କ ଜୀବନ ଓ ପୁଅର ଜୀବନ ସାର୍ଥକ ହୋଇଗଲା ଭଳି ଅନୁଭବ କରୁଥିଲେ, ପୁଅର ସଫଳତାରେ ଓ ପ୍ରତିଷ୍ଠାରେ। ସୁନ୍ଦରରୁ ସୁନ୍ଦରତର ଆଭିଜାତ୍ୟ ବଂଶର ଝିଅମାନଙ୍କର ପ୍ରସ୍ତାବ ଆସୁଥିଲା ରବିନ୍ ପାଇଁ, କିନ୍ତୁ ରବିନ୍ ସବୁ ଫଟୋକୁ ନିଜର ପେଣ୍ଟିଂ ସହ

ତୁଳନା କରୁଥିଲା ଓ ତାକୁ କେହି ପସନ୍ଦ ଆସୁ ନ ଥିଲେ। ସ୍ନିଗ୍ଧା ବୁଝିପାରୁ ନ ଥିଲେ ପୁଅ କ'ଣ ଚାହୁଁଛି। ଏମିତି ଜାଣିବାରେ ତା'ର କେହି ଝିଅ ସାଙ୍ଗ ନ ଥିଲେ, ତଥାପି ବ୍ୟସ୍ତ ହୋଇ ତାକୁ ଓ ତା'ର ସାଙ୍ଗମାନଙ୍କୁ ପଚାରୁଥିଲେ କିନ୍ତୁ କିଛି ସମାଧାନ ପାଉ ନ ଥିଲେ।

ରବିନ୍ ଦିନକୁ ଦିନ ଅନ୍ୟମନସ୍କ ହୋଇପଡୁଥିଲା। ଏବେ ରାତି ରାତି ତା' ଚିତ୍ର କୋଠରିରେ ସମୟ ବିତାଉଥିଲା, ତା'ର ସେହି ଶ୍ରେଷ୍ଠ କୃତି ସହ। ଏହା ଭିତରେ ସେ ତା'ର ନାମକରଣ ବି କରିସାରିଥିଲା 'ତୃଷ୍ଣା'। ସେ ଘଣ୍ଟା ଘଣ୍ଟା ଧରି ତାକୁ ଚାହିଁ ରହୁଥିଲା ଏବଂ ତାକୁ ଜୀବନ୍ତ କରୁଥିଲା ନିଜ ମାନସପଟରେ ଏବଂ ତା'ପରେ ତା' ସହ କଥାବାର୍ତ୍ତା ଓ ପ୍ରେମାଳାପ ବି କରୁଥିଲା। ନିଜର ଅସ୍ତିତ୍ୱକୁ ଭୁଲି ଚାଲିଯାଉଥିଲା ଏକ କଳ୍ପନା ଦୁନିଆକୁ... ନିଜ କଳ୍ପନାର ଚିତ୍ର 'ତୃଷ୍ଣା' ସହ ଏବଂ ତା' ଆଚରଣ ବି ଦିନକୁ ଦିନ ଅସ୍ୱାଭାବିକ ହୋଇଯାଉଥିଲା ଧୀରେ ଧୀରେ...



କିଛି ଦିନର ଅନ୍ୱେଷଣ ପରେ ସ୍ନିଗ୍ଧା ପୁଅ ବିଷୟରେ ଜାଣିପାରିଲେ। ପ୍ରଥମେ ସେ ଏହାକୁ ହାଲକାରେ ନେଲେ। ଯେତେବେଳେ ସମୟ, ସୁଯୋଗ ଦେଖି ରବିନ୍ ସହ ଏ ବିଷୟରେ ବାର୍ତ୍ତାଳାପ କଲେ, ଜାଣି ପାରିଲେ ପୁଅ ତାଙ୍କର ଅନ୍ୟ ଏକ କଳ୍ପନାର ଦୁନିଆରେ ବିଚରଣ କରୁଛି। ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଲେ। ଚିତ୍ରକର ନିଜର ଚିତ୍ରକଳା ପ୍ରତି ଏତେ ଆକୃଷ୍ଟ ଯେ ନିଜର ବାସ୍ତବିକ ଜୀବନକୁ ଭୁଲିଗଲାଣି। ସେ ମନେ ମନେ ଖୋଜି ବୁଲିଲେ କାଳେ ସତରେ କେଉଁ ଝିଅକୁ ଦେଖି ରବିନ୍ ଚିତ୍ରପଟ ଆଙ୍କିଥିବ, କିନ୍ତୁ ଯେତେବେଳେ ନିଜର ଅନୁସନ୍ଧାନରୁ ଜାଣିଲେ ଯେ ଚିତ୍ରର ମୂଳଦୁଆ ଏକ ଦଶ ବର୍ଷର ଝିଅ, ଯାହାକୁ କି ଚିତ୍ରଶିଳ୍ପୀ ନିଜ କଳ୍ପନାରେ ସତେଇଶ ବର୍ଷର କରିଛି... ସେ ମୁଣ୍ଡରେ ହାତ ଦେଇ ବସି ପଡ଼ିଲେ। ଭାବିଲେ ..ଏ ତ ଅତି ଅସମ୍ଭବ କଥା ... ଏମିତି ଝିଅ ମିଳିବା ଅସମ୍ଭବ ... ସ୍ନିଗ୍ଧାଙ୍କ ମୁଣ୍ଡ ଉପରେ ଆକାଶ ଭାଙ୍ଗିପଡ଼ିବା ଭଳି ଲାଗିଲା। ଏବଂ ସେ ପୁଅର ପରିବର୍ତ୍ତିତ ସ୍ୱଭାବ ଓ ଆଚରଣରେ ବ୍ୟଥିତ ହୋଇ ପଡୁଥିଲେ ଦିନକୁ ଦିନ.....

ପୁଅର ପାଗଳାମୀକୁ ଠିକ୍ କରିବାକୁ ସେ ଏକ ଉପାୟ ଚିନ୍ତା କଲେ। ପେଣ୍ଟିଂ 'ତୃଷ୍ଣା'ର ବିଜ୍ଞାପନ କଲେ ବିକ୍ରି କରିବା ପାଇଁ ଏବଂ ରବିନ୍ ନ ଥିବା ବେଳେ ବିକ୍ରି କରିଦେଲେ। ରବିନ୍ ଘରକୁ ଫେରି ପେଣ୍ଟିଂଟିକୁ ନ ପାଇ ପାଗଳ ପ୍ରାୟ ଖୋଜିଲା ତା' ଚିତ୍ରପଟଟିକୁ। ତୃଷ୍ଣା .. ତୃଷ୍ଣା ବୋଲି ବିକଳ ହୋଇ ଖୋଜି ବୁଲିଲା ସତେ ଯେମିତି ତୃଷ୍ଣା ଏକ ଜୀବନ୍ତ ପ୍ରେମିକା ତା'ର ...

ସ୍ନିଗ୍ଧା ଦେବୀ ଯେତେ ଚେଷ୍ଟା କଲେ ବି ରବିନ୍ ଏବେ ଆଉ ପେଣ୍ଟିଂ କରିପାରୁନି। ଚୁପଚାପ୍, ଗୁମସୁମ୍ ହୋଇ ବସୁଛି, ଯେମିତି ତା'ର ସବୁ କିଛି ଧ୍ୱସ୍ତ ହୋଇଯାଇଛି, ସେ ହୋଇ ଯାଇଛି .. ନିର୍ବାକ୍, ନିରୁତ୍ତର, ନିଥର ଓ ନିସ୍ତବ୍ଧ.. !

ସ୍ନିଗ୍ଧା ନିଜକୁ ଦୋଷୀ ଓ ଅସହାୟ ମଣୁଥିଲେ। ଡାକ୍ତର କହୁଛନ୍ତି କିଛି ଦିନ ମାନସିକ ଚିକିତ୍ସା କରିବା ପାଇଁ, ରବିନ୍‌ର ମେଣ୍ଟାଲ ଇମ୍ବାଲାନ୍ସ ମାନେ 'ମାନସିକ ଅସନ୍ତୁଳନ' ହୋଇଯାଇଛି। ସ୍ନିଗ୍ଧାଙ୍କ ହୃଦୟ ଏବେ ରିକ୍ତ, ଶୂନ୍ୟ ... ଆକସ୍ମିକତା ବେଳେବେଳେ ବଦଳାଇଦିଏ ସବୁ କିଛି। ସେ କେତେବେଳେ ଶୂନ୍ୟକୁ ଚାହିଁ ଓ କେତେବେଳେ ଈଶ୍ୱରଙ୍କୁ ଚାହିଁ ପ୍ରଶ୍ନ କରୁଥିଲେ ... ମୋର ଭୁଲ୍ କେଉଁଠି ରହିଲା ? ରବିନ୍‌କୁ କଳାକାର କରି ଗଢ଼ି ତୋଳିବା ଭୁଲ୍ ଥିଲା, ନା ତା' କୃତିକୁ ତା' ଭଲ ପାଇଁ ତା'ଠାରୁ ଛଡ଼ାଇନେବା ଭୁଲ ହେଲା। ଏହି ପ୍ରଶ୍ନ ବାରମ୍ବାର ଭଗବାନଙ୍କୁ ସେ ପଚାରୁଥିଲେ ଠାକୁର ଘରେ ମୁଣ୍ଡ ବାଡ଼େଇ.. ବାଡ଼େଇ......

□□

ଲେଖିକାଙ୍କ ଇ-ମେଲ ଠିକଣା:
sangita26pati@gmail.com



ପ୍ରବନ୍ଧ

# ଓଡ଼ିଆ ପତ୍ରିକାମାନଙ୍କର ପୂଜା ସଂଖ୍ୟା, ୨୦୨୩ - ଏକ ଦୃଷ୍ଟିପାତ

ଭାରତୀ ବାରିକ

ଓଡ଼ିଆ ପତ୍ରିକାମାନଙ୍କର ପୂଜା ସଂଖ୍ୟା ସମକାଳୀନ ଓଡ଼ିଆ ସାହିତ୍ୟର ଗତି ଓ ପ୍ରକୃତି ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଏହି ପୂଜା ସଂଖ୍ୟାର ପରମ୍ପରା ଆମ ପତ୍ରପତ୍ରିକା ଜଗତରେ ବଙ୍ଗ ପ୍ରଦେଶରୁ ଆମଦାନୀ ହୋଇ ଏକଦା ଅନୌପଚାରିକ ଭାବରେ ପ୍ରବେଶ କରିଥିଲେ ହେଁ ଆଜି ଆମ ରାଜ୍ୟରେ ସାହିତ୍ୟ ପତ୍ରିକା କହିଲେ ପୂଜା ସଂଖ୍ୟାଗୁଡ଼ିକୁ ହିଁ ବୁଝାଏ। କଲିକତାରୁ ପ୍ରକାଶ ପାଉଥିବା ତତ୍କାଳୀନ ସମ୍ଭ୍ରାନ୍ତ ଓଡ଼ିଆ ପତ୍ରିକା 'ଆସନ୍ତାକାଲି' ୧୯୫୧ ମସିହାରେ ପ୍ରଥମ ପୂଜାସଂଖ୍ୟା ପ୍ରକାଶ କରିଥିଲା। ସେତେବେଳେ କଲିକତାର ବଙ୍ଗଳା ପତ୍ରିକାମାନଙ୍କରେ ଦୁର୍ଗାପୂଜା ଅବସରରେ ସ୍ୱତନ୍ତ୍ର ପୂଜା ସଂଖ୍ୟା ପ୍ରକାଶିତ ହେବାର ପରମ୍ପରା ଦୃଢ଼ ଆସ୍ଥାନ ଜମାଇ ସାରିଥିଲା। କ୍ରମେ ଓଡ଼ିଶାର କିଛି ପତ୍ରିକା ଏହାର ଅନୁକରଣ କଲେ। ଏହାର କ୍ରମ ଅଭିବୃଦ୍ଧି ଘଟି ଆଜି ପରିସ୍ଥିତି ଏପରି ହୋଇଛି ଯେ ପୂଜାସଂଖ୍ୟା ବିନା ଯେକୌଣସି ଓଡ଼ିଆ ପତ୍ରିକାର ପରିଚୟ ଅପୂର୍ଣ୍ଣ ବୋଲି କୁହାଯାଇପାରେ।



### ପୂଜା ପତ୍ରିକାଙ୍କ ସଂଖ୍ୟା

ପ୍ରତିବର୍ଷ ଦଶହରାର ଅବ୍ୟବହିତ ପୂର୍ବରୁ ସ୍ୱତନ୍ତ୍ର ପୂଜା ବିଶେଷାଙ୍କ ପ୍ରକାଶ କରୁଥିବା ପତ୍ରିକାମାନଙ୍କର ସଂଖ୍ୟା ବେଶ୍ ପ୍ରଣିଧାନ ଯୋଗ୍ୟ। ପୂର୍ବେ କେତୋଟି ପୂଜା ପତ୍ରିକା ପ୍ରକାଶ ପାଉଥିଲା ତାହା ଜାଣିବା ପାଇଁ ଯଦିଓ କିଛି ବିଧିବଦ୍ଧ ଆଧାର ନାହିଁ, ଦିନାଙ୍କ ୪.୧୨.୨୦୦୭ରେ 'ସମୟ' ସମ୍ବାଦପତ୍ରରେ ପ୍ରକାଶିତ ଏକ ସମ୍ବାଦରୁ ଜଣାଯାଏ ଯେ ସେ ବର୍ଷ (୨୦୦୭ ମସିହାରେ) ୭୧ଟି ଦୁର୍ଗାପୂଜା ବିଶେଷାଙ୍କ ପ୍ରକାଶ ପାଇଥିଲା। ଏହି ସଂଖ୍ୟାକୁ ବିଚାରକୁ ନେଇ ଏବର ପୂଜା ପତ୍ରିକାମାନଙ୍କ ସହିତ ତୁଳନା କଲେ ଆମେ ପାଇବା ଯେ ଏଥିରେ ବିଶେଷ ପରିବର୍ତ୍ତନ ହୋଇନାହିଁ। କରୋନା ମହାମାରୀ କାରଣରୁ ଓଡ଼ିଶାର ପତ୍ରିକା ବଜାର ୨୦୨୦ ଓ ୨୦୨୧ ମସିହାରେ ପ୍ରାୟତଃ ବନ୍ଦ ହୋଇପଡିଥିଲା। ଏହାପରେ ୨୦୨୨ ମସିହାରେ ଏକ ନବୀନ ଉତ୍ସାହ ସାଉଁଟି ଏହା ନବ କଳେବର ନେଲା। ଅବଶ୍ୟ ଗତବର୍ଷ, ଅର୍ଥାତ୍ ୨୦୨୨ ମସିହାରେ, ୯୮ଟି ପୂଜା ପତ୍ରିକା ଭୁବନେଶ୍ୱରର ପତ୍ରିକା ବଜାରରେ ପହଞ୍ଚିଥିବା ବେଳେ ଏ ବର୍ଷ ତାହା ଖସି ୭୮କୁ ଆସିଛି। ଏଥିରୁ ଯାହା ଅନୁମାନ କରାଯାଏ, ପାଠକମାନଙ୍କର ଚାହିଦାଠାରୁ ଅଧିକ ସଂଖ୍ୟକ ପୂଜା ପତ୍ରିକା ଗତ ବର୍ଷ ପ୍ରକାଶ ପାଇଥିବାରୁ ଅନେକ ପତ୍ରିକା ଅବିକ୍ରୀ ହୋଇ ରହିଯାଇଥିଲା। ଏଥିଯୋଗୁଁ ହୋଇଥିବା କ୍ଷତିକୁ ଦୃଷ୍ଟିରେ ରଖି କେତେକ ପତ୍ରିକା ଏ ବର୍ଷ ପୂଜା ପତ୍ରିକା ବଜାରରେ ପାଦ ଥାପିବାକୁ ବୋଧହୁଏ ସାହସ ଜୁଟାଇ ପାରିନାହାନ୍ତି।

ତେବେ ଓଡ଼ିଆ ପତ୍ରିକା ମାନଙ୍କ ମଧ୍ୟରେ ଗତ ଅଳ୍ପ କିଛି ବର୍ଷ ହେଲା ଏକ ବିଚିତ୍ର ଧାରା ମଧ୍ୟ ଦେଖିବାକୁ ମିଳେ; ତା'ହେଲା ବର୍ଷ ଯାକ ନିୟମିତ ଭାବରେ ପ୍ରକାଶିତ ନ ହୋଇ ଅଧିକାଂଶ ପତ୍ରିକା କେବଳ ପୂଜା ବେଳକୁ ହିଁ ନିଜର ଉପସ୍ଥିତି ଜାହିର କରନ୍ତି। ଆସନ୍ତୁ ଏହି ପ୍ରେକ୍ଷାପଟରେ ଆମେ ଏବର୍ଷ ପ୍ରକାଶ ପାଇଥିବା ପୂଜା ପତ୍ରିକାମାନଙ୍କର ଏକ ସଂକ୍ଷିପ୍ତ ଆକଳନ କରିବା।

ଲକ୍ଷ୍ୟ କରିବାର କଥା ଯେ ପ୍ରତି ମାସରେ ନିୟମିତ ଭାବରେ ପ୍ରକାଶ ପାଉଥିବା କେତେକ ଲୋକପ୍ରିୟ ପତ୍ରିକା ଦଶହରା

ସମୟରେ ସେମାନଙ୍କର ଚିରାଚରିତ ଅକ୍ଟୋବର ସଂଖ୍ୟା ପ୍ରକାଶ କରିଛନ୍ତି ସିନା, ହେଲେ ତାହାକୁ ପୂଜାସଂଖ୍ୟା ଭାବରେ ପରିଚିତ କରାଇବା ପାଇଁ ମନ ବଳାଇନାହାନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି 'ପୌରୁଷ', 'କାଦମ୍ବିନୀ', 'ଝଙ୍କାର' ଓ 'ରେବତୀ' ଭଳି ନିୟମିତ ପତ୍ରିକା। ପ୍ରତି ତିନିମାସରେ ଥରେ କୌଣସି ନିର୍ଦ୍ଦିଷ୍ଟ ବିଷୟକୁ ନେଇ 'କାଦମ୍ବିନୀ' ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରିବାର ପ୍ରଥା ଅନୁସରଣ କରୁଥିଲେ ହେଁ ଏବର୍ଷ ପ୍ରଚ୍ଛଦପଟରେ କେବଳ 'ପୂଜାସଂଖ୍ୟା' ବୋଲି ଲେଖାଥିବା ଛଡ଼ା ଏହା ଏକ ପାର୍ବଣ ବିଶେଷାଙ୍କ ହୋଇଥିବାର କୌଣସି ବିଶେଷ ଲକ୍ଷଣ ଏଥିରେ ଦେଖାଗଲା ନାହିଁ। ବରଂ ଉଲ୍ଲାସମୟ ପାର୍ବଣ ଅବସରରେ ଓଡ଼ିଶାବାସୀଙ୍କ ସାମନାରେ ପତ୍ରିକାଟି ଦୁର୍ଭିକ୍ଷର କରୁଣ ଚିତ୍ର ଓ ଦୁଃଖଦ ଇତିହାସ ପରିବେଷଣ କରି କେତେକ ପାଠକଙ୍କୁ ବିସ୍ମିତ କରିଥାଇପାରେ। ତେବେ ଆଶ୍ୱାସନାର କଥା ଯେ ଏହି ସଂଖ୍ୟାରେ ଶକ୍ତି ପୂଜା ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିରରେ ଶକ୍ତିପୂଜା ଉପରେ ଆଧାରିତ ଗୋଟିଏ ଆଲେଖ୍ୟ ପ୍ରକାଶ ପାଇଛି। 'ପୌରୁଷ'ର ଅକ୍ଟୋବର ସଂଖ୍ୟା ମଧ୍ୟ ଏକ ସାଧାରଣ ମାସିକ ସଂଖ୍ୟାର କଳେବର ନେଇ ପ୍ରକାଶ ପାଇଥିଲେ ହେଁ ପୂଜା ଅବସରକୁ ଦୃଷ୍ଟିରେ ରଖି ଏଥିରେ ଶ୍ରୀମନ୍ଦିରରେ ଶକ୍ତି ଉପାସନା ଉପରେ ଆଧାରିତ ଏକ ପ୍ରବନ୍ଧ ଓ ମାଆ ଜଗଦ୍ଧାତ୍ରୀଙ୍କ ଆବାହନ ପ୍ରସଙ୍ଗ ସ୍ଥାନିତ ହୋଇଛି। 'ରେବତୀ' ପତ୍ରିକା ମଧ୍ୟ ସେହିଭଳି ଅକ୍ଟୋବର ସଂଖ୍ୟା ଭାବରେ ପ୍ରକାଶ ପାଇଛି। ଅବଶ୍ୟ ପ୍ରଚ୍ଛଦପଟରେ ଏହା ପୂଜା ବିଶେଷାଙ୍କ କି ନୁହଁ ସେ ବିଷୟରେ କୌଣସି ସୂଚନା ନଥିବା ବେଳେ, ଏଥିରେ 'ମାତୃଶକ୍ତିର ଆରାଧନା' ଓ 'ଶକ୍ତିମୟୀ ସପ୍ତମାତା' ବିଷୟକ ରଚନା ସ୍ଥାନ ପାଇଛି। ସେହିପରି 'ସାହିତ୍ୟ ଚର୍ଚ୍ଚା' ମଧ୍ୟ ସାଧାରଣ ଅକ୍ଟୋବର ସଂଖ୍ୟା ଭାବରେ ହିଁ ପ୍ରକାଶ ପାଇଛି। ଅବଶ୍ୟ ଏହାର ସମ୍ପାଦକୀୟ ଓ ଗୋଟିଏ ପ୍ରବନ୍ଧରେ ଶକ୍ତି ତତ୍ତ୍ୱ ବିଷୟ ଆଲୋଚିତ ହୋଇଛି।

## ପୂଜା ସଂଖ୍ୟାରେ ଦେବୀତତ୍ତ୍ୱ

ପୂଜା ସଂଖ୍ୟାରେ ଶ୍ରୀଦୁର୍ଗାଙ୍କ ଶକ୍ତି ତତ୍ତ୍ୱ ସଂପର୍କିତ ପ୍ରବନ୍ଧ ଯେ ନିଶ୍ଚିତ ଭାବରେ ପ୍ରକାଶ ପାଇବ ସେମିତି କିଛି ବିଧିବଦ୍ଧ ଧାରା ନାହିଁ। ତେବେ ବଙ୍ଗଳା ପତ୍ରିକାମାନଙ୍କ ଅନୁକରଣ କରି 'ଆସନ୍ତାକାଲି' ଜରିଆରେ ପୂଜା ବିଶେଷାଙ୍କ ଯେତେବେଳେ ଓଡ଼ିଶାରେ ପ୍ରଥମେ ପ୍ରବେଶ କଲା ସେତେବେଳେ ଦେବୀ ଆରାଧନା ପ୍ରସଙ୍ଗ ଉପରେ ସ୍ୱତନ୍ତ୍ର ପ୍ରବନ୍ଧମାନ ସେମାନଙ୍କର ପରିଚୟର ଏକ ଅଂଶବିଶେଷ ଥିଲା। ଅବଶ୍ୟ ଏବେ ଅନେକ ପତ୍ରିକାର ପୂଜା ସଂଖ୍ୟାରେ ଏହି ପରମ୍ପରାର ବ୍ୟତିକ୍ରମ ଘଟିଛି। ଆଜିର ସ୍ଥିତିକୁ ଦେଖିଲେ ପୂଜା ପ୍ରସଙ୍ଗ ନୁହେଁ, ବରଂ ଏକ ସୁଚୟନିତ ସମକାଳୀନ ସାହିତ୍ୟର ସମ୍ଭାର ହିଁ ପୂଜାସଂଖ୍ୟାଗୁଡ଼ିକୁ ବିଶେଷତ୍ୱ ପ୍ରଦାନ କରେ।

**କେବଳ ପୂଜା ପ୍ରସଙ୍ଗ ନୁହେଁ, ବରଂ ଏକ ସୁଚୟନିତ ସମକାଳୀନ ସାହିତ୍ୟର ସମ୍ଭାର ହିଁ ପୂଜାସଂଖ୍ୟାଗୁଡ଼ିକୁ ବିଶେଷତ୍ୱ ପ୍ରଦାନ କରେ।**


ଏହି ପ୍ରସଙ୍ଗରେ ଆଉ ଗୋଟିଏ ଦିଗ ମଧ୍ୟ ଲକ୍ଷ୍ୟ କରିବାର କଥା ଯେ ପୂର୍ବେ ଶାରଦୀୟ ପାର୍ବଣ ଅବସରରେ ପ୍ରକାଶ ପାଉଥିବା ସ୍ୱତନ୍ତ୍ର ସଂଖ୍ୟାଗୁଡ଼ିକୁ 'ପୂଜା ସଂଖ୍ୟା' ବା 'ପୂଜା ବିଶେଷାଙ୍କ' ଭାବରେ ନାମିତ କରାଯାଉଥିବା ସ୍ଥଳେ ଏହା ଆଉ ଏକ ପରିବର୍ଦ୍ଧିତ ରୂପ ନେଇ ଗୋଟିଏ କୁମ୍ଭୋ ଆକାରର ବିଶେଷାଙ୍କ ଭାବରେ ମଧ୍ୟ ଦେଖାଦେଲାଣି, ଯାହାକୁ 'ମହାପୂଜା ବିଶେଷାଙ୍କ' ବୋଲି କୁହାଯାଉଛି। ଏଥିରେ ଅଗ୍ରଣୀ ଭୂମିକା ନେଇଛନ୍ତି 'ପକ୍ଷୀଘର' ଓ 'ବର୍ତ୍ତିକା'। ଏହି ପତ୍ରିକାଗୁଡ଼ିକରେ କିଛି ସଂଖ୍ୟକ ଉପନ୍ୟାସ ଓ ଦୀର୍ଘ ରଚନା ଅନ୍ତର୍ଭୁକ୍ତ ହୋଇଥିବା କାରଣରୁ ଏଗୁଡ଼ିକର କଳେବର ବଢ଼ିବା ସ୍ୱାଭାବିକ। ଏବର୍ଷ 'ବର୍ତ୍ତିକା' ୧୬୨୪ ପୃଷ୍ଠା ବିଶିଷ୍ଟ ହୋଇଥିବା ସ୍ଥଳେ, 'ପକ୍ଷୀଘର'ର ପୃଷ୍ଠା ସଂଖ୍ୟା ହୋଇଛି ୫୫୦। ତେବେ ଏ ଦୁଇଟି ପତ୍ରିକା ବର୍ଷକରେ ମୁଖ୍ୟତଃ ଥରେ ହିଁ ପାଠକଙ୍କ ସମକ୍ଷରେ ଉପସ୍ଥିତ ହୋଇଥାଆନ୍ତି। ଅବଶ୍ୟ 'ବର୍ତ୍ତିକା' ହେଉଛି ଏକ ତ୍ରୈମାସିକ ପତ୍ରିକା।

ବର୍ଷକୁ ଥରେ ମାତ୍ର, ଶାରଦୀୟ ପାର୍ବଣ ଋତୁରେ ଉଚ୍ଚମାନର ରଚନା ସମ୍ଭାର ନେଇ ପ୍ରକାଶ ପାଉଥିଲେ ହେଁ 'ସମ୍ବାଦ'ର ସ୍ୱତନ୍ତ୍ର ସଂଖ୍ୟା ନିଜକୁ ପୂଜା ସଂଖ୍ୟା ବୋଲି ନ କହି କେବଳ ବାର୍ଷିକ ସଂଖ୍ୟା ବୋଲି ପରିଚିତ ହେବାକୁ ପସନ୍ଦ କରିଛି। ଏହା ମଧ୍ୟ ଲକ୍ଷ୍ୟ କରିବାର କଥା ଯେ ଏଥିରେ ଦେବୀ ଦୁର୍ଗା ବା ଶକ୍ତି ତତ୍ତ୍ୱ ଆଧାରିତ ଗୋଟିଏ ହେଲେ ରଚନା ନାହିଁ। ତଥାପି ଏହା ଏବର୍ଷର ପୂଜା ପତ୍ରିକା ବଜାରରେ ପାଠକମାନଙ୍କ

ଦ୍ୱାରା ସର୍ବାଧିକ ଆଦୃତ ପତ୍ରିକା (ବିଶେଷାଙ୍କ) ଭାବରେ ଖ୍ୟାତି ଅର୍ଜନ କରିପାରିଛି।

**ଅଳଙ୍କରଣ**

ପ୍ରଚ୍ଛଦପଟ, ପରିପାଟୀ ଓ ମୁଦ୍ରଣର ପରିଚ୍ଛନ୍ନତା ଦୃଷ୍ଟିରୁ ମଧ୍ୟ ଓଡ଼ିଆ ପୂଜା ପତ୍ରିକାମାନେ ଏକ ସ୍ୱତନ୍ତ୍ର ପରିଚୟର ଅଧିକାରୀ। ଏଥର ବିଭିନ୍ନ ପତ୍ରିକାମାନେ ନିଜ ପ୍ରଚ୍ଛଦପଟର ଚିତ୍ରାୟନରେ ଏକୁଁ ଆରେକ ବଳି ଯାଇଛନ୍ତି। ଅଧିକାଂଶ ପତ୍ରିକାରେ ମାଆ ଦୁର୍ଗାଙ୍କର ବିବିଧ ରୂପ ରୂପାୟିତ ହୋଇଛି। କେତେକ ପ୍ରଚ୍ଛଦପଟରେ ତାଙ୍କର ବାସ୍ତବବାଦୀ ରୂପ ସ୍ଥାନ ପାଇଛି ତ, କେତେକରେ ଅଛି ତାଙ୍କର ସାଂକେତିକ ରୂପ। ଏ ଦୃଷ୍ଟିରୁ 'ପକ୍ଷୀଘର', 'ଗୋକର୍ଣ୍ଣିକା', 'ନବଲିପି', 'ସାହିତ୍ୟ ଚର୍ଚ୍ଚା' ଓ 'କଥାକଳିକା'ର ପ୍ରଚ୍ଛଦପଟ ବିଶେଷ ଭାବରେ ଉଲ୍ଲେଖନୀୟ। 'ପକ୍ଷୀଘର'ର ପ୍ରଚ୍ଛଦପଟରେ ଶକ୍ତିଙ୍କୁ ଏକ ମାନବୀ ରୂପରେ ଉପସ୍ଥାପନା କରାଯାଇଛି, ଯାହା ବିଶେଷ ମନଛୁଆଁ ହୋଇପାରିଛି।




ପ୍ରଚ୍ଛଦପଟ ବ୍ୟତୀତ, ଆଭ୍ୟନ୍ତରୀଣ ପୃଷ୍ଠା ସଜ୍ଜା, ଅକ୍ଷରଗତ ତ୍ରୁଟିଶୂନ୍ୟତା ଓ ସେଥିରେ ବ୍ୟବହୃତ କାଗଜର ମାନ ମଧ୍ୟ କେତେକ ପୂଜା ପତ୍ରିକାର ପରିପାଟୀକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏ ଦୃଷ୍ଟିଟିରୁ ସର୍ବୋଚ୍ଚ ସ୍ଥାନରେ ଅଛି ଏ ବର୍ଷର 'ପକ୍ଷୀଘର'। ଏକ ପରିଚ୍ଛନ୍ନ, ସୁଦୃଶ୍ୟ ଓ ସଂଗ୍ରହଣୀୟ ପୂଜା ପତ୍ରିକା ଭାବରେ ଏହା ପାଠକମାନଙ୍କ ମଧ୍ୟରେ ଆଦୃତି ଲାଭ କରିଛି।

ଗତବର୍ଷ କିଛି ସଂଖ୍ୟକ ପୂଜା ପତ୍ରିକାରେ ମାତ୍ରାଧିକ ମୁଦ୍ରାପ୍ରମାଦ ପାଠକମାନଙ୍କର ଦୃଷ୍ଟିକୁ ଆସିଥିଲା। କିନ୍ତୁ ଏ ବର୍ଷ ଏହି ପରିସ୍ଥିତିରେ ବେଶ୍ ସୁଧାର ଆସିଥିବା ଭଳି ମନେହୁଏ।

ସ୍ୱନାମଧନ୍ୟ ଲେଖକ ଡ଼. ଜଗନ୍ନାଥ ପ୍ରସାଦ ଦାସ ୫ ନଭେମ୍ବର, ୨୦୨୩ ତାରିଖରେ ତାଙ୍କର ଏକ ଫେସବୁକ୍ ପୋଷ୍ଟରେ ଏବିଷୟରେ ନିମ୍ନୋକ୍ତ ମତ ଦେଇଛନ୍ତି:

'କିଛି ସ୍ୱଘୋଷିତ ବଡ଼ପଣ୍ଡାଗଣ ଅନବରତ ଭାବରେ ଅଭିଯୋଗ କରନ୍ତି ଯେ, ଆମ ଭାଷା ଦିନକୁ ଦିନ ରସାତଳଗାମୀ ହେଉଛି; ଏବଂ ଏହା ବିଦେଶୀ ଶବ୍ଦମାନଙ୍କର ବହୁଳ ଅନୁପ୍ରବେଶ, ବନାନଗତ ତ୍ରୁଟି ଓ ଅନୁପଯୁକ୍ତ ଶବ୍ଦ-ପ୍ରୟୋଗ ଦ୍ୱାରା ଆକ୍ରାନ୍ତ। ମୁଁ ସେମାନଙ୍କୁ କହିବି ଯେ (ଏ ବର୍ଷର) ଓଡ଼ିଆ ସାହିତ୍ୟ ପତ୍ରିକାମାନଙ୍କର ସ୍ୱତନ୍ତ୍ର ପୂଜାସଂଖ୍ୟା ଟିକିଏ ଦେଖନ୍ତୁ। କିଛିବର୍ଷ ହେଲା ଏମାନଙ୍କର ସଂଖ୍ୟା, ଆକାର ଓ ମୁଦ୍ରଣ ପରିପାଟୀରେ ତ ଉନ୍ନତି ଘଟିଛି, ତା' ସହିତ ଲେଖା ଗୁଡ଼ିକରେ ମଧ୍ୟ ଉତ୍କୃଷ୍ଟତା, ଭାଷାଗତ ଶୁଦ୍ଧତା ଓ ତ୍ରୁଟିହୀନତା ପରିଲକ୍ଷିତ ହେଉଛି।' (ମୂଳ ଇଂରାଜୀ ଲେଖାର ଓଡ଼ିଆ ଅନୁବାଦ।)

ତେବେ ତାହା ସତ୍ତ୍ୱେ, ମୁଦ୍ରାପ୍ରମାଦ ଦୃଷ୍ଟିରୁ ବିଚାର କଲେ ଏବର୍ଷର କେତୋଟି ପୂଜା ପତ୍ରିକା ଆମକୁ ନିରାଶ କରିଛି। ଯେପରିକି ଏଥର 'ଝଙ୍କାର'ରେ ପ୍ରକାଶିତ କେତୋଟି ପ୍ରବନ୍ଧରେ ପେଜମେକରରେ ଟାଇପ୍ ହୋଇଥିବା ଇଂରାଜୀ ଉଦ୍ଧୃତିଗୁଡ଼ିକୁ ଓଡ଼ିଆ ଲିପିରେ ପରିବର୍ତ୍ତିତ କରାଯାଇନଥିବାରୁ ସେଗୁଡ଼ିକ କିମ୍ଭୂତକିମାକାର ରୂପରେ ପ୍ରକାଶ ପାଇଛି।

ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ 'ବର୍ତ୍ତିକା' ସବୁଠାରୁ ପୃଥୁଳକାୟ ପତ୍ରିକା (୧୬୨୪ ପୃଷ୍ଠା ବିଶିଷ୍ଟ) ହୋଇଥିବା ସତ୍ତ୍ୱେ ନିଜର କପିପିଛା ମୂଲ୍ୟ ମାତ୍ର ୫୦ ଟଙ୍କା ରଖି ସମସ୍ତଙ୍କୁ ଚକିତ କରିଛି। ଏଭଳି ଲୋଭନୀୟ ଦାମ୍ ସତ୍ତ୍ୱେ ଭୁବନେଶ୍ୱର ପତ୍ରିକା ବଜାରରେ ଏହାର ବିକ୍ରି ସଂଖ୍ୟା ପ୍ରଥମରେ ନ ରହି, ଦ୍ୱିତୀୟ ସ୍ଥାନରେ ରହିଛି। ସର୍ବାଧିକ ବିକ୍ରିତ ପତ୍ରିକାର ଶ୍ରେୟ ପାଇଛି 'ସମ୍ବାଦ'ର ବାର୍ଷିକ ବିଶେଷାଙ୍କ, ଯାହାର ପୃଷ୍ଠା ସଂଖ୍ୟା ୨୭୪, ଏବଂ କପି ପିଛା ମୂଲ୍ୟ ୭୫ ଟଙ୍କା। ଏଥିରୁ ଯାହା ଜଣାପଡ଼େ, ଓଡ଼ିଆ ପତ୍ରିକାର ଗ୍ରାହକମାନେ ପୂଜା ପତ୍ରିକା ବାଛିବାବେଳେ ତାହାର ମୂଲ୍ୟ ପ୍ରତି ଅଧିକ ସମ୍ବେଦନଶୀଳ ନହୋଇ ବରଂ ତାହାର ଅନ୍ୟାନ୍ୟ ଦିଗଗୁଡ଼ିକୁ ପ୍ରାଧାନ୍ୟ ଦେଇଥାଆନ୍ତି। ଯଦି ପତ୍ରିକାର ଦାମ୍ ତାହାର ବିକ୍ରୀ ସଂଖ୍ୟାର ଏକମାତ୍ର ନିୟାମକ ହୋଇଥାଆନ୍ତା, ତେବେ ତ 'ଉତ୍କଳ ପ୍ରସଙ୍ଗ' (ମୂଲ୍ୟ: ପାଞ୍ଚ ଟଙ୍କା ମାତ୍ର) ଏବର୍ଷ ପାର୍ବଣ ଋତୁର ସର୍ବାଧିକ ବିକ୍ରୀ ହୋଇଥିବା ପତ୍ରିକାର ସ୍ଥାନ ଅଧିକାର କରିଥାଆନ୍ତା।

**ରଚନା ସମ୍ଭାର**

ଏବେ ଏବର୍ଷର ପୂଜା ପତ୍ରିକାଗୁଡ଼ିକର ରଚନା ସମ୍ଭାରଗୁଡ଼ିକ

ପ୍ରତି ମଧ୍ୟ ଦୃଷ୍ଟିପାତ କରାଯାଉ। କୁହାଯାଏ, ଓଡ଼ିଆ ପାଠକମାନେ କଳ୍ପନା ଆଧାରିତ ସାହିତ୍ୟ ପ୍ରତି ଅଧିକ ଆକର୍ଷିତ। ଏହି କାରଣରୁ କଥାସାହିତ୍ୟକୁ ଆମର ପତ୍ରିକାମାନଙ୍କରେ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ। ଏହାର ସୂଚକ ହେଲା ଯେ, ଏ ବର୍ଷ 'କଥା' ଏକ ପାର୍ବଣ ବିଶେଷାଙ୍କ ଭାବରେ ପ୍ରକାଶ ନ ପାଇଥିଲେ ସୁଦ୍ଧା ବହୁଳ ଭାବରେ ବିକ୍ରି ହୋଇଥିବା ସଂଖ୍ୟା ଭାବରେ ସମ୍ବାଦର ବାର୍ଷିକ ବିଶେଷାଙ୍କ ଓ 'ବର୍ତ୍ତିକା' ପଛକୁ ତୃତୀୟ ସ୍ଥାନରେ ରହିଛି। ଏଥରର ଅକ୍ଟୋବର ସଂଖ୍ୟାଟି ନବପ୍ରତିଭା ବିଶେଷାଙ୍କ ଭାବରେ ପ୍ରକାଶ କରି ଏଥିରେ ୧୦ ଜଣ ଉଦୀୟମାନ ଗାଳ୍ପିକଙ୍କ ଗଳ୍ପ ତଥା ଜଣେ ଯୁବଗାଳ୍ପିକଙ୍କ ଉପନ୍ୟାସିକା ପ୍ରକାଶ କରିଛି ଏହି ପତ୍ରିକା। ସେହିପରି 'ଶୋଭନା'ରେ ମଧ୍ୟ ଅଛି ୬୬ଟି ଗଳ୍ପ। ପତ୍ରିକାର ଏହି ସଂଖ୍ୟାରେ ଗଳ୍ପ ଭିନ୍ନ ଅନ୍ୟ କିଛି ରଚନା ପ୍ରକାଶ ପାଇନାହିଁ। 'କଥାକଳିକା' ମଧ୍ୟ ନିଜର ପରମ୍ପରା ବଜାୟ ରଖି କେବଳ ଗଳ୍ପମାନଙ୍କୁ ନେଇ ବିଶେଷାଙ୍କ ପ୍ରସ୍ତୁତ କରିଛି। ଏହା ବ୍ୟତୀତ ଏଥର ପ୍ରକାଶିତ ଅନ୍ୟ ପ୍ରାୟ ସମସ୍ତ ପତ୍ରିକାରେ ମଧ୍ୟ କଥା ସାହିତ୍ୟ ପ୍ରାଧାନ୍ୟ ଲାଭ କରିଛି।

ଏଥରର ପୂଜା ପତ୍ରିକାର କଥାସାହିତ୍ୟ ସମ୍ଭାରରେ ପ୍ରତିଷ୍ଠିତ ଲେଖକମାନଙ୍କର ରଚନା ଯଥାଯୋଗ୍ୟ ସ୍ଥାନ ପାଇଥିଲେ ହେଁ ନବୀନ ଲେଖକମାନେ ମଧ୍ୟ ଅବହେଳିତ ହୋଇନାହାନ୍ତି। ପ୍ରବୀଣ ଲେଖକମାନଙ୍କ ଦ୍ୱାରା ରଚିତ କେତେକ ଉଲ୍ଲେଖନୀୟ ଗଳ୍ପ ହେଲା, ବିଭୁତି ପଟ୍ଟନାୟକଙ୍କ 'ପାଉଁଶ ତଳର ନିଆଁ' (ଶୋଭନା), ପ୍ରତିଭା ରାୟଙ୍କ 'ଅବିଶ୍ୱାସର ରାତି' (ଝଙ୍କାର), ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଭବିଷ୍ୟତର ନୋବେଲ୍ (ଅମୃତାୟନ), ଦାଶ ବେନହୁରଙ୍କ 'କିଡନି ଡୋନର' (ଶୋଭନା), ବନଜ ଦେବୀଙ୍କର 'ଅକୁହା କଥା' (ପକ୍ଷୀଘର), ବିଭୂତି ପଟ୍ଟନାୟକଙ୍କ 'ପାଗ ପରିବର୍ତ୍ତନ' (ବର୍ତ୍ତିକା), ତରୁଣକାନ୍ତି ମିଶ୍ରଙ୍କ 'ନ ଦେଖିଥିବା ଦିନ' (ରେବତୀ) ଓ ବିଜୟ ନାୟକଙ୍କ 'ଆଉ ଫେରିବି ନାହିଁ (ଗୋକର୍ଣିକା) ପ୍ରଭୃତି। ଏହିଭଳି ଅନେକ ସୁବିଦିତ ଲେଖକମାନଙ୍କର ବହୁ ସଂଖ୍ୟକ ଗଳ୍ପରଚନାରେ ଭରପୁର ଏ ବର୍ଷର ପୂଜା ପତ୍ରିକା। ସମସ୍ତ ପତ୍ରିକାଙ୍କୁ ଦୃଷ୍ଟିରେ ରଖି ବିଚାର କଲେ, ସେମାନଙ୍କ ମଧ୍ୟରୁ କେହି କେହି ଏବର୍ଷର ପାର୍ବଣ ଋତୁରେ ମାତ୍ର ଗୋଟିଏ ବା ଦୁଇଟି ଗଳ୍ପ ଲେଖିଥିବା ବେଳେ, ଆଉ କେହି କେହି ଏପରିକି ଦଶରୁ ପନ୍ଦରଟି ପର୍ଯ୍ୟନ୍ତ ଗଳ୍ପ ମଧ୍ୟ ଲେଖିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ, ଏମାନଙ୍କ ଦ୍ୱାରା ପତ୍ରିକା ମାନଙ୍କୁ ପଠାଯାଇଥିବା ଏହି ସମସ୍ତ ଗଳ୍ପ ଏଥରର ପୂଜାସଂଖ୍ୟାମାନଙ୍କ ପାଇଁ ସେମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବରେ ରଚିତ ନୂତନ ବା ମୌଳିକ ଗଳ୍ପ କି? ଏଭଳି ମଧ୍ୟ ସମ୍ଭାବନା ଥାଇପାରେ ଯେ ଏହି ପ୍ରବୀଣ ଗାଳ୍ପିକମାନଙ୍କ ମଧ୍ୟରୁ କେତେକେ ସେମାନଙ୍କର ପୂର୍ବ-ପ୍ରକାଶିତ କେତୋଟି ଗଳ୍ପକୁ ପୁନଃ ପ୍ରକାଶିତ କରାଇଛନ୍ତି। ବର୍ଷ ତମାମ ନିରବ ରହି ହଠାତ୍ କେବଳ ପୂଜା ଅବସରରେ ହିଁ ଯେତେବେଳେ ପତ୍ରିକା ସମ୍ପାଦକମାନେ ବିଶେଷାଙ୍କ ପ୍ରକାଶ କରିବାପାଇଁ ତତ୍ପର ହୋଇଉଠନ୍ତି, ସେତେବେଳେ ସ୍ୱାଭାବିକତଃ ଲେଖକମାନେ ନିଜର ନୂଆ ଗଳ୍ପ ରଚନା କରି ସେମାନଙ୍କର ଚାହିଦା ପୂରଣ କରିବା ସମ୍ଭବ ହୋଇନଥାଏ। ଏଣୁ କେତେକ ଲେଖାର ପୁନଃପ୍ରକାଶନର ସମ୍ଭାବନା ସୃଷ୍ଟି ହୋଇଥାଏ।

**ପ୍ରବୀଣ ଗାଳ୍ପିକମାନଙ୍କ ମଧ୍ୟରୁ କେତେକେ ସେମାନଙ୍କର ପୂର୍ବ-ପ୍ରକାଶିତ କେତୋଟି ଗଳ୍ପକୁ ପୁନଃ ପ୍ରକାଶିତ କରାଇଛନ୍ତି।**


ଏ ବର୍ଷ ପୂଜା ପତ୍ରିକାମାନଙ୍କରେ ସ୍ଥାନ ପାଇଥିବା ନବୀନ ଓ ଯୁବଲେଖକମାନଙ୍କର କେତୋଟି ଗଳ୍ପ ହେଲା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କ 'ଧଉଳି ଏକ୍ସପ୍ରେସ୍' (ପକ୍ଷୀଘର), ଆନନ୍ଦ କୁମାର ମାଇତିଙ୍କର 'ବେରଙ୍ଗି ପୁରୁଷ' (ଶୋଭନା), ଆରତୀ ସାହୁଙ୍କ 'ଲୁଗାକାନି' (ସାହିତ୍ୟ ଚର୍ଚ୍ଚା), ଜିନତମାମ ଦର୍ଜୀଙ୍କ 'ପରିଚିତ ଯୋଦ୍ଧା ମାନେ' (କଥା) ଓ ପ୍ରଭାତ ସିନ୍ହାଙ୍କ 'ମହୁଫାଶ' (ବର୍ତ୍ତିକା) ଇତ୍ୟାଦି। ଏବର୍ଷ ଏତେ ବହୁ ସଂଖ୍ୟକ ନବାଗତ ଲେଖକ ଓଡ଼ିଆ ପୂଜା ପତ୍ରିକାମାନଙ୍କର ପୃଷ୍ଠା ମଣ୍ଡନ କରିଛନ୍ତି ଯେ ଏହା ଓଡ଼ିଆ କଥାସାହିତ୍ୟକୁ ଏକ ନୂଆ ଦିଗ ଦେବାପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ବୋଲି ନିଃସନ୍ଦେହରେ କୁହାଯାଇପାରେ।

କଥାସାହିତ୍ୟର ଏକ ବଳିଷ୍ଠ ବିଭାଗ ହେଲା ଉପନ୍ୟାସ ବା ଉପନ୍ୟାସିକା। ଏବର୍ଷ ବେଶ୍ କିଛି ଉପନ୍ୟାସ ପୂଜା ପତ୍ରିକା ଜରିଆରେ ଲୋକଲୋଚନକୁ ଆସିଛନ୍ତି। ବିଶେଷତଃ ଯେଉଁ ପତ୍ରିକାମାନେ ପୃଥୁଳକାୟ କଳେବର ନେଇ 'ମହାପୂଜା ବିଶେଷାଙ୍କ' ଭାବରେ ଆତ୍ମପ୍ରକାଶ କରିଛନ୍ତି ସେମାନେ ଏଭଳି

ଉପନ୍ୟାସ ବା ଉପନ୍ୟାସିକାମାନଙ୍କୁ ନିଜ ପୃଷ୍ଠାରେ ସ୍ଥାନ ଦେଇଛନ୍ତି । ଏ ବର୍ଷ ଏହି ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଥିବା ଉପନ୍ୟାସମାନଙ୍କ ମଧ୍ୟରେ ଅଛନ୍ତି, ଅଜୟ ସ୍ୱାଇଁଙ୍କ 'ଚିତ୍ରବାଘ' (ପକ୍ଷୀଘର), ଶ୍ରୀପ୍ରସାଦ ମହାନ୍ତିଙ୍କ 'ଫଣାଧରର ଫୁତ୍କାର' (ବର୍ତ୍ତିକା), ନିଖିଳାନନ୍ଦ ପାଣିଗ୍ରାହୀଙ୍କ 'ଯାତନା' (ବର୍ତ୍ତିକା), ବିଭୁତି ପଟ୍ଟନାୟକଙ୍କ 'ଶୀତ ବସନ୍ତର ବର୍ଣ୍ଣମାଳା' (ପକ୍ଷୀଘର) ଓ ଏଭଳି ଆହୁରି କେତେକ ଉଲ୍ଲେଖନୀୟ ଉଲ୍ଲେଖନୀୟ କୃତି ।

**କବିତା ବିଭାଗ**

କବିତା ବିଭାଗ ପ୍ରତିବର୍ଷ ଭଳି ଏଥର ମଧ୍ୟ ଓଡ଼ିଆ ପୂଜାପତ୍ରିକା ଗୁଡ଼ିକୁ ବିଶେଷ ଭାବରେ ସମୃଦ୍ଧ କରିଛି । ଅବଶ୍ୟ ଏଥର ପ୍ରକାଶିତ ହୋଇଥିବା କବିତାମାନଙ୍କ ମଧ୍ୟରେ ଅନେକ ଉଚ୍ଚକୋଟୀର ହୋଇଥିବାବେଳେ କିଛି ପତ୍ରିକାରେ କେତେକ ପ୍ରକାଶ-ଅଯୋଗ୍ୟ କବିତା ମଧ୍ୟ ପୃଷ୍ଠା ମଣ୍ଡନ କରିଥିବା ଦେଖାଯାଇଛି । ବିଶେଷତଃ କେତେକ ନବାଗତ କବି ପୂର୍ବରୁ ଫେସବୁକ୍ ଭଳି ସାମାଜିକ ଗଣମାଧ୍ୟମରେ ସେମାନେ ପୋଷ୍ଟ କରିଥିବା କବିତାକୁ ପୁନଶ୍ଚ ମୁଦ୍ରିତ ପତ୍ରିକାମାନଙ୍କର ପୂଜାସଂଖ୍ୟାକୁ ପ୍ରକାଶନାର୍ଥେ ପଠାଇବାକୁ ସଂକୋଚ କରିନାହାନ୍ତି ।



ତେବେ ଏ ବର୍ଷ ପୂଜା ସଂଖ୍ୟାରେ ପାଠକମାନଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିପାରିଥିବା କେତୋଟି କବିତା ହେଲା, ହରିହର ମିଶ୍ରଙ୍କ 'ପତାକା ଦର୍ଶନ' (ସତ୍ୟବାଦୀ), ସୁଶୀଲ କୁମାର ପାଣିଗ୍ରାହୀଙ୍କ 'କରୋନା ଅକାଳ' (ଦିଗବଳୟ), ହରପ୍ରସାଦ ଦାସଙ୍କ 'ବାହାନଗାର କବିତା' (ଝଙ୍କାର), ପ୍ରସନ୍ନ କୁମାର ପାଟଶାଣୀଙ୍କ 'ଶାମୁକାର ଦୁଃଖ' (ପକ୍ଷୀଘର), ଓ ମମତା ଦାଶଙ୍କ 'ପ୍ରଶ୍ନ' (ଗୋକର୍ଣ୍ଣିକା) । ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ପାଠକଙ୍କ ମନକୁ ଛୁଇଁବା ଭଳି ଏତେ ବହୁ ସଂଖ୍ୟକ କବିତା ଏଥର ପୂଜା ସଂଖ୍ୟା ଗୁଡ଼ିକରେ ପ୍ରକାଶ ଲାଭ କରିଛନ୍ତି ଯେ ଏହି ପ୍ରବନ୍ଧର ସୀମିତ କଳେବର ଭିତରେ ସେ ସମସ୍ତର ନାମୋଲ୍ଲେଖ ସମ୍ଭବ ନୁହେଁ ।

**ପ୍ରବନ୍ଧ ସାହିତ୍ୟ**

ଓଡ଼ିଆ ସାହିତ୍ୟର ପାଠକମାନଙ୍କର କଥାସାହିତ୍ୟ ପ୍ରତି ଅଧିକ ଆଗ୍ରହ ଥିଲେ ମଧ୍ୟ ପ୍ରବନ୍ଧସାହିତ୍ୟ ମଧ୍ୟ ସେମାନଙ୍କ ପଠନରୁଚିର ବିଶେଷ ଚାହିଦା ମେଣ୍ଟାଇଥାଏ । ସେ ଦୃଷ୍ଟିରୁ 'କଥା', 'କଥାକଳିକା' ଓ 'ଶୋଭନା' ଭଳି କେତେକ କଥାସାହିତ୍ୟ ଆଧାରିତ ପତ୍ରିକାକୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପ୍ରବନ୍ଧକୁ ଯଥାଯୋଗ୍ୟ ମହତ୍ତ୍ୱ ପ୍ରଦାନ କରିଛନ୍ତି । ପ୍ରବନ୍ଧର ସଂଖ୍ୟା ଓ ମାନ ଦୃଷ୍ଟିରୁ ବିଚାର କଲେ 'ସତ୍ୟବାଦୀ' ଏ କ୍ଷେତ୍ରରେ ଆଗୁଆ ଅଛି । ଏ ବର୍ଷର ଶାରଦୀୟ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଥିବା କେତେକ ପ୍ରଣିଧାନ ଯୋଗ୍ୟ ପ୍ରବନ୍ଧ ହେଲା, ଗିରିବାଳା ମହାନ୍ତିଙ୍କ 'ସମକାଳର ଓଡ଼ିଆ କବିତା' (ପକ୍ଷୀଘର), ସଦାନନ୍ଦ ନାୟକଙ୍କ 'ଓଡ଼ିଆ ମେଳା ସାହିତ୍ୟ ଓ ଅନାଲୋଚିତ ଅନନ୍ୟ ମେଳା ସଂସ୍କୃତି' (ସତ୍ୟବାଦୀ), ରମାକାନ୍ତ ନାୟକଙ୍କ 'ଓଡ଼ିଆ ସାହିତ୍ୟରେ ଶକ୍ତି ଉପାସନା' (ସାହିତ୍ୟ ଚର୍ଚ୍ଚା), ନିତ୍ୟାନନ୍ଦ ପଣ୍ଡାଙ୍କର 'ଆଖିକୁ ଦିଶୁନଥିବା ବିଜ୍ଞାନ' (ଝଙ୍କାର), ବାବାଜୀ ଚରଣ ପଟ୍ଟନାୟକଙ୍କ 'ମିଥ୍ ଓ ଓଡ଼ିଆ କବିତା' (ଗୋକର୍ଣ୍ଣିକା) ଓ ମନୋରଞ୍ଜନ ମହାନ୍ତିଙ୍କ ଆମ ଭାଷା, ଆମ ସାହିତ୍ୟ (ବର୍ତ୍ତିକା), ନେତାଜୀ ଅଭିନନ୍ଦନଙ୍କ 'ଦୁର୍ଭିକ୍ଷ ଓଡ଼ିଶା: ରାଜନୈତିକ ଭାବଚିତ୍ର' (କାଦମ୍ବିନୀ), ଓ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ 'ତନ୍ତ୍ର ପରମ୍ପରାରେ ବିରଜା' (ଅମୃତାୟନ) । ତେବେ କେତେକ ପତ୍ରିକା ପ୍ରବନ୍ଧସାହିତ୍ୟକୁ 'ଫିଚର' ଭାବରେ ଶ୍ରେଣୀଭୁକ୍ତ କରିଛନ୍ତି, ଯେପରି, 'ପକ୍ଷୀଘର'ର ସୂଚୀପତ୍ରରେ ପ୍ରବନ୍ଧ ବିଭାଗ ମୋଟେ ନାହିଁ । ତାହା ପରିବର୍ତ୍ତେ ପ୍ରବନ୍ଧ ପର୍ଯ୍ୟାୟର ଲେଖାଗୁଡ଼ିକୁ ଏହି ପତ୍ରିକାରେ 'ଫିଚର' ବର୍ଗରେ ରଖାଯାଇଛି ।

ଏହି ସମସ୍ତ ବିଭାଗର ଲେଖାମାନଙ୍କ ବ୍ୟତୀତ ସବୁ ବର୍ଷ ଭଳି ରମ୍ୟରଚନା, ବ୍ୟଙ୍ଗ, ଏକାଙ୍କିକା ଓ ଜୀବନୀ ଭଳି ବିଭାଗମାନଙ୍କର ରଚନା ମଧ୍ୟ ଏଥରର ପୂଜା ପତ୍ରିକାମାନଙ୍କୁ ସମୃଦ୍ଧ କରିଛି । ମୋଟାମୋଟି କହିବାକୁ ଗଲେ ସବୁ ଶ୍ରେଣୀର ପାଠକଙ୍କ ରୁଚିକୁ ଦୃଷ୍ଟିରେ ରଖି ରୂପାୟିତ ହୋଇଛି ଏଥରର ଅନେକ ପୂଜା ପତ୍ରିକା ।

□□

ଲେଖିକାଙ୍କ ଇ-ମେଲ ଠିକଣା:
bharatibarik441@gmail.com

**ଧାରାବାହିକ ବ୍ୟଙ୍ଗ**

# ଅଦେଖା ଜଉତିଷ



**ଡ. ଅଜୟ କୁମାର ମିଶ୍ର**

ସହରାଗତ ହେବା ପରେ ଘଣ୍ଟୁ ସହରର ଚଉହଦୀ ଖେଦିଲା। ତଲାସିଲା, କ'ଣ କଲେ ଏଠି ନିଜକୁ ଥଇଥାନ କରିବ, କେମିତି ଗାଆଁରୁ ଆମଦାନୀ ହେଇ ସହରିଆ ବୋଲାଉଥିବା ବଡ଼ ବଡ଼ ବାବୁମାନଙ୍କ ସହିତ ସମ ସରି ହୋଇପାରିବ। ସବୁରି ମୂଳରେ କେବଳ ଭିଟାମିନ୍ ଏମ୍, ପହିଲେ ଏଇଟା ଦରକାର। ପ୍ରାଣ ପବନଟା ଦୁକୁଦୁକି ଘରେ ଅଖଣ୍ଡ ତାଣ୍ଡବ କରୁଥିଲେ, କେବଳ ଟଙ୍କା ଖରଚ କରିଦେଲେ, ୱାପସ୍ ଆସି ସେ ଦୁକି ଦୁକି ଘରେ ବି ଥୟ ଧରିଯିବ। ଟଙ୍କା ନାହିଁ ତ ରାହା ନାଇଁ, ସାଆ ନାଇଁ। ଟଙ୍କା ଅଛି ତ ସବୁ ଅଛି। ଟଙ୍କା ଥିଲେ ଭଡ଼ାରେ ବି ମାଆ, ମାଇପ ସବୁ ମିଳିବେ, ଟଙ୍କା ନାଇଁ ତ ସାତ କଳସ ସାଖୀ ରଖି ହାତ ଧରିଥିବା ଘରଣୀ ବି ଆଉ କାହା କାହା ସାଙ୍ଗରେ ଟୋଟାଲ୍ ଫେରାର୍ ହେଇଯିବ।




### ବିନା ମୂଳଧନରେ ରୋଜଗାର

ବହୁଚିନ୍ତା କରି ଘଣ୍ଟୁ ଗୋଟାଏ ସହଜ ରୋଜଗାର ବାଟ ବାହାର କଲା। ଏଇ ବାଟରେ ଗଲେ, ମୂଳଧନ କିଛି ଲୋଡ଼ା ନାଇଁ, ଖାଲି ଅତି ନିକୁଛାରେ ଟଙ୍କା କେଇଟା ଯୋଗାଡ଼ିଦେଲେ, ସୁଧ ହିଁ ସୁଧ ଆସିବା ଥୟ । ସହରର ଛକ ଥାନ, ସାଇ ସାଇ ବୁଲିବା ପରେ ଘଣ୍ଟୁ ଜାଣିଲା ଯେ, ସାଇମୂଳିଆ ଛକ ଥାନଗୁଡ଼ିକରେ କେଉଁଠି କେଉଁଠି ବରଓସ୍ତ ଛନ୍ଦାଛନ୍ଦି ହେଇ ଦାମ୍ପତ୍ୟ ସୁଖ ଭୋଗୁଛନ୍ତି। ତା' ମୂଳରେ ଛାଇ ତଳେ କେହି କେହି ସାଇର ବଅସିଆ ମିଣିପେ ତାସ, ପଶା ଖେଳୁଛନ୍ତି। ସଂଜବେଳିଆ କେଇଟା ସାଇଭେଣ୍ଡିଆ ଆସି ଚିଲମ ଧୂଆଁ କରୁଛନ୍ତି। ଧୂଆଁଟା ମୁନିସିପାଲିଟିର ଦିଆଯାଉଥିବା କାଁ ଭାଁ ଧୂଆଁ ଠାରୁ ଆହୁରି ଧୂମାଳିଆ। ଧୂଆଁ ହାଲକା ହେଲେ ମାହାଦେବେ କ୍ରୋଧ କରିବେ, ତାକୁ ତୋଷିବାକୁ ବହଳିଆ ଧୂଆଁ ଦରକାର। ହାତକୁ ହାତ ଶିବଙ୍କ ଭୋଗ ଚିଲମଟା ବୁଲେ; ଆଖି ରଙ୍ଗା ଚହ ଚହ ହୁଏ- ଢିଙ୍କିଶାଳରୁ ଢେଙ୍କାନାଳ ଯାଏ ଲମ୍ବିଯାଏ ହାଉଡ଼ିଆ ଗପ।

ଦିନର ବଅସିଆଙ୍କ ତାଆସ ମାଡ଼, ରାତିରେ ଭେଣ୍ଡିଆଙ୍କ ଧୂଆଁକୁଣ୍ଡଳିରେ ଗଛ ବି ଅସ୍ତବ୍ୟସ୍ତ। ସେଇଟା ଗଛ ନା, ତେଣୁ କିଛି ବି କହିପାରିବ ନାଇଁ। ଘଣ୍ଟୁ ବୁଲି ବୁଲି ଦେଖିଲା, ସାରା ସହରରେ ନାନା ଥାନରେ ଏମିତିଆ ଯୋଡ଼ିଗଛ, ତା' ମୂଳରେ ଏମିତିଆ କାଣ୍ଡ। ସୁମାରି ନେଇ ଜାଣିଲା ଯେ, ଏଇ ଭଳିଆ ଗଛ ସଂଖ୍ୟାରେ ଦେଢ଼ ସେଞ୍ଚୁରି ଟପିବ। ଯାଙ୍କୁ ନେଇ ଘଣ୍ଟୁ ଯୋଜନା ଆରମ୍ଭ କରିଦେଲା। ଗଛ ପାଖ ସାଇ ଉପରେ ଆଖି ପକେଇଲା, ସାଇରୁ କିଏ କିଏ ଏଠିକି ଆଉଚନ୍ତି, ବସାଉଠା, କରି ଯାଉଚନ୍ତି। ପହିଲେ ତା' ଦୃଷ୍ଟିରେ ପଇଲା ବାଙ୍କା ମଉସା ଓ ସେବତୀ ମାଉସୀଙ୍କ ଉପରେ। ଏମାନଙ୍କ ଚଳପକ୍ଷ ଭଲ, ମାତ୍ର ପିଲାଝିଲା କହିଲେ ଏକମାତ୍ର ରୋଗଣା ପୁଅଟା। ଯାଙ୍କ ଘରକୁ ବାରବାର ଯାଇ ଭକ୍ତିଭରା ମୁଣ୍ଡିଆ ମାନ ଅଜାଡ଼ି ଦେଲା। ସେମାନଙ୍କ ଦୁଃଖ କଥା ଜାଇଁଲା ପରେ, ଗୋଟାଏ ମଙ୍ଗଳ କାମ କଲେ, ରୋଗା ପୁଅଟା ନିଶ୍ଚେ ଭଲ ହେଇଯିବ ବୋଲି ତାଙ୍କ ମନ ସିଲଟରେ ବିଶ୍ୱାସର ଖଡ଼ିଗାରଟିଏ ଗାଢ଼ା କରି ଗାରେଇଦେଲା।

### କନ୍ୟାଦାନ

ବାଙ୍କା ମଉସାଙ୍କୁ ପଟେଇ ପାଟେଇ କନ୍ୟାଦାନ କରିବାକୁ ଗୋଟାପଣେ ରାଜି କରେଇଲା। ମଉସା କହିଲେ- ଆରେ ଦେଖୁଚୁ ଚନ୍ଦନ, ପୋଛୁଚୁ କାଠ। ମୋର ତ କନ୍ୟା ନାଇଁ, ଦାନ କରିବି କେମନ୍ତେ? ତତ୍କ୍ଷଣାତ୍ ଘଣ୍ଟୁ ପାଟିରୁ ଉତ୍ତର ଛଡ଼େଇ ନେଇ କହିଲା, ଅତୀତରେ କନ୍ୟା ନ ଥିବା ଲୋକେ ପୋଷ୍ୟାକନ୍ୟା ଗ୍ରହଣ କରି କନ୍ୟା ଦାନ କରୁଥିଲେ। ପୁଣି

ପୋଷାକନ୍ୟା ପରିବର୍ତ୍ତେ ବୃକ୍ଷକୁ କନ୍ୟା ଭାବେ ଗ୍ରହଣ କରି ତା' ପାଇଁ ବର ଯୋଗାଡ଼ କରୁଥିଲେ। ଏ ଯେଉଁ ଅନାବାଦୀ ଥାନରେ ବର ଓସ୍ତ ଗଛ ଉଠିଚନ୍ତି, ଆପଣ ସେ ଦୁହିଁଙ୍କ ବାହାଘର କରାନ୍ତୁ। ଆପଣଙ୍କ ପିଲା ଖୁବ୍ ଚଞ୍ଚଳ ଆରୋଗ୍ୟ ହେବ। ବାଙ୍କା ମଉସା ଏଥର ବହୁ ଆଲୋଚନା ପରେ ଘଣ୍ଟୁ କଥାଟାକୁ ଗ୍ରହଣ କଲେ, ଶେଷରେ ସେ ଜାଗାକୁ ସଫା ସଫି କରି, ବାହାଘର ଆୟୋଜନ ହେଲା। ନିଜ ଗାଆଁରୁ ଡକାଇଥିବା ନନା, ବାରିକାଦିଙ୍କ ସାହାଯ୍ୟରେ ବାହାଘର ହେଇଗଲା। ପରଦିନ ସେଠି ଗୋଟାଏ ପତାକା ମାରିଦେଲା ଘଣ୍ଟୁ। ଲୋକେ ବୁଝିଗଲେ ଏ ବରଓସ୍ତ ଗଛ ନୁହଁ, ଏ ଦୁହେଁ ବରକନ୍ୟା, ନବ ଦମ୍ପତି। ପରଠାରୁ ସେଠାରେ ଫୁଲପାଣି ଦେଇ ବାଙ୍କା ମଉସା ମାଉସୀ ଲାଗି କରେଇଲେ। ଦକ୍ଷିଣାରେ ନେଇ ଗାଁ ନନା ବାରିକେ ଫେରିଗଲେ, ବାହାଘର ଜିନିଷପଟା କିଣାକିଣିରେ ଘଣ୍ଟୁ ଯାହା କିଛି ପକେଟସ୍ଥ କଲେ। ବାଙ୍କା ମଉସା ଓ ସେବତୀ ମାଉସୀ ଘଣ୍ଟୁର ପହିଲା ଗରାଖ, ତାଙ୍କ ନାଆଁ କହି ବିଭିନ୍ନ ସାଇରେ ଗଛ ବାହାଘର କରିବାର ଆୟୋଜନ କଲା ଘଣ୍ଟୁ। ମାତ୍ର କେଉଁଠି ହେଲେ ନିଜର ଅସଲ ନାଆଁ ଜଣାଏ ନାଇଁ। ବାହାଘର ପୂର୍ବ ଓ ପରଦିନ ଲଗାତର ଭାବେ ତିନିଚାରିଦିନ ତା'ର ଖିଆପିଆ ଶୁଆବସା ସେଇଠି। ପୁଣି ଗୋଟାଏ ଏ ଥାନରୁ ଅନ୍ୟ ଥାନକୁ ଯାଏ, ସେଠି ଲୋକଙ୍କୁ କେତେ କଦରରେ କୁହାପୋଛା କରି, ସେମାନଙ୍କ ମନ କିଆରିରେ ବିଶ୍ୱାସ ଚାରା ପୋତେ, ଚାରା ବଢ଼ିଲେ ବାହାଘର କାମଟା ସୁଲୁପେଇ ବଢ଼େଇ ଦିଏ। ଫଳେ ଫୁଲେ ଯାହା କିଛି ମିଳିଲା, ସେଇତକ ତା'ର ମୂଳପୁଞ୍ଜି।

ଅଣଚାକିରିଆ ଚାକିରି ପାଇବେ, ବୟସୀ ଅଭିଆଡ଼ିଏ ବର ପାଇବେ, ନିଧୂମ ବାଞ୍ଝେ ବାଛୁରି ପାଇବେ, ବଡ଼ ବଡ଼ ରୋଗ ବିନା ଡାକତରରେ ଭଲ ହେଇଯିବ, ଲକ୍ଷ୍ମୀଛଡ଼ା ବେପାରୀଙ୍କ ଘରକୁ ଆସିବାକୁ ଲକ୍ଷ୍ମୀ ଠିକଣା ଖୋଜିବେ, ସରସ୍ୱତୀ ନାଁ ଗାଁ ଖୋଜା ଲୋଡ଼ା କରି ଜିରୋ ରେଜଲ୍‌ଟିଆଙ୍କୁ ଫାଷ୍ଟରେ ନେଇଯିବେ- ଏମନ୍ତ ଉଫାନଉଠା କଥାମାନ ପ୍ରଚାର କରେଇଲା ଘଣ୍ଟୁ। ସବୁ ଥାନରେ ଥିବା ଗଛ ବାହା ହେବାକୁ ଯୋଗ୍ୟ ନୁହନ୍ତି। କେବଳ ନିଛାଟିଆ ଥାନରେ ଥିବା ଗଛ ଚାରିପାଖ ଗେରଦ କରି ଏଇଠି ବାହାଘର କାମ କରେଇଲେ ସାଦା ପୁଣ୍ୟ ନୁହେଁ, ବରଂ ମହାପୁଣ୍ୟ ଅଛି ବୋଲି ଘଣ୍ଟୁ ନିକିମା ହୋଇ ଧରମ ଡରୁଆ ଲୋକଙ୍କ ଭିତରେ ଭୟ, ଭକ୍ତି ଓ ବିଶ୍ୱାସ ତିଆରି କଲା। ତାଙ୍କ ଗାଁ ପାଖର ଗୋବରାକୁ ପାଟ ଜଉତିଷ ବେଶରେ ସଜେଇ, ଏକଥା କହିବାକୁ ଆଣି କେଇଟା ଦିନ ପାଖରେ ରଖିଲା। ଶୁଣି ସାକ୍ଷୀ ଓ ମାତାଲ, ପାଟ ଜଉତିଷ ଗୋବରା ବଡ଼ ଗମ୍ଭୀରିଆ ଭାବରେ କେତେ ଲୋକଙ୍କୁ ଭୁଆଁ ବୁଲେଇଲା। ଘଣ୍ଟୁଠାରୁ ଗୋବରା ପ୍ରତି ଲୋକଙ୍କ ଆକର୍ଷଣ ବଢ଼ିଲା, ତେଣୁ ଘଣ୍ଟୁ ଗୋବରା ମାଧ୍ୟମରେ କିଛି ପାଇଲା। ଦେଖିଲା ସାପ ବଢ଼ିଲେ ଫଣା ବଢ଼ିବ, ଗୋବରାକୁ ବିଦା କଲାବେଳକୁ ସେ ପାଖ ନ ଛାଡ଼େ। ରାତିରେ ତା' କାନରେ ଫୋଡ଼ିଲା ମନ୍ତ୍ର- "ତତେ ଲୋକେ ନକଲି ଜ୍ୟୋତିଷ ବୋଲି ସନ୍ଦେହ କଲେଣି, କାଲି ବୋଧେ ଏ ସାଇର ଜଣେ ଦି'ଜଣ ଥାନା ଆଡ଼େ ଯାଇ ତୋ' କଥା ଜଣେଇବେ। "ଏଣିକି ଢେଙ୍କାନାଳ, ତୋ ବୋଝ ତୁ ସମ୍ଭାଳରେ ବାବୁ ଗୋବର୍ଦ୍ଧନ !"

**ଘଣ୍ଟୁ ଲୋକଙ୍କୁ ଜଣେଇଲା ଯେ ଜଉତିଷେ କାଉଁରି କାମାକ୍ଷା ଯାଇଚନ୍ତି, ସେଇଠି କିଛି ବିଦ୍ୟା ସାଧି ଆସିବାକୁ ସମାନ ଗୋଟାଏ ବରଷ ଲାଗିବ।**

ଗୋବରା ଜଉତିଷକୁ ଲୋକେ ଡାକିବା ବେଳକୁ ସେ ଉଭାନ। ଘଣ୍ଟୁ ଲୋକଙ୍କୁ ଜଣେଇଲା ଯେ ଜଉତିଷେ କାଉଁରି କାମାକ୍ଷା ଯାଇଚନ୍ତି, ସେଇଠି କିଛି ବିଦ୍ୟା ସାଧି ଆସିବାକୁ ସମାନ ଗୋଟାଏ ବରଷ ଲାଗିବ। ତାଙ୍କ ଠିକଣା ସେ କାହାକୁ ଜଣେଇ ନାହାନ୍ତି, କେବଳ ମୋ କାନଫୁଙ୍କା ନମ୍ବରଟା ଗଲାବେଳେ ନେଇ ଯାଇଚନ୍ତି, ସେ ସୁବିଧା ପାଇଲେ ମତେ ଖବର ଦେବେ। ଏଇଠୁ ବି ତାଙ୍କୁ ଆପଣଙ୍କ କଷ୍ଟ ଜଣେଇଲେ, ସେ ସେଠି ଥାଇ କାଉଁରି ଦେବୀଙ୍କୁ ଡାଇରେକ୍ଟ ଜଣାଇ ନିଦାନ ବାହାର କରିବେ। ତାଙ୍କୁ ଯେତିକି ଜାଣେ ସେ କାହାକୁ ଠକନ୍ତିନି, ଅନେକ ଲୋକଙ୍କର ନାନା ପ୍ରକାରର ଦୁଃଖ କଷ୍ଟ ପାଇଁ ବିଭିନ୍ନ ପୂଜାପୂଜି କରି ଗ୍ରହମାନଙ୍କୁ ନିଶାଖୋରଙ୍କୁ ନିଶା ଦେଇ ବଶ କରିବା ପରାୟ ବଶ କରିଦେଇଚନ୍ତି। ପୁଣି ବହୁ ପଇସା ଦାବି କରନ୍ତିନି, ଯେ ଯାହା ଦେଲା ତହିଁରେ ମୁହଁ ଖୋଲନ୍ତିନି। ବଡ ନିର୍ମାୟା ମଣିଷ ସେ।

## ଘଣ୍ଟୁଆଙ୍କ ଭେଦୁଆ ବଚନ

ପାଣିଛେରୁଆ ସରଳ ବିଶ୍ୱାସୀ ଲୋକଙ୍କ ଚାହାଣି ଠଉରେଇ ଘଣ୍ଟେ ଏଥର ନିଜର ଭେଦୁଆ ବଚନରେ ସେମାନଙ୍କ ମନ କିଣିଲେ। କିଏ କିଏ ଅମନୋଯୋଗୀ ହେବା ଲକ୍ଷ୍ୟ କଲେ, ଘଣ୍ଟେ ଗୋବରା ଜ୍ୟୋତିଷଙ୍କ ସଫଳତା କାହାଣୀ ଶୁଣେଇଲେ। ତାଙ୍କ ଗଣନାକୁ ସନ୍ଦେହ କଲେ ଲୋକେ ପୋକମାଛି ଭଳି ମରିବେ। ଏଇ ସହରରେ ଜଣଙ୍କ ଘରକୁ ପଡ଼ିଶାଘର ଲୋକ ମାଡ଼ି ବସି ନାନା ଆଖେଡ଼ା କରୁଥିଲେ। ବିଚରା ଭଦ୍ରଲୋକ କେସ୍ କରି ବହୁଟଙ୍କା ଉଡ଼େଇ ଦେଲେ। ଫଳ ବିନ୍ଦୁନାସ୍ତି। ଦୈବାତ୍ ମୋ ହାବୁଡ଼େ ପଡ଼ିଲେ, ପହଞ୍ଚୁ ପହଞ୍ଚୁ ତାଙ୍କ ଦୁଃଖ ବଖାଣିଲେ, ମୁଁ ତାଙ୍କୁ ଜଉତିଷଙ୍କ ସହ ଭେଟ କରିଦେଲି। ଗଲା ଆଷାଢ଼ ଅମେଇସିଆରେ ମଶାଣିରେ ବସି ପୂଜା କଲେ, ପୂଜା ଫୁଲ ନେଇ ସେଇ ଘର ଉପରେ ଭଦ୍ରଲୋକ ପକାଇ ଦେଲେ। ବାସ୍, କାମ ଖତମ୍। ପଡ଼ିଶା ଘରର ସେଇ ବହକାଲିଆ ଲୋକର ବଡ଼ ପୁଅ ତା' ପରଠୁ ଶେଯ ଧଇଲା, ସାନ ପୁଅର ରାଞ୍ଚି ବଦଳି ହେଲା। ପରିବାର ଛିନ୍‌ଛତର୍। ଭଦ୍ରଲୋକ ଘର ଦଖଲ କଲେ, ଚାଲୁନାହାନ୍ତି ତାଙ୍କ ସାଥିରେ ଭେଟ କରେଇଦେବି। ପୁଣି ବଖାଣିଲା ଆରପଟ ସାଇର ଠିକ୍ ମିଡ଼ିଲ୍ ଘରର ସାଆଁତରା ବାବୁଙ୍କ କଲେଜ୍ ପଢ଼େଇ ଝୁଅଟାକୁ ଗୋଟାଏ ଟୋକା ବାରବାର ପିଛା କଲା, ଛକରେ ଛକରେ ଛକି ବସୁଥିଲା, ନାନା ହରକତ କରୁଥିଲା, ସାମନ୍ତରା ବାବୁ କେମିତି ମୋତେ ହାବୁଡ଼ିଲେ; ମୁଁ ତ କିଛି ନୁହେଁ, ସେଇ ଜ୍ୟୋତିଷ କଥା କହିବାରୁ ତାଙ୍କ ଦୟାରୁ ଡେଉଁରିଆଟେ ପିନ୍ଧିଲା।



ଏଇ କ୍ରମରେ ଘଣ୍ଟୁର ଧୂଆଁବାଣରେ, କେତେଟା ଅବିଶ୍ୱାସୀ ଲୋକେ ତାକୁ ବିଶ୍ୱାସ କଲେ। ଗୋବରା ଜଉତିଷ ସହ ଭେଟ ତ ହେବ ନାହିଁ ସେ କାଉଁରି ଗସ୍ତ କରି ସେଠି ଗ୍ରହମାନଙ୍କୁ ଦଉଡ଼ିରେ ବାନ୍ଧି ଗୋଟେ ବଡ ବେଙ୍ଗେଲା ଯୋଚିଚନ୍ତି, ପାଞ୍ଚଣଟା ତାଙ୍କ ହାତରେ। ତାଙ୍କ ଅଡ଼ାଣରେ ଗ୍ରହମାନଙ୍କ ହାଲତ ଖରାପ ହେଲାଣି। ଅତି ଆତୁରିଆ ଜ୍ୟୋତିଷ ବିଶ୍ୱାସୀଏ ଭାବିଲେ ଘଣ୍ଟୁଙ୍କୁ ହାତ କଲେ ସେ ନିଶ୍ଚୟ ଜ୍ୟୋତିଷଙ୍କୁ କହି ଗ୍ରହକ୍ଳେଶ ଏପଟ ସେପଟ କରିଦେବେ। ଏଇ କେତେଟା ଉଦାହରଣ ବାଆଦେ, ଗୋବରା ଜଉତିଷର ବଡ଼ତି ଘୋଷଣା କଲା ଘଣ୍ଟୁ। କେତେଟା ଲୋକ ଘଣ୍ଟୁକୁ ପୁଅ, ପୁତରା ଭାଉଜ, ଇତ୍ୟାଦି ବନେଇ ଦେଲେ।

ସେପଟ ସାଇରେ ନୋକା ସାଉର ଛକରେ ଦୋକାନ ଅଛି। ରାତି ଦଶଟାରେ ଦୋକାନ ସଟର ଡାଉନ୍ କଲାବେଳେ, ଘଣ୍ଟୁକୁ ପୁଅ ପୁଅ ବୋଲି ଡାକି ଅଟକାଇଲେ। ନୋକା ମଉସାଙ୍କୁ ଘଣ୍ଟୁ ନବେ ଡିଗ୍ରିଆ ନମସ୍କାରଟେ ନାଛି ଦେଲେ। ନୋକା ଟିକେ ଉଢ଼ାଳକୁ ନେଇ କହିଲେ– "ଆରେ ପୁଅ, ମୋ ପୁଅ କିଏ, ତୁ କିଏ ? ହେଲେ ବାପା ଗୋଟାଏ ଅଘଟଣ ଘଟୁଚି। ମୁଁ ଖିଆପିଆ କରିବାକୁ ଘରକୁ ଯିବା ବେଳେ ଟୋକା ଦୋକାନରେ ରହୁଚି। ମୁଁ କ୍ୟାଶ୍ ଦେଖିବା ବେଳକୁ ସବୁ ବେଳେ ନିଅଣ୍ଟ। ବଜାର ବନ୍ଦ ଦିନ ମୁଁ ଉଣ୍ଡିଲି ତାକୁ, ତଳ ସାଇର ଗଇଁଠୁ ଦାସଙ୍କ ଝୁଅ ସାଙ୍ଗରେ ନଟପଟ, ତା'ରି ପିଛା ପଇସା ଉଡ଼ଉଚିରେ ବାପା। ଅଥାନ ଘାଆ, ଦେଖୁଛି ଖାଲି, ଦେଖେଇ ପାରୁନିରେ ପୁଅ। ଏ କାମଟାକୁ ତୁ ଯଦି ଜଉତିଷଙ୍କୁ କହି ବ୍ୟବସ୍ଥା କରନ୍ତୁ, ମୁଁ ଜଉତିଷ ଖର୍ଚ୍ଚା ବାଆଦେ, ତୋ କଥା ବି ବୁଝନ୍ତି। କିନ୍ତୁ କାମଟା ଚଞ୍ଚଳ ହେବା ଦରକାର। ରଖିଥାରେ ପୁଅ, ଏଇଟା ତୋର କହି, ନୋକା ମଉସା ଦି'ଖଣ୍ଡ ବଡ଼ ଗାନ୍ଧିମୁଣ୍ଡିଆ ସଙ୍ଗେ ସଙ୍ଗେ ଗୁଞ୍ଜି ଦେଲେ ଘଣ୍ଟୁ ହାତରେ। ଘଣ୍ଟୁ ଏଥର ଗଇଁଠୁ ଦାସ ଝୁଅକୁ ଟିକେ ଦୂରରୁ ଚିହ୍ନଟ କରିଦେବାକୁ ମଉସାଙ୍କୁ କହିଲା।

ଠିକ୍ ସପ୍ତାହକ ଭିତରେ ଘଣ୍ଟୁ ତା' ସ୍ମାର୍ଟ କାନଫୁଙ୍କା ଧରି ଗଇଁଠୁ ଝୁଅ ଓ ନୋକା ମଉସା ପୁଅଙ୍କ ରାଆସ ଥଳରେ ପହଞ୍ଚି ଗଲା। ଟିକେ ଉହାଡ଼ରେ ଥାଇ ଦି ଜଣଙ୍କ ଫଅଟ୍ ଉଠେଇଲା। ଚାଏଁ କରି ସେଠାରୁ ଉଭାନ୍ ହେବା ବେଳକୁ ସଂକ୍ଷେପ ଖେଁ ଖେଁରେ ଖଣ୍ଡିକାଶଟେ ଶୁଣାଇଲା। ଉଭୟେ ତାଟକା ହେଲେ। ନୋକା ମଉସା ପୁଅ ଭାରି ତରକା। ଆପଣା ପ୍ରୀତିବାଲି ଗଇଁଠୁ ଝୁଅକୁ ଛାଡ଼ି, ଲମ୍ବା ଲମ୍ବା ପାଦ ପକେଇ ଘଣ୍ଟୁ ପଛରେ ଧପାଲିଲା। କିଛିବାଟ ପରେ ଯାଇ ଘଣ୍ଟୁ ପଛରୁ ଭିଡ଼ି ଧଇଲା। କହିଲା– 'ବଡ଼ ଭାଇ ! ଉଠାଇଥିବା ଫଅଟ୍ ତମ କାନଫୁଙ୍କାରୁ ପୂରା ପୋଛି ଦିଅ, ଆଉ ଧର ଏତକ। ତମ ମୋ ଭିତରେ

କଥା, ବାପା ଜାଣିଲେ ସତ୍ୟାନାଶ। ନୋକା ମଉସା ପୁଅ ବି ଦି'ଖଣ୍ଡ ବଡ଼ ଗାନ୍ଧୀମୁଣ୍ଡିଆ ଘଣ୍ଟୁକୁ ଧରେଇ ଦେଲା। ଘଣ୍ଟୁ ଅପ୍ରସନ୍ନ ହେବାରୁ ଆଉ ଦି'ଖଣ୍ଡ ଧରେଇ ଦେଲା। ତା' ଆଗରେ ଟିପ ଟିପି ଟିପି, ଫଅଟ୍‌କୁ ଘଣ୍ଟୁ ପୋଛି ଦେଲା। କହିଲା ଏତିକି ଭାଇ ଏ ଜାଗା ବଦଳାଅ, ମଉସା ଜାଣିଶୁଣି ମତେ ପଠେଇଥିଲେ, ଦୋକାନ ଟଙ୍କା ଆଣି ଏମିତି କରୁଚ, ଆଠ ପନ୍ଦର ଦିନ ଟିକେ ସମ୍ଭାଳି ଯାଅ, ତା' ପରେ ମୁଁ ଯେଉଁ ଦିନ କହିବି, ସେଇଦିନଠୁଁ ତମ ନୂଆ କାମରେ ମାତିଯିବ। ଆଜିଠୁଁ କ୍ୟାସ୍‌ରେ ହାତ ଲଗାନା, ପନ୍ଦରଦିନ ପରେ ଯାହା କରିବ। ଧଡ଼ଧଡ଼ ଛାତିଆ ଟୋକା ମଉସା ପୁଅ ଏତକ ଶୁଣି ବେଧଡ଼କ ହେଇଗଲା। କହିଲା- 'ତମକୁ ମାନିଗଲି ଭାଇ!'

**ବାଟକୁ ଆଇଲାଣି**

ନୋକା ମଉସା ଦେଖିଲା ଦୋକାନ କାରବାର ଠିକ୍ ଠାକ୍ ଅଛି, ଟୋକାଟା ବଦଳିଗଲାଣି, ଯାହା ହେଉ ଜଉତିଷେ ପିଲାଟାକୁ ବାଟକୁ ଆଣିଲେ। ଘଣ୍ଟୁ ଉପରେ ସେ ପ୍ରସନ୍ନ ହେଲେ, ସେତିକି ଦୋକାନ ସଟର ପକେଇବା ବେଳକୁ ଘଣ୍ଟୁ ତାଙ୍କୁ ଦେଖାକଲା। ସଙ୍ଗେ ସଙ୍ଗେ ଘଣ୍ଟୁ ହାତରେ କିଛି ଧରେଇ ଦେଇ ନୋକା ମଉସା କହିଲେ - "ପୁଅରେ ତୋ' ଜଉତିଷର କରାମତିରୁ, ଟୋକାଟା ବାଟକୁ ଆଇଲାଣି, ଦୋକାନର କ୍ୟାସ୍‌କୁସା ଠିକଠାକ୍। ଏଇ ସୁଯୋଗରେ ଘଣ୍ଟୁ କହିଲା ମଉସା, ତମ ଦୋକାନରୁ ଦିଇଟା ଦୋକାନ ଛାଡ଼ି ଯେଉଁ ଦୋକାନ ସେଠି ତ ଭଲ କାରବାର, ତା' ତୁଳନାରେ ତମର ବେପାରଟା ଟିକେ ମାନ୍ଦା ପଡିଚି। ତମେ ଚାହିଲେ ଜଉତିଷକୁ ଜଣେ ଗ୍ରହ ଚାଲିଚଳଣିକୁ ମରାମତି କଲେ ସବୁ ଗରାଖେ, ତମ ଦୋକାନକୁ ଆପଣା ଛାଏଁ ଭିଡ଼ି ହେଇ ଆସନ୍ତେ, ବିଚରା ମାଛି ହୁଡ଼ାନ୍ତା ସେ। ଆର ହପ୍ତାରେ ଜଉତିଷେ କାଉଁରିରୁ ମତେ ଡାକିବେ, ମୁଁ ତମ କଥା ଜଣେଇବି। ଖର୍ଚ୍ଚା ପାଣି, ତମେ ପରେ ଦେଇଦେବ ବୋଲି ମୋର ତମ ଉପରେ ଷୋଳଣା ବିଶ୍ୱାସ ଅଛି ମଉସା।

> **"ପୁଅରେ ତୋ' ଜଉତିଷର କରାମତିରୁ, ଟୋକାଟା ବାଟକୁ ଆଇଲାଣି।"**

ଗଇଁଠୁ ସାଉର ଝୁଅକୁ ପିଛା କଲା ଘଣ୍ଟୁ, ତା' କାନେ କାନେ ଗୁରୁମନ୍ତ୍ର ଫୁଙ୍କିଲା। "ମୁଁ ଜାଣେ ନୋକା ମଉସା ପୁଅ ତମର ହାର୍ଟ, ତମର ବ୍ରିଥ୍, ତମର ଜାନେମନ୍। କିନ୍ତୁ ତାଙ୍କ ବାପା ତମ ସହ ତାକୁ ଯୋଡ଼ି ପ୍ରଜାପତେୟ ନମଃ କରିବାକୁ ଚାହୁନାହାନ୍ତି। ତମ ଦି'ଜଣଙ୍କ କାରବାର ନେଇ ବଜାର ଘାଟରେ ଟୁପୁରୁଟାପୁରୁ ଚାଲିଗଲାଣି। ତମ ବାପା ଏକଥା ଜାଣିଲା ଜାଣିଲା ହେଲେଣି। କ'ଣ କରିବା, ଏଇଟା ତମ ଭାଗ୍ୟ।" ଗୋବରା ଜଉତିଷ କଥାକୁ ଚୁମ୍ବକରେ ଝୁଅ ମନରେ ଭରିଦେଲା ଘଣ୍ଟୁ। ବିନ୍ଧା କମିବା ପାଇଁ ମଲ୍ଲୁ, ଯାହା ବଟିକା ଦେଲେ ଆକୁଳରେ ଢୋକି ପକେଇବା ଭଳିଆ, ଆତୁରିଆଣୀ ଟୋକୀଟା ଘଣ୍ଟୁଭାଇ କଥାରେ ବଶ ହେଇଯାଇ, ଖଣ୍ଡେ ଗାନ୍ଧିମୁଣ୍ଡିଆ ଧରେଇଦେଲା। ସେତକ ନେଇଯିବା ପରେ ଦିନେ ବେଳକାଳ ଉଣ୍ଡି ଘଣ୍ଟେ ଗଇଁଠୁ ସାଉକୁ ନଈ କଡ଼େ କଡ଼େ ଏକାକୀ ଯାଉଥିବା ବେଳେ ଭେଟିଲେ। ଜଉତିଷ କଥା କହି ତାଙ୍କ ମନରେ ଆଶା ଗଛ ଗଜୁରେଇଲେ। ଚାରିଝିଅର ବାପା ଗଇଁଠୁ, ବଡ଼ ଝୁଅର ବୋଝଟାକୁ ଖସେଇବେ ବୋଲି ଚିନ୍ତା ପୋଖରୀରେ ବୁଡ଼ିଥାନ୍ତି। ଘଣ୍ଟୁର ପ୍ରସ୍ତାବ ଶୁଣି, ସେ ବି ଏକାଥରେ ରାଜି।

ଏକମାସ ପରେ ନୋକାମଉସା ଓ ଗଇଁଠୁ ସାଉ ପାଖ ସରକାରୀ ଜାଗାରେ ଥିବା ବରଓସ୍ତ ଗଛକୁ ବାହା ଦେଇ ସମୁଦି ଡକାଡକି ହେଲେ। ଘଣ୍ଟୁଙ୍କ ଦୟାରୁ ଗଇଁଠୁ ଝିଅ ସାଥିରେ ନୋକା ମଉସାଙ୍କ ପୁଅର ଗଇଁଠାଳ ପଡ଼ିଗଲା। ଟେମ୍ପରାରି ସମୁଦିରୁ ଉଭେୟ ପରମାନେଣ୍ଟ ସମୁଦି ହେଇଗଲେ। ନୋକା ମଉସା ଗଇଁଠୁ ସାଉ, ଉଭୟଙ୍କ କନ୍ୟା ଜାମାତା ବା ପୁତ୍ର ପୁତ୍ରବଧୂଙ୍କ ଠାରୁ ପରସ୍ପରର ଅଗୋଚରରେ ଜଉତିଷଙ୍କ ନାଁ କହି ଯାହା ନେବା କଥା ନେଇଗଲେ।

ଏଣିକି ଘଣ୍ଟୁଙ୍କ ଖାଲେଇଲେ ଏଇ ପ୍ରକାରର ଅନେକ ହନ୍ତସନ୍ତିଆ ଆତୁରିଆ ମାଛ। ସହରର ଠାଆକୁ ଠାଆ ବରଓସ୍ତ ବାହାଘର; ସବୁଠି ଘଣ୍ଟୁଙ୍କ ଜଉତିଷଙ୍କ କାରନାମାର ଚର୍ଚ୍ଚା।

ଘଣ୍ଟୁ କିନ୍ତୁ ଏ ପ୍ରକାର ବେପାର ଛାଡ଼ି, ଆଉ କିଛି ନୂଆବାଟ ଖୋଜୁଥିଲେ, ଧୂଆଁ କୁହୁଳି ନିଆଁ ଧରିବା ଆଗରୁ ଥାନ ଛାଡ଼ି ପଳାୟନ ଶ୍ରେୟ ମଣୁଥିଲା ଘଣ୍ଟୁ।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com




ପ୍ରବନ୍ଧ

# ଓଡ଼ିଆ ଭ୍ରମଣ ଉପନ୍ୟାସରେ ‘ଭାରତ’

ପବିତ୍ର ଦାସ

‘ଭ୍ରମଣ ଉପନ୍ୟାସ’ କହିଲେ ସାଧାରଣତଃ ଭ୍ରମଣ ପ୍ରସଙ୍ଗ ଆଧାରିତ ଉପନ୍ୟାସକୁ ବୁଝାଇଥାଏ। ଅର୍ଥାତ୍ ଭ୍ରମଣକାରୀର ଭ୍ରମଣଜନିତ କୌତୂହଳକୁ ମାଧମକରି ଭିନ୍ନ ଦେଶର, ଭିନ୍ନ ପରିବେଶର, ଭିନ୍ନ ପରମ୍ପରା, ବେଶ ପୋଷାକ ଆଦିର ବର୍ଣ୍ଣନା ଚାଲିଥିବା ସହିତ ଆନ୍ତଃ ପ୍ରବାହରେ ଉପନ୍ୟାସର କଥାବସ୍ତୁଟି ନିଜସ୍ୱ ଢଙ୍ଗରେ ବାହ୍ୟ ଦ୍ୱନ୍ଦ୍ୱ, ଆନ୍ତଃଦ୍ୱନ୍ଦ୍ୱ, ଉତ୍କଣ୍ଠା, ସଂଘାତ ଆଦିରେ କ୍ରମଃ ପରିଣତାଭିମୁଖୀ ହେଉଥାଏ। ଏହି ଧରଣର ଉପନ୍ୟାସରେ କାହାଣୀର ଗୁରୁତ୍ୱ ସହିତ ସ୍ଥାନ ବା ପରିବେଶର ଗୁରୁତ୍ୱ ମଧ୍ୟ ପରିଲକ୍ଷିତ ହୋଇଥାଏ। ତେଣୁ ପ୍ରତ୍ୟେକ ଭ୍ରମଣ ଉପନ୍ୟାସର କଥାବସ୍ତୁ ଭିନ୍ନ ଭିନ୍ନ ହେଲେ ହେଁ ଜଣେ ଭ୍ରମଣକାରୀର ଭ୍ରମଣ ବୃତ୍ତାନ୍ତ ପ୍ରତ୍ୟେକ କଥାବସ୍ତୁରେ ଆନ୍ତଃସାମ୍ୟ ତିଆରି କରେ। ଏହି ଭ୍ରମଣ ବୃତ୍ତାନ୍ତଜନିତ ଆନ୍ତଃସାମ୍ୟ ହିଁ ଅନ୍ୟ ଉପନ୍ୟାସର କଥା ସଂରଚନାଠାରୁ ଭ୍ରମଣ ଉପନ୍ୟାସର କଥା ସଂରଚନାକୁ ସ୍ୱତନ୍ତ୍ର କରିଥାଏ। ଭାରତୀୟ ପୃଷ୍ଠଭୂମି ଉପରେ ଲେଖାଯାଇଥିବା ଓଡ଼ିଆ ଭ୍ରମଣ ଉପନ୍ୟାସ ସମ୍ପର୍କରେ ଆଲୋଚନା କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ।


କଳାବତୀ

ରଚନା—ସ୍ୱର୍ଗୀୟା ଅପର୍ଣ୍ଣା ପଣ୍ଡା

ସଂପାଦନା ଓ ସମୀକ୍ଷା

ଅଧ୍ୟାପକ ଡକ୍ଟର କୃଷ୍ଣଚରଣ ବେହେରା

ପ୍ରକାଶକ

ପୁସ୍ତକ ଭଣ୍ଡାର

ବ୍ରହ୍ମପୁର · କଟକ

ଭାରତୀୟ ପୃଷ୍ଠଭୂମିରେ ଓଡ଼ିଆରେ ଅନେକ ଉପନ୍ୟାସ ଲେଖାଯାଇଥିବାର ଦୃଷ୍ଟିଗୋଚର ହୁଏ। ସେଗୁଡ଼ିକ ଭିତରୁ ନିମ୍ନରେ ପାଞ୍ଚୋଟି ଭ୍ରମଣ ଉପନ୍ୟାସକୁ ଆଲୋଚନାର ପରିସରଭୁକ୍ତ କରାଯାଇଛି। ଯଥା- ଅପର୍ଣ୍ଣା ପଣ୍ଡାଙ୍କ ‘କଳାବତୀ’(୧୯୦୨), ବିଭୂତି ପଟ୍ଟନାୟକଙ୍କ ‘ଆଗ୍ନେୟଗିରିରେ ବଣଭୋଜି’(୧୯୮୦), ଦୀନନାଥ ପାଠୀଙ୍କ ‘ଗଙ୍ଗାବତରଣ’ (୨୦୦୨), ଦେବାଶିଷ ପାଣିଗ୍ରାହୀଙ୍କ ‘ଅୟମାରମ୍ଭ’(୨୦୦୮) ଓ ‘ପାହାଡ଼ ପଛର ଜହ୍ନ’(୨୦୧୧)।

**ଅପର୍ଣ୍ଣା ପଣ୍ଡା : ‘କଳାବତୀ’**

ଅପର୍ଣ୍ଣା ପଣ୍ଡାଙ୍କ କଳାବତୀ ଭ୍ରମଣ ଉପନ୍ୟାସଟି ୧୯୦୨ ମସିହାରେ ପ୍ରକାଶ ପାଏ। ଏହାର ସମ୍ପାଦନା ଓ ସମୀକ୍ଷା ଭାର ତୁଲାଇଛନ୍ତି ଡ. କୃଷ୍ଣଚରଣ ବେହେରା। ଉପନ୍ୟାସଟି ମଧ୍ୟପ୍ରଦେଶର ରାୟପୁରର ଜନୈକା ରୂପସୀ, ଗୁଣବତୀ ଝିଅ କଳାବତୀର ରୋମାଞ୍ଚକର ଦୁଃସାହସିକ ଭାରତ ପର୍ଯ୍ୟଟନକୁ କେନ୍ଦ୍ର କରି ରଚିତ। ଉପନ୍ୟାସଟି ଚଉଦଗୋଟି ପରିଚ୍ଛେଦବିଶିଷ୍ଟ। ପରିଚ୍ଛେଦଗୁଡ଼ିକ ହେଲା- ସଖୀମାନଙ୍କ ପରସ୍ପର କଥୋପକଥନ, କଳାବତୀଙ୍କ ଦେଶ ପର୍ଯ୍ୟଟନ, ବୃନ୍ଦାବନ ମାହାତ୍ମ୍ୟ, ଅଧିକାରୀଙ୍କ ମନସ୍ତାପ, ତୁଳସୀବଣିଆ ବାଘ, କୁମ୍ଭମେଳା, ଇନ୍ଦ୍ରଧନୁ ଓ ବିଜୁଳିର ତିରୋଭାବ, ଗଙ୍ଗବଂଶୀୟ ରାଜାମାନଙ୍କ କୀର୍ତ୍ତିକଳାପ, ବିଧବା ବିବାହର ପର୍ଯ୍ୟାଲୋଚନା, ଜାତୀୟ ସମିତି, ଶିକ୍ଷିତା ରମଣୀର ଅପୂର୍ବ ଜିଜ୍ଞାସା, ଶେଷ ଧର୍ମର ପରିଚୟ, ବମ୍ବେର ଆଧୁନିକ ଅବସ୍ଥା, ସଂସାର ସୁଖ କ୍ଷଣସ୍ଥାୟୀ ଏବଂ ଅଳୀକ।

ନଦିଆ, କଲିକତା, ବୃନ୍ଦାବନ, ହରିଦ୍ୱାର, କଟକ, ଖଣ୍ଡଗିରି, ଭୁବନେଶ୍ୱର, କୋଣାର୍କ, ପୁରୀ, ଆନ୍ଧ୍ରପ୍ରଦେଶ, ମାଡ୍ରାସ୍ ସହରରେ ଘଟୁଥିବା ନିତିଦିନିଆ ଘଟଣା ସବୁ ଏଥିରେ ଚିତ୍ରିତ। ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ଆରମ୍ଭରେ ଆମ ଦେଶରେ ଘଟିଥିବା ନାନା ନୀତି ଓ ଅର୍ଥନୀତିର ବର୍ଣ୍ଣନା ଦେଖିବାକୁ ମିଳେ। କଳାବତୀ ଏହି ଉପନ୍ୟାସର ମୁଖ୍ୟ ଚରିତ୍ର। ତାହାଙ୍କୁ କେନ୍ଦ୍ର କରି ସମଗ୍ର ବିଷୟବସ୍ତୁ ଗତିଶୀଳ।

ଯେତେବେଳେ କଳାବତୀ ତା'ର ପ୍ରିୟବାନ୍ଧବୀ ଇନ୍ଦୁମତୀ ସହିତ ବାହାରିଚି ଭାରତ ଭ୍ରମଣରେ ସେତେବେଳେ ଉପନ୍ୟାସର ଅନ୍ୟ ବିଷୟବସ୍ତୁ ଅପେକ୍ଷା ତା'ର ଭ୍ରାମ୍ୟମାଣ ଜୀବନଟି ସେଇଠି ଗୁରୁତ୍ୱ ପାଇଛି ।

ପଶ୍ଚିମବଙ୍ଗସ୍ଥ ନଦିଆ, କଲିକତାର ବିବିଧ ସ୍ଥାନ, ବୃନ୍ଦାବନ, ଦକ୍ଷିଣ ଭାରତର ମାନ୍ଦ୍ରାଜ, ବମ୍ବେର ବିଭିନ୍ନ ଅଞ୍ଚଳ ତଥା ଓଡ଼ିଶାର ବିବିଧ ସ୍ଥଳର ବର୍ଣ୍ଣନାରେ ରହିଛି ଭ୍ରମଣକାରୀର ଦୃଷ୍ଟି ଏବଂ ସାଧାରଣ ସଚେତନ ସମ୍ବେଦନଶୀଳ ମଣିଷର ଅନ୍ତର୍ଦୃଷ୍ଟି । ବୈଷ୍ଣବ ଧର୍ମରେ ଘଟିତ ବିବିଧ ବ୍ୟଭିଚାରର ଚିତ୍ର ପ୍ରତିଫଳିତ ହୋଇଛି ବୈଷ୍ଣବ ପୀଠ ନଦିଆ ଓ ବୃନ୍ଦାବନର ବର୍ଣ୍ଣନା ପ୍ରସଙ୍ଗରେ । ସେହିଭଳି କଲିକତାରେ ଆଧୁନିକତାର ସଂକ୍ରମଣ, ଶିକ୍ଷାର ବିକାଶ ସହିତ ସମାନ୍ତରାଳ ଭାବରେ ପାଶ୍ଚାତ୍ୟ ଅନୁଗାମୀ ହେବାର ହେତୁହୀନ ଆଗ୍ରହ, ବ୍ରାହ୍ମ ଧର୍ମ ପ୍ରଚାର ପ୍ରସାର ଭଳି ନୂତନ ଧର୍ମର ପରିକଳ୍ପନା, ଆଧୁନିକ ବମ୍ବେର ବିବିଧତା ସହିତ ଓଡ଼ିଶାର ତତ୍କାଳୀନ ଶିକ୍ଷା, ସାହିତ୍ୟ ଓ ନୂଆକରି ଗଢ଼ି ଉଠୁଥିବା ଓଡ଼ିଶାରେ ପ୍ରତିବନ୍ଧକର ନାନାବିଧ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି କଳାବତୀ ଉପନ୍ୟାସରେ । ରାଧାନାଥ ଓ ଉପେନ୍ଦ୍ର ଭଞ୍ଜଙ୍କୁ କେନ୍ଦ୍ରକରି ଓଡ଼ିଶାରେ ଘଟିତ 'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକାର ବିବାଦ ଓ କୁତ୍ସାର ଚିତ୍ର ମଧ୍ୟ ସଂଯୋଜିତ ହୋଇଛି । 'କଳାବତୀ' ଉପନ୍ୟାସରେ ସୁନ୍ଦରୀ କଳାବତୀର ନିର୍ଭୀକ ଓ ନିଃସଂକୋଚ ଭାବେ ନୌକା, ଟ୍ରେନ୍ ଆଦିରେ ଭିନ୍ନ ଭିନ୍ନ ସ୍ଥାନର ଭ୍ରମଣ ବୃତ୍ତାନ୍ତ ବେଶ୍ ସୁନ୍ଦର ଭାବରେ ପରିଲକ୍ଷିତ ହୋଇଛି । ଉପନ୍ୟାସରେ କଥାକାର ଯେଉଁ ଭ୍ରମଣଶୀଳତାର ଭାବବସ୍ତୁକୁ ଯୋଗ କରିଛନ୍ତି, ତାହା ସତରେ ବେଶ୍ ଅନନ୍ୟ । କାରଣ ନାୟିକା କଳାବତୀର ଆଠବର୍ଷର ଭ୍ରମଣ କାହାଣୀ ସହିତ ଏକ ବର୍ଷର ଯେଉଁ ବୈବାହିକ ଦାମ୍ପତ୍ୟ ପ୍ରସଙ୍ଗ ଉପନ୍ୟାସରେ ସଂଯୁକ୍ତ ହୋଇଛି, ସେଠାରେ ଜଣେ ସଚେତକ ଭ୍ରମଣକାରୀକୁ ହିଁ ପ୍ରତ୍ୟକ୍ଷ ଭାବରେ ଉପନ୍ୟାସରେ ଅନୁଭବି ହୁଏ ।

**ବିଭୂତି ପଟ୍ଟନାୟକ: 'ଆଗ୍ନେୟଗିରିରେ ବଣଭୋଜି'**

ମାୟାବିନୀ ଗୋଆର ଯାଦୁକରୀ ପ୍ରାକୃତିକ ସୌନ୍ଦର୍ଯ୍ୟର ପୃଷ୍ଠଭୂମିରେ ବିଭୂତି ପଟ୍ଟନାୟକଙ୍କ 'ଆଗ୍ନେୟଗିରିରେ ବଣଭୋଜି' ଭ୍ରମଣ ଉପନ୍ୟାସଟି ରଚିତ । ଐଶ୍ୱର୍ଯ୍ୟର ଅଳକାପୁରୀ ଛାଡ଼ି ମୋକ୍ଷର ଅନ୍ୱେଷଣରେ ଇଣ୍ଡିଆ ଆସିଥିବା ଜଣେ ମାର୍କିନ୍ ତରୁଣୀ ଓ ଜଣେ ଭାରତୀୟ ପର୍ଯ୍ୟଟକର କାହାଣୀକୁ ନେଇ କଥାବସ୍ତୁଟି ଗତିଶୀଳ ।

ଲେଖକ ବମ୍ବେରୁ ଗୋଆ ଯାଉଥିବା ବସରେ ଯୋଡ଼ି ହୋଇଛନ୍ତି ବନ୍ଧୁ ପ୍ରଶାନ୍ତର ଭଉଣୀ ଲିପିକା ଆଉ ତାଙ୍କର ଛୋଟ ପୁଅ ଲର୍ଡ ଏବଂ ଜଣେ ଶ୍ୱେତାଙ୍ଗିନୀ ହିପ୍‌ପିଣୀ ସହିତ । ହିପ୍‌ପିଣୀର ଘର ଲସ୍‌ଏଞ୍ଜେଲେସରେ । ସେଇ ହିପ୍‌ପିଣୀ ଜଣକ ଔପନ୍ୟାସିକଙ୍କଠାରୁ ମାଗିଥିବା ଚାଳିଶ ଟଙ୍କାରୁ ହିଁ ଆରମ୍ଭ ହୋଇଛି ଉପନ୍ୟାସ କାହାଣୀ । ପରବର୍ତ୍ତୀ ସମୟରେ ସେଇ ଚାଳିଶ ଟଙ୍କା ହିଁ ଲେଖକ ଓ ବିଦେଶିନୀ ହିପ୍‌ପିଣୀ ମଧ୍ୟରେ ସମ୍ପର୍କର ଯୋଗସୂତ୍ର ସ୍ଥାପନ କରିଛି । ସମ୍ପର୍କ ହୋଇଛି ଘନିଷ୍ଠ । ଉପନ୍ୟାସର ମୁଖ୍ୟ ଚରିତ୍ର ଜଣେ ହିପ୍‌ପିଣୀ ହୋଇଥିବା ଯୋଗୁ ହିପ୍‌ପି ସଂସ୍କୃତି କ'ଣ ସେ ସମ୍ପର୍କରେ ଅବଧାରଣା ରହିବା ଜରୁରୀ ।

**ଷାଠିଏ ଦଶକରେ ଯୁକ୍ତରାଷ୍ଟ୍ରରେ ଏକ ଯୁବ ଆନ୍ଦୋଳନ ଭାବରେ ହିପି ଉପ-ସଂସ୍କୃତି ରୂପନେବା ଆରମ୍ଭ କରିଥିଲା ଏବଂ ପରେ ସାରା ବିଶ୍ୱରେ ବିକଶିତ ହୋଇଥିଲା ।**

ଇଉରୋପ, ଆମେରିକାରେ ସମାଜର ନିୟମ, ଶୃଙ୍ଖଳା ମାନୁ ନ ଥିବା ସମାଜ ବିଦ୍ରୋହୀ ଓ ବିଦ୍ରୋହିଣୀମାନଙ୍କୁ ହିପ୍‌ପି ଆଉ ହିପ୍‌ପିଣୀ ବୋଲି କୁହନ୍ତି । ଷାଠିଏ ଦଶକରେ ଯୁକ୍ତରାଷ୍ଟ୍ରରେ ଏକ ଯୁବ ଆନ୍ଦୋଳନ ଭାବରେ ହିପି ଉପ-ସଂସ୍କୃତି ଏହାର ବିକାଶ ଆରମ୍ଭ କରିଥିଲା ଏବଂ ପରେ ସାରା ବିଶ୍ୱରେ ବିକଶିତ ହୋଇଥିଲା । ଏହାର ଉତ୍ପତ୍ତି ୟୁରୋପୀୟ ସାମାଜିକ ଗତିବିଧିରେ ଊନବିଂଶ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯେପରିକି ବୋହେମିଆନ୍, ପୂର୍ବ ଧର୍ମ ଏବଂ ଆଧ୍ୟାତ୍ମିକତାର ପ୍ରଭାବ ସହିତ ଚିହ୍ନିତ ହୋଇପାରେ । ଏହା ସିଧାସଳଖ ବିଟ୍ ଜେନେରେସନ୍ ଏବଂ ଭିଏତ୍‌ନାମ ଯୁଦ୍ଧରେ ଆମେରିକାର ଯୋଗଦାନ ଦ୍ୱାରା ପ୍ରଭାବିତ ଏବଂ ଅନୁପ୍ରାଣିତ । ପ୍ରାୟ ୧୯୬୭ରୁ ଏହାର ମୌଳିକତା- ପ୍ରକୃତି ସହିତ ସମନ୍ୱୟ, ସାମ୍ପ୍ରଦାୟିକ ଜୀବନଯାପନ, ବିଶେଷ ଭାବରେ ସଂଗୀତରେ କଳା ପରୀକ୍ଷଣ, ଯୌନ ପରୀକ୍ଷଣ ଏବଂ ମନୋରଞ୍ଜନକାରୀ ଡ୍ରଗ୍‌ସ୍‌ର ବ୍ୟାପକ ବ୍ୟବହାର - ୧୯୬୦ ଦଶକର ପ୍ରତିବାଦ ସମୟରେ ସାରା ବିଶ୍ୱରେ ବ୍ୟାପିଗଲା, ଯାହା ସହିତ ଘନିଷ୍ଠ ହୋଇ ରହିଲା

ଅପସଂସ୍କୃତି। ହିପ୍‌ପି ଅହିଂସା ଏବଂ ପ୍ରେମକୁ ପ୍ରୋତ୍ସାହିତ କରିଥିଲେ। ଏହାର ଏକ ଲୋକପ୍ରିୟ ବାକ୍ୟ ହେଉଛି 'ପ୍ରେମ କର, ଯୁଦ୍ଧ ନୁହେଁ।' ସେ ହିପ୍‌ପିଣୀର ଧାରଣା ଐଶ୍ୱର୍ଯ୍ୟର ମାୟା ତ୍ୟାଗ କରି ଜୀବନରେ ପ୍ରକୃତ ସୁଖର ଅନ୍ୱେଷଣରେ ଦିନେ ଗୌତମ ବୁଦ୍ଧ ରାଜପ୍ରସାଦ ଛାଡ଼ି ଚାଲିଯାଇଥିଲେ। ପୃଥିବୀର ସେ ହେଉଛନ୍ତି ପ୍ରଥମ ହିପ୍‌ପି। ଯିଶୁ, ଶ୍ରୀକୃଷ୍ଣ ମଧ୍ୟ ଜଣେ ଜଣେ ହୀପ୍‌ପି। ସେଥିପାଇଁ ଏଇ ବିଦେଶିନୀ ଚାଲିଆସିଛି ଏ ଭାରତବର୍ଷକୁ।

ପ୍ରାଚ୍ୟ ଭୂଖଣ୍ଡର ସାମ୍ରାଜ୍ଞୀ ଗୋଆ। ଦିନେ ଯେଉଁ ଅଞ୍ଚଳ ଥିଲା ଗୋଧନ ସମୃଦ୍ଧ ଗୋମନ୍ତକ; ଆଜି ତାହାରି ନାମ ଗୋଆ। ସେଇ ଗୋଆର ରାଜଧାନୀ ହେଉଛି ପଞ୍ଜିମ୍। ଗୋଆର ପ୍ରାକୃତିକ ଦୃଶ୍ୟ ଥିଲା ଅତୀବ ମନୋରମ। ଉତ୍ତରରେ ମହାରାଷ୍ଟ୍ର, ପୂର୍ବରେ କର୍ଣ୍ଣାଟକ ଆଉ ପଶ୍ଚିମ ଦିଗରେ ଆରବ ମହାସାଗର। ସହରର ବନ୍ଧ ଉପରେ ତିନୋଟି ସମାନ୍ତର ସରଳରେଖା ଭଳି ପୂର୍ବରୁ ପଶ୍ଚିମକୁ ଲମ୍ବିଯାଇଛି ଆରବ ସାଗରର ଜଳରେଖା। ପାହାଡ଼, ପର୍ବତ, ନଦନଦୀ ଆଉ ସମୁଦ୍ର-ବେଳାକୁ ନେଇ ଗଢ଼ି ଉଠିଛି ଏକଦା ଧୀବର ଅଧୁଷିତ ଅଞ୍ଚଳ ଆଧୁନିକ ଗୋଆ। ଏହାର ୧୦୦ କିଲୋମିଟର ଦୀର୍ଘ ବେଳାଭୂମି ତୀରେ ତୀରେ ଆମ୍ବ, ନଡ଼ିଆ, ତାଳ, ଡାଳଚିନି, କାଜୁବାଦାମ୍, ଆଉ ଅନାରର ଧାଡ଼ିଧାଡ଼ି ଗଛ। ପ୍ରାଚୀନ ଗୀର୍ଜା, ମନ୍ଦିର-ମାଳିନୀ ଏଇ ଛୋଟ ରାଜ୍ୟ ପ୍ରକୃତିର ଅକୃତ୍ରିମ ସ୍ନେହରେ ଲାବଣ୍ୟମୟୀ। ପୁଣି ଗୋଆର ଇତିହାସ ସମ୍ପର୍କରେ ଲେଖକ କୁହନ୍ତି- ତା'ର ସୌନ୍ଦର୍ଯ୍ୟର ଲୋଭରେ ହିନ୍ଦୁ କଦମ୍ବବଂଶୀୟ ରାଜାଙ୍କଠାରୁ ଆରମ୍ଭ କରି ବାହମନି ସୁଲତାନ, ପୁଣି ଇଂରେଜ, ଡଚ୍, ଆଉ ପର୍ତ୍ତୁଗୀଜ୍ ବଣିକ ଝାମ୍ପ ଦେଇଛନ୍ତି ଗୋଆର ବୁକୁ ଉପରେ। ଶାସନ କରିଛନ୍ତି ଗୋଆବାସୀ ସରଳ ଜନସାଧାରଣଙ୍କୁ, ଶୋଷଣ କରିଛନ୍ତି ତା'ର ପ୍ରାକୃତିକ ସମ୍ପଦକୁ, ଦୀର୍ଘ ଚାରିଶହ ଏକାବନ ବର୍ଷ ବୈଦେଶିକ ଶାସନ ପରେ ୧୯୬୧ ମସିହା ଡିସେମ୍ବର ୧୯ ତାରିଖରେ ପର୍ତ୍ତୁଗୀଜ୍ ଶାସନାଧୀନ ଗୋଆ ସ୍ୱାଧୀନ ଭାରତ ସହିତ ମିଳିତ ହୋଇଛି। ଏଇ ସ୍ୱାଧୀନତା ଆଣିବା ପାଇଁ ପର୍ତ୍ତୁଗୀଜ ସରକାରଙ୍କଠାରୁ ଭାରତୀୟମାନଙ୍କୁ ଲାଠି ମାଡ଼, ବନ୍ଧୁକର ଗୁଳିରେ ଆହତ ହେବାକୁ ପଡିଛି। ଯେଉଁଥିରେ ଉପନ୍ୟାସର ନାୟକ ମଧ୍ୟ ଅଂଶଗ୍ରହଣ କରିଥିଲେ।

ବିଦେଶୀମାନଙ୍କର ଭାରତୀୟ ଆଧ୍ୟାତ୍ମିକତା ପ୍ରତି ଗଭୀର ସମ୍ମାନ ଦେଖିବାକୁ ମିଳିଛି। ୟୁରୋପ, ଆମେରିକାର ସମାଜ-ବିଦ୍ରୋହୀ ଭାରତ ଆସି ଭାରତୀୟ ସଂସ୍କୃତିକୁ ଆପଣେଇ ହରେକୃଷ୍ଣ ହରେରାମ ସଂକୀର୍ତ୍ତନରେ ମଜ୍ଜି ଯାଇଛନ୍ତି। ଗେରୁଆ ରଙ୍ଗର ଆଣ୍ଠୁଲୁଚା ଲୁଗା, ଛାତି ମୁଣ୍ଡରେ ତିଳକ ଚିତା, ରୁଦ୍ରାକ୍ଷମାଳ ସାଙ୍ଗକୁ ମୃଦଙ୍ଗ ବଜାରେ ତଲ୍ଲୀନ ହୋଇଯାଇଛନ୍ତି। ଏ ଦୃଶ୍ୟ ଦେଖି ଲେଖକ ବିମୋହିତ ହୋଇଛନ୍ତି ଯେ କିପରି ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ବିସ୍ତାର ଫଳରେ ଭାରତୀୟମାନଙ୍କ ମନରୁ ଏହି ଧର୍ମଭାବନା କ୍ରମଶଃ ଲୋପ ପାଇଯିବାକୁ ବସିଥିବାବେଳେ ପାଶ୍ଚାତ୍ୟ ଦେଶର ଏହି ସମାଜ- ବିଦ୍ରୋହୀମାନେ ସେହି ଆଧ୍ୟାତ୍ମିକ ଚିନ୍ତାକୁ ଆଉଥରେ ଜୀବନ୍ୟାସ ଦେଉଛନ୍ତି।




ଏହି ଉପନ୍ୟାସରେ ଔପନ୍ୟାସିକ ଗୋଆର ଇତିହାସ, ସମାଜ, ସଂସ୍କୃତି, ଲୋକକଥା, କିମ୍ବଦନ୍ତୀ, ପ୍ରାକୃତିକ ସୌନ୍ଦର୍ଯ୍ୟ ଆଦିକୁ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି।

## ଦୀନନାଥ ପାଠୀ : 'ଗଙ୍ଗାବତରଣ'

ଗଙ୍ଗାବତରଣ ଜୀବନପ୍ରବାହର କାବ୍ୟ ଓ ରୂପାନ୍ୱେଷୀ ରୂପାନନ୍ଦଙ୍କ କାଶୀ ଅନୁଭବର କାହାଣୀ। ଏହି କାହାଣୀ ରୂପାନନ୍ଦଙ୍କ ପରି ଯେଉଁମାନେ ଉତ୍ତରଣର କାମନା ରଖି ଗଙ୍ଗାରେ ଅବତରିଛନ୍ତି, ତଥାଗତ ବୁଦ୍ଧଙ୍କଠାରୁ ସୁଇସ୍ ଶିଳ୍ପୀ ଏଲିସ୍ ବୋର୍ନଙ୍କ ଯାଏଁ; ସେମାନଙ୍କ ଆଶା, ଆକାଂକ୍ଷା ଓ ପ୍ରାପ୍ତି ଭିତରେ ଏହି ପ୍ରୟାସ ଓ ଉଲ୍ଲାସ ସୁଷୁମ୍ନାରେ କୁଣ୍ଡଳିନୀ ଭଳି ସୁପ୍ତ ଓ ଜାଗ୍ରତ। ଅବତରଣ ଗଙ୍ଗାଙ୍କଠାରୁ ଆରମ୍ଭ ଓ ଗଙ୍ଗାଙ୍କ ପାଖରେ ଶେଷ। ଅବତରଣର ଆରମ୍ଭ ଓ ଶେଷ ମଧ୍ୟରେ ଏହି ଉପନ୍ୟାସ

କାଶୀଧାମରେ ଗୋଟିଏ ମାତ୍ର ବର୍ଷର କାହାଣୀ, ଚିତ୍ରକଳାର ଉତ୍ତରିତ ବର୍ଣ୍ଣବିଭାରେ ବିମଣ୍ଡିତ ଓ ଚିତ୍ରତତ୍ତ୍ୱରେ ରସାଣିତ।

ମଣିଷ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତିର ବିଭିନ୍ନ ଅବସ୍ଥାକୁ ବୁଝିପାରେ। ଏହି ତିନୋଟି ଅବସ୍ଥା ସ୍ଥିର ନୁହେଁ। ଯାହା ଜାଗ୍ରତ ବୋଲି ଆପାତତଃ ଅନୁଭୂତ ହୁଏ ତାହା ସ୍ୱପ୍ନାବସ୍ଥା ଏବଂ ଯାହା ସ୍ୱପ୍ନଦୃଷ୍ଟ ତାହା ହିଁ ଜାଗ୍ରତ। ଏଣୁ ଏହି ଉପନ୍ୟାସର ରୂପାନନ୍ଦଙ୍କ ସ୍ୱପ୍ନାନୁଭୂତି ଜଗତର ମାନବାନୁଭୂତି ଏବଂ ଏହା ଏକ ଦୀର୍ଘ ବା କ୍ଷଣସ୍ଥାୟୀ ସ୍ୱପ୍ନର ଅନୁଭବ। ପୁରାଣ ଇତିହାସ ଯେମିତି ସ୍ୱପ୍ନର କାହାଣୀ ସେମିତି ବାସ୍ତବର ଆଲେଖ୍ୟ। ସେହି ମର୍ମରେ କଳ୍ପନାରେ ରସାଣିତ ଉପନ୍ୟାସ ସଦାକାଳେ ଜୀବନର ଗାଥା ହିଁ ବର୍ଣ୍ଣ ଥାଏ। ରୂପାନନ୍ଦ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତିର ଅବସ୍ଥା ଭିତରେ ବାରମ୍ବାର ଭ୍ରମିଛନ୍ତି, ଶେଷରେ ବନାରସରେ ଅବତରଣର ଅନୁଭବ ସ୍ୱପ୍ନରେ ରୂପାୟିତ ହେଇଯାଇଛି ଓ ସେ ଉତ୍ତରିତ ହେଇଯାଇଛନ୍ତି। ରୂପାନନ୍ଦ ଏକ ଚରିତ୍ରବିଶେଷ ଭଳି ପ୍ରତେଃ ହେଉଥିଲେ ମଧ୍ୟ ସେ ସଚେତନ ମଣିଷ ସମାଜର ପ୍ରତିନିଧି। ହୁଏତ ସବୁ ମଣିଷ ଭଳି ଜଣେ ଜିଜ୍ଞାସୁ ରୂପାନ୍ୱେଷୀ ମଣିଷ।




ଐତିହ୍ୟ, ପରମ୍ପରାରେ ବିଶ୍ୱାସ ରଖି ସେ ସମ୍ପର୍କରେ ଗବେଷଣା କରୁଥିବା ରୂପାନନ୍ଦ ନୂଆ ଅପେକ୍ଷା ପୁରୁଣାକୁ ବେଶି ଆଦର କରେ। ମୋଗଲସରାଇ ଷ୍ଟେସନ୍ ପାଖରୁ ବନାରସ ଯାତ୍ରା ଆରମ୍ଭ ହୁଏ। ପରେ ପରେ ରାମନଗର ଯିବା ବାଟରେ ସେଠାକାର ଇତିହାସ ଓ ଐତିହ୍ୟ ସମ୍ପର୍କରେ ନିତ୍ୟାନନ୍ଦ ବର୍ଣ୍ଣନା କଲାବେଳେ କୁହନ୍ତି ଯେ କିପରି କାଶୀ ନରେଶଙ୍କୁ ପୁରୀର ଗଜପତି ସହିତ ତୁଳନା କରାଯାଇଛି। ଗଜପତି ଆଷାଢ଼ ମାସରେ ରଥଯାତ୍ରା ଅବସରରେ ତିନିରଥକୁ ସୁନାଝାଡ଼ିକାରେ ଛେରାପହଁରା କରନ୍ତି। ଏଠି ସେମିତି କାର୍ତ୍ତିକ ପୂର୍ଣ୍ଣିମାରେ ପଞ୍ଚଗଙ୍ଗାଘାଟରେ କାଶୀନରେଶ ସ୍ୱତନ୍ତ୍ର ଦୀପଦାନ କରନ୍ତି।

ଗଙ୍ଗା ପାର ହେଇ ବନାରସର ସାମନେଘାଟ ଟୁଙ୍ଗି ନଗୱା ଲଙ୍କା ଦେଇ ଗଲାବେଳେ ଅସୀଘାଟ ପଡ଼େ। କୁହାଯାଏ ସେହି ଅସୀର ଅସ୍ମିତା ନେଇ ବରୁଣାକୁ ମିଶେଇ ବାରାଣସୀ ନାଁର ପରିକଳ୍ପନା ହେଇଥିଲା ବୋଲି। ରୂପାନନ୍ଦ ଯେତେବେଳେ ଆଶ୍ରମରେ ପହଞ୍ଚିଛନ୍ତି ସେତେବେଳେ ତାଙ୍କ ସହ ଦେଖା ହୁଏ ସନ୍ନ୍ୟାସିନୀ ଲତିକାନନ୍ଦଙ୍କ ସହ। ସେ ଆଜନ୍ମ ବ୍ରହ୍ମଚାରିଣୀ, ଭିଏନା ସହରରେ ଜନ୍ମ। ଅଷ୍ଟ୍ରିଆର ବିଶିଷ୍ଟ ଚିତ୍ରଶିଳ୍ପୀ ଏଡଓ୍ୱାର୍ଡ ବଏମରଙ୍କ କନ୍ୟା। ପିଲାଟି ଦିନରୁ ଭାରତୀୟ ଦର୍ଶନ ପ୍ରତି ଆକୃଷ୍ଟ ହେଇଛନ୍ତି। ପରବର୍ତ୍ତୀ ସମୟରେ ଏଲିସ୍‌ଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ଏହି ଅନେକ ବର୍ଷେ ହେବ ଆଶ୍ରମରେ ରହିଯାଇଛନ୍ତି। ଏଲିସ୍‌ଙ୍କ ମୃତ୍ୟୁ ପରେ ସେ ଏବେ ଆଶ୍ରମର ଆଚାର୍ଯ୍ୟା। ଲତିକାନନ୍ଦ ଏବେ ରୂପାନନ୍ଦଙ୍କୁ ଆଶ୍ରମର ପରିଚାଳନା ଦାୟିତ୍ୱ ଦେଇ ବାହାରିଛନ୍ତି ଅଧ୍ୟୟନ, ଅଧ୍ୟାପନା, ଧ୍ୟାନଧାରଣାରେ ମନୋନିବେଶ କରିବା ପାଇଁ।

ଧର୍ମ, ଦର୍ଶନ, ଆଧ୍ୟାତ୍ମିକତାର ନଗରୀ ବନାରସର ସୌନ୍ଦର୍ଯ୍ୟ, ପବିତ୍ରତା ବର୍ଣ୍ଣନା କରିବା ସହିତ ଲେଖକ ଏଠାକାର ମନ୍ଦିରମାନଙ୍କରେ ଚାଲୁଥିବା ଶ୍ରୀଚକ୍ର ସାଧନା, ପିଶାଚ ମୋଚନ କୁଣ୍ଡ, ବୀରେଶ୍ୱର ଓ କପାଳୀ କୁଣ୍ଡଳୀ ମଠର ବିଭିନ୍ନ ରହସ୍ୟମୟ ପ୍ରସଙ୍ଗ ଅବତାରଣା କରିଛନ୍ତି ଏବଂ ତତ୍‌ସହିତ ବହୁ ଦାର୍ଶନିକ ତତ୍ତ୍ୱ, ବାସ୍ତବ ଜୀବନାନୁଭୂତିର ଚିତ୍ରକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି।

**ଦେବାଶିଷ ପାଣିଗ୍ରାହୀ : 'ଅୟମାରମ୍ଭ'**

ଅୟମାରମ୍ଭରେ ଅବିନାଶ ଓ ଅତସୀଙ୍କର ଜୀବନର ଅପରାହ୍ନରେ ଜୀବନକୁ ନୂଆକରି ଅନୁଭବ କରିବା ନିମନ୍ତେ ଟ୍ରେନ୍ ଯୋଗେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଏବଂ ନୂଆଦିଲ୍ଲୀରୁ ରାଜସ୍ଥାନର ଉଦୟପୁର ଭ୍ରମଣରେ ଯିବାର ଅନୁଭବ ଓ ଅନୁଭୂତିର ଚିତ୍ର ବେଶ୍ ସୁନ୍ଦର ଭାବରେ ବର୍ଣ୍ଣିତ। ପିଲାଛୁଆଙ୍କ ପାଠପଢ଼ା, ଚାକିରି ଓ ସଂସାର ଭିତରେ ପିଷ୍ଟ ମଣିଷର ଆଗକୁ ଯେ ଏକ ଶୂନ୍ୟହସ୍ତ ଶୂନ୍ୟଗର୍ଭର ଜୀବନ ସମୟର ବାସ୍ତବତାରେ ସ୍ୱତଃ ଉପସ୍ଥିତ ହୁଏ ତାହା ଅନୁଭବିଛନ୍ତି ଅବିନାଶ ଓ ଅତସୀ। ଅନୁଭବିବା ବି ସ୍ୱାଭାବିକ, କାହିଁକିନା ଜୀବନର ଅଧା ବୟସ

ସ୍ୱାମୀ, ସ୍ତ୍ରୀ କର୍ମଜଞ୍ଜାଳରେ ବାନ୍ଧିହୋଇଯାଇଛନ୍ତି । ଯେତେବେଳେ ପିଲାମାନେ ପାଠଶାଠ ପଢ଼ି, ଚାକିରି ବାକିରି କରି ନିଜ ନିଜ ସଂସାର ଗଢ଼ିବାରେ ବ୍ୟସ୍ତ ସେତେବେଳେ ସେମାନେ ନିଜକୁ ମୁକ୍ତ ମନେକରି ଗୋଡ଼ କାଢ଼ିଛନ୍ତି ଘରୁ ରାଜସ୍ଥାନ ଭ୍ରମଣରେ । ଉଭୟଙ୍କର ଭ୍ରମଣ ରୁଚି ରହିଥିଲେ ହେଁ ତାହା ଚାପି ହୋଇରହୁଥିଲା ମନର କେଉଁ କୋଣରେ । ଅବିନାଶ ଓ ଅତସୀଙ୍କର ବହୁ ରୁଚି ମଧ୍ୟରୁ ଗୋଟିଏ ବଡ଼ ରୁଚି ଥିଲା ଦେଶ ବିଦେଶ ବୁଲି ନୂଆ ଜାଗା, ନୂଆ ଲୋକ, ନୂଆ ସଭ୍ୟତା, ନୂଆ ସଂସ୍କୃତି ଦେଖିବା । ସେମାନଙ୍କ ପରିବାର କହିଲେ ଦୁଇଟି ପୁଅ ଆଉ ଦୁଇଟି ବୋହୂ । ସେମାନେ ପୁଣି ବିଦେଶରେ । ସେଥିପାଇଁ ବୟସର ଅପରାହ୍ନରେ ଅବିନାଶ ଓ ଅତସୀ ଭ୍ରମଣ ଲକ୍ଷ୍ୟ ଘେନି ରାଜସ୍ଥାନ ବାହାରିଛନ୍ତି । ସେମାନଙ୍କ ମତରେ ଭ୍ରମଣ ଜୀବନରେ କିଛି ନୂତନତ୍ୱ, କିଛି ଗତିଶୀଳତା ଆଣେ, ସ୍ଥବିରତା, ସ୍ଥାଣୁତାକୁ ଭାଙ୍ଗିଦିଏ । ନୂଆ କରି ଜୀବନ ଜିଇବା ପାଇଁ ଉତ୍ସାହ ଦିଏ । ବିତିଯାଇଥିବା ଜୀବନର ଭଲମନ୍ଦ, ସୁଖଦୁଃଖର ପୃଷ୍ଠା ଲେଉଟାଇବାକୁ, କେଉଁଠି ଠିକ୍ ଭୁଲ୍ ରହିଲା ତା'ର ଆତ୍ମସମୀକ୍ଷା କରିବାକୁ ସୁଯୋଗ ଓ ଅବକାଶ ଆଣିଦିଏ ।

**କ୍ଷୋଭ, ହତାଶାବୋଧ ଜୀବନ ଭିତରେ ବି ଭ୍ରମଣର ଆନନ୍ଦ ଜୀବନ ଜିଇବାର ବାଟଟିଏ ଦେଖାଇଦିଏ ।**

ରାଜସ୍ଥାନୀ ଭାଷାରେ ଅତିଥି ଆମନ୍ତ୍ରଣର ଆଦବକାୟଦା, ରୀତିରିୱାଜରୁ ଦେଶର ଗୋଟିଏ ପ୍ରାନ୍ତର ଲୋକସଂସ୍କୃତିରୁ ଅତିଥିବତ୍ସଳତା, ଆତ୍ମୀୟତାର ସ୍ୱର ସ୍ପଷ୍ଟ ବାରିହୁଏ । ଯେମିତି ବାରିହୁଏ ଗୋଟିଏ ରାଜକୀୟ, ସାମନ୍ତବାଦୀ ସଂସ୍କୃତିରେ ଭରି ରହିଥିବା ସଂଭ୍ରମବୋଧ, ଆଭିଜାତ୍ୟର ସ୍ୱର । ବିସ୍ତାରୀ ମରୁଭୂମିର ବାଲିବନ୍ତ ଓ ସେଥିରେ ଓଟ ସବାରି, ରାଜସ୍ଥାନର ରଙ୍ଗବେରଙ୍ଗର ପଗଡ଼ି, ଘାଗରା, ବୋଲି, ମନମତାଣିଆ ହୃଦୟସ୍ପର୍ଶୀ ଲୋକ ସଂଗୀତ ଇତ୍ୟାଦି ଇତ୍ୟାଦି, ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଏସବୁର ଆକର୍ଷଣ ଚୁମ୍ବକୀୟ । ରାଜସ୍ଥାନର ସମୁଜ୍ଜ୍ୱଳ ଇତିହାସ, ରାଜପୁତ୍ରମାନଙ୍କର ବୀରତ୍ୱର ଗାଥା, ସ୍ୱାଭିମାନର କାହାଣୀ, ଦେଶପ୍ରେମ ପାଇଁ ପ୍ରାଣବଳୀର ଗୌରବମୟ ପରମ୍ପରା, ରାଜପୁତ୍ ରମଣୀର ଯୁଦ୍ଧନିପୁଣତା ଓ ପତିର ଚିତାରେ ସତୀ ହେବାର ପ୍ରଥା, ଏସବୁ ପାଶ୍ଚାତ୍ୟ ସଭ୍ୟତା, ସଂସ୍କୃତିର ଲୋକଙ୍କୁ ପରୀ କାହାଣୀ ପରି ଆକୃଷ୍ଟ କରିଥାଏ । ତେଣୁ ରାଜସ୍ଥାନକୁ ବର୍ଷତମାମ୍ ବିଦେଶୀ ପର୍ଯ୍ୟଟକଙ୍କର ସୁଅ ଛୁଟେ ।

ଅବିନାଶ ଓ ଅତସୀଙ୍କୁ ରାଜସ୍ଥାନର ବିଳାସପୂର୍ଣ୍ଣ ରାଜପ୍ରାସାଦ, ହଭେଲି, ଦୁର୍ଗ, ରାଜାରାଜୁଡ଼ାଙ୍କଦ୍ୱାରା ନିର୍ମିତ ବିଭିନ୍ନ ସ୍ତମ୍ଭ, ଅଟ୍ଟାଳିକା, ହ୍ରଦ, ପୁଷ୍କରିଣୀ, ନିର୍ଝର, ମରୁଭୂମି, ଓଟ ସବାରି, ଖାଦ୍ୟ-ସଂଗୀତ ଓ ବର୍ଣ୍ଣିଳ ସୌନ୍ଦର୍ଯ୍ୟ ଆକର୍ଷିତ କରିଥିଲା ଭ୍ରମଣ ପାଇଁ । ଉପନ୍ୟାସରେ ପରିବେଷିତ ରାଜସ୍ଥାନର ଏକ ବିହଙ୍ଗମ ଦୃଷ୍ଟି ବେଶ୍ ମନୋରମ । ମହାରାଣା ଉଦୟ ସିଂହଙ୍କ ପ୍ରସଙ୍ଗଠାରୁ ଧାଇପାନ୍ନା ବା ପାନ୍ନାବାଈର ପ୍ରସଙ୍ଗ ଔପନ୍ୟାସୀୟ ଅଭିବ୍ୟକ୍ତିକୁ ଅଧିକ ଆକର୍ଷଣୀୟ କରିପାରିଛି । ଅନୁରୂପ ଭାବରେ ମୀରାବାଈ ଏବଂ ରାଣୀ ପଦ୍ମାବତୀଙ୍କର ପ୍ରସଙ୍ଗ ଏବଂ ଚିତ୍ତୋର ଦୁର୍ଗର ଐତିହାସିକ ଗରିମା, କୁମ୍ଭଲଗଡ଼ ଦୁର୍ଗର ବର୍ଣ୍ଣନା ମଧ୍ୟ ଐତିହାସିକ ନାନ୍ଦନିକତାକୁ ପରିପୁଷ୍ଟ କରିଛି ।

**ଦେବାଶିଷ ପାଣିଗ୍ରାହୀ : ପାହାଡ଼ ପଛର ଜହ୍ନ**

ଦେବାଶିଷ ପାଣିଗ୍ରାହୀଙ୍କର 'ପାହାଡ଼ ପଛର ଜହ୍ନ'ରେ ନିଜ ନିଜ ଜୀବନ କାହାଣୀରେ ସଂପର୍କର ବୁଢ଼ିଆଣୀ ଜାଲର ସୂତ୍ର ଖୋଜି ଚାଲିଥିବା ଚାରିବନ୍ଧୁଙ୍କର ସିମ୍ଲା, କୁଲୁ, ମନାଲିର ଭ୍ରମଣ ଯାତ୍ରା ପ୍ରସଙ୍ଗ ବର୍ଣ୍ଣିତ । କ୍ଷୋଭ, ହତାଶାବୋଧ ଜୀବନ ଭିତରେ ବି ଭ୍ରମଣର ଆନନ୍ଦ ଯେ ଜୀବନ ଜିଇବାର ବାଟଟିଏ ଦେଖାଇଦିଏ, ତାହାକୁ ଔପନ୍ୟାସିକ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ସଂସାରୀ, ଅର୍ଦ୍ଧସଂସାରୀ ଓ ସଂସାରବୈରାଗୀ ଏମିତି ବିଭିନ୍ନ ଭାଗରେ ବାଣ୍ଟି ହୋଇଥିବା ଚାରିବନ୍ଧୁ ହେଉଛନ୍ତି ରାଜେନ୍ଦ୍ର, ଅଂଶୁମାନ, ଯୋଶେଫ୍ ଓ ସୟ । ଉପନ୍ୟାସରେ ସାଧାରଣ ସଂସାରୀ ମଣିଷ କହିଲେ ଯାହା ବୁଝିହୁଏ; ସେହିଭଳି ଚତୁଷ୍କୋଣର ଚାରିଟି ପ୍ରତୀକ ଥିଲେ ଚାରିବନ୍ଧୁ । ରାଜେନ୍ଦ୍ର ଥିଲେ ଗୃହସ୍ଥ; ସ୍ତ୍ରୀ ପିଲାଛୁଆ ନେଇ ସଂସାର କରୁଥିବା ସଂଖ୍ୟା ଗରିଷ୍ଠ ଲୋକଙ୍କ ଭିତରୁ ଜଣେ । ଅଂଶୁମାନ ଥିଲେ ତା'ର ପୂରାପୂରି ବିପରୀତ । ସେ ବାହାସାହା ହୋଇ ସଂସାର ଜାଲରେ ନ ପଡ଼ି ଚିରକୁମାର ବ୍ରତ ଧାରଣ କରିଥିଲେ । ଅର୍ଥାତ୍ ଜଣେ କନ୍‌ଫର୍ମଡ୍ ବ୍ୟାଚେଲର । ଏମାନଙ୍କର ମଝାମଝି ଥିଲେ ଅନ୍ୟ ଦୁଇ ବନ୍ଧୁ ଯୋଶେଫ୍ ଓ ସୟ । ଉଭୟ ବିବାହକରି ପିଲାଛୁଆଙ୍କର ଜନକ ହୋଇଥିଲେ । ମାତ୍ର କ୍ୟାନ୍‌ସର ରୋଗରେ ପୀଡ଼ିତା ପତ୍ନୀ ଲରାଙ୍କୁ

ହରାଇ ଯୋଶେଫ ସାଜିଥିଲେ ବିପତ୍ନୀକ। ସେହିଭଳି ବୈବାହିକ ଜୀବନରେ ଅବୁଝାମଣା ଭିତରର ଫାଟକୁ ମରାମତି କରି ନ ପାରି ପତ୍ନୀ ସଂଧ୍ୟାଙ୍କ ସହ ସୟଙ୍କର ଘଟିଥିଲା ବିବାହ ବିଚ୍ଛେଦ। ସର୍ତ୍ତାନୁସାରେ ସେମାନଙ୍କ ଏକମାତ୍ର କନ୍ୟା ଅନୁ ଚାଲିଯାଇଥିଲା ସଂଧ୍ୟାଙ୍କ ସହିତ।

ନିଜ ନିଜର ବ୍ୟକ୍ତିଗତ ରୁଚି, ଜୀବନଦର୍ଶନ, ଜୀବନର ଲକ୍ଷ୍ୟ ଓ ଆଭିମୁଖ୍ୟ ଭିନ୍ନ ହେଲେ ହେଁ ସେମାନଙ୍କର ବନ୍ଧୁତ୍ୱ ଥିଲା ଅତୁଟ। ନିଜ ନିଜର ବ୍ୟସ୍ତବହୁଳ ଜୀବନରୁ ଅବ୍ୟାହତି ନେଇ ଏକାଠି ହେବା ପାଇଁ ପରସ୍ପରକୁ ଖୋଜୁଥିଲେ, ସାଙ୍ଗ ହୋଇ ସୁଖଦୁଃଖ ବାଣ୍ଟୁଥିଲେ ଏବଂ ସାଥୀ ହୋଇ ଭ୍ରମଣରେ ଯାଉଥିଲେ। ପାଖାପାଖି ଅଞ୍ଚଳରେ ବସବାସ କରୁଥିବାରୁ ନିଷ୍ପରି ନେଇଥିଲେ ସିମଲା, କୁଲୁ ଓ ମନାଲିକୁ ବୁଲିବାକୁ ଯିବେ। ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ସେମାନେ ପହଞ୍ଚିଥିଲେ ହିମାଚଳ ପ୍ରଦେଶର ଶୈଳନିବାସର ରାଣୀ ସିମ୍‌ଲାରେ।

**ଭାରତୀୟ ପୃଷ୍ଠଭୂମିରେ ସାମିଲ୍ ହୋଇଥିବା ଉପନ୍ୟାସଗୁଡ଼ିକ ନିଜ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିପାରିଛନ୍ତି।**

ଉପନ୍ୟାସରେ ସିମ୍‌ଲା ଓ ସିମ୍‌ଲାର ଇତିହାସ; ୧୮୧୪-୧୬ ମସିହାରେ ନେପାଳ ଓ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ସୀମା ବିବାଦ, ଗୋର୍ଖା ଯୁଦ୍ଧରେ ବ୍ରିଟିଶ୍ ଶକ୍ତି ବିଜୟୀ ଓ ନେପାଳ ରାଜତନ୍ତ୍ରର ପରାଜୟ, ବ୍ରିଟିଶମାନଙ୍କୁ ସାହାଯ୍ୟ କରିଥିବାରୁ ସିମ୍‌ଲାକୁ ପୁରସ୍କାର ଭାବେ ପଟିଆଲା ରାଜାଙ୍କ ପ୍ରାପ୍ତି, ୧୮୬୪ରେ ଭାଇସରାୟ ଲର୍ଡ ଲରେନ୍ସଙ୍କ ସମୟରେ ବ୍ରିଟିଶ ସାମ୍ରାଜ୍ୟର ଗ୍ରୀଷ୍ମକାଳୀନ ରାଜଧାନୀ ଭାବେ ସିମ୍‌ଲାକୁ ମାନ୍ୟତା ପ୍ରାପ୍ତି, ଭାଇସ୍‌ରିଗାଲ୍ ଲଜ୍‌ର ଚାରିପାଖେ ଥିବା ପାହାଡ଼ୀ ଦେବଦାରୁ, ଓକ୍, ପାଇନ୍, ଚିନାର୍ ଆଦିର ସୌନ୍ଦର୍ଯ୍ୟ ବର୍ଣ୍ଣିତ।

ସିମ୍‌ଲା ପରେ ଚାରିବନ୍ଧୁଙ୍କର ଗନ୍ତବ୍ୟସ୍ଥଳ ଥିଲା କୁଲୁ। ଏହା ବେଆସ୍ ବା ବିପାଶା ନଦୀ କୂଳରେ ଅବସ୍ଥିତ, ଦେଓଦାର୍ ଓ ପାଇନ୍ ଗଛର ସବୁଜିମାରେ ଆବୃତ। ଯାହାକୁ ଦେବଭୂମି ବା ଭ୍ୟାଲି ଅଫ୍ ଗଡ୍‌ସ ବୋଲି କୁହାଯାଏ। କୁଲୁର ଦଶହରା ପର୍ବ ବିଶ୍ୱପ୍ରସିଦ୍ଧ। ଲୋକଶ୍ରୁତି ଅନୁଯାୟୀ କୁଲୁର ପୁରାଣ ବର୍ଣ୍ଣିତ ନାମ କୁଳାନ୍ତି ପୀଠ। କୁଲୁର ଜଳବାୟୁ ଅନେକାଂଶରେ ୟୁରୋପୀୟ ଜଳବାୟୁ ପରି ହୋଇଥିବାରୁ ଏଠାରେ ସେଓ, ନାସ୍‌ପାତି, ଚେରି, ପ୍ଲମ୍ ଆଦି ଫଳଚାଷ କରାଯାଏ। ଉପନ୍ୟାସରେ ୧୮୪୫-୪୬ରେ ହୋଇଥିବା ପ୍ରଥମ ଆଙ୍ଗ୍ଲୋ-ଶିଖ୍ ଯୁଦ୍ଧ, ୧୯୦୨ ମସିହାରେ କୁଲୁ ଓ ସିମ୍‌ଲା ମଧ୍ୟବର୍ତ୍ତୀ ଅଞ୍ଚଳରେ ସେଓ ବ୍ୟବସାୟକୁ ତ୍ୱରାନ୍ୱିତ ଓ ସଂଗଠିତ କରିବା ପାଇଁ ପ୍ରତିଷ୍ଠା ହୋଇଥିବା କାର୍ଯ୍ୟକ୍ଷମ ପୋଷ୍ଟ ଅଫିସ୍, ଭାରତରେ ଆପଲ୍, ନାସ୍‌ପାତି, ଚେରି, ପ୍ଲମ୍‌ର ଫଳ ଫଳିବାରେ କ୍ୟାପ୍‌ଟେନ୍ ଲି ଙ୍କର ଭୂମିକା, କୁଲୁ ଉପତ୍ୟକା ଏବଂ କ୍ୟାପଟେନ୍ ଲି ଙ୍କର ପରିବାରର ରୋମାଞ୍ଚକର କଥା ବର୍ଣ୍ଣିତ।

ଉପରୋକ୍ତ ପାଞ୍ଚ ଗୋଟି ଉପନ୍ୟାସର ପୃଷ୍ଠଭୂମି ଥିଲା ଭାରତ। ଅନେକ ଔପନ୍ୟାସିକ ବିଦେଶ ପଟ୍ଟଭୂମି ଉପରେ ଉପନ୍ୟାସ ଲେଖିଥିଲାବେଳେ ଭାରତ ପଟ୍ଟଭୂମି ଉପରେ ଯେଉଁ କେତେଜଣ ଔପନ୍ୟାସିକ ଉପନ୍ୟାସ ଲେଖିଛନ୍ତି ତାହା ଆଲୋଚନାର ପରିସରଭୁକ୍ତ କରାଯାଇଛି। 'କଳାବତୀ'ରେ ପଶ୍ଚିମବଙ୍ଗସ୍ଥ ନଦିଆ, କଲିକତାର ବିବିଧ ସ୍ଥାନ, ବୃନ୍ଦାବନ, ଦକ୍ଷିଣ ଭାରତର ମାନ୍ଦ୍ରାଜ୍, ଓଡ଼ିଶାର ବିଭିନ୍ନ ଅଞ୍ଚଳ, 'ଆଗ୍ନେୟଗିରିର ବଣଭୋଜି'ରେ ଗୋଆ, 'ଗଙ୍ଗାବତରଣ'ରେ ବନାରସ, 'ଅୟମାରମ୍ଭ'ରେ ରାଜସ୍ଥାନ, 'ପାହାଡ଼ ପଛର ଜହ୍ନ'ରେ ସିମ୍‌ଲା, କୁଲୁ, ମନାଲିରେ ଭ୍ରାମ୍ୟମାଣ ଜୀବନଟି ବେଶ୍ ଗୁରୁତ୍ୱ ପାଇଛି। ତତ୍‌ସହିତ ଭାରତର ଦର୍ଶନ, ଐତିହ୍ୟ, ପରମ୍ପରା, ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମଧ୍ୟ ଆଲୋଚନା କରାଯାଇଛି। ଭାରତୀୟମାନେ ଯେପରି ବିଦେଶକୁ ଉଚ୍ଚତର ଶିକ୍ଷା, ଉଚ୍ଚତର ଗବେଷଣା, ବୃତ୍ତି ଲକ୍ଷ୍ୟରେ ଯାଇଛନ୍ତି ଅନୁରୂପ ଭାବରେ ଅନେକ ବିଦେଶୀ ପର୍ଯ୍ୟଟକଙ୍କର ଭାରତ ଆଗମନ ହୋଇଛି। କେହି ଭାରତର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ ଆସିଛି ତ କେହି ଭାରତର ପୌରାଣିକ ସଂସ୍କୃତି ଓ ତୀର୍ଥଭୂମିର ମହିମା ଶୁଣି ନିଜକୁ ସେଥିରେ ସାମିଲ୍ କରିବା ଲକ୍ଷ୍ୟ ନେଇ ଆସିଛି। ଏସବୁ ଭିତରେ ଭାରତୀୟ ସଂସ୍କୃତିର ଜୟଗାନ କରିବାକୁ ଔପନ୍ୟାସିକମାନେ ସଦାତତ୍ପର ହୋଇଉଠିଛନ୍ତି। ଭାରତୀୟ ପୃଷ୍ଠଭୂମିରେ ସାମିଲ୍ ହୋଇଥିବା ଏହି ଉପନ୍ୟାସଗୁଡ଼ିକ ନିଜ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିପାରିଛନ୍ତି।

□□

ଲେଖକଙ୍କ ଇ-ମେଲ ଠିକଣା:
pabitradas917@gmail.com



# ଦେବଦୂତ


ଅନୁବାଦ



ମୂଳ ହିନ୍ଦୀ - ଶ୍ରବଣ କୁମାର
ଅନୁବାଦ - କନକ ମଂଜରୀ ପଟ୍ଟନାୟକ

ବ ଜଙ୍ଗଲରେ ପୁନଃ ନିଆଁ ଲାଗି ଯାଇଥିଲା, ବୃକ୍ଷମାନେ ଚଡ଼ ଚଡ଼ ହୋଇ ଜଳୁଥିଲେ ଏବଂ ଅଗ୍ନିର ଲେଲିହାନ ଶିଖାକୁ ଆକାଶ ଦିଗକୁ ଫୋପାଡୁ ଥିଲେ। ମନେ ହେଉଥିଲା ଅଗ୍ନିର ତାପ ଆକାଶକୁ ଯେପରି ଘଟି ନେଇଯିବ। ଏପରି ଭୟଙ୍କର ଅଗ୍ନି ପୂର୍ବରୁ କେହି କେବେ ଦେଖି ନଥିଲେ।

ଏବେ ଜଙ୍ଗଲରେ ଆତଙ୍କ ଖେଳି ଯାଇଥିଲା। ସଂଭବତଃ କେତେକ ଜନ୍ତୁ ନିଆଁରେ ଜଳି ଯାଇଥିଲେ। ସେମାନଙ୍କୁ ବଂଚାଇବା ପାଇଁ କେହି ନ ଥିଲେ। କିଛି ଜନ୍ତୁ ଅତର୍କ୍କାରେ ନଦୀ ଆଡ଼କୁ ଦୌଡୁଥିଲେ।



ଦୌଡୁଥିବା ପଶୁମାନଙ୍କ ଭିତରେ ଗୋଟେ ବାଘ ବି ଥିଲା ଦୌଡୁ ଦୌଡୁ ସେମାନଙ୍କୁ ଯେତେବେଳେ ଲାଗିଲା, ସେମାନେ ବିପଦରୁ ବାହାରକୁ ଆସିଗଲେଣି, ତ ସେଇଠି ଅଟକି ଗଲେ ଏବଂ ବିମୂଢ଼ ହୋଇ ନିଆଁ ଆଡ଼କୁ ଚାହିଁଲେ। କିନ୍ତୁ ନିଆଁ ଲିଭିବାର ନାଁ ଧରୁ ନଥିଲା। ଅଧିକନ୍ତୁ ଅଧିକ ତେଜରେ ଜଳି ସେମାନଙ୍କ ଆଡ଼କୁ ମୁହାଁଉଥିଲା।

ବାଘ ଆଉ ରହି ପାରିଲା ନାହିଁ। ସେ ଜୋର୍‌ରେ ଗର୍ଜନ କଲା, 'ହାରାମଜାଦାମାନେ, କୁହ, ଏ କାଣ୍ଡ କିଏ କରିଛି ?'

'ମଣିମା , କିଛି ବୁଝା ପଡୁନାହିଁ।' ସେଇଠି ଉପରେ ଚକ୍କର କାଟୁଥିବା କିଛି ପକ୍ଷୀ ଆଡ଼କୁ ଚାହିଁ ଶିଆଳ କହିଲା। 'ଜଣା ପଡ଼ିଲେ ଆମେ ତାକୁ ଜୀବନରେ ରଖିବା ନାହିଁ।'

'ସିଏ ଠିକ୍ କହୁଛି', ପାଖରେ ଗୋଟେ ହାତୀ ଛିଡ଼ା ହୋଇଥିଲା। 'କାଣ୍ଡ କାରଖାନା କରିବା ବାଲାଏ ତ କରିଯାଆନ୍ତି, ନିରୀହ ମାନଙ୍କର ହିଁ ଜୀବନ ଯାଏ।'

'ସେମାନେ ଚାହାନ୍ତି କ'ଣ ?' କ୍ରୋଧରେ ଥରି ଭାଲୁ ପ୍ରଶ୍ନ କଲା। ଏମାନେ ନିଜ ଘରର ହିଁ ହିତଶତ୍ରୁ ଅଟନ୍ତି। ଯେଉଁମାନେ ନିଜର ଇଟାର ମସ୍‌ଜିଦ୍‌କୁ ଅଲଗା ବନାଇବା ପାଇଁ ତତ୍‌ପର ହେଉଛନ୍ତି। ପୂର୍ବରୁ ଆମ ସହ ମିଶି ଗୋଟେ ଯାଗାରେ ପ୍ରାର୍ଥନା କରୁଥିଲେ। ଅଧିକନ୍ତୁ ସେମାନଙ୍କ ପ୍ରାର୍ଥନାରେ ଆମେମାନେ ମଧ୍ୟ ଯୋଗ ଦେଉଥିଲେ। ବର୍ତ୍ତମାନ ସେମାନଙ୍କ ଈଶ୍ୱର ସଂଭବତଃ ଅଲଗା ଅଟନ୍ତି।'

'ହଁ, ଆମର ଈଶ୍ୱର ଅଲଗା ଅଟନ୍ତି। ଆମର ଦୁଃଖ ଅଲଗା ଅଟେ। ଆମର ଧର୍ମବିଶ୍ୱାସ ବି ଅଲଗା। ଏବେ ଆମେ ତୁମମାନଙ୍କ ସହ ଏକାଠି ରହିପାରିବୁ ନାହିଁ। ତୁମେମାନେ ସର୍ବଦା ଆମକୁ ଶୋଷଣ କରୁଛ। ତୁମେମାନେ ସର୍ବଦା ଆମକୁ ଦ୍ୱିତୀୟ ତୃତୀୟ ଶ୍ରେଣୀର ନାଗରିକଙ୍କ ସ୍ଥାନ ଦେଉଛ। ତୁମେ ବାରଂବାର ଏକଥା କହୁଛ ଯେ ଆମର ତୁମର ରକ୍ତ ଏକାପରି। ଆମ ସହ ତୁମର ସଂପର୍କ ନଖକୁ ମାଂସ ପରି।' ସମସ୍ତଙ୍କଠାରୁ ଅଲଗା ଦୂରରେ ଛିଡ଼ା ହୋଇଥିବା ବିଲୁଆ ଜାତୀୟ ଜନ୍ତୁଟେ ଦୂରରୁ କହିଲା ଏବଂ ନିଆଁ ଦିଗକୁ ଦୌଡ଼ିବାକୁ ଲାଗିଲା।

'ଏବେ ଇଏ ଜାଣି ଜାଣି ମରଣ ମୁହଁକୁ ଯାଉଛି।' ହାତୀ ଉଦାସ ଭାବରେ କହିଲା। 'ଆମେ ତ ଓଲଟା ସବୁବେଳେ ଯାକୁ ମୁଣ୍ଡ ଉପରେ ବସେଇ ରଖିଛେ। ଯେଉଁ ଆଦର ଆମେ କେବେ ପାଇନାହେଁ। ତାକୁ ସେମାନେ ହିଁ ହାତରେ ଲୁଟି ଚାଲିଛନ୍ତି। ସେଥିରେ ପୁଣି ସମସ୍ତଙ୍କ ସହ ଧୋକା,

ସମସ୍ତଙ୍କ ସହ ବିଶ୍ୱାସଘାତକତା। ଧର୍ମର ନାମ ନେଇ ସଇତାନର କାମ କରୁଛନ୍ତି। ଏମାନଙ୍କ ପାଇଁ ତ ଆମର ଭଳି ଉତ୍ତମ ଜନ୍ତୁ ବଦ୍‌ନାମ ହୋଇଯାଇଛେ।'

'ହାତୀ ପୂରାପୂରି ଠିକ୍ କହୁଛି।' ଘୋଷାରି ହୋଇ ଗୋଟେ ଅଜଗର ବି ସେଠାରେ ପହଁଚି ଯାଇଥିଲା। 'ଗତଥର ଆମର ବୈଠକ ବସିଲାବେଳେ, ସମସ୍ତେ ମିଳିମିଶି ରହିବେ ଏବଂ କିଏ କାହା ଉପରେ ଅଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରିବ ନାହିଁ- ଏହି ନିଷ୍ପତ୍ତି ନିଆ ଯାଇଥିଲା, କିନ୍ତୁ ନିଷ୍ପତ୍ତିର ଉଲ୍ଲଂଘନ ବାରଂବାର ଏମାନେ ହିଁ କରିଚାଲିଛନ୍ତି।'

ଅଗ୍ନିର ଲେଲିହାନ ଶିଖା ପୂର୍ବାପେକ୍ଷା ଅଧିକ ତୀବ୍ର ଥିଲା। ଅଧିକନ୍ତୁ ଲହ ଲହ ହୋଇ ଆକାଶକୁ ଗିଳିବାକୁ ଲାଗିଥିଲା।

'ଏ ଅଗ୍ନି ଏମିତି ବଢ଼ି ଚାଲିଲେ ଏହାର ପରିମାଣ କ'ଣ ହେବ ? ବାଘ ଏବେ ଚିନ୍ତିତ ଥିଲା। 'ମୋ ପରିବାରର କିଛି ଲୋକ ତ ଏମାନଙ୍କ ଫାନ୍ଦରେ ପଡ଼ିସାରିଛନ୍ତି।'

'ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ।' ସେଠି ଛିଡ଼ା ହୋଇଥିବା ଦୁଇ ତିନିଟା କଟାଶ ଏକା ସାଙ୍ଗେ କହିଲେ। 'ବର୍ତ୍ତମାନ ଆମର ପରୀକ୍ଷାର ସମୟ। ଯଦି ଏହି ସମୟରେ ଆମେ ନିଜ ଉପରୁ ଭରସା ତୁଟାଇ ଦେବା ଆମର ସର୍ବନାଶ ଜାଣ। ଶତ୍ରୁ ଏହା ହିଁ ଚାହୁଁଛି।'

'ସେ ଚାହୁଁଛି ହତାଶା ଭିତରେ ଆମେ ପରସ୍ପରକୁ ଯେପରି ଗିଳିଦେଉ। ବର୍ତ୍ତମାନ ଏଣୁ ତେଣୁ ଭାବିବା ସମୟ ନୁହେଁ। ସମୟ ହେଉଛି ମିଳିମିଶି କିପରି ଏ ନିଆଁକୁ ଲିଭାଯିବ।'

'ଏ ନିଆଁ କେବେ ବି ଲିଭିବ ନାହିଁ। ଏବେ ଏହି ନିଆଁରେ ନିଆଁ ଲଗାଇବା ଲୋକକୁ ହିଁ ଜଳାଇ ଦେବା କଥା।' ଭାଲୁ ରାଗରେ ଅଣଆୟତ୍ତ ହୋଇ ଉଠୁଥିଲା। 'ମୁଁ ଏବେ ଗୋଟେ କଟାଶ ବି ଛାଡ଼ିବି ନାହିଁ।' ଏବଂ ସେ ଗୋଟେ କଟାଶକୁ ତା ପଂଝା ଭିତରକୁ ନେଇ ଆସିଲା।

'ଶାନ୍ତି ରଖ। ମୁଁ ଚାହିଁଲେ ଯାକୁ ଏମିତି ହିଁ ଗିଳିଦେବି।' ଅଜଗର ଭାଲୁକୁ ବୁଝାଇବାକୁ ଚେଷ୍ଟା କଲା। 'ଯାହା ହେଲେ ବି ଇଏ ଆମର ଅଂଶ।'

ସମସ୍ତେ ଦେଖିଲେ ଗୋଟେ କଟାଶ ଗୋଟେ ଛୁଆ ଭାଲୁକୁ ନିଆଁରୁ ମୁକୁଳାଇ ଏମାନଙ୍କ ଆଡ଼କୁ ଦୌଡ଼ି ଦୌଡ଼ି ଆସୁଛି। ଏହା ଏକ ଅଦ୍‌ଭୂତ ଦୃଶ୍ୟ ଥିଲା, କାହାର ବି ନିଜ ଆଖି ଉପରେ ବିଶ୍ୱାସ ଆସୁ ନ ଥିଲା। ଭାଲୁ ତା' ପଂଝାରେ ଥିବା ଶିବିରକୁ ଏବେ ସ୍ୱାଧୀନ କରି ଦେଲା।

ଏତେବେଳଯାଏ ବାଘ ପ୍ରାୟତଃ ନୀରବରେ ଛିଡ଼ା ହୋଇଥିଲା। ସେ କେବଳ କହୁଥିବା ଜନ୍ତୁମାନଙ୍କ ଆଡ଼କୁ ଆଖି ଉଠାଇ ଦେଖୁଥିଲା।

'ବର୍ତ୍ତମାନ ଏ ନିଆଁ ଲିଭିଯିବା ଉଚିତ।' ଚିନ୍ତାକୁଳ ବାଘ ଆଡ଼କୁ ଚାହିଁ ହାତୀ କହିଲା, 'ଗୋଟେ ଉପାୟ ମୋ ମୁଣ୍ଡକୁ ଜୁଟିଛି। ଆମେ କ'ଣ କୌଣସି ପ୍ରକାରେ ଏ ନଦୀର ଗତିକୁ ନିଆଁ ଆଡ଼କୁ ମୋଡ଼ି ପାରିବା ନାହିଁ?'

'ଏ କାମ ସହଜ ନୁହେଁ। ନଦୀର ଗତିକୁ ମୋଡ଼ିବା ପାଇଁ ବଡ଼ ବଡ଼ ପାହାଡ଼ର ଆବଶ୍ୟକତା ଅଛି।' ଭାଲୁ ଅବିଶ୍ୱାସଭରା ଆଖି ନେଇ କହିଲା।

**ବର୍ତ୍ତମାନ ଆମର ପରୀକ୍ଷାର ସମୟ। ଯଦି ଏହି ସମୟରେ ଆମେ ନିଜ ଉପରୁ ଭରସା ତୁଟାଇ ଦେବା ଆମର ସର୍ବନାଶ ଜାଣ। ଶତ୍ରୁ ଏହା ହିଁ ଚାହୁଁଛି।**

'ଆରେ ଏ ହାତୀ କୋଉ କାମକୁ ଆସିବେ ? ସବୁ ହାତୀ ନଦୀରେ ଓହ୍ଲାଇ ଗୋଟେ ଧାଡ଼ିରେ ନଦୀର ଆରପାଖ ଯାଏ ଛିଡ଼ା ହେବେ। ସେମାନଙ୍କ ମଝିରେ ଯେଉଁ ସ୍ଥାନ ରହିବ, ଅନ୍ୟ ଜନ୍ତୁମାନେ ସେ ସ୍ଥାନକୁ ପୂରଣ କରିଦେବେ।' ଗୋଟେ କଟାଶ ପରାମର୍ଶ ଦେଲା।

'ବାଃ କଥାଟା ତ ଠିକ୍ ଲାଗୁଛି।' ବାଘ ପ୍ରଶଂସା କରି କହିଲା। 'କିନ୍ତୁ.... କିନ୍ତୁ....।' ଏତିକି ବେଳେ ସମସ୍ତେ ଦେଖିଲେ ନଦୀ ଉପରେ କଳା କଳା ମେଘ ଘେରିଆସିଲେଣି। ବାତାବରଣ ଥଣ୍ଡା ହେବାରେ ଲାଗିଛି। ତା'ପରେ ବଡ଼କୋଳିଆ ଟୋପାର ବର୍ଷା ଆକାଶରୁ ଝରିଲା। ଦେଖୁ ଦେଖୁ ତାହା ଜଳ ପ୍ରପାତର ରୂପ ଦେଲା। କେହି ଜଣେ କହିଲା, ମେଘ ଫାଟି ଯାଇଛି।

ଏପଟେ ବର୍ତ୍ତମାନ ନିଆଁ ଧୀରେ ଧୀରେ ଲିଭିବାରେ ଲାଗିଛି। କିନ୍ତୁ ପାଣିର ସ୍ରୋତ ଏତେ ତୀବ୍ର ଥିଲା ଯେ, ତା'ଠୁ ମୁକ୍ତି ପାଇବା କଠିନ ଥିଲା।

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
kanakmanjari1951@gmail.com

ଅନୁଭୂତି

# ମୋ ସ୍ମୃତିରେ ଶଗଡ଼




ବନଜ ଦେବୀ

ଆମ ଗାଁ ଗୋଟିଏ ଛୋଟ ଗାଁ। କିନ୍ତୁ ଭାରି ସୁନ୍ଦର। ପୁରୀ ରେଳ ଲାଇନ୍ କଡ଼ରେ ହିଁ ଆମ ଗାଁ। ରେଳ ଧାରଣା ସଂଲଗ୍ନ ନୟନଯୋରିରେ, ଅଶିଣ ମାସରେ ଯେଉଁ ନାଲି ଓ ଧଳା କଇଁ ଫୁଲ ଫୁଟେ ତା'ର ଶୋଭା ଅତୁଳନୀୟ। ଶରତ ଋତୁରେ ଆମ ଗାଁର ରୂପ ଚହଟି ଉଠେ। ଶରତର ଜହ୍ନ ସେଇ ଚହଟା ରୂପକୁ ଆହୁରି ଝଲସାଇଦିଏ। ଶାଗୁଆ ଧାନକ୍ଷେତ, ନୟନଯୋରିର କଇଁଫୁଲ, ଆକାଶରେ ଉଡୁଥିବା, ଶଙ୍ଖଚିଲ, ଭଦଭଦଳିଆ ଓ କଜଳପାତିର ଉଡ଼ାଣ ଏସବୁକୁ ନେଇ ମୋ ଗାଁ ଭାରି ଛବିଛବିକା। ଆଉ ତା'ର ବାସ୍ନା କେବଳ ଅନୁଭବ କରିହେବ।

ପୁରୀ ରେଳପଥ କଡ଼ରେ ଆଜିକାଲି ଯେଉଁ "ଜେନାପୁର ରୋଡ୍" ଷ୍ଟେସନଟି ହେଇଚି ତାହା ହିଁ ଆମ ଗାଁ ପୋଷଲ। କିନ୍ତୁ ଆମ ଗାଁ ମୁଣ୍ଡ ଷ୍ଟେସନର ନାଁ କାହିଁକି ଜେନାପୁର ରୋଡ୍ ହେଲା, ମୁଁ ବୁଝିପାରେନି। ଏ ଗାଁରେ ମୁଁ ଜନ୍ମି ନାହିଁ, କି ବଢ଼ି ବି ନାହିଁ। କେବଳ ଛୁଟି ଦିନମାନଙ୍କରେ ଗାଁକୁ ଆସି ସାମୟିକ ରହିଯାଇଚି। ହେଲେ ସେ ସ୍ମୃତି ଏତେ ବିପୁଳ ଯେ ଅବିସ୍ମରଣୀୟ ହୋଇ ରହିଛି। ଗାଁ ସ୍ମୃତି ସହ ଯୋଡ଼ି ହେଇ ରହିଛି ଶଗଡ଼। ସେତେବେଳେ ଆମ ଗାଁରୁ ଲୋକମାନେ ଚାଲି ଚାଲି ଯାଉଥିଲେ ପୁରୀ। ପଚାଶ ଦଶକର ଶେଷାର୍ଦ୍ଧରେ ପୁରୀରୁ କଣାସ ବସ୍ ଚାଲିଲା। ସାଆନ୍ତମାନେ ସବାରିରେ ଯାଉଥିଲେ। ଆମ କୋଠିଘର ବାରଣ୍ଡାରେ ଏବେ ବି ଗୋଟେ ସବାରି ଅଛି। ସେଥିରେ କେହି ବସିବା ମୁଁ ଦେଖିନି କି ଜାଣିନି। ପଚାଶ ଦଶକର ଶେଷରେ ସେଇ ସବାରିରେ ବସି ମୁଁ ବିଦା ହେଇଥିଲି। ଯଦିଓ କାର ଚଳାଚଳ ଥିଲା, କିନ୍ତୁ ମୋ ଶ୍ୱଶୁର ନିଜ ଖାନଦାନି ରଖିବା ପାଇଁ ସବାରି ପାଲିଙ୍କି ବ୍ୟବସ୍ଥା କରିଥିଲେ, ଏ ସବୁ କରଣିଆ ଚାଲ୍।

**ଶଗଡ଼ ଯାତ୍ରା**

ଶଗଡ଼ରେ ବସି ମୁଁ ପିଲାଦିନେ କାହିଁ କାହିଁ ଜାଗା ବୁଲିଛି। ବାପା ଭାରି ସଙ୍ଗୀତପ୍ରିୟ ଓ ଯାତ୍ରା ପ୍ରିୟ ଥିଲେ। ତାଙ୍କ ସହ ଶଗଡ଼ରେ ଯାଇ ମୁଁ ବଳଙ୍ଗା ମେଳଣ, ବେନ୍ଟପଡ଼ା ମଠ, ଆଦି ସବୁ ବୁଲିଚି। ସାଗର ସାନ ମେଳଣକୁ ମୁଁ ବହୁବାର ଯାଇଛି।



ତା' ଛଡ଼ା ଶଗଡ଼ରେ ବସି ମୁଁ ମୋ ମାମୁ ଘର ନିମାପଡ଼ା ପାଖ ନିନିଗାଁକୁ ଦି' ଥର ଯାଇଛି। ଭୋରରୁ ଆମେ ଶଗଡ଼ରେ ବାହାରିପଡୁ। ବୋଉ ରାତିର ସରୁଚକୁଳି, ସୁଜିଖିରି ଓ ଆଳୁଭଜା, ଟିଫିନ ବାଟିରେ ନେଇଥାଏ। ବାଟରେ ତାକୁ ଖାଉ, ଦିନ ଏଗାରଟା ବେଳକୁ ତାଙ୍କ ଗାଁ ମୁଣ୍ଡେ ପହଞ୍ଚିଯାଉ। ଗାଁ ମୁଣ୍ଡେ ପହଞ୍ଚିଲା ବେଳଠୁ ବୋଉର ବାହୁନା ଆରମ୍ଭ ହେଇଯାଏ। ପିଲାଦିନେ ମୁଁ ଦେଖିଚି ମୋ ପିଇସୀ ଆମ ଘରକୁ ଆସିଲେ ଗାଁ ମୁଣ୍ଡରୁ ହିଁ ବାହୁନା ଆରମ୍ଭ କରିଦେଇଥାନ୍ତି। ଯେ ଥିଲା ସେତେବେଳେ ଗୋଟେ ଧରାବନ୍ଧା କଥା।

ସାଗର ସାନ ମେଳଣକୁ ଶଗଡ଼ରେ ଯିବା ମଜା ସତରେ ଭୁଲି ହୁଏନା। ସକାଳୁ ଗାଧେଇସାରି ଆମେ ଶଗଡ଼ରେ ବସୁ। ଆମର ଦି'ଖଣ୍ଡ ଶଗଡ଼ ଯାଏ। ଗୋଟାକରେ ଜିନିଷପତ୍ର ଓ ଅନ୍ୟଟାରେ ଆମେ। ଆମ ଗାଁର ଛ' ସାତ ଖଣ୍ଡ ଶଗଡ଼ ଯାଏ।

ଆମ ଶଗଡ଼ଟି ଥାଏ ଅଧିକ ମର୍ଯ୍ୟାଦାବନ୍ତ ଓ ସୁନ୍ଦର। ସମସ୍ତଙ୍କ ତୁଣ୍ଡରେ ବାବୁଘର ଶଗଡ଼। ଆମ ବଳଦ ଦୁଇ ହଳଙ୍କ ପିଠିରେ ପଡ଼ିଥାଏ ନାଲି ନେଳି ସୂତାରେ କୁଶରେ ବୁଣାଯାଇଥିବା ଝାଲର। ଏ ସବୁ ବୋଉ ବୁଣିଥାଏ। ବୁଣାବୁଣି, ଚିତା ଠାଆ, ରନ୍ଧାବଢ଼ା, ସବୁଥିରେ ମୋ ବୋଉର ହାତ ବେଶ ପାକଳ। ବଳଦ ବେକରେ ଥାଏ ଘଣ୍ଟି। ଡାକେ ବାଟରୁ ସେ ଘଣ୍ଟିନାଦ ଶୁଣାଯାଏ। ଶଗଡ଼ ଭିତରେ ନଡ଼ା ଉପରେ ପଡ଼ିଥାଏ ଚାରି ଚଉତା ଗୋଟେ ସତରଞ୍ଜି, ତା' ପାଖରେ ଗୋଟେ ତକିଆ। ଆଉଜେଇ ଆସନରେ ବସି ଶୋଇ, ଆମର ଯାତ୍ରା ଚାଲେ। ଶଗଡ଼ିଆ ଅଧିକାରୀ ଭଲ ଗୀତ ବୋଲେ। ସେ ଗୀତ ବୋଲି ବଳଦ ପିଠିରେ ଦିଥର ଥାପୁଡ଼େଇ ଦେଲେ, ବଳଦ ଏମିତି ଧାଅଁନ୍ତି ଯେ ଡର ମାଡ଼େ। ସାଗର ସାନରେ ପହଞ୍ଚିଲା ବେଳକୁ ଏଗାରଟା। ସେଇଠି ଶଗଡ଼ରେ ଚାଦର ବାନ୍ଧି ଦେଇ, ଜାଗାଟାକୁ ସଫା କରାଯାଏ। ତିନିଟା ପଥରରେ ଅସ୍ଥାୟୀ ଚୁଲି ହୁଏ। ଆମ ହଳିଆମନେ ରାନ୍ଧିଲେ ତ ବୋଉ ଖାଇବ ନାହିଁ। ତେଣୁ ସେ ନିଜେ ରାନ୍ଧେ। ବେଶି କିଛି ନୁହେଁ, ଭାତ, ଡାଲମା। ଡାଲମାରେ ହେଙ୍ଗୁ, ନାଡ଼ି ଓ କୋରା ନଡ଼ିଆ ପଡ଼ିଥାଏ। ସତରେ ସେଇ ଗଛମୂଳର ଭାତ ଡାଲମା ଏତେ ସୁଆଦ ଲାଗେ କହି ହେବନି। ଖିଆପିଆ ପରେ ଯାତ୍ରା ବୁଲା ହୁଏ। ସଞ୍ଜ ସରିକି ଆମେ ମେଳା ବୁଲିସାରି ଘରକୁ ଫେରୁ। ମେଳାରୁ ବୋଉ, ବରା, ପିଆଜି ଓ ଜଲବି କିଣିଥାଏ। ବାଟରେ ଖାଉ।

**ଆମ ଅଞ୍ଚଳରେ ଚୁଡ଼ାଘଷାଟା ପ୍ରସିଦ୍ଧ। ଚୁଡ଼ାଘଷାକୁ କାନ୍ଥକୁ ଛାଟି ଦେଲେ ତାହା ଯଦି କାନ୍ଥରେ ଲାଗିଗଲା, ତାହା ହିଁ ବଢ଼ିଆ ଚୁଡ଼ାଘଷା।**

## ଭୂତ ପ୍ରସଙ୍ଗ

ସେତେବେଳେ ପଟ୍ଟନାହାକିଆ ଥିଲା ଘଞ୍ଚ ଜଙ୍ଗଲ, ଭାଲୁ, ହେଟାବାଘ ଥା'ନ୍ତି ବୋଲି ଲୋକେ କହନ୍ତି। ତା' ଛଡ଼ା ଭୂତ ପ୍ରେତ ବି। ମତେ ଭୂତ କଥା ଶୁଣିବାକୁ ଭଲ ଲାଗେ, ଡର ବି ଲାଗେ ତହୁଁ। ମୁଁ ଆମ ଶଗଡ଼ିଆ ଅଧିକାରୀଙ୍କୁ କହେ ତୁ ପରା ଭୂତ ଦେଖୁଚୁ, କହୁନୁ। ଅଧିକାରୀ କହିଲା ସେ ପୁରୀରୁ ଅବଢ଼ା ନେଇ ଫେରୁଥିଲା ଗାଁ'କୁ ଶଗଡ଼ରେ। ପଟ୍ଟନାହାକିଆ ଜଙ୍ଗଲ ଭିତରେ ତା' ଶଗଡ଼ ପଛେ ପଛେ ଆସିଲା ଗୋଟେ ବ୍ରହ୍ମ ରାକ୍ଷସ। ତା' ଦେହ ଯାକ ରୁମ ଏତେ ଏତେ ଭାଲୁ ପରି। ହାତ ପତେଇ ଥାଏ। ବୋଉ କହିଲା, ହଁ, ଭୂତ ପ୍ରେତଙ୍କର ମହାର୍ଦ୍ଧ ପ୍ରତି ଲୋଲୁପତା ଥାଏ। ତାକୁ ପାଇଲେ ସେମାନେ ମୁକ୍ତି ପାଇଯିବେ। ପଟ୍ଟନାହାକିଆ ଜଙ୍ଗଲ ଭିତରେ ରାତିଥାଏ ଫେରିଲା ବେଳେ, ମୁଁ ଆଖିବୁଜି ବୋଉ ଦେହକୁ ଜାବୁଡ଼ି ଧରି ବସେ। ପିଲା ଦିନର ସ୍ମୃତି ଛାଇ ଛାଇ ମନେ ପଡୁଛି। ଶଗଡ଼ରେ କୋଣାର୍କ ଯିବା କଥା। ଶ୍ରୀ ପଞ୍ଚମୀ ଦିନ ରାତି ଦଶଟା ବେଳକୁ ପାଞ୍ଚ ଛଅ ଖଣ୍ଡ ଶଗଡ଼ ଆମ ଗାଁରୁ ବାହାରେ, ସକାଳରୁ ରାତି ହୁଏ। ଏବେ ତ ନାଁ ମନେ ପଡୁନି। ଗଛ ମୂଳେ ଶଗଡ଼ ଫିଟେ। ପୋଖରୀରେ ଦାନ୍ତ ଘଷି ସାରି ବୋଉ ଆଣିଥାଏ ରାତିର ନକ୍ଷତ୍ର ଏଣ୍ଡୁରି, ଖିରିସା ପାଣି ଓ କୋରା। ଆମେ ତାକୁ ଖାଉ। ଅନ୍ୟ ସମସ୍ତଙ୍କ ପାଇଁ ଆମ ଖମାରୋଇ (ହଳିଆମାନଙ୍କ ମୁଖ୍ୟ) ବଡ଼ ଡାଲାରେ ଗୁଣ୍ଡ ଚୁଡ଼ାରେ କୋରା ନଡ଼ିଆ, ଗୁଡ଼, ଘିଅ ଓ କମଳା ରସ ଦେଇ ଚୁଡ଼ାଘଷା କରେ। ଆମ ଅଞ୍ଚଳରେ ଚୁଡ଼ାଘଷାଟା ପ୍ରସିଦ୍ଧ। ଚୁଡ଼ାଘଷାକୁ କାନ୍ଥକୁ ଛାଟି ଦେଲେ ତାହା ଯଦି କାନ୍ଥରେ ଲାଗିଗଲା, ତାହା ହିଁ ବଢ଼ିଆ ଚୁଡ଼ାଘଷା। ଆମ ପୁରୀରେ ଯଦିଓ ଚୁଡ଼ାଘଷା ସାଙ୍ଗରେ ଡାଲମାର ଗୋଟେ ସଂଯୋଗ ଥାଏ। ଖିଆପିଆ ପରେ ପୁଣି ଶଗଡ଼ ଚାଲେ ବାର ବେଳର ଭାତ ଡାଲମା ସେଇ ଗଛ ମୂଳେ ହୁଏ। ସଞ୍ଜ ପରେ ଶଗଡ଼ ଚନ୍ଦ୍ରଭାଗାରେ ପହଞ୍ଚିଯାଏ। ଆଜି ଏକଥା ଭାବିଲେ ଭାରି ଭଲ ଲାଗେ। ମନ ଆଉଟି ହୁଏ ପଛ କଥା ପାଇଁ।

ଖାଲି ପିଲାଦିନ ନୁହେଁ, ଶଗଡ଼ରେ ବସିବା ଅଭ୍ୟାସ ବହୁତ ଦିନ ଯାଏଁ ଥିଲା। ସତୁରି ଦଶକରେ ମୋ ଶାଶୁ ଘର ଗାଁକୁ ବସ୍ ଚଳାଚଳ ନ ଥିଲା। ଆମେ ଖୋର୍ଦ୍ଧାରେ ବସ୍‌ରୁ ଓହ୍ଲାଉ। ଶଗଡ଼ ଆସିଥାଏ ଗାଁରୁ ଆଠ କିଲୋ ମିଟର ବାଟ। ଆମେ ଶଗଡ଼ରେ ଯାଉ। ଯଦି ଟ୍ରେନ୍‌ରେ ଆସୁ ତେବେ କାଇପଦର ରୋଡ଼୍‌ରେ ଓହ୍ଲାଇ ଶଗଡ଼ରେ ହିଁ ଯାଉ। ସେତେବେଳେ ଅଟୋ କି ରିକ୍ସା ଜମା ନ ଥିଲା।

## ଅଭୁଲା ଅଧ୍ୟାୟ

ଶେଷରେ ଏଇ ଶଗଡ଼କୁ ନେଇ ଗୋଟିଏ କଥା କହିବି। ଶୁଣିବା କଥା। କାରଣ ସେତେବେଳେ ମୁଁ ଜନ୍ମ ହୋଇ ନ ଥିଲି। ଇତିହାସର ଏକ ଅଭୁଲା ଅଧ୍ୟାୟ। ମହାତ୍ମାଗାନ୍ଧୀ,

କସ୍ତୁରବା, ମହାଦେବ ଦେଶାଇଙ୍କ ସହ ସାତଦିନ ବେରବୋଇରେ ଥିଲେ। ସେତେବେଳେ ପୁରୀ କଣାସ ରାସ୍ତାରେ ଧାଡ଼ି ଧାଡ଼ି ଶଗଡ଼ ସକାଳୁ ରାତି ଅଧଯାଏଁ ଯାଉଥାଏ ଆସୁଥାଏ, ଆମ ଘରେ ଏତେ କୁଣିଆ ହେଲେ ଯେ ରୋଷେଇ ପାଇଁ ଖନ୍ଦାଶାଳ ହେଲା। ବୋଉ କହେ ସବୁଦିନ ଆମ ଘରୁ ସାତଖଣ୍ଡ ଶଗଡ଼ ଯାଏ ଗାନ୍ଧୀଙ୍କୁ ଦେଖିବାକୁ। ଖରାବେଳେ ଫେରି ଖାଇକରି ପୁଣି ଯା'ନ୍ତି ଯେ ଆସନ୍ତି ରାତିକୁ। ଆମ ଗାଁରୁ ବେରବୋଇ ଦେଢ଼ କୋଶ ବାଟ ମାତ୍ର। ଖାଲି ଆମ ଗାଁରୁ ନୁହେଁ, ଆମ ଆଖପାଖ ସବୁ ଗାଁରୁ ଲୋକମାନେ ଶଗଡ଼ରେ ଓ ଚାଲି ଚାଲି ଗାନ୍ଧୀଙ୍କୁ ଦେଖିବାକୁ ଯା'ନ୍ତି, ଆମ ଘର ସାମ୍ନାରେ ଯାଇଥିବା ନାଲି କଚା ରାସ୍ତାଟା ସେତେବେଳେ କୋଳାହଳ ମୁଖର ହେଉଥାଏ।

> **ଆମ ପିଲାଏ କହୁଚନ୍ତି, ବିନା ବିଜୁଳି ଆଲୁଅରେ, ବିନା ବସ୍‌ରେ ତମେ ସବୁ କେମିତି ଚଲୁଥିଲ? କେମିତି ଶଗଡ଼ରେ ବସି ଏତେ ଏତେ ବାଟ ଯାଉଥିଲ?**

ଏବେ ଆଉ ସେଦିନ ନାହିଁ। ସମୟ ଆଗକୁ ଧାଉଁଚି। ତା' ସାଥିରେ ତାଳ ଦେଇ ମଣିଷ ମଧ୍ୟ। ହେଲେ ପଛକୁ ଚାହିଁଲେ ଏସବୁ ଦୃଶ୍ୟ ଆଖି ଆଗରେ ନାଚୁଛି। ଆମ ପିଲାଏ କହୁଚନ୍ତି, ବିନା ବିଜୁଳି ଆଲୁଅରେ, ବିନା ବସ୍‌ରେ ତମେ ସବୁ କେମିତି ଚଲୁଥିଲ? ଖରାଦିନେ କେମିତି କାଟୁଥିଲ ବିନା ଏ.ସି.ରେ? କେମିତି ଶଗଡ଼ରେ ବସି ଏତେ ଏତେ ବାଟ ଯାଉଥିଲ?

ସେତେବେଳେ ଏତେ ସବୁ ଅଭାବ ଭିତରେ ଆମେ ଯେ ଭରପୂର ଆନନ୍ଦ ପାଉଥିଲୁ, ସେ ନିର୍ମଳ ଆନନ୍ଦ ଆମ ପିଲାଏ ପାଇ ପାରୁଚନ୍ତି କି? ସମୁଦ୍ର କୂଳରେ ସୂର୍ଯ୍ୟୋଦୟ ଦେଖିବାର ଲୋଭ, ଆତୁରତା ଆମର ଥିଲା। ଆମ ପିଲା କହୁଚନ୍ତି, ମୋବାଇଲ୍‌ରେ, ଟି.ଭି.ରେ ଅମେ ତ ସେଗୁଡ଼ା ନିତି ଦେଖୁଚୁ; ସେ କ'ଣ ଦେଖିବା ଜିନିଷ?


ସେମାନେ ମୋବାଇଲ, କମ୍ପ୍ୟୁଟର ସ୍କ୍ରିନ୍‌ରୁ ଆନନ୍ଦ ସାଉଁଟୁଛନ୍ତି। ଯନ୍ତ୍ରରୁ ଆନନ୍ଦ। ଯନ୍ତ୍ର ସ୍ୱାଚ୍ଛନ୍ଦ୍ୟ ଦିଏ। ଆନନ୍ଦ ନୁହେଁ।

ଆନନ୍ଦ ଥାଏ ପ୍ରକୃତିରେ, ଯିଏ ପ୍ରକୃତିକୁ ଅନୁଭବ କରିନାହିଁ, ସେ କେବେ ବି ସ୍ୱପ୍ନ କ'ଣ ଏ କଥା ବୁଝିନାହିଁ କି ଜାଣି ନାହିଁ, ସ୍ୱପ୍ନ ଦେଖିନାହିଁ ବି। କାରଣ ପ୍ରକୃତି ହିଁ ସ୍ୱପ୍ନର ଗନ୍ତାଘର।

□□

ଲେଖିକାଙ୍କ ଇ-ମେଲ ଠିକଣା:
banajadevi2012@gmail.com

ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ




ଧାରା ଶ୍ରୀରାଧା

କବି - ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST Regd. No.: 41081705388 Bhubaneswar, Odisha

**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**




ଗଳ୍ପ

# ଦେବୀ

ସୁନନ୍ଦା ମହାନ୍ତି

ମାଆ ଯିବାର ତେର ଦିନ ଯାଏଁ ବାପା ଚା' ଟୋପେ ପିଇ ନ ଥିଲେ। ଆଜି କ'ଣ ଖୋଜିଚାଲିଛନ୍ତି। ଶ୍ରଦ୍ଧା କପେ ଚା' କରି ନେଇ ଶଶୁରଙ୍କ ହାତକୁ ବଢ଼େଇଲେ, କୋଡ଼ିଏ ବର୍ଷର ବୋହୂ ହୋଇ ଆସିଲେଣି ଶ୍ରଦ୍ଧା। ହେଲେ ଶଶୁରଙ୍କ ହାତକୁ, ଚା' ତ ଚା', ପାଣି ଗ୍ଲାସ ବଢ଼େଇବାକୁ ଦେଇନାହାନ୍ତି କେବେ ଶାଶୁ। ଦୁଇ ଭାଇ ଭଉଣୀ ଭିତରେ ପୁଅ ବଡ଼। ଆଉ ଏ ଘରର ଏକମାତ୍ର ବଡ଼ ବୋହୂ ସେ। ଶାଶୁଙ୍କ ପାଖରେ ହାର ମାନିଯାଇଛନ୍ତି ସେ। ରୂପ, ଗୁଣ, କର୍ତ୍ତବ୍ୟ, ସୌନ୍ଦର୍ଯ୍ୟ, ରୁଚିବୋଧ, ଶାଳୀନତାର ଦାମ୍ଭିକପଣିଆରେ ସେ ରାଣୀଟିଏ ନୁହନ୍ତି ତ ସାମ୍ରାଜ୍ଞୀ ପରି ଲାଗନ୍ତି। କଥା କହିବାକୁ ସାହସ ଜୁଟେଇ ଛେପ ଢୋକନ୍ତି ଶ୍ରଦ୍ଧା। ତାଙ୍କ ହାତ ଗୋଡ଼ ସହ ମୁଣ୍ଡ କାମ କରୁଥାଏ ପ୍ରଚଣ୍ଡ ଧୀଶକ୍ତି ବଳରେ। ସଂସାର ଓ ସ୍ୱାମୀ ପୁଅ ଝିଅଙ୍କୁ ପଣତରେ ବାନ୍ଧି ରଖିଥିଲେ ମଧ୍ୟ କେବେ ସେମାନଙ୍କ ସାହାଯ୍ୟ ସହଯୋଗ ଲୋଡ଼ି ନାହାନ୍ତି। ଦର୍ଶନର ଛାତ୍ରୀ ସିନା ସେ ନିଜେ ଗୋଟେ ଦର୍ଶନ ପରି ଲାଗନ୍ତି। ଭିତରକୁ ସେ କୁଆଡ଼େ ବହୁତ ସ୍ନେହୀ, ସରଳ ଓ ସ୍ୱଚ୍ଛ। କିନ୍ତୁ ଉପରକୁ ହାରିଯିବାର କେବେ ଦେଖିନାହାନ୍ତି ଶ୍ରଦ୍ଧା। ଆଜି ତାଙ୍କ ଅବର୍ତ୍ତମାନର ତେର ଦିନ ପରେ ଶଶୁର ଶାଶୁଙ୍କ ବ୍ୟାଗ୍, ଡାଇରି, ବକ୍ସ ଇତ୍ୟାଦିରୁ କ'ଣ ଖୋଜୁଛନ୍ତି ! ଶେଷକୁ କହିଲେ ମାଆରେ ତତେ ଓ ଝିଅକୁ ସେ କେବେ ଅଲଗା ଦେଖିନି। ଦୁଇଖଣ୍ଡ ଚିଠି ଲେଖି ରଖିଥିଲା। କହୁଥିଲା ଯେ ମୁଁ ଝିଅ ଆଉ ବୋହୂର ଚିଠି ପରିବର୍ତ୍ତେ ପୁଅକୁ ଲେଖିଥିବା ଗୋଟେ ପୁରୁଣା ଚିଠି ପାଉଛି କେବଳ। ହଉ ବାପା, ମିଳିଲେ ପରେ ଦେବେ, ଆପଣ ଆଗେ ଚା'ଟା ପିଇ ନିଅନ୍ତୁ। ଏତିକିବେଳେ ପୁଅ ଆସି ଝାମ୍ପି ନେଲା ଚିଠି। ଏକନିଃଶ୍ୱାସରେ ପଢ଼ିଗଲା :



ଚାନ୍ଦୁଆରେ, ତୁ ମୋ ମାତୃତ୍ୱର ପ୍ରଥମ ସ୍ତବକ। ତୁ ଜନ୍ମ ହେଲାବେଳେ ମୁଁ ପାଠ ପଢୁଥିଲି, ତ ଭାବିଥିଲି ମୋ ପୁଅ ବହୁତ ପାଠ ପଢ଼ିବ। ହେଲେ ଜନ୍ମ ପରେ ପରେ ତତେ ଉଣେଇଶ ବର୍ଷ ଶନି ପଡ଼ିଲେ। ତୁ ପାଠ ପଢ଼ିଲୁ ଚାକିରି କଲୁ, ବାହା ବି ହେଲୁ, ହେଲେ ମୋର କାହିଁ ସନ୍ତୁଷ୍ଟି ଆସିଲାନି କେଜାଣି। ତୋ ପାଇଁ ମୋ ମନରେ କେତେ ଡର ଓ ଭୟ। ସେହିଭିତରୁ ତତେ କିଛି କହିପାରୁଛି, କିଛି କହିପାରୁନି। କିନ୍ତୁ କେବେ କେବେ ଲେଖିଦେଉଛି କିଛି, ହୁଏତ କେବେ ପଢ଼ିବୁ, ଆଜି ଏଇ ଏଇ ଲେଖିଛି ଗଳ୍ପଟିଏ, ପଢ଼ିବୁ ଆଉ ନିଜକୁ ମଜଭୁତ କରିବୁ, ଯେ କୌଣସି ପରିସ୍ଥିତି ଆସୁନା କାହିଁକି, ହାରିଯିବୁନି, ଭାଙ୍ଗିପଡ଼ିବୁନି, ସବୁକୁ ସାମନା କରିବୁ, ମୋ ମନର ବ୍ୟାକୁଳତାଭରା ଏ ଗଳ୍ପଟି ପଢ଼ିନେବୁ।

ନିଜ ପାଇଁ କିଛି ସମୟ ବାହାର କରି ମୁଁ ଗଳ୍ପ କବିତା ଲେଖିଲା ବେଳେ ମୋର କାହିଁ ମନେହୁଏ ମଣିଷ, ନିଜକୁ ଖୁବ ଭଲପାଏ। ନିଜକୁ ଭଲ ପାଉଥିବାରୁ ମଣିଷ ବଞ୍ଚିଛି ଏ ଦୁନିଆରେ। ନିଜ ଚାରିପଟେ ଥିବା ବସ୍ତୁ, ପଦାର୍ଥ ଓ ମଣିଷମାନଙ୍କୁ ଭଲ ପାଉଛି। ଭଲପାଏ ବୋଲି ନିଜକୁ ଓ ଅନ୍ୟକୁ ତ କେତେ କେତେ ଅସହାୟତା ଭିତରେ ବି ବଞ୍ଚିରହେ ମଣିଷ, କେତେ ମୋହ ମାୟା ଆସକ୍ତିକୁ କାଟି ମରିବାକୁ ଚାହେଁନା, କିନ୍ତୁ ଯେଉଁମାନେ ଆତ୍ମହତ୍ୟା କରୁଛନ୍ତି ??? ସେମାନେ କ'ଣ କେବଳ ନିଜକୁ ଭଲ ପାଆନ୍ତି ?? ନ ହେଲେ ନିଜ ଚାରିପଟର ପ୍ରିୟ ମଣିଷମାନଙ୍କୁ ଦୁଃଖ ଶୋକରେ ଭସାଇ ଆତ୍ମହତ୍ୟା କରି ପର ପିଢ଼ିର ଲୋକଙ୍କୁ କ'ଣ ଶିକ୍ଷା ଦିଅନ୍ତି ??? ନିଶ୍ଚୟ ରୁଗ୍ଣ ମାନସିକତା। ଏଇ

ଭିତରେ ଦୁଇ ଦୁଇଟି ଆତ୍ମହତ୍ୟା ଖବର ମୋ ମନକୁ ଆନ୍ଦୋଳିତ କରୁଥିଲା। ମୁଁ ଆଶଙ୍କିତ ଓ ମର୍ମାହତ ହୋଇ ପଡୁଥିଲି ଯୁବପିଢ଼ିଙ୍କ ପାଇଁ। ବିଶେଷ କରି ମୋ ପୁଅ ଝିଅଙ୍କ ପାଇଁ। ପୁଅ ଦିଲ୍ଲୀରେ ଏକୁଟିଆ ରହୁଥିଲା ଚାକିରି ସ୍ଥାନରେ, ଆଉ କହୁଥିଲା ଏଇ ଭିତରେ ସେ ଦିଲ୍ଲୀ କମ୍ପାନୀ ଛାଡ଼ି ରାଜସ୍ଥାନ ଯିବ ବୋଲି ଯୋଉଟା ମୋର ଇଚ୍ଛା ନ ଥିଲେ ବି ବାରଣ କରି ପାରୁ ନ ଥିଲି। ଓଡ଼ିଶାକୁ ଫେରିଆସିବାକୁ ମଧ୍ୟ ଜୋର ଦେଇ କହିପାରୁ ନ ଥିବା ସ୍ଥଳେ, ସେହି ଦିଲ୍ଲୀରେ ପିଇସୀ ଝିଅ ଭଉଣୀର ପୁଅ ଅଭିଳାଷ ଏଇ ଏଇ ଆତ୍ମହତ୍ୟା କରିଥିଲା, ଯାହା ପଛରେ କୌଣସି କାରଣ ନ ଥାଇ କି ନ ପାଇ ବାପା ମାଆ ପାଗଳ ପ୍ରାୟ ହେଉଥିଲେ, ତ ମୁଁ ମୋ ପୁଅ ଚାନ୍ଦୁଆର ଶୁଭ ମନାସି ରାତି ରାତି ଶୋଇପାରୁ ନ ଥିଲି କି ଏ କଥା ତାକୁ କହି ପାରୁ ନ ଥିଲି।

ଝିଅ ବିବାହିତ ହେଲେ ବି ଝିଅକୁ କେବେ ବି ଏଯାଏଁ ପରଗୋତ୍ରୀ ହେଇଗଲାଣି ଭାବି ପର କରିନି ତାକୁ ମୋ ମନ ହୃଦୟରୁ। ତା'ର ସବୁ ସୁବିଧା ଅସୁବିଧା କଥା ବୁଝେ। ଯଦିଓ କିଛି କରିପାରେନି ଆଶୁ ପ୍ରତିକାର, ତଥାପି ତା' ପାଇଁ ଡାକୁଥାଏ ପ୍ରଭୁଙ୍କୁ, ମୋ ଚାନ୍ଦିନୀକି ଭଲରେ ରଖ। ହେଲେ ସେ ଏକୁଟିଆ ରହୁଥିବା ଚାକିରି ଜାଗାରେ, ତା' ରୁମ୍‌କୁ ଲାଗିକି ରହିଥିବା ପଡ଼ୋଶୀ ଘରେ ଭଡ଼ା ଥିବା କେତେଜଣ ପୁଅ ପିଲାଙ୍କ ଭିତରୁ ଏଇ ଏଇ ଜଣେ କରିଛି ଆତ୍ମହତ୍ୟା। ଭାବିଲା ନାହିଁ, ତା'ର ଏମିତି କାର୍ଯ୍ୟ କଳାପରେ ବାପା ମାଆ, ନବବିବାହିତ ସ୍ତ୍ରୀଙ୍କ ଉପରେ କି ପ୍ରକାର ଦୁଃଖର ପାହାଡ଼ ଲଦି ହୋଇ ପଡ଼ିବ। ବୁଝିପାରିଲା ନାହିଁ ମିଶିକି ରହୁଥିବା ଅନ୍ୟ ପାଞ୍ଚଟା ପିଲାଙ୍କର କି ଅସୁବିଧା ହେବ। ଅତି ପର ହେଲେ ବି ସାମାଜିକ ସ୍ତରର ସମ୍ପର୍କିତ ପଡ଼ୋଶୀ ମଣିଷମାନେ କେତେ କଲବଲ ଓ ସନ୍ତୁଳିତ ହେବେ !

ଝିଅର ଅବସ୍ଥା ଠିକ ସେମିତି। ଡର ଭୟ ସନ୍ତୁଳନ ଯୋଗୁ ଅସ୍ଥିର ଲାଗୁଛି ତାକୁ। ଭାଇ ସହ ନିଜ ଚାରିପାଖ ଅବସ୍ଥାର ବର୍ଣ୍ଣନା ଦେଲାବେଳେ, ମୁଁ ଡରୁଛି ଆଉ ବାରଣ କରୁଛି ଭାଇକୁ ଏତେ କଥା ନ କହିବା ପାଇଁ। ପୁଅ କିନ୍ତୁ ଫୋନରେ ସଂଯୁକ୍ତ ରହି ଭଉଣୀକୁ ନ ଡରି ନିଜ ପାଇଁ ଠିକଠାକ ରୋଷେଇ କରେ ବୋଲି କହୁଥିଲା ବେଳେ ମୋର ଏବେ ନିଜ ପାଇଁ ରଖିଥିବା ସବୁ ସମୟ ପୁଅ ଝିଅଙ୍କ ଚିନ୍ତାରେ। ନିଜ ପାଇଁ ରଖିଥିବା କିଛି ସମୟକୁ ମୁଁ ମାଆଟିଏ ମୋ ପୁଅ ଝିଅଙ୍କ ପାଇଁ ଡର ଓ ଭୟରେ ବିତାଉଛି ସବୁ ମାଆଙ୍କ ପରି। ପ୍ରଭୁ ହେ, ଘଣ୍ଟଘୋଡ଼େଇ ରକ୍ଷା କର, ସଦବୁଦ୍ଧି ଦିଅ ମୋ ସନ୍ତାନ ଦୁହିଁଙ୍କୁ, ଯାଉଛି ସେମାନଙ୍କୁ ଫୋନ କରିବି ଆଉ ଚିଠି ଗୋଟେ ଗୋଟେ ଲେଖିବି, ମୋ ନିଜ ପାଇଁ ରଖିଥିବା କିଛି ସମୟକୁ ଉପଯୋଗ କରିବାକୁ ଭାବି ଉଠିଲି।

ଏମିତି ଅନେକ ଅନେକ ଭୟ ମୋର ତୋ ପାଇଁ, ଆଉ କେବେ ଯଦି କିଛି କୁହେ ରାଗିକି, ତ କହୁ କ'ଣ ଭୁଲ କଲି ମୁଁ ଯେ ତୁ ଗାଳି ଦେଉଛୁ। ବାପାଙ୍କର ଆଉ ତୋ ପସନ୍ଦର ଝିଅ ନ ବାହା ହୋଇ, ନିଜ ପସନ୍ଦର ଝିଅ ବାହା ହେଲି, ପାରମ୍ପରିକ ରୀତିରେ, ତୁମ ସହ ମତାନ୍ତର ଭିତରେ କିନ୍ତୁ ମନାନ୍ତର କିଛି ଅଛି କି? ହେଲେ 'ସେତିକି ମୋର ଭୁଲ' କହି ତୁ ଯେବେ ଚୁପ ହେଇଯାଉ, ମୋ ଅନ୍ତର ଫାଟିପଡ଼େ।

**ମୁଁ ମୋ ପୁଅ ଚାନ୍ଦୁଆର ଶୁଭ ମନାସି ରାତି ରାତି ଶୋଇପାରୁ ନ ଥିଲି କି ଏ କଥା ତାକୁ କହି ପାରୁ ନ ଥିଲି।**

ଯୋଉଠି ପ୍ରଥମ ଚାକିରି କରୁଥିଲୁ, ସେଠି ତୋ' ସହ ଚାକିରି କରୁଥିବା ଝିଅଟିର ଭାଇଟି ହଠାତ ଚାଲିଗଲା। ଦୟା ଆଉ ସହୃଦୟତାରେ, ତୁ ତାଙ୍କ ଘରକୁ ଗଲୁ, ସେ ଝିଅକୁ ବୁଝେଇ ଶୁଝେଇ ପୁଣି ଅଫିସ ଆସିବାକୁ ପ୍ରବର୍ତ୍ତାଇ ଆଣିଲୁ। ଆଉ ତାଙ୍କ ପରିବାର ଆମ ଜାତିର ହେଇଥିବାରୁ, ତାଙ୍କ ସହ ଘନିଷ୍ଠତା ବଢ଼ାଇଲୁ। କିନ୍ତୁ ଦୈବ ଦୁର୍ବିପାକ ହେଉ ବା କାଳର କରାଳ ହେଉ ଝିଅଟିର ପାଠପଢୁଥିବା ଭାଇର ମୃତ୍ୟୁ ପରେ ପରେ ତା' ବାପାଙ୍କ ଅକାଳ ମୃତ୍ୟୁ ଓ ବାପାଙ୍କ ପରେ ପରେ ତତେ ସ୍ନେହ ଶ୍ରଦ୍ଧା କରୁଥିବା ତା' ମାଆଙ୍କ ମୃତ୍ୟୁରେ ଝିଅଟିର ଅସହାୟତାରେ ତୁ ଯେମିତି ଏକମାତ୍ର ପୁରୁଷପୁଙ୍ଗବ ହୋଇ ବାହାରି ପଡ଼ିଲୁ ତାକୁ ଜୀବନ ସାଥୀ କରିନେବାକୁ। ମୋର ଭୟ ହେଲା, ଝିଅଟି ସାଥିରେ ହେଉଥିବା ଦୁର୍ଭାଗ୍ୟ ମୋ ଘରକୁ ମାଡ଼ି ଆସିବନି ତ??? କାରଣ ଏଥି ପୂର୍ବରୁ ତା' ବଡ଼ଭଉଣୀଟି ମଧ୍ୟ ବିବାହ ପରେ ସ୍ୱାମୀକୁ ହରେଇ ଛୋଟ ଝିଅଟିଏ ସହ ବାପଘରେ ଆଗରୁ ଆଶ୍ରିତ। ତଥାପି ତୋ' ଭଲପାଇବା ହେଉ ବା ସହୃଦୟତା ହେଉ, ବା ତ୍ୟାଗ, ତୋ ପ୍ରସ୍ତାବରେ ମୁଁ ରାଜି

ହେଲି। ବାପାଙ୍କୁ ରାଜି କରେଇଲି, ଆଉ ବନ୍ଧୁବାନ୍ଧବ ସାହିପଡ଼ିଶାଙ୍କୁ ଚମତ୍କୃତ କରି ତୋର କୌଣସି ଯୋଗ୍ୟତାର ସମକକ୍ଷ କି ନୁହେଁ ନ ବିଚାରି, ସେହି ଝିଅକୁ ବୋହୂ କରିଆଣିଲି, କେବଳ ତତେ ଛାଡ଼ିପାରିବିନି ବୋଲି। ହେଲେ ମନରେ ଅନେକ କ୍ଷୋଭ ଓ ଡର। କ୍ଷୋଭ ଏଇଥିପାଇଁ ଯେ ହଜାରେ ସୁନାନାକି ଝିଅ ଦେଖି ନିଜ ପସନ୍ଦର ଝିଅ ଆଣିବା ସୌଭାଗ୍ୟ ହରେଇଲି। ଡର ଏଇଥିପାଇଁ ଯେ ବାହାଘର ପରେ ଦୁର୍ଭାଗ୍ୟ ସବୁ ମାଡ଼ିଆସିବନି ତ। ବାହାଘର ନିମନ୍ତ୍ରଣ ପତ୍ର ଛପାହୋଇ ବଣ୍ଟାଯାଇଥିଲେ ବି ସେହି ତାରିଖରେ ହୋଇପାରିଲାନି। ଫନୀ ଯୋଗୁ ଭାସି ବୋହିଗଲା ଘର ଦ୍ୱାର, ସମ୍ପର୍କ ସହିତ ଟଙ୍କା ପଇସା ଭୋଜିଭାତ। ଯଦିଓ ଶୁଭେଚ୍ଛୁ କେହି କେହି ମୋ କାନରେ ଆଶ୍ୱସ୍ତିର ବାଣୀ ଶୁଣେଇ କହିଥିଲେ, ବ୍ୟସ୍ତ ହୁଅନ୍ତୁ ନାହିଁ ଜମା। ଫନୀରେ ସବୁ ଭାସି ଧୋଇଯାଉ, ଭବିଷ୍ୟତକୁ ଆଉ ବିପଦ ନ ଥାଉ, ହେଲେ ଅନ୍ୟ କେତେଗୁଡ଼ିଏ ଘଟଣା ପ୍ରବାହ ମନକୁ ବିଚଳିତ କଲେ ବି ତୋ ପାଇଁ ମୋର ଡର ଆଉ ତତେ ଦୂରେଇ ଦେବାର ଭୟ ମୋର।

ଆଜି ଯଦି ମୁଁ ଫୋନ ଧରିଛି ତୋ ପାଇଁ, ଆଜି ଯଦି କିଛି ଲେଖୁଛି, ତୋ ପାଇଁ, ତୁ ମତେ ଆଣିଦେଇଛୁ ପ୍ରତିଲିପି ଓ ଷ୍ଟୋରୀ ମିରର ପରି ପ୍ଲାଟଫର୍ମ, ତୁ ମତେ ଶିଖେଇଛୁ ଅନେକ କିଛି, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ବାପାଙ୍କର ଯେତିକି ଅବଦାନ, ତାଠୁ ତୋର ଅଧିକା କହିଲେ ବି ଅତ୍ୟୁକ୍ତି ହେବ ନାହିଁ। ଖାଲି ସେତିକି ନୁହେଁ, ମୁଁ କେମିତି ଭଲ ଶାଢ଼ି ପିନ୍ଧିବି, ଭଲ ଜାଗାକୁ ଯାଇ ଭଲ ଲୋକଙ୍କ ସଂସ୍ପର୍ଶରେ ଆସି ମୋ ଲେଖାକୁ ଆହୁରି ଗତିଶୀଳ ଓ ଉନ୍ନତ କରିପାରିବି, ଏଥିରେ ତୋର ଅବଦାନ କମ୍ ନୁହେଁ। ତୋ ପରି ପୁଅ କୋଟିଏରେ ଗୋଟେରେ ଧନ, ମାଆ ବାପାଙ୍କ ମନ ବୁଝିବାକୁ, କଥା ମାନିବାକୁ, କେତେଟା ପୁଅ ଆଜିକାଲି ଅଛନ୍ତି !

ଖାଲି କ'ଣ ସେତିକି ଉଡ଼ାଜାହାଜରେ ବସାଇ ଦିଲ୍ଲୀ ନେଇ, ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲାଇ ଦେଖେଇଛୁ ଧନ। ମୋର ଖାଲି ଆଉ ଗୋଟିଏ କଥା ମାନିବୁ, ଯିଏ ଯେତେବେଳେ ତୋ' ପାଖରେ ହାତ ପତେଇ କିଛି ମାଗୁଛି, ତ ଯଥାସାଧ୍ୟ କିଛି ଦେବୁ ଧନ, ଆଉ ଗୋଟେ କଥା ମଧୁର ବିନୟ ବଚନ, କହି ତୋଷିବୁ ଜନମନ। ମୋ ଆୟୁଷ ଆଶିଷ ନେଇ ନିରୋଗୀ ରହି, କର୍ତ୍ତବ୍ୟ କର୍ମ ସମ୍ପାଦନ କରି ଅନେଶତ ବର୍ଷ ଯାଏଁ ଭଲରେ ଥାଆ ଧନ, ଏତିକି ପ୍ରଭୁଙ୍କୁ ମାଗୁଣି।

ଆଉ କେବେ ସମୟ ସୁଯୋଗ ପାଇଲେ ଆହୁରି ଅନେକ ବାକି ଥିବା କଥା କହି ନ ପାରି ଲେଖିଯିବି ବୋଲି ଭାବିଛି, ଲେଖିବାକୁ ଶକ୍ତି ସାମର୍ଥ୍ୟ ଥିବା ପର୍ଯ୍ୟନ୍ତ ଲେଖୁଥିବି ବୋଲି ମୋର ସଂକଳ୍ପ, ଆଉ ସେହି ସଂକଳ୍ପର ସୂତ୍ରଧର ତ ତୁ। ମୋ ଧନ, ବାପାଙ୍କ ସଙ୍ଗେ ମିଶି ମତେ ମଶାଣିରେ, ମୋ ମୁହଁରେ ନିଆଁ ଦେଇ ମୋ ଆତ୍ମାକୁ ଶାନ୍ତି ଦେବାକୁ ଈଶ୍ୱର ତତେ ଭଲରେ ରଖିଥାନ୍ତୁର ଆଶୀର୍ବାଦ ଦେଇ ଘଣ୍ଟ ଘୋଡ଼େଇ ବସେଇଥାନ୍ତୁ ଧନ ମୋର।

ଇତି, ମାଆ।



ଚିଠି ପଢ଼ି ଲୁହ ସରସର ମୁହଁରେ, ପୁଅ ବଢ଼େଇଦେଲା ଶ୍ରଦ୍ଧାକୁ। ତୁମ ଚିଠି ମିଳିବା ପୂର୍ବରୁ ମୋ ଚିଠି ପଢ଼ିଲେ ବୁଝିଯିବ ମୋ ମାଆ ଉପରକୁ ଟାଣ ସତ, ହେଲେ ଭିତରେ କେଡ଼େ ନରମ ଆଉ ସ୍ୱଚ୍ଛ ତଥା ସରଳ। ଶ୍ରଦ୍ଧା ଚାହିଁଥିଲା ସ୍ୱାମୀଙ୍କୁ। ଶଶୁର କହୁଥିଲେ ମୁଁ ଖୋଜିକି ତୋ ଚିଠି ତତେ ଦେଇଦେବି ମାଆ। ନାହିଁ ବାପା ବ୍ୟସ୍ତ ହୁଅନ୍ତୁ ନାହିଁ, କହି ଶଶୁରଙ୍କ ହାତରୁ ଚା' କପ ନେଇ ତା'ର ଚାଲିଯିବା ଦୃଶ୍ୟରେ ଶଶୁର କହୁଥିଲେ, ତୁମ ବିନା କେମିତି ବଞ୍ଚିବି ଭାବି ମୋ ନାଆଁରେ ଚିଠି ଖଣ୍ଡେ ଲେଖି ନ ଥାନ୍ତ ବିନି ! ଶଶୁରଙ୍କ ଶେଷ ପଦ ଶୁଣି ଶ୍ରଦ୍ଧା ଏବର୍ଷ ଦେବୀ ଦୁର୍ଗାଙ୍କ ପୂଜା କରି ନ ପାରି, ଶାଶୁଙ୍କ ଫଟୋଟିକୁ ଦେବୀ ରୂପେ ପୂଜା କରିବା ଦେଖି ଶଶୁର ଓ ସ୍ୱାମୀ କ'ଣ ଭାବୁଥିଲେ କେଜାଣି ସେ କିନ୍ତୁ ବୁଝିସାରିଥିଲା, ତା' ଶାଶୁ ଜଣେ ଦେବୀ ହିଁ ଥିଲେ।

□□

ଲେଖିକାଙ୍କ ଇ-ମେଲ ଠିକଣା:
sunandaamohanty@gmail.com



ପ୍ରବନ୍ଧ

# ଓଡ଼ିଆ ଗୀତି କବିତାର ଗତି ଓ ପ୍ରକୃତି

ଡ. ସଦାନନ୍ଦ ପରିଡ଼ା

ଗୀତିକବିତା ଜୀବନର କବିତା, କହିବା ବାହୁଲ୍ୟ, ସପ୍ତଦଶ ଶତକରେ ଓଡ଼ିଆ ସାହିତ୍ୟରେ ଯେଉଁ ଗୀତି କବିତା ରଚନାର ଝୁଙ୍କ୍ ଦେଖାଯାଇଥିଲା, ଊନବିଂଶ ଶତକର ଶେଷ ଭାଗକୁ ଏହା ତା'ର ପ୍ରଭାବ ଓ ପ୍ରତିଷ୍ଠା ବିସ୍ତାର କରିପାରିଥିଲା। ମଧୁସୂଦନ ଭକ୍ତ ହୃଦୟର ନୈବେଦ୍ୟ ବାଢ଼ିଲେ ଏଇ ଗୀତି କବିତା ମାଧ୍ୟମରେ। "ରେ ଆତ୍ମନ୍ ନିଦ୍ରାପରିହରି, ଫେଡ଼ି ଚିନ୍ତାର ଲୋଚନ କର କର ନିରୀକ୍ଷଣ ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି" ଇତ୍ୟାଦି। କାଳଜୟୀ ଏ ରଚନା, ପୁନଶ୍ଚ ଗୀତି କବିତାରେ ଫକୀର ମୋହନ, ଗୋଦାବରୀଶ ଓ ଗୋପବନ୍ଧୁ ଜାତୀୟତାର ବହ୍ନି ଜାଳିଲେ। ମାନସିଂହ ପ୍ରେମର ଅଭିସାର ରଚିଲେ। ନନ୍ଦ କିଶୋର ପଲ୍ଲୀ ପ୍ରକୃତିକୁ ବାଣୀ ରୂପ ଦେଲେ।




କୁଞ୍ଜ ବିହାରୀ ପ୍ରକୃତିର ମହିମା ଗାନ କଲେ। ରାଧାମୋହନ, କାଳିନ୍ଦୀ ଚରଣ, ବୈକୁଣ୍ଠ ନାଥ, ଅନ୍ନଦାଶଙ୍କର, ସଚ୍ଚିଦାନନ୍ଦ, ଅନନ୍ତ ପଟ୍ଟନାୟକ ଓ ଏବର ଅଗଣିତ ତରୁଣ ସାହିତ୍ୟିକ ବିକ୍ଷିପ୍ତ ଭାବେ ଗୀତି କବିତାର ବିଭିନ୍ନ ଦିଗକୁ ସମୃଦ୍ଧ କରିବାରେ ସଚେଷ୍ଟ ହୋଇ ଉଠିଲେ।

ଜୀବନକୁ ସରସ ସୁନ୍ଦର, ଉପଭୋଗ୍ୟ ତଥା ମଧୁର କରିବା ପାଇଁ ଏହାର ସୃଷ୍ଟି। ଯେଉଁଠି ସମାଜ ଉତ୍ପୀଡ଼ନର ଶିକାର ହୋଇଛି, ହସକାନ୍ଦର ବଳୟ ଭିତରେ ତଲ୍ଲୀନ ହୋଇଛି, ଭକ୍ତି ଭାବରେ ପୁଲକିତ ହୋଇଛି ବା ନାସ୍ତିକତାରେ ଆକଣ୍ଠ ହୋଇଛି ସେତେବେଳେ କବି ଚେତନାରେ ଏକ ଗୀତିମୟ ପ୍ରତିକ୍ରିୟା ପ୍ରକାଶ ଲଭିଛି। ତେଣୁ ଗୀତିକବିତା ଉପରୋକ୍ତ ପରିବେଶରେ ପ୍ରକାଶ ପାଇବା ହୋଇଛି ଏକ ସ୍ୱାଭାବିକ ତଥା ସହଜସାଧ୍ୟ ଘଟଣା। ଏହି ପରିପ୍ରେକ୍ଷୀରେ ଏହି ଲୋକପ୍ରିୟ କାବ୍ୟିକ ପ୍ରକ୍ରିୟାଟିର ବିଶ୍ଳେଷଣ କରାଯାଇପାରେ। ଚମ୍ପୂ, ଚଉତିଶା, କୋଇଲି, ଦୋହା, କୋଇ, ଭଜନ, ଜଣାଣ ଭକ୍ତିଗୀତି ଓ ଷୋଡ଼ଶା ଆଦି ପ୍ରାଚୀନ ଗୀତି କବିତାର ଅନ୍ତର୍ଭୁକ୍ତ, ଚଉପଦୀ ହେଉ ବା ଚଉତିଶା ହେଉ, କୋଇଲି ହେଉ ବା ପୋଇ ହେଉ, ଭକ୍ତିଗୀତି ଅଥବା ଶୋକଗୀତି ହେଉ, ବ୍ୟବହାରିକ ଦୃଷ୍ଟିକୋଣରୁ କିଛିଟା ଭିନ୍ନ ହେଉଥିଲେ ହେଁ, ଏଗୁଡ଼ିକର ଆଙ୍ଗିକ ରୂପ ପ୍ରାୟ ଏକାଭଳି ମନେ ହୁଅନ୍ତି। ପ୍ରାଚୀନ ଗୀତିକବିତାର ରୂପରେଖ ଦେଖିଲେ ଆମେ ଦେଖିବା ଏଗୁଡ଼ିକର ସମ୍ପର୍କ କିପରି ପରସ୍ପର ନିବିଡ଼।

ଗୀତି କବିତାରେ ଏନ୍‌ସାଇକ୍ଲୋପିଡିଆ କହେ, "ଦି ଲିରିକ୍ ଇଜ୍ ଏ ଡାଇରେକ୍ଟ ଆରୋ ଲାଇକ୍ ଫାଇଟ, ଏ ସ୍ୱଣ୍ଟାନିଅସ୍ ଫ୍ଲାସ୍ ଅଫ୍ ଇମୋସନ ହୁଇଚ୍ ମେକ୍ସ ଇଟ୍ସ ଓନ୍ ମ୍ୟୁଜିକ୍। [୧]

### ଗୀତିକବିତାର ବର୍ଣ୍ଣବିଭା

ଗାନ ହେବାର ଯୋଗ୍ୟତା ଦିନେ ଥିଲା ଗୀତି କବିତାର ଅପରିହାର୍ଯ୍ୟ ଆବଶ୍ୟକତା। ଇଂରେଜୀ ସାହିତ୍ୟରେ ୧୮୧୫ ମସିହା ବେଳକୁ ଗୀତିକବିତାର ଏହି ଦିଗ୍‌ବଳୟର ବର୍ଣ୍ଣ ବିଭା ମଧ୍ୟ ମ୍ଳାନ ହୋଇ ନ ଥିଲା। ଡ. ଜାନକୀ ବଲ୍ଲଭ ମହାନ୍ତିଙ୍କ ମତରେ, "ଯେଉଁ ସବୁ ଲକ୍ଷଣ ଓ ଗୁଣାବଳୀ ଯୋଗୁ ସାଂପ୍ରତିକ ସାହିତ୍ୟରେ ଗୀତିକାବ୍ୟ ସ୍ୱତନ୍ତ୍ର କାବ୍ୟ ରୂପେ ପରିଗଣିତ ହୁଏ, ତନ୍ମଧ୍ୟରୁ ଅନ୍ତର୍ମୁଖୀନତାକୁ ତାହାର ସର୍ବପ୍ରଧାନ ଗୁଣ ଭାବେ ଗ୍ରହଣ କରାଯାଏ। ଗୀତିକାରଙ୍କ ଦୃଷ୍ଟି ଅପେକ୍ଷାକୃତ ସୀମିତ ଓ ଆତ୍ମନିଷ୍ଠ ଗୀତିକାବ୍ୟ କବିଙ୍କର ସ୍ୱକୀୟ ଅନୁଭୂତିର ସଂକ୍ଷିପ୍ତ ଅଭିବ୍ୟକ୍ତି। ସହଜ ଭାବନା, ସ୍ୱଚ୍ଛନ୍ଦ, କଳ୍ପନା ତର୍କ ଯୁକ୍ତ ବିଚାର

ପ୍ରବଣତା ପ୍ରଭୃତିକୁ ମଧ୍ୟ ଗୀତିକବିତାର ବିଶେଷତ୍ୱ ଭାବେ ଗ୍ରହଣ କରାଯାଇଥାଏ।" (୨) ବିଶିଷ୍ଟ ସମାଲୋଚକ ଅଧ୍ୟାପକ ବିଭୁଦତ୍ତ ମିଶ୍ର କହନ୍ତି, "ଗୀତି କବିତାର ଅନ୍ୟତମ ଚାରିତ୍ରିକ ବୈଶିଷ୍ଟ୍ୟ ହେଲା, ଅନ୍ତରର ଉଲ୍ଲସିତ ଆବେଗର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ। ଅନୁଭୂତିର ତୀବ୍ରତା ହିଁ ଅଭିବ୍ୟକ୍ତିକୁ ମନୋଜ୍ଞ ମଧୁର ଓ ହୃଦୟସ୍ପର୍ଶୀ ହେବାରେ ସାହାଯ୍ୟ କରିଥାଏ। ଏହାର ଅଭାବରେ କବିତା ନିରସ ଓ ଶବ୍ଦର ସମାରୋହ ମାତ୍ରା ସ୍ୱଳ୍ପ ସମୟସାପେକ୍ଷ ଏକକ ଅନୁଭୂତି ବା ଭାବାବେଗ ହିଁ ଗୀତିକବିତାର ଉତ୍ପତ୍ତି ସ୍ଥଳ ବା ଉଦ୍‌ଗମ ମୂଳ। ଏହା ସଂପୂର୍ଣ୍ଣ ପୃଥକ୍। ତେଣୁ ଏହାର ଆବେଦନ ମଧ୍ୟ ସ୍ୱତନ୍ତ୍ର, ଦୀର୍ଘାବୟବ ବିଶିଷ୍ଟ ବର୍ଣ୍ଣନା ବହୁଳ କାବ୍ୟ ଯୁଗର ଅବସାନ ପରେ କବି ପ୍ରାଣର ସାମୟିକ ଭାବାବେଗ ପ୍ରସୂତ ଏହି କ୍ଷୁଦ୍ର ସଂକ୍ଷିପ୍ତ ଗୀତିକବିତା ହିଁ ତା'ର ସ୍ଥାନ ଅଧିକାର କରି ବସିଛି। (୩)

## ରିଜନ୍ ନୁହେଁ, ଫିଲିଂ

ଡକ୍ଟର ବୈରାଗୀ ଚରଣ ଜେନାଙ୍କ ମତରେ ରିଜନ୍ ନୁହେଁ, ଫିଲିଂ ହିଁ ଏହାର ପ୍ରାଣ। ଗୀତିମୟତା ବା ମ୍ୟୁଜିକାଲିଟି ଏହାର ଅନ୍ତରିଣ ଗୁଣ। ଏଗୁଡ଼ିକୁ ଗୀତି ନ କହି 'ଗୀତିଧର୍ମୀ' କହିଲେ ଠିକ୍ ହେବ। ହୃଦୟ ଏହାର ଉଦ୍ଭବ ସ୍ଥଳ। ଏହାକୁ ପଢ଼ି ବୁଝଇବାକୁ ମସ୍ତିଷ୍କ କର୍ଷଣ ପ୍ରୟୋଜନ ହୁଏନା। ଅନୁଭୂତିର ଆନ୍ତରିକତା ଓ ପ୍ରକାଶର ସ୍ୱଚ୍ଛଳତା ଘେନି ଏ ସାହିତ୍ୟ ଓଡ଼ିଆର ପ୍ରିୟ ହେବା ସଂଗେ ସଂଗେ ରସରମ୍ୟତା ଅର୍ଜନ କରିଛି। (୪)

ଗୀତି କବିତାର ଇତିବୃତ୍ତ ନିରୂପଣରେ ଡକ୍ଟର ସୁଚିତ୍ରା ମହାପାତ୍ରଙ୍କ ଅଭିମତ ମଧ୍ୟ ଯଥାର୍ଥ ମନେ ହୁଏ। ସେ ଲେଖିଛନ୍ତି, "ଗୀତି କବିତା କବିର ଆତ୍ମାର ଆତ୍ମନେପଦୀ, କବି ମନର ମୁକୁର, ଚେତନାର ମୌସୁମୀ, ଚିନ୍ତାର ଇନ୍ଦ୍ରଜାଲ, ହୃଦୟ ଯମୁନାର କଳଗୀତି।" (୫) ଅଧ୍ୟାପକ ବଳରାମ ଦାସଙ୍କ ମତରେ "କବିର ଏକାନ୍ତ ବ୍ୟକ୍ତିଗତ ଅନୁଭୂତି, ଯେତେବେଳେ କୌଣସି ବାଧାବିଘ୍ନ ନ ମାନି ଅକୃତ୍ରିମ ଓ ସାବଲୀନ ଭାବରେ ଆତ୍ମ ପ୍ରକାଶ କରେ, ସେତେବେଳେ ହୁଏ ଗୀତିକବିତାର ଜନ୍ମ। ଗୀତି କବିତା ତେଣୁ ବ୍ୟକ୍ତିଗତ ଅନୁଭବର ଏକ ସଂକ୍ଷିପ୍ତ ଅଭିବ୍ୟକ୍ତି। ଓଡ଼ିଆ ଗୀତିକବିତା ଓଡ଼ିଶାର ଜାତୀୟ ଜୀବନର ଯଥାର୍ଥ ପ୍ରତିଛବି। ଇତିହାସର ନାନା ସଂଘର୍ଷ ଓ ବିଚିତ୍ର ବିବର୍ତ୍ତନରେ ସୁଦ୍ଧା ଓଡ଼ିଆ ଗୀତି କବିତା ଯେପରି ବିପୁଳ ପ୍ରସାର ଲାଭ କରିପାରିଛି ଓ ଗୋଟାଏ ଜାତିର ସାରସ୍ୱତ ଚେତନାର ସମ୍ପ୍ରସାରଣ କରିଛି, ତାହା ସତରେ ଅନନ୍ୟ ଓ ଅସାଧାରଣ। ଓଡ଼ିଆ ସାହିତ୍ୟର ଇତିହାସ ପୃଷ୍ଠାରେ ଆମ ଅଭିବ୍ୟକ୍ତିର ସର୍ବୋତ୍କୃଷ୍ଟ ବାଙ୍‌ମୟ ମାଧ୍ୟମ ଏହି ଗୀତି କବିତା ସମୂହ ଚିରକାଳ ଯେ ଅମଳିନ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ। ଅଧ୍ୟାପକ ବିଭୁଦତ୍ତ ମିଶ୍ର କୁହନ୍ତି "ଲୋକଗୀତର ଗ୍ରାମ୍ୟତା, ସର୍ବାଚୀନତା ଓ ସ୍ଥୂଳତା ପରିବର୍ତ୍ତେ ଗୀତି କବିତାରେ ଏକ ମାର୍ଜିତ ପରିଚ୍ଛନ୍ନ ଦୃଷ୍ଟିକୋଣ, ସାବଲୀଳ ସ୍ୱଚ୍ଛନ୍ଦ ଭାଷା ବିନ୍ୟାସ ଓ ଭାବାନୁଭୂତିର ସୂକ୍ଷ୍ମତା ପ୍ରତିଫଳିତ। ସାମୂହିକତା ପ୍ରସୂତ ଲୋକଗୀତି ପରିସ୍ଥିତିର ବିବର୍ତ୍ତନରେ ବ୍ୟକ୍ତିଗତ ସାହିତ୍ୟ ସୃଷ୍ଟିରେ ପରିଣତ ହୋଇ ଗୀତି କବିତା ରୂପରେ ବିକଶିତ ହୋଇଥିଲେ ମଧ୍ୟ, ତହିଁରେ ସାର୍ବଜନୀନ ଅନୁଭୂତିର ପରିପ୍ରକାଶ ଅତ୍ୟନ୍ତ ଚିତ୍ତାକର୍ଷକ।" (୬) ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି ଗୀତିକବିତାକୁ ଗାନଧର୍ମୀ ଖଣ୍ଡ କବିତାର ଆଖ୍ୟା ଦେଇଅଛନ୍ତି। ତାଙ୍କ ଭାଷାରେ ଏହି ଗୀତ ଧର୍ମୀ ଖଣ୍ଡକବିତା ହିଁ ପ୍ରକୃତରେ ଲିରିକ୍ ବା ଗୀତ ସଦୃଶ କବିତା, ଏହାକୁ ଗୀତର ସଗୋତ୍ର କୁହାଯାଇପାରେ। ଅନ୍ତର୍ନିହିତ ଭାବର ଛନ୍ଦୋମୟ ସ୍ୱତଃସ୍ଫୂର୍ତ୍ତ ପ୍ରକାଶ ଯୋଗୁ ଏହା ଆମ୍ଭମାନଙ୍କ ପ୍ରାଣକୁ ବିମୋହିତ କରିଥାଏ।" (୭) ଆତ୍ମାନୁଭୂତି ଗୀତିକବିତାର ଅନ୍ୟତମ ବିଭବ, ଯାହା ଗୀତିକବିତାକୁ ମହାକାବ୍ୟ ଗାଥାକବିତା ଏବଂ ବିଶୁଦ୍ଧ ବିବରଣୀ ସର୍ବସ୍ୱ କବିତା ଠାରୁ ସ୍ୱତନ୍ତ୍ର କରିଛି, ଗୀତି କବିତାର ପ୍ରତିଟି ପଦ କେତେବେଳେ କବିର ଲୁହରେ ସିକ୍ତ ତ କେତେବେଳେ ଏଥିରେ ସ୍ରଷ୍ଟାର ଦୀର୍ଘଶ୍ୱାସ ମର୍ମରିତ, କେତେବେଳେ ପୁଣି ଏହା ହୃଦୟ ନିବିଡ଼ତାରେ ସ୍ନାତ। (୮)

**ଗୀତି କବିତାର ପ୍ରତିଟି ପଦ କେତେବେଳେ କବିର ଲୁହରେ ସିକ୍ତ ତ କେତେବେଳେ ଏଥିରେ ସ୍ରଷ୍ଟାର ଦୀର୍ଘଶ୍ୱାସ ମର୍ମରିତ।**

ସହୃଦୟ ପାଠକେ ! ଗୀତିକବିତାର ଉପରୋକ୍ତ ମାର୍ମିକ ଅଭିବ୍ୟକ୍ତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏହାର ପରିସର ବ୍ୟାପକ ଓ ସୁଦୂରପ୍ରସାରୀ। ଏହାର ବିସ୍ତୃତ ଆଲୋଚନା ନିଶ୍ଚିତ ଭାବରେ ତାକୁ ଲୋକଲୋଚନକୁ ଆଣିବାରେ ସମର୍ଥ ହେବ। ଶ୍ରୀ ଦାଶରଥି ଦାସ କରନ୍ତି "ତିର୍ଯ୍ୟକ୍" ଓଡ଼ିଆ କବିତା ହିଁ ଆଧୁନିକ କବିତା। ଏଥିରେ କିନ୍ତୁ ପ୍ରାଚୀନ ଗୀତି କବିତାର

ଚରିତ୍ର ଖୋଜିଲେ ଯେ କେହି ନିରାଶ ହେବେ। ସ୍ୱାଭାବିକ କବିତ୍ୱ ବା ସ୍ୱତଃସ୍ଫୂର୍ତ୍ତତା ଏଥିରେ ନାହିଁ କହିଲେ ଚଳେ। ଆଧୁନିକ ଗୀତିକବିତା ଆଉ ଅସଂଯତ ହୃଦୟାବେଗର ସାମଗ୍ରୀ ହୋଇ ରହି ନାହିଁ। ହୋଇଛି ତୀବ୍ର ମନରେ ଆର୍ଟ, ତା'ର କ୍ଷୁଦ୍ର ପରିସର ମଧ୍ୟରେ ନାଟକ ଓ ମହାକାବ୍ୟର ବୈଚିତ୍ର୍ୟ ଓ ବିଶାଳତା ଆଣିବାକୁ ଚାହିଁଛନ୍ତି ଆଧୁନିକ କବି। ପ୍ରେମ, ଭଗବତ୍ ଭକ୍ତି ଓ ପ୍ରକୃତି ସମ୍ବନ୍ଧରେ ଉଚ୍ଛ୍ୱାସାଦି ଚିରନ୍ତନ ଓ ଚିରାଗତ କେତୋଟି ହୃଦୟାବେଗ ମଧ୍ୟରେ ତାହା ଆବଦ୍ଧ ହୋଇରହି ନାହିଁ। ଜୀବନରେ ତୁଚ୍ଛାତିତୁଚ୍ଛ ଆନନ୍ଦ ବେଦନାକୁ ମଧ୍ୟ ବକ୍ଷରେ ସ୍ଥାନ ଦେଇଛି। ତେଣୁ ଆଧୁନିକ ଓଡ଼ିଆ ଗୀତି କବିତାରେ ନାଟକର ନାନ୍ଦନିକ ଦୂରତ୍ୱ ମହାକାବ୍ୟର ବୈଚିତ୍ର୍ୟ ଓ ବିଶାଳତା ତଥା ଉପନ୍ୟାସର ପ୍ରାତ୍ୟହିକତା ଏକା ଧାରାରେ ବିଦ୍ୟମାନ। [୯]




## ଚାରିଗୋଟି ଲକ୍ଷଣ

ଏଇସବୁ ସଂଜ୍ଞାଗୁଡ଼ିକ ଅନୁଧ୍ୟାନ କଲେ ଆମେ ଏଇ ସିଦ୍ଧାନ୍ତରେ ଉପନୀତ ହେବା ଯେ, ଗୀତିକବିତା ମୁଖ୍ୟତଃ ଗାନଯୋଗ୍ୟ କବିତା। ଏତଦ୍ ବ୍ୟତୀତ ଗୀତିକବିତାର ୪ ଗୋଟି ସାଧାରଣ ଲକ୍ଷଣ ରହିଛି। (କ) ଗୀତିମୟତା, (ଖ) ମନ୍ମୟତା ବା ଆତ୍ମାନୁଭୂତି ଧର୍ମତା (ଗ) ସ୍ୱତଃସ୍ଫୂର୍ତ୍ତତା (ଘ) ସଂକ୍ଷିପ୍ତତା।

(କ) ଗୀତିମୟତା - ପୁରାତନ କାଳରେ କବିମାନେ ସଙ୍ଗୀତ ଗାନ କରିଥିଲେ। ପରବର୍ତ୍ତୀ କାଳରେ ସଙ୍ଗୀତର ପ୍ରଭାବ ପଡ଼ିଲା କବିତା ମାଧ୍ୟମରେ। ଯେଉଁ କବିତାଗୁଡିକରେ ସଙ୍ଗୀତିକତାର ବିଶେଷ ପ୍ରଭାବ ରହିଥିଲା ସେଇଗୁଡିକ ହିଁ ଗୀତିକବିତା ଭାବେ ଲୋକମତରେ ପରିଚିତ ହେଲା। ଗାନଧର୍ମତା ଯେ ଗୀତିକବିତାର ପ୍ରଧାନ ଅବଲମ୍ବନ ଏହା ସର୍ବାଦୌ ସ୍ୱୀକାର୍ଯ୍ୟ। ରୀତିଯୁଗରେ ଗୀତିକବିତାର ଗାନ ଯୋଗ୍ୟତା ପ୍ରାବଲ୍ୟ ଲାଭ କଲା। ଉପେନ୍ଦ୍ର ଭଞ୍ଜ ଓ ସମକାଳୀନ କବିମାନେ ଏହି ଗୀତି କବିତାଗୁଡ଼ିକର ରଚକ। ଆଧୁନିକ ଗୀତି କବିତା ମଧ୍ୟ ସମ୍ପୂର୍ଣ୍ଣଭାବେ ଗୀତିମୟତାକୁ ଉପେକ୍ଷା କରେ ନାହିଁ। [୧୦] ବରଂ ତା'ର ଗୀତିମୟତା ବିବର୍ତ୍ତିତ ଢଙ୍ଗରେ ପ୍ରକାଶିତ ହୁଏ। ସୁପ୍ରସିଦ୍ଧ କବି ସଚ୍ଚି ରାଉତରାୟଙ୍କ କବିତାରେ ଗୀତିମୟତାର ବିବର୍ତ୍ତିତ ରୂପ ଦେଖିବାକୁ ମିଳେ, ଯଥା :-

ବୃଷ୍ଟି ଆଗୁ ତରତର କଳସୀଟି ଛଳଛଳ
ବେଗବତୀ ଦେହଟିଏ ଦିଶେ
ତକ୍‌ତକ୍ ତ୍ରସ୍ତ ଦେହଟିଏ।
ଟ୍ରାଫିକ୍‌ର ସବୁଜ ଆଲୁଅ ନିଭି ଆସିବା ଆଗରୁ
ଏକ ମଦାଳସୀ ନିର୍ଜନ ତରୁଣୀ
ଯେଉଁ ପରି ବେଗାବେଗି ରାସ୍ତା ପାର ହୁଏ। [୧୧]

ଏଇ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଖାଲି ପ୍ରାଚୀନ ଗୀତି କବିତାରେ କାହିଁକି, ଆଧୁନିକ ଗୀତି କବିତାରେ ମଧ୍ୟ ଗୀତିମୟତାର ବହୁଳ ବ୍ୟବହାର ଦେଖାଯାଏ।

(ଖ) ମନ୍ମୟତା ବା ଆତ୍ମାନୁଭୂତି ଧର୍ମତା :-

ଗୀତିକବିତାରେ ମନ୍ମୟତା ହେଉଛି ଭାବନାର କେନ୍ଦ୍ରବିନ୍ଦୁ। ଏଥିରେ କବିର ଆତ୍ମାନୁଭୂତି ପ୍ରକାଶ ପାଇଥାଏ। ସେ ଅବଚେତନ ମନର ବିଭିନ୍ନ ପ୍ରତିକ୍ରିୟାକୁ ପୃଥକ୍ ପୃଥକ୍ ଭାବେ ପ୍ରକାଶ କରିଥାଏ। ଅନ୍ୟକଥାରେ ଏହାକୁ ଅନ୍ତର୍ମୁଖୀନତା କୁହାଯାଏ। ଏହା ଗୀତିକବିତାର ଅନ୍ୟତମ ଲକ୍ଷଣ। ଏହାକୁ କବିର ବ୍ୟକ୍ତିନିଷ୍ଠତା ବା ମନ୍ମୟତା କୁହାଯାଏ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବଳରାମ ଦାସଙ୍କ ଦାଣ୍ଡି ରାମାୟଣ, ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ଓ ଚିତ୍ରକାବ୍ୟ ବନ୍ଧୋଦୟରେ ଚିତ୍ରକଳ୍ପର ମନୋଜ୍ଞ ସମାବେଶ ଦେଖାଯାଏ। [୧୨] ସାହିତ୍ୟ କ୍ଷେତ୍ରରେ ଚିତ୍ରକଳ୍ପର ପ୍ରୟୋଗ ବହୁ ପ୍ରାଚୀନ କାଳରୁ ପ୍ରଚଳିତ। ଚିତ୍ର ଓ କବିତା ମଧ୍ୟରେ କ୍ଷୀର ଓ ନୀରର ସମ୍ପର୍କ। ବହୁ ଆବହମାନ କାଳରୁ ଓଡ଼ିଆ ସାହିତ୍ୟରେ ପ୍ରତୀକର ବ୍ୟବହାର ଦେଖାଯଏ। ପ୍ରାଚୀନଚର୍ଯ୍ୟା ଗୀତିକାରେ କାହ୍ନୁପାଙ୍କର "ଉଞ୍ଚା ଉଞ୍ଚା ପାବତ ତହିଁ ବିଇ ଶବରୀ ବାଳୀ" ଗୀତିକାରେ ଗୁହ୍ୟନ୍ତ, ଗୁଂଜମାଳୀ, ତରୁ ଆବିଦ୍ୟା, କୁଂଜନ, ଜ୍ଞାନାଦି ପଞ୍ଚମୁଦ୍ରା ଏବଂ ତାମ୍ବୂଳ ପରି ଶୁଦ୍ଧି ଚିତ୍ତର ପ୍ରତୀକ ଭାବରେ ବ୍ୟବହୃତ ହୋଇଛି [୧୩] ପୁନଶ୍ଚ ଭାଗବତର ବିଭିନ୍ନ ପଦାବଳୀରେ ଜଗନ୍ନାଥ ଦାସ ବହୁ ଆଧ୍ୟାତ୍ମିକ ପ୍ରତୀକର

ବ୍ୟବହାର କରିଛନ୍ତି। ଯଥା-

ଏକଇ ବୃକ୍ଷେ ହଂସ ଦୁଇ, ବସନ୍ତି ପ୍ରିୟ ଭାବ ବହି।
ସ୍ୱଭାବେ ବେନି ଶାଖେ ଥାନ୍ତି, ଏକୁ ଆରେକ ନ ଦେଖନ୍ତି।
ସେ ବୃକ୍ଷେ ଯେତେ ଫଳ ଫଳେ, ଏକ ଭୁଞ୍ଜଇ ତାହା ବଳେ।
ଏକ ବଞ୍ଚଇ ଉପବାସେ, ନିର୍ଲିପେ ନିରଂଜନ ଆଶେ।(୧୪)

ଏଠାରେ ଜୀବାତ୍ମା ବା ପରମାତ୍ମାଙ୍କୁ ପକ୍ଷୀ ଦ୍ୱୟ ରୂପରେ କଳ୍ପନା କରି ବୃକ୍ଷ ଓ ଫଳକୁ ଯଥାକ୍ରମେ ଜଗତ ଓ କର୍ମଫଳର ପ୍ରତୀକ ଭାବରେ ବ୍ୟବହାର କରାଯାଇଛି। ଆଧୁନିକ ଯୁଗରେ ପ୍ରମୁଖ କବିଗଣ ନିଜ କବିତାରେ ବହୁ ପ୍ରତୀକର ବ୍ୟବହାର କରିଯାଇଛନ୍ତି। ରମାକାନ୍ତ ରଥ ତାଙ୍କ "ବାଘଶିକାର" କବିତାରେ ବାଘକୁ ଏକ ଚମତ୍କାର ପ୍ରତୀକ ଭାବେ ବ୍ୟବହାର କରି ସ୍ୱୀୟ ଲେଖନୀକୁ ସାର୍ଥକ କରିଛନ୍ତି। ଯଥା-

ଯେତେବେଳେ ଚନ୍ଦ୍ର ବୁଡ଼ିଯିବ
ଅନ୍ଧାରର ସମୁଦ୍ରକୁ
ଦୁଲୁକାଇ ଫେରିବ ସେ ବାଘ
ମୁଁ ହାୟ ହୋଇ କ୍ଷିପ୍ତ ଖଣ୍ଡ
ଖଣ୍ଡ ଆଖି ଯୋଗୁ
ତାକୁ ଦେଖି ପାରିବିନି
ଆଜୀବନ ପ୍ରତୀକ୍ଷା ଉତ୍ତାରେ
ବାଘ ମଧ୍ୟ ଦେଖିବନି ମୋତେ। (୧୫)

**ୱାର୍ଡସୱାର୍ଥ ଥରେ କହିଥିଲେ, "କବିତା ହେଉଛି ମହାନ ଭାବନାର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି।"**

(ଗ) ସ୍ୱତଃସ୍ଫୂର୍ତ୍ତତା - ଇଂରାଜୀ କବି 'ୱାର୍ଡସୱାର୍ଥ' ଥରେ କହିଥିଲେ, "କବିତା ହେଉଛି ମହାନ ଭାବନାର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି।" ଏହି ଉକ୍ତିଟି ଗୀତିକବିତା ପ୍ରତି ବିଶେଷ ଭାବରେ ପ୍ରଯୁଜ୍ୟ, ଗୀତି କବିତା ସ୍ୱତଃସ୍ଫୂର୍ତ୍ତ ଭାବେ କବି ହୃଦୟରୁ ଉତ୍ସରିତ ହୁଏ। ଏହା ପାଠକ ବା ଶ୍ରୋତାର ହୃଦୟ ପ୍ରତି ଏକ ସୂକ୍ଷ୍ମ ଆବେଦନ। ତେଣୁ ଏହା ସହଜରେ ପାଠକ ହୃଦୟକୁ ସ୍ପର୍ଶ କରେ। ଗୀତି କବି ଅନ୍ତରର ଉଚ୍ଛ୍ୱସିତ ଆବେଗକୁ ଲେଖନୀ ମୁନରେ ସରସ ସୁନ୍ଦର ଓ ଜୀବନ୍ତ କରିତୋଳେ। ଏହା ହିଁ ତା'ର ମାର୍ମିକ ଅଭିବ୍ୟକ୍ତି।

(ଘ) ସଂକ୍ଷିପ୍ତତା :- ଗୀତି କବିତାର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ସଂକ୍ଷିପ୍ତତା। ଆଖ୍ୟାନମୂଳକ କବିତା ଏହି ଗୌରବର ଅଧିକାରୀ ନୁହେଁ। ମଣିଷ ଜୀବନ ଜଞ୍ଜାଳପୂର୍ଣ୍ଣ। ମଣିଷର ପ୍ରତ୍ୟେକ ଭାବାବେଗ ସ୍ୱଳ୍ପାୟୁ। ଏଣୁ ଏହି ସ୍ୱଳ୍ପାୟୁ ଭାବନାବେଗର ଅଭିବ୍ୟକ୍ତି ସଂକ୍ଷିପ୍ତ ଓ କ୍ଷୁଦ୍ର ହେବା ଏକାନ୍ତ ଆବଶ୍ୟକ। ସେଥିପାଇଁ ଗୀତିକବିତାର ଆକାର କ୍ଷୁଦ୍ର ହୋଇଥାଏ। (୧୬)

**ସହାୟକ ଗ୍ରନ୍ଥସୂଚୀ**


(୧) କଲମ୍ବିଆ ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିକା, ଭଲ୍ୟୁମ୍-୩
(୨) ଡ. ଜାନକୀ ବଲ୍ଲଭ ମହାନ୍ତି, ଓଡ଼ିଆ ଗୀତିକାବ୍ୟ, ପ୍ର. ଓଡ଼ିଶା ବୁକ୍ ଷ୍ଟୋର, ପୃ.୧୯,
(୩) ବିଭୁଦତ୍ତ ମିଶ୍ର, ଗୀତି କବିତା ଭାବିଭବ ଓ ରୂପ ସ୍ମାର, ପୃ-୬୩, ରେଭେନ୍ସା କଲେଜ ମୁଖପତ୍ର।
(୪) ଡ. ବୈରାଗୀ ଚରଣ ଜେନା, ପ୍ରାଚୀନ ଓଡ଼ିଆ ଗୀତି କବିତାରେ ସୌନ୍ଦର୍ଯ୍ୟ ଚେତନା, ତତ୍ରୈବ, ପୃ- ୬୩
(୫) ସୁଚିତ୍ରା ମହାପାତ୍ର, ଗୀତି କବିତାର ରୂପରେଖ, ରେଭେନ୍ସା କଲେଜ ମୁଖପତ୍ର ୧୯୭୯, ପୃ. ୧୩୩
(୬) ବିଭୁଦତ୍ତ ମିଶ୍ର, ଆଧୁନିକ ଗୀତିକବିତାର ଭାବ ବିଭବ ଓ ରୂପସମ୍ଭାର, ରେଭେନ୍ସା କଲେଜ ମୁଖପତ୍ର, ପୃ. ୬୦
(୭) ଡ. ଜାନକୀ ବଲ୍ଲଭ ମହାନ୍ତି, ଓଡ଼ିଆ ଗୀତିକାବ୍ୟ, ପ୍ର. ଓଡ଼ିଶା ବୁକ୍ ଷ୍ଟୋର, ପୃ.୯୨
(୮) ଡ. ସୁଚିତ୍ରା ମହାପାତ୍ର, ଗୀତି କବିତାର ରୂପରେଖ, ରେଭେନ୍ସା କଲେଜ ମୁଖପତ୍ର, ୧୯୭୯, ପୃ. ୧୩୩
(୯) ଶ୍ରୀ ଦାଶରଥି ଦାସ, ସାହିତ୍ୟ ପତ୍ର, ରେଭେନ୍ସା କଲେଜ, ମୁଖପତ୍ର, ୧ମ ସଂସ୍କରଣ, ପୃ. ୯୨
(୧୦) ଡ. ଜାନକୀ ବଲ୍ଲଭ ମହାନ୍ତି, ଓଡ଼ିଆ ଗୀତିକାବ୍ୟ, ପ୍ର. ଓଡ଼ିଶା ବୁକ୍ ଷ୍ଟୋର, ୧ ସଂସ୍କରଣ, ପୃ- ୮
(୧୧) ସଚ୍ଚି ରାଉତରାୟ ଏକ ଉତ୍ତୀର୍ଣ୍ଣ ଶ୍ରାବଣ, କବିତା ୧୯୬୨, ପ୍ର. ଗ୍ରନ୍ଥମନ୍ଦିର, ୧ମ ସଂସ୍କରଣ, ପୃ. ୧୧
(୧୨) ବିଭୂତି ପଟ୍ଟନାୟକ, ସାହିତ୍ୟର ସୂଚୀପତ୍ର, ପ୍ର. ନାଳନ୍ଦା, ୧୯୮୬, ପୃ-୧୮୧
(୧୩) ବୌଦ୍ଧଗାନ ଓ ଦୋହା
(୧୪) ଜଗନ୍ନାଥ ଦାସ, ଶ୍ରୀମତ୍ ଭାଗବତ, ପ୍ର. ଧର୍ମଗ୍ରନ୍ଥ ଷ୍ଟୋର, ୧ମ ସଂସ୍କରଣ, ପୃ-୯୧
(୧୫) ରମାକାନ୍ତ ରଥ, "ବାଘ ଶିକାର"
(୧୬) ଆର୍.ଜେ. ରିଜ, ଲିରିକ୍ସ, ଏନ୍ସାଇକ୍ଲୋପିଡିଆ, ବ୍ରିଟାନିକା, ଭଲ୍ୟୁମ୍ ନଂ ୩।


□□

ଲେଖକଙ୍କ ଇ-ମେଲ ଠିକଣା:
parida.sadananda55@gmail.com

କବିତା

# ଦେହ ଦେବାଳୟ



ବିଜୟଲକ୍ଷ୍ମୀ ପଟ୍ଟନାୟକ

କବି ଲେଖିବନି କବିତା ଯେବେବି
ଜାଣିବ କବିଟେ ମରିଗଲା
ଆକାଶର ଜହ୍ନ ପ୍ରଥମେ କହିବ
ସତ୍ୟର ପୂଜାରୀ ଚାଲିଗଲା


ହାଟ ବସିଯିବ ମେଘ ଓଢ଼ଣୀରେ
ଥିଲା କେହି ଜଣେ ତପସିଦ୍ଧ
କୋଇଲି ଗାଇବ ବିରହ ସଙ୍ଗୀତ
ଶୁଭିଯିବ ଅବା ପଦ ଶବ୍ଦ

ଅନେକ ପଛରେ ଛାଡ଼ି ଆସିଛି ସେ
କଦମ୍ବ ତଳର ଚିତ୍ରପଟ
ଏବେ ତ ସେ ଏକ ପାକଳ ତରୁଟେ
ପତ୍ରଝଡାର ଦୃଶ୍ୟପଟ

ଆକାଶ କହିବ ପବନ ଗାଇବ
ସେ ଯେ ନିରାଶାର ନୀଳନଦୀ
ବାଟବଣା ନୁହେଁ ଇଚ୍ଛାରେ ବରିଛି
ଝୁରି ମରିବାକୁ ନିରବଧି

ନିରବି ଯାଆରେ ମୂର୍ଚ୍ଛନା ଯେତେ
ଓଁକାରେ ଝଙ୍କାର ତୋଳ ନାହିଁ
କୋଇଲି ଗାଆନା ପଞ୍ଚମ ତାନେ
ଜନମ ଜନମ ଥିବି ଚାହିଁ

ମୁକତି ଚାହେଁନା ଭକତି ଆସେନା
ପ୍ରୀତି ଫଗୁଣରେ ବନ୍ଧା ହୋଇ
ରହିଛି ରହିବି ବାନ୍ଧି ରଖିଥିବି
ଏ ପ୍ରାଣ ପୀୟୁଷ ଢ଼ାଳିଦେଇ



□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
amrutam101@gmail.com


ପ୍ରବନ୍ଧ



# ଲୋକନାଟକ 'ଲୀଳା'ର ଭାଷା

ଡ. ଜ୍ୟୋତିପ୍ରଭା ମହାନ୍ତି

ମହାଭାଷ୍ୟକାର ପତଞ୍ଜଳିଙ୍କ ମତରେ 'ଲୋକ' ଶବ୍ଦର ଅର୍ଥ ସାଧାରଣ ଜନତା। 'ଲୋକ' ଶବ୍ଦର ଅର୍ଥ କେବଳ 'ଗ୍ରାମୀଣ' ବୋଲି କହିଦେଲେ ତାହାର ଅର୍ଥ ସଂକୋଚନ ଘଟିବ। ଗ୍ରାମ୍ୟ, ନଗର, ଅରଣ୍ୟ – ଏ ସମସ୍ତ ବୃତ୍ତିର ସମନ୍ୱୟରେ ହିଁ 'ଲୋକ'ର ପୂର୍ଣ୍ଣତା। ଯାହା ଲୋକ ଚେତନାର ଜୀବନ୍ତ ପ୍ରତିବିମ୍ବ ତାହା 'ଲୋକ'। ଲୋକନାଟକ କହିଲେ ମଧ୍ୟ ଆମେ ଗ୍ରାମ ଓ ସହର ଉଭୟର ଜନତା ଯାହାକୁ ଦେଖି ଆନନ୍ଦିତ ହେବା ସହ ଉପଭୋଗ କରିଥାନ୍ତି ତାହା ଲୋକନାଟକ। ଏ ସମ୍ପର୍କରେ ଲକ୍ଷ୍ମୀଧର ସାହୁଙ୍କ ମତ ଗ୍ରହଣୀୟ, – ଯେପରି 'ଲୋକସଙ୍ଗୀତ', 'ଲୋକକାହାଣୀ', 'ଲୋକମତ' ପ୍ରଭୃତି ଶବ୍ଦଯୋଜନା କରି ଜନମାନସକୁ ପ୍ରୋଜେକ୍ଟ କରି ଦେଖାଇବାର ପ୍ରୟାସ, ସେଇପରି 'ଲୋକନାଟକ' ଶବ୍ଦ ଭିତରେ ସାମାଜିକ ଚରିତ୍ର ବା ଲୋକ ଚରିତ୍ରର ବିଭିନ୍ନ ଭାବ ଓ ଚିନ୍ତାନୁଭଙ୍ଗୀ, ଲାସ୍ୟ ଓ ଅଭିନୟ ମାଧ୍ୟମରେ ଦେଖାଇ ସମବେତ ଦେଖଣାହାରୀଙ୍କ ମନରେ ସମାଜରେ ଆତଯାତ ହେଉଥିବା ନାନା କିସମର ଲୋକଙ୍କ ସମ୍ବନ୍ଧରେ ଅବହିତ କରାଇବା।' (ଓଡ଼ିଆ ଲୋକନାଟ୍ୟ) – ପୃ-୧୬୧




### ଏକ ସମୃଦ୍ଧ ପରମ୍ପରା

ଓଡ଼ିଶା ଏକ ପ୍ରାଚୀନ ରାଷ୍ଟ୍ର। ଲୋକନାଟକର ଏକ ସମୃଦ୍ଧ ପରମ୍ପରା ରହିଛି। ଖାରବେଳଙ୍କ ଶାସନ କାଳରୁ କଳା ହିସାବରେ ଅଭିନୟର ସୃଷ୍ଟି ଓ ପ୍ରସାର ହୋଇଥିଲା ତା'ର ପ୍ରମାଣ ଶିଳାଲେଖ ଓ ବିଭିନ୍ନ ପୁସ୍ତକମାନଙ୍କରୁ ମିଳିଥାଏ। ଓଡ଼ିଶାରେ ଅଜସ୍ର ମଠ, ମନ୍ଦିର ଇତ୍ୟାଦିରେ ନିୟମିତ ନୃତ୍ୟଗୀତର ବ୍ୟବସ୍ଥା ରହିଥିବାର ପ୍ରମାଣ ମିଳେ। ଗଙ୍ଗମାନଙ୍କ ସହିତ ମାହାରୀ ବା ଦେବଦାସୀ ନୃତ୍ୟ ଓଡ଼ିଶାକୁ ଆସିଥିବା ବେଳେ ବୈଷ୍ଣବଧର୍ମୀମାନଙ୍କ ଦ୍ୱାରା ଲୋକବୃତ୍ତଗୁଡ଼ିକ ନାଟକରେ ପ୍ରସାର ହୋଇଛି। ସେହି ଲୋକବୃତ୍ତ ମଧ୍ୟରେ ଲୀଳା, ଯାତ୍ରା ଓ ଗୀତିନାଟ୍ୟ ଆଦି ଆତ୍ମପ୍ରକାଶ ଲାଭ କରିଛି। ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶ ଓ ଅଭିବୃଦ୍ଧିରେ ଲୀଳାର ଏକ ସ୍ୱତନ୍ତ୍ର ଭୂମିକା ରହିଛି। ଲୀଳାର ଅଭିଧାନ ଅର୍ଥ ହେଉଛି କ୍ରୀଡ଼ା। ଚିତ୍ତ ବିନୋଦନ ନିମନ୍ତେ ବେଶ, ଗତି, ଦୃଷ୍ଟି, ହାସ୍ୟ ଏବଂ କଥୋପକଥନ ଦ୍ୱାରା ପ୍ରିୟତମର ଅନୁକରଣକୁ ଲୀଳା କୁହାଯାଏ। ଓଡ଼ିଆ ଭାଷାର ସର୍ବପ୍ରଥମ ଲୀଳା – ପରମ୍ପରାର ପ୍ରବର୍ତ୍ତକ ହେଲେ ଭାଗବତକାର ଜଗନ୍ନାଥ ଦାସ। ଭାଗବତରେ ରାସଲୀଳାର ବର୍ଣ୍ଣନା, ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ' ('ବିଶି' ରାମଲୀଳା) – ଏଥିରେ 'କହ ହନୁ ମୋର କାନ୍ତର କୁଶଳ' କିମ୍ବା 'ମନ୍ତ୍ରୀମୁଖୁ ଶୁଣି କୋପେ ବିଂଶପାଣି' ପ୍ରଭୃତି। ଆମ ଦେଶର ସାହିତ୍ୟ ପ୍ରଥମେ ପଦ୍ୟାତ୍ମକ। ଲୀଳା ଏହି ଶ୍ରେଣୀୟ ଓଡ଼ିଆ ରାମଲୀଳା ପରମ୍ପରାରେ 'ବିଶି ରାମଲୀଳା'ର ଆବେଦନ ସୁଲଳିତ ସଙ୍ଗୀତାତ୍ମକ ଓ ଉଚ୍ଛ୍ୱାସଧର୍ମୀ ସଂଳାପିକତା ସମାଲୋଚକ ମୃତ୍ୟୁଞ୍ଜୟ ରଥଙ୍କ ମତରେ – 'ରାମନବମୀ ଯାତ୍ରା' ଉପଲକ୍ଷେ ଏହା ରଚିତ। ଯାତ୍ରାର ବିଭିନ୍ନ ରାମ-ରାଗିଣୀ ଏଥିରେ ସଂଯୁକ୍ତ ହୋଇଥିବାର ଲକ୍ଷ୍ୟ କରାଯାଏ। ରାମ ଓ ସୀତାଙ୍କର କାରୁଣ୍ୟ ମର୍ମରିତ ଜୀବନଗାଥା କରୁଣରସ ମାଧ୍ୟମରେ ପରିବେଷିତ।

ଅକ୍ଲିଷ୍ଟ ଭାଷା ଓ କର୍ଣ୍ଣ ରସାୟନ ଗୀତର ବ୍ୟବହାର କରାଯାଇଛି। ବିଭିନ୍ନ ସଙ୍ଗୀତ ତଥା ଚଉପଦୀର ସଂଖ୍ୟା ହେଉଛି ୨୨୫। ତନ୍ମଧ୍ୟରୁ ଆଦିକାଣ୍ଡରେ ୨୮, ଅଯୋଧ୍ୟାକାଣ୍ଡରେ ୧୫, ଆରଣ୍ୟକ କାଣ୍ଡରେ ୨୪, କିଷ୍କିନ୍ଧ୍ୟା କାଣ୍ଡରେ ୨୬, ସୁନ୍ଦରା କାଣ୍ଡରେ ୧୮, ଲଙ୍କାକାଣ୍ଡରେ ୬ଟି ଏବଂ ଉତ୍ତରାକାଣ୍ଡରେ ୪୫ଟି ସଙ୍ଗୀତ ପରିବେଷିତ। ଏହି ଲୀଳାରେ 'ତଡାଉ', 'ତଡ଼ପ', 'ରହୁବର', 'ମଣୋହି', 'ପରିତାଳ' ପ୍ରଭୃତି ପ୍ରାଚୀନ ଓଡ଼ିଆ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ।

ନାଟ୍ୟକାର ରାଧାମୋହନ ରାଜେନ୍ଦ୍ରଙ୍କ ପିତୃବ୍ୟ ପୀତାମ୍ବର ରାଜେନ୍ଦ୍ର ୧୯୧୧ ମସିହାରେ 'ଜାନକୀ ବିଳାପ' ନାମକ ଖଣ୍ଡିଏ ଲୀଳା ରଚନା କରି ଏଥିରେ ବର୍ଣ୍ଣନାତ୍ମକ ଶୈଳୀ ସହିତ ସଂଳାପାତ୍ମିକତା ରୀତିର ମିଶ୍ରଣରେ ଅଙ୍ଗସଜ୍ଜା କରିଛନ୍ତି। ସଂଳାପ ଗୀତିମୟ ହୋଇଛି। ମହାକାବ୍ୟିକ ଶୈଳୀନୁସରଣରେ ଏଥିରେ ସାଧୁସ୍ତୁତି ଓ ଖଳନିନ୍ଦାର ବ୍ୟବସ୍ଥା ହୋଇଛି। ଯଥା -

**ପାତ୍ରାନୁରୂପୀ ଭାଷା ପ୍ରୟୋଗରେ ଲୀଳାର ସାର୍ଥକତା ଏକ ଭିତ୍ତିପ୍ରସ୍ତର ପ୍ରଦାନ କରିବାରେ ସମର୍ଥ ହୋଇଛି।**

'ଗୁଣଯୋଗେ ମାଳା କରି ଧରିବେ ହୃଦରେ
ରସ ଘେନି ବଶ ହେବେ ରସିକ ଭ୍ରମରେ।
ନିରକ୍ଷର ଦୁର୍ଜନ ଅଗୁଣଗ୍ରାହୀ ନର
ଘେନିଲେ ନ ଘେନିଲେ କି ଅଛି ମୋ ଖାତର।'

ବର୍ଣ୍ଣନାତ୍ମକ ଶୈଳୀରେ ବସ୍ତୁ ନିର୍ଦ୍ଦେଶ ରହିଛି ଯଥା -

'ଏଥୁ ଅନନ୍ତରେ ରଘୁନନ୍ଦନ,
ବଢ଼ାଇ ପ୍ରଦୋଷ ବିଧି-ବିଧାନ,
ମଣୋହି ଆଦି ନୀତିକି ସାରି,
ଅନ୍ଧାରି ବିଜେ ବିଭୁ ରାବଣାରି...।'

ସ୍ତ୍ରୀ-ପୁରୁଷଙ୍କ କଳହ ମଧ୍ୟରେ ଆଞ୍ଚଳିକ ଭାଷାର ପ୍ରୟୋଗ ଯଥା -

'ପାମରି ତୋରେ କାମ ନାହିଁ ମୋ ଘରକୁ ବେଗେ ଯା'ଲୋ...।'

'ଆହା ମୋ ଦୁଃଖୀଧନ, କି ଦେଖିଲାରେ ଏ ପାପ ନୟନ।'

ସାଧୁଭାଷାର ପ୍ରୟୋଗ -

'ମୋ ମନ ସିଂହାସନ ଚାରିଣୀ ସୁବଚନେ, ଜୀବତ୍‌ଶବପରି ହେଲି ଦୟିତେ ତୋ ବିହୀନେ...।' ପାତ୍ରାନୁରୂପୀ ଭାଷା ପ୍ରୟୋଗରେ ଲୀଳାର ସାର୍ଥକତା ଅନ୍ୟ ଏକ ଭିତ୍ତିପ୍ରସ୍ତର ପ୍ରଦାନ କରିବାରେ ସମର୍ଥ ହୋଇଛି।

ଈଶ୍ୱର ଦାସଙ୍କ 'ରାମଲୀଳା'ରେ ତିନୋଟି ପ୍ରଧାନ ରାଗ ଦେଖାଯାଏ - ତ୍ରିପଦୀ, କଳସା ଏବଂ ବଙ୍ଗଳାଶ୍ରୀ, ଭାଷା ସରଳ, ସର୍ବଜନବୋଧ୍ୟ ଓ ସାବଲୀଳ। କିଛି ପ୍ରାଚୀନ ଶବ୍ଦର ପ୍ରୟୋଗ ଯଥା - ଭିଆଇଲେ, ରାବେଣୀ, ବୋବାଳି, ମୁଦୁସୁଲୀ, ସୀତୟା, ଡାଞ୍ଚାଳ ଇତ୍ୟାଦି।

**ସଂଗୀତ ମାଧ୍ୟମରେ ସଂଳାପ**

ବିପ୍ର ସଦାଶିବଙ୍କ 'ଗୋପଲୀଳା' ମଙ୍ଗଳାଚରଣରୁ ଆରମ୍ଭ ହୋଇଛି ଏବଂ ସଙ୍ଗୀତ ମାଧ୍ୟମରେ ସଂଳାପକୁ ପ୍ରୟୋଗ କରାଯାଇଥାଏ। ଯଥା -

'କାହିଁ ଯିବୁ ଆରେ ତୋର,
ନିଶାରେ ହେଲୁ ବାହାର,
କଂସ ରାଜାର ମୁଁ ପିତା,
ମୋତେ ଦେଲୁ ଏତେ ଚିନ୍ତା।'

ସ୍ୱଚ୍ଛଳ ଭାଷା ଓ ଲୋକପ୍ରିୟ ଛନ୍ଦର ବ୍ୟବହାର ସହ ହିନ୍ଦୀ ଓ ଉର୍ଦ୍ଦୁ ମିଶ୍ରିତ ଭାଷାର ବ୍ୟବହାର ଦେଖିବାକୁ ମିଳେ, ଯଥା-

ଖବରଦାର ହେ କଂସ ରାଜା ହିଁ
ପ୍ରତାପାସୁର କହେ,
ଏତା ରାତ୍ କୋ କୋନ୍ ପିସାବ୍ କିଏ,
ତାର ଠୁଙ୍କି ଡାରେଙ୍ଗେ, ତାର ଠୁଙ୍କି ଡାରେଙ୍ଗେ।'

ଅଷ୍ଟାଦଶ ଶତକର ଶେଷ ଭାଗରେ ଦ୍ୱିଜ ଚୈତନ୍ୟଙ୍କର 'କୃଷ୍ଣଲୀଳା'ରେ ସଂଳାପରେ ଗଦ୍ୟଭାଷାର ବ୍ୟବହାର କରିଛନ୍ତି, ଯଥା - ବୁଝିଲୁନା ସଙ୍ଗାତ ! ହୈଇ ! ଏମାନେ ତାନ ଶବ୍ଦ ବୋଲନ୍ତି। ହେ ସଙ୍ଗାତ ! ତାନ ଯେ ନିବିଡ଼, ତହିଁରେ କି ଅତି ନିବିଡ଼ରେ ମୋତେ ସିଂହାର କଲେ।'

ଏଥିରେ ଦିବ୍ୟ-ଅଦିବ୍ୟ ପଦର ମିଳନରେ ଏକ ସମଭାଷାର ପ୍ରୟୋଗ ଦେଖିବାକୁ ମିଳେ, ଯଥା-

'କିରେ ଗଉଡ଼ ଗରିମା ଖଣ୍ଡି ଛାଡ଼,
ଗାଇରଖା ବନ ନୁହଁଇରେ ଧନ ଏହି ମଧୁପୁରଗଡ଼।
ଆରେ ଚଞ୍ଚଳ କୁଳଞ୍ଚ ପାଜି ତାର ପଞ୍ଚ ଅଟ ଶଳା ବଗଡ଼,
ହୀନ ଜାତି ହୋଇ ପିନ୍ଧିବାର ପାଇଁ ରଜାର ବସନ

ଲୋଡ଼...।'

ଶ୍ରୀ ଚନ୍ଦନଙ୍କର 'ବସନ୍ତରାସ', 'ଗୀତ ଗୋବିନ୍ଦ'ର ବଙ୍ଗଳା ଅନୁବାଦ। ଏହାର 'ମେଘୈର୍ମେଦୁରମମ୍ବରଂ...' ଶୀର୍ଷକ ପ୍ରଥମ ଶ୍ଳୋକଟି ଯଥା -

'ଏକଦିନେ ନନ୍ଦ ସନେ କୃଷ୍ଣ ଗୋଷ୍ଠେ ଛିଲ,
ଯମୁନାର କୂଲେ ନନ୍ଦ ରାଧାକେ ଦେଖିଲ ହେ।
ନନ୍ଦ ବିଲେ ଶୁନ ରାଧେ ବଚନ ଆମର
ଗଗନେ ଆଚ୍ଛାଦି ମେଘ କୈଲ ଅନ୍ଧକାର ହେ।
ବନଭୁବି ତମାଲେର ବୃକ୍ଷ ଭୟଙ୍କର,
ରାତ୍ର ହୈଲେ ଭୟକରେ ଦୁଲାଲ ଆମାର ହେ।'

ପୟାର, ତ୍ରୁହା - ରାଗରେ ବର୍ଣ୍ଣିତ। ଦୀର୍ଘ ଛନ୍ଦର ବ୍ୟବହାର ହୋଇଛି।

ପୁନଶ୍ଚ ରଣପୁର ରାଜାଭ୍ରାତା ରାମଚନ୍ଦ୍ର ବୀରବର ଭୃଙ୍ଗବର ରାୟ 'ଦୁର୍ଜ୍ଜୟମାନଲୀଳା' (୧୯୯୮) ଗ୍ରନ୍ଥରେ ମଙ୍ଗଳାଚରଣରେ ଗ୍ରନ୍ଥଟି ଆରମ୍ଭ କରିଛନ୍ତି। ଯଥା -

'କିଞ୍ଚିତ୍ କରୁଣା ମୋତେ କର ପୀତବାସ,
ଦୁର୍ଜ୍ଜୟମାନ ଲୀଳାକୁ କରିବି ପ୍ରକାଶ।' (ଦୁର୍ଜ୍ଜୟମାନ ଲୀଳା-ପୃ-୧)

ଏଥିରେ ସମୁଦାୟ ୨୭ଟି ସଙ୍ଗୀତ, ହାସ୍ୟ, କରୁଣ, ବାତ୍ସଲ୍ୟ, ଶୃଙ୍ଗାର ପ୍ରଭୃତି ରସର ବର୍ଣ୍ଣନା ଦେଖିବାକୁ ମିଳେ। ଯଥା-

'ନୀଳମଣିରେ, ନ ଖାଉ କି ଘେନିରେ,
ଅତି ଯତନେ ରୋହିଣୀ,
କରିଥିଲା ଶିକ୍ଷରିଣୀ,
ଦେଲି ତୋର ମନଜାଣି,' ଇତ୍ୟାଦି... (ଦୁର୍ଜ୍ଜୟମାନଲୀଳା, ପୃ-୧୯)

ରାଜେନ୍ଦ୍ର ଦେବଙ୍କ 'ଶରଦହାସ'ରେ ମଙ୍ଗଳାଚରଣରେ ଗୋଟିଏ ସଂସ୍କୃତ ଶ୍ଳୋକ ଓ ତାହାର ଗଦ୍ୟାନୁବାଦ ହୋଇଛି, ଯଥା -

'ପରୀକ୍ଷିତ ରାଜା ଘେନ ଦେଇ ମଜ୍ଜା, ଶରଦ ସମୟ ଘଟିଲା ହେ।
କଳରୁତ୍ ଜାତ ହେଲା ଅବିରତ, ଜଳରୁ କଲୁଷ ତୁଟିଲା ହେ...।' (ଶରଦ ରାହାସ-ପୃ-୩)

କବିଚନ୍ଦ୍ର କାଳୀଚରଣ ବିଂଶ ଶତାବ୍ଦୀରେ ନୟାଗଡ଼ର ଗୋବିନ୍ଦ ସୁରଦେଓ 'ରାସ' ସମ୍ପର୍କରେ ତାଙ୍କ 'କୁମ୍ଭାରଚକ'ରେ ଲେଖିଛନ୍ତି ଯେ- 'ଯେ ଏକ ଅଭିନବ ଅପୂର୍ବ ପ୍ରକାରର ରାସ; ପିଲାଏ ବଚନିକା କହୁଛନ୍ତି, ଗୀତ ଗାଉଛନ୍ତି, ଦୃଶ୍ୟ ବିଭାଗ ଅଛି - ରୀତିମତ ମଞ୍ଚାଭିନୟ ହେବ। ଗୀତଗୁଡ଼ିକ ସୁନ୍ଦର ସ୍ୱରରେ ରଚିତ।' (କୁମ୍ଭାରଚକ, ପୃ-୧୦୦-୧୦୧)

ଲୋକନାଟକର ବହୁ ବିଭାଗ ମଧ୍ୟରୁ ଲୀଳାକୁ ପ୍ରାଥମିକ ନିର୍ଯାସ ଭାବରେ ଗ୍ରହଣ କରାଗଲେ ଏଥିରୁ ସ୍ପଷ୍ଟ ହେବ ଯେ, ଲୀଳା ଉଭୟ ଲୋକଭାଷା, ସଂସ୍କୃତ ଭାଷା, ହିନ୍ଦୀ, ଉର୍ଦ୍ଦୁ ଓ ବଙ୍ଗଳା ଭାଷାର ପ୍ରଭାବରେ ରଚିତ, ସମୟାନୁସାରୀ ଏହାର କଳେବର ମଧ୍ୟ ପରିସ୍ଥିତି ଓ ପରିବେଶାନୁସାରେ ବିଭିନ୍ନ ଭାଷାରେ ସଜ୍ଜିତ ହୋଇଛି, ତଥାପି ସାଙ୍ଗୀତିକତା, ଅଳଙ୍କାରିତ, ସରଳ, ସାବଲୀଳତାରେ ଏହା ଅନନ୍ୟ ହୋଇ ଦଣ୍ଡାୟମାନ।

**ଲୀଳାର କଳେବର ପରିସ୍ଥିତି ଓ ପରିବେଶାନୁସାରେ ବିଭିନ୍ନ ଭାଷାରେ ସଜ୍ଜିତ ହୋଇଛି; ତଥାପି ସାଙ୍ଗୀତିକତା, ଅଳଙ୍କାରିକତା, ସାବଲୀଳତାରେ ଏହା ଅନନ୍ୟ ହୋଇ ଦଣ୍ଡାୟମାନ।**

**ସହାୟକ ଗ୍ରନ୍ଥସୂଚୀ :**

୧. ଦାସ, ହେମନ୍ତ କୁମାର, ଓଡ଼ିଆ ଲୋକନାଟକ, ଗ୍ରନ୍ଥ ମନ୍ଦିର।
୨. ମହାପାତ୍ର, ଶ୍ୟାମସୁନ୍ଦର - ଓଡ଼ିଆ ଲୋକସାହିତ୍ୟ।
୩. ଦାସ, ହେମନ୍ତ କୁମାର - ଓଡ଼ିଆ ନାଟକ ଉଦ୍ଭବ ଓ ବିକାଶ।
୪. ଦାସ, ହେମନ୍ତ କୁମାର - ଲୀଳା ନାଟକର ଶେଷଶିଖା, କବିଚନ୍ଦ୍ର ପରିକ୍ରମା, ଭୁବନେଶ୍ୱର।
୫. ଦାଶ, ସର୍ବେଶ୍ୱର - ଓଡ଼ିଆ ନାଟ୍ୟ ସାହିତ୍ୟ, ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା।

□□

ଲେଖିକାଙ୍କ ଇ-ମେଲ ଠିକଣା:
Jyotipmohanty@gmail.com

ଗଳ୍ପ

# ଦୁଇଟି ମିନିଗଳ୍ପ




ଆରାଧନା ମିଶ୍ର

## ଭିନ୍ନ ସ୍ୱାଦ

ନୀଳିମା ଦୃଢ଼ ଈଶ୍ୱରବିଶ୍ୱାସୀ, ହେଲେ ତା' ସ୍ୱାମୀ ରଜତ ଜଣେ ଦୃଢ଼ ନାସ୍ତିକ । ନୀଳିମାର ଶତ ଚେଷ୍ଟା ସତ୍ତ୍ୱେ ରଜତର ମନୋଭାବରେ କୌଣସି ପରିବର୍ତ୍ତନ ଆସିନି। ତେଣୁ ରଜତ ଯେବେ ନୀଳିମା ସହ କୈଳାସ ପର୍ବତ ଯିବାକୁ ଆଗ୍ରହ ପ୍ରକାଶ କଲା ନୀଳିମାର ଖୁସିର ସୀମା ରହିଲାନି। ମନରେ ତା'ର ଆସିଲା ରଜତ ଏ ଭିତରେ ବଦଳିଛି ନିଶ୍ଚିତ, ନଚେତ୍ ସେଠିକୁ ଯିବାକୁ ସେ ମନ କାହିଁକି ବା କରନ୍ତା। ଦିନ ଆସିଲା, ସେମାନେ କୈଳାସ ପର୍ବତ ପାଖରେ ପହଞ୍ଚିଲେ।

ନୀଳିମା ଭକ୍ତିଭାବରେ ସମ୍ପୂର୍ଣ୍ଣ ବୁଡିଯାଇ ଜପ କରିବାକୁ ବସିଗଲା। ଦୀର୍ଘ ସମୟ ପରେ ସେ ଯେବେ ଜପରୁ ଉଠିଲା, ରଜତକୁ ପାଖରେ କୋଉଠି ବି ନ ଦେଖି ଟିକିଏ ବ୍ୟସ୍ତ ହେଇଗଲା। ଖୋଜୁ ଖୋଜୁ ତାକୁ ମାନସରୋବର ପାଖରେ ପାଇଲା। ରଜତ ମାଛ ଧରିବା ଉଦ୍ଦେଶ୍ୟରେ ବନ୍‌ଶୀ ପକେଇ ଏକାଗ୍ର ଚିତ୍ତରେ ପାଣିକୁ ଦେଖୁଥିଲା।



ନୀଳିମା ଆଶ୍ଚର୍ଯ୍ୟ ହେଇ ପଚାରିଲା 'ଏଇଥିପାଇଁ ତୁମେ ଏଠିକୁ ଆସିବାକୁ ଚାହୁଁଥିଲ!' ରଜତ ସ୍ୱାଭାବିକ ଭାବରେ ଉତ୍ତର ଦେଲା, 'ହଁ। ଏଇ ସରୋବର ପୃଥିବୀର ଉଚ୍ଚତମ ମଧୁର ଜଳର ସରୋବର। ଯାର ମାଛର ସ୍ୱାଦ କେମିତି ମତେ ଜାଣିବାକୁ ବହୁତ ଇଚ୍ଛା ଅଛି।' ନିଃସହାୟତାରେ ଜଡ଼ସଡ଼ ନୀଳିମା କୈଳାସ ପର୍ବତକୁ ଚାହିଁଲା।

## ଫୁଲ

ପାର୍କରେ ଅନେକ ଗଛ। ଗୋଟିଏ ଶୁଖିଲା ଗଛ ଉପରେ ମାଡ଼ିଥିବା ଯୁଈ ଲତାରେ ପାଞ୍ଚ ଛଅଟି ଫୁଲ ଫୁଟି ପବନରେ ଦୋହଲୁଛନ୍ତି।

ଏ ସମୟରେ ଗୋଟିଏ ଥାକଲ୍ ଥୁକୁଲ୍ ହାତଟିଏ ଆସି ତଳ ଫୁଲସବୁକୁ ତୋଳିବା ଆରମ୍ଭ କରିଛି।

ସବୁଠୁ ଉପର ଫୁଲ (ଉତ୍ତେଜିତ ହେଇ)- ଆରେ! ଆରେ! ଏଇ କ'ଣ କରୁଛୁ!



ହାତର ମାଲିକିଆଣୀ- ମଲା! ଦେଖିପାରୁନୁ? ତୋଳୁଛି ପା।

ଉତ୍ତେଜିତା ଫୁଲ - କାହିଁକି ତୋଳୁଛୁ? ଆମକୁ ଶାନ୍ତିରେ ରହିବାକୁ ଦେ, ପବନରେ ଦୋହଲିବାକୁ ଦେ।

ହାତର ମାଲିକିଆଣୀ -ଏଠି ତୋର କି କାମ ଯେ? ତୁ ତ ମୋ କାଳିଆ ପାଇଁ।

ଉତ୍ତେଜିତା ଫୁଲ - ଆମ ଲତା ଆମକୁ ସମର୍ପି ସାରିଛି ଜଗତର ନାଥ ପାଖରେ। ସେଥିପାଇଁ ତ ଆମ ସୃଷ୍ଟି।

ହାତର ମାଲିକିଆଣୀ - ମଲା ମଲା! ସେ କ'ଣ ସମର୍ପିବ ବା! ମଣିଷ ସିନା ଏକା ଜାଣେ ତାକୁ କେମିତି ପୂଜାଯାଏ।

ଉପର ଫୁଲଟି ପଲିଥିନ୍ ଭିତରେ ପଶିବା ବେଳେ ଶେଷ ଥର ପାଇଁ ଦେଖୁଥିଲା ଖରା ଓ ଖୋଲା ଆକାଶକୁ।

□□

ଲେଖିକାଙ୍କ ଇ-ମେଲ ଠିକଣା:
aradhanam62@gmail.com

ଶିଶୁ ଗଳ୍ପ



# ଜେଜେଙ୍କ ସକାଳ ଓ ଅବୁଝା ନାତି

ରବୀନ୍ଦ୍ର ନାଥ ମାଝୀ

ସକାଳ ହେଉ ହେଉ ମନ୍ଦାର ଫୁଲ ପରି କଅଁଳି ଉଠେ ସୂର୍ଯ୍ୟ। ଫରଚା ଆଲୁଅ ବେଳେ ବସାରୁ ଉଠି ଆସେ ନୂଆ ଚଢ଼େଇ। ତାଆର ବି କଅଁଳ ଡେଣା। ବେଶି ବାଟ ଉଡ଼ିପାରେ ନାହିଁ। ଡାଳରୁ ଡାଳକୁ ଡେଇଁ ଡେଇଁ ଉଡ଼େ। ରାତିରେ ଝରି ପଡିଥିବା କାକର ଟୋପାକୁ ଖୁସିରେ ପିଇଯାଏ।

ଶେଯ ଛାଡ଼ି ନ ଥାଏ ସୂର୍ଯ୍ୟ। କେତେବେଳୁ ଉଠି ପଡ଼ିଲେଣି ଜେଜେ। ଉଠି ଏପାଖ ସେପାଖ ବୁଲୁଥାନ୍ତି। ସୁମନ ସଅଳ ଉଠୁ ନାହିଁ। ସେଇଟା ତ ତାଙ୍କର ଚିନ୍ତା। ଡାକିବାକୁ ସାହସ ହେଉ ନାହିଁ। ସୁମନର ମମି କହନ୍ତି, "ପିଲାଟା ଶୋଇଛି ଶୋଇଥାଉ, ଉଠିଲେ ସ୍କୁଲ ଯିବ।"



ଜେଜେ ବ୍ୟସ୍ତ ହୋଇପଡ଼ନ୍ତି। ପିଲାଟା ଡେରି ଯାଏ ଶୋଇ ରହୁ ସେ ଚାହାନ୍ତି ନାହିଁ। ତାଙ୍କର ମନେ ଅଛି ଆଚାର୍ଯ୍ୟ ବିନୋବାଜୀଙ୍କ ପରାମର୍ଶ। ସକାଳୁ ଉଠୁ ନ ଥିବା ପିଲାଏ ସକାଳ ସୂର୍ଯ୍ୟ ଦେଖିବାରୁ ବଞ୍ଚିତ ହୁଅନ୍ତି। ଆଜିଠାରୁ ବହୁ ପିଲାଙ୍କର ଦେହରେ ଭିଟାମିନ୍ 'ଡି'ର ଅଭାବ ରହୁଛି। ଡାକ୍ତର କହୁଛନ୍ତି ଭିଟାମିନ୍ ପାଇଁ ବଟିକା ଖୁଆଅ। ଜେଜେ ଭାବନ୍ତି, ବଡ଼ ବିଚିତ୍ର କଥା। ପ୍ରକୃତି ସକାଳ ସୂର୍ଯ୍ୟ ସହ ଭିଟାମିନ 'ଡି' ଯେ ଦିଅନ୍ତି ଏକଥା ତାଙ୍କ ଇଞ୍ଜିନିୟର ପୁଅ ବୋହୂ କ'ଣ ଜାଣନ୍ତି ନାହିଁ? ମନେ ମନେ ଗୁଣୁ ଗୁଣୁ ହୋଇ ନୀରବ ରହନ୍ତି।

ସୁମନ ଅଳସ ଭାଙ୍ଗିଲା। ଉଠି ପଡ଼ି ଡାକିଲା। "ଜେଜେ ଏତେବେଳ ହେଲାଣି। ମୋତେ ଡାକି ଦେଲ ନାହିଁ?" ଆଖି ମଳି ମଳି ଅଗଣାକୁ ଆସି ଦେଖିଲା ସୂର୍ଯ୍ୟର ଆଉ ଲାଲ କିରଣ ନାହିଁ।

ଫେରିଆସି ତା ମମିକୁ କହିଲା, "ମମି! କାଲିଠୁ ମୋତେ ସକାଳୁ ଉଠେଇଦେବ। ମୁଁ ଲାଲ ସୂର୍ଯ୍ୟ ଦେଖିବି। ମୋରି ପରି ଟିକି ଟିକି ଚଢ଼େଇ ଖଣ୍ଡି ଉଡ଼ା ଦେଖିବି।"

ଏତିକି ବେଳେ ଠୁସି ଚଢ଼େଇଟିଏ ଟଗର ଗଛରେ ବସି ପତରରୁ ଖୋଜୁଥାଏ କାକର। କାକର ଖରା ତାତିରେ ଉଭେଇ ଗଲାଣି। ଚଢ଼େଇଟି ଡେଇଁ ଡେଇଁ ଫେରିଗଲା। ସୁମନ ଚଢ଼େଇକୁ ଦେଖି ଭାବିଲା ମୋତେ ସିନା ନିଦ ମାଡୁଛି ଚଢ଼େଇଟିକୁ ତ ନିଦ ନ ଥାଏ। ଆଜି ସିଏ କାକର ଟୋପାଏ ପାଇଲା ନାହିଁ।

ନିତ୍ୟକର୍ମ ସାରି ସୁମନ ପୁଣି ଜେଜେଙ୍କ ପାଖକୁ ଯାଇ କହିଲା "ଜେଜେ ମୋ ବହିରାଣ, ମୋତେ କାଲି ଭୋରରୁ ଉଠେଇ ଦେବ।"

ନୂଆ ସକାଳଟିଏ ଆଉ ଥରେ ଆସିଲା। ଜେଜେଙ୍କର ମନେ ପଡ଼ିଲା ସୁମନ ବହିରାଣ ପକେଇଛି। ସେ ଡାକ ପକେଇଲେ, "ସୁମନ ବାବା ଉଠିପଡ଼, ଅଳ୍ପ ସମୟ ବାକି ଅଛି, ସୂର୍ଯ୍ୟ ଉଇଁବ।"

ଜେଜେଙ୍କର ଡାକ ଶୁଣି ସୁମନର ବାପାଙ୍କ ନିଦ ଭାଙ୍ଗିଗଲା। ବିରକ୍ତ ହୋଇ ସେ କଡ଼ ଲେଉଟେଇଲେ। ସୁମନ ଉଠି ପଡ଼ିଲା। ସୁମନର ମମି କହିଲେ, "ବେଳ କ'ଣ ହେଲାଣି, ଉଠି ପଡୁଛି କାହିଁକି?"

ସୁମନ ଉଠିପଡ଼ି ଜେଜେଙ୍କ ପାଖକୁ ଗଲା ଓ ଆକାଶକୁ

ଚାହିଁ ସକାଳକୁ ମନ ଭରି ଦେଖିଲା । ଜେଜେ ତାକୁ ଗପଟିଏ କହିଲେ । ଭଲ ମଣିଷ ହେବାର ଗପ, ଅନ୍ୟକୁ ସ୍ନେହ କରିବାର ସୁଫଳ କେମିତି ମିଳେ, ପ୍ରକୃତିକୁ ପ୍ରତିଦିନ ଦେଖିବାର ଆନନ୍ଦ, ଏମିତି କେତେ କେତେ କଥା କହୁଥା'ନ୍ତି ।

ଏ ସବୁ ସୁମନର ମମିକୁ ଭଲ ଲାଗୁ ନ ଥାଏ । ସେ ଉଠି ସୁମନ ପାଖକୁ ଆସି କହିଲେ, "ଆ ଟିଭିରୁ ଏସବୁ ଦେଖିବୁ ଆ । ସବୁ ଦେଖିବୁ ଏଇ ଟିଭିରୁ ।"

ଜେଜେ ତାକୁ ଥରେ ବୁଝେଇ ଦେଇଥିଲେ, "ବାବା ସୁମନ, ଟିଭିରେ ସବୁ ମିଳେ ନାହିଁ । ଫୁଲ ଫୁଟିବା ପ୍ରଜାପତି ଉଡ଼ିବା ସିନା ଦେଖି ପାରିବୁ । ଫୁଲର ବାସନାକୁ ଟିଭିରୁ କ'ଣ ପାଇ ପାରିବୁ ? ସୁଲୁସୁଲିଆ ପବନରେ ଦେହ କେମିତି ଶୀତେଇ ଉଠେ ସେ କଥା ଅନୁଭବ କରି ହୁଏ । ସେ ଅନୁଭବ ଟିଭି ଦେଇ ପାରେ ନାହିଁ ।"



ସୁମନ ପିଲା ହେଲେ ବି ପଚାରିଲା, "ଜେଜେ ତୁମେ ତେବେ ଟିଭି ଦେଖୁଛ କାହିଁକି ?"

ଟିଭିରୁ ଦେଶ ବିଦେଶର ଖବର ଜାଣେ । ଭକ୍ତି ସଙ୍ଗୀତ ଶୁଣେ । ଘରେ ବସି ଦୂରରେ ଥିବା ମନ୍ଦିର ଧାମ ଓ ବଡ଼ ବଡ଼ ଲୋକଙ୍କ କଥା ଜାଣେ । ସମୟ କଟିଯାଏ ଜଣା ପଡ଼େନି । ବୁଢ଼ା ବେଳେ ସମୟ କଟେ ନାଇଁରେ ବାପା ।

ସଞ୍ଜବେଳକୁ ସୁମନର ବାପା ଆସି କହିଲେ, ଅଫିସ ପାଖରେ ନୂଆ ଘରଟିଏ ଭଡ଼ାରେ ନେବାକୁ ଭାବୁଛି । ଏଠି ପିଲାଟା ମଣିଷ ହୋଇ ପାରିବ ନାଇଁ । ସୁମନର ମାଆ ଏ କଥା ଶୁଣି ଖୁସି ହୋଇଗଲେ ।

□□

ଲେଖକଙ୍କ ଇ-ମେଲ ଠିକଣା:
rabindranathmajhee@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା । ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି । ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଯୋଗେ ଜଣାନ୍ତୁ । ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି ।

୪. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ୱଚ୍ଛ ଛବି ଉଠାଇ ମଧ୍ୟ ପଠାଇପାରନ୍ତି ।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ ।

୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି । କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ ।

୯. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି ।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି ।




**ପୁସ୍ତକ ସମୀକ୍ଷା**

# ରହସ୍ୟ ଓ ଅନୁସନ୍ଧାନ

**ଲେଖକ: ସନ୍ତୋଷ ପଟ୍ଟନାୟକ**
**ପ୍ରକାଶକ: ଦି ରାଇଟ୍ ଅର୍ଡର**
**ପୃଷ୍ଠା: ୮୪ ମୂଲ୍ୟ: ଟ. ୧୮୫**

ଓଡ଼ିଆ ଭାଷାରେ ରହସ୍ୟ ଓ ଅନୁସନ୍ଧାନ ମୂଳକ ଗଳ୍ପର ଅଭାବ ନାହିଁ। କିନ୍ତୁ ଆଲୋଚ୍ୟ ପୁସ୍ତକଟିର ବିଶେଷତ୍ୱ ହେଲା ଏହା କଳ୍ପନା-ଆଧାରିତ ନହୋଇ, ପୋଲିସ ବିଭାଗରେ ଲେଖକ ନିଜେ ଜଣେ ଅଙ୍ଗେ ନିଭାଇଥିବା ବାସ୍ତବ ଘଟଣାବଳୀ ଉପରେ ପର୍ଯ୍ୟବେସିତ। ଏ ଦୃଷ୍ଟିରୁ କେତୋଟି ରୋମାଞ୍ଚକର ପ୍ରକରଣର ବେଶ୍ ଏକ ମନଛୁଆଁ ଉପସ୍ଥାପନା ଆମେ ଦେଖିବାକୁ ପାଉ ପୁସ୍ତକଟିରେ।

ଲେଖକ ନିଜର ମୁଖବନ୍ଧରେ ସୂଚାଇଛନ୍ତି ଯେ ତାଙ୍କ ଚାକିରି ଜୀବନର କେତେକ ତଦନ୍ତ ବେଳର ଘଟଣାବଳୀ କିଶୋରମାନଙ୍କର ପଠନ ଉଦ୍ଦେଶ୍ୟରେ ପ୍ରକାଶ କରିବା ତାଙ୍କର ଉଦ୍ଦେଶ୍ୟ। କିନ୍ତୁ ଲେଖାଗୁଡ଼ିକ ପଢ଼ିଲେ ମନେହୁଏ, ଯେପରି ଏହା ସାନରୁ ବଡ଼ ନିର୍ବିଶେଷରେ ସବୁ ବର୍ଗର ପାଠକମାନଙ୍କ ପାଇଁ ଉଦ୍ଦିଷ୍ଟ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଲା ଏଥିରେ ଘଟଣାଗୁଡ଼ିକର ସିଧାସଳଖ ବା ଯାନ୍ତ୍ରିକ ଉପସ୍ଥାପନା ନ ହୋଇ, ଗଳ୍ପ ଗଢ଼ିବାର ସାହିତ୍ୟସୁଲଭ କଳା ପ୍ରତି ମଧ୍ୟ ଯଥାଯଥ ଧ୍ୟାନ ଦିଆଯାଇଛି। ଘଟଣାଗୁଡ଼ିକ ବର୍ଣ୍ଣନା କରିବାବେଳେ ଲେଖକ ସେଗୁଡ଼ିକର କାହାଣୀତ୍ୱ ପ୍ରତି ବେଶ୍ ସଚେତନ। ସେଥିସହିତ ଭାଷାବିନ୍ୟାସ ଦୃଷ୍ଟିରୁ ମଧ୍ୟ ଲେଖାଗୁଡ଼ିକର ପରିଚୟ ସ୍ୱତନ୍ତ୍ର।

ସଂକଳନଟିରେ ସମୁଦାୟ ସାତଗୋଟି ରହସ୍ୟ ଓ ଅନୁସନ୍ଧାନ ମୂଳକ ଅନୁଭୂତି ସ୍ଥାନିତ ହୋଇଛି। 'ବଗିଚା ଭୁତ' ଶୀର୍ଷକ ପ୍ରଥମ ରଚନାଟିରେ ଗୋଟିଏ ଥାନାକୁ ଲାଗି ଅବସ୍ଥିତ ଥିବା ଡାକ୍ତରଖାନାରେ ଭୁତର ରହସ୍ୟମୟ ଉପସ୍ଥିତି ତାହାର ଜଗୁଆଳିକୁ କିଭଳି ଆତଙ୍କିତ କରିଥିଲା ଏବଂ ଏହି ଆତଙ୍କ କିପରି ଶେଷକୁ ନିରାଧାର ପ୍ରମାଣିତ ହେଲା ତାହାର ଏକ ରୋଚକ ଉପସ୍ଥାପନା ପାଠକଙ୍କୁ ମୁଗ୍ଧ କରେ। ସେହିପରି 'ମୃତ୍ୟୁ ସହ ମୁହାଁମୁହିଁ' ରଚନାରେ ଜଣେ ଅପରାଧୀକୁ କାବୁ କରିବାପାଇଁ ଲେଖକ ଥରେ ଯେଉଁ ରୋମାଞ୍ଚକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ତାହାର ତାହାର ବର୍ଣ୍ଣନା ବେଶ୍ ସୁପାଠ୍ୟ ହୋଇପାରିଛି। ସନ୍ନିବେଶିତ ସାତଟି ଯାକ ପ୍ରକରଣ ଆମକୁ ସିଧାସଳଖ ଭାବରେ ରହସ୍ୟ ଓ ରୋମାଞ୍ଚର ବାସ୍ତବ ଦୁନିଆ ସହିତ ପରିଚିତ କରାଏ।

ରଚନାଗୁଡ଼ିକର ପ୍ରସ୍ତୁତି ଶୈଳୀ ଯେମିତି ପାଠକୀୟ ଉତ୍କଣ୍ଠା ଜାଗ୍ରତ କରିବା ପାଇଁ ଅଭିପ୍ରେତ। ଦୃଷ୍ଟାନ୍ତ ସ୍ୱରୂପ ପୁସ୍ତକଟିର ପୃଷ୍ଠା-୭୮ର ନିମ୍ନୋକ୍ତ ବର୍ଣ୍ଣନାଟିକୁ ନିଆଯାଉ: "ଟ୍ରେନର ଲୁହା ଧାରଣା କଡ଼ରେ ପଡ଼ିଥିବା ଗେଟି ଉପରେ ଚାଲୁ ଚାଲୁ ସେ ଆକାଶକୁ ଅନେଇଲା। ବାଦଲ ଡାଙ୍କିଛି। ମନେ ମନେ ଭାବିଲା ନାଲୁ, ଯଦି ବର୍ଷା ହୁଏ ତା'ହେଲେ ରେଲୱେ କଲୋନୀକୁ ଯିବ। ଯଦି ବର୍ଷା ନ ହୁଏ, ତା'ହେଲେ ହାଉସିଂ ବୋର୍ଡ଼ କଲୋନୀରେ ପଶିବା ସୁବିଧାଜନକ ହେବ। କେଉଁଠି ସେ ଚୋରି କରିବ?"

ତେବେ ବହିଟିର ମୁଦ୍ରଣ ପୂର୍ବରୁ ଅକ୍ଷରସଜ୍ଜା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଇନଥିବା ଅନୁଭବ ହୁଏ। ଅକ୍ଷରଗୁଡ଼ିକର ଆକାର ଆଉ ଗୋଟିଏ ବା ଦୁଇ ପଏଣ୍ଟ ଅଧିକ ହୋଇଥିଲେ ଏହା ପଢ଼ିବାପାଇଁ ଆହୁରି ସୁବିଧାଜନକ ହୋଇଥାଆନ୍ତା। ଲାଇନ୍-ସ୍ପେସିଂ ମଧ୍ୟ ଆଉ ଟିକିଏ କମାଇବାର ଆବଶ୍ୟକତା ଥିଲା। ତୃତୀୟତଃ, 'ରହସ୍ୟ ଓ ଅନୁସନ୍ଧାନ' ଭଳି ଏକ ଜେନେରିକ୍ ନାମ ପରିବର୍ତ୍ତେ ଅନ୍ୟ କିଛି ଏକ ଉପଯୁକ୍ତ ନାମକରଣ ପୁସ୍ତକଟିର ପରିଚୟକୁ ଆହୁରି ଆକର୍ଷଣୀୟ କରିପାରିଥାଆନ୍ତା। ସେ ଯାହା ହେଉ, ରଚନା ସମ୍ଭାର ଦୃଷ୍ଟିରୁ ବହିଟି ଯେ ଏକ ଲକ୍ଷଣୀୟ ନିଆରାପଣରେ ସମୃଦ୍ଧ ଏଥିରେ ସନ୍ଦେହ ନାହିଁ।

– ***ନିହାର ଶତପଥୀ***

# ସାହିତ୍ୟ ସମାଚାର

## ସୋଆ ବିଶ୍ୱବିଦ୍ୟାଳୟରେ ତିନିଦିନିଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱରର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିସରରେ 'ସୋଆ ସାହିତ୍ୟ ଉତ୍ସବ'ର ଦ୍ୱିତୀୟ ସଂସ୍କରଣ ନଭେମ୍ବର ୨୪ ତାରିଖ ଦିନ ଉଦ୍ଘାଟିତ ହୋଇଯାଇଛି। ଏହାକୁ ଉଦଘାଟନ କରିଥିଲେ ସ୍ୱନାମଧନ୍ୟ ଲେଖିକା ପ୍ରତିଭା ରାୟ। ଚଳିତ ସାହିତ୍ୟ ଉତ୍ସବର ବିଷୟବସ୍ତୁ ରହିଛି "ଭାରତୀୟ ସାହିତ୍ୟ, ସଂସ୍କୃତି, ସମାଜ: ସମ୍ଭାବନା ଓ ଆହ୍ୱାନ"।

ପ୍ରଥମେ 'ସୋଆ' ଅଧୀନରେ ଥିବା 'ପ୍ରାଚୀନ' ଅନୁଷ୍ଠାନର ମୁଖ୍ୟ ଗାୟତ୍ରୀବାଳା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ଓଡ଼ିଆ କାବ୍ୟଧାରା ସାରଳା ମହାଭାରତରୁ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ କିପରି ନିରବଚ୍ଛିନ୍ନ ଭାବେ ଚାଲିଛି, ତାହାର ବର୍ଣ୍ଣନା କରିଥିଲେ। ଏହି ଅବସରରେ ନିଜର ବକ୍ତବ୍ୟ ରଖି ପ୍ରତିଭା ରାୟ କହିଲେ ଯେ ସାହିତ୍ୟ ହେଉଛି ସଂସ୍କୃତି ଏବଂ ପରମ୍ପରାର ମୂଳଦୁଆ। ଗଦ୍ୟ ହେଉ ବା ପଦ୍ୟ, ସବୁକିଛି ସାହିତ୍ୟର ଆବେଗ ଏବଂ ଜ୍ଞାନ ପ୍ରତିଫଳିତ କରିଥାଏ।ମୁଖ୍ୟ ବକ୍ତା ଆଶିଷ ନନ୍ଦୀ କହିଲେ ଲେଖକଟିଏ କଣ କହିବାକୁ ଚାହୁଁଛି ତାହା ନିର୍ଣ୍ଣୟ କରିବାର ଦାୟିତ୍ୱ ପାଠକମାନଙ୍କର। ସମ୍ମାନିତ ଅତିଥି ତଥା ସାହିତ୍ୟ ଏକାଡେମିର ସଚିବ କେ.ଶ୍ରୀନିବାସ ରାଓ କହିଲେ ସବୁ ସମାଜର ଭାଷା, ସାହିତ୍ୟ, ସଂସ୍କୃତି ଓ ଦର୍ଶନର ସାଂସ୍କୃତିକ ପରମ୍ପରା ରହିଛି। ମୁଖ୍ୟ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମିର ସଭାପତି ମାଧବ କୌଶିକ କହିଲେ ଯେ ସାହିତ୍ୟ ଲୋକମାନଙ୍କୁ ମଣିଷ କରିଦେଇଥାଏ।

## ବନ୍ଧୁଘର ସାହିତ୍ୟ ପିଣ୍ଡାରେ ମଣିଷ ମନର ଗୁମର ଖୋଲିଦେଲେ ପ୍ରଫେସର ବସନ୍ତ ଦାସ



ନଭେମ୍ବର ୧୯ ତାରିଖ ଦିନ ଭୁବନେଶ୍ୱରରେ ଏକ ନିଆରା ସାହିତ୍ୟ ମଞ୍ଚ 'ବନ୍ଧୁଘର ସାହିତ୍ୟ ପିଣ୍ଡା'ର ସପ ଉପରେ ବସି ମୁଖ୍ୟବକ୍ତା ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ପ୍ରଫେସର ବସନ୍ତ କୁମାର ଦାସ ପରସ୍ତ ପରସ୍ତ କରି ଖୋଲିଗଲେ ମଣିଷ ମନର ଗହନ ତତ୍ତ୍ୱ। ସେ କହିଲେ ଯେ, ମଣିଷ ହେଲେ ବି ଆମେ ଗୋଟିଏ ଗୋଟିଏ ପଶୁ। ମନର ତିନୋଟି ଅବସ୍ଥା ହେଉଛି ସଚେତନ, ଅବଚେତନ ଓ ଅଚେତନ। ଅଚେତନ ମନ ଭିତରେ ଆମର ପଶୁତ୍ୱ ଅବଦମିତ ହୋଇ ରହିଥାଏ। ଅନ୍ୟ କଥାରେ କହିଲେ 'ଇଗୋ' ଆମର ପଶୁତ୍ୱକୁ ଚାପି ରଖିଥାଏ। ମଣିଷର ବ୍ୟକ୍ତିତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା କରି ସେ କହିଲେ ଯେ ବ୍ୟକ୍ତିତ୍ୱ ବିଷୟରେ ଫ୍ରଏଡ୍‌ଙ୍କ ତତ୍ତ୍ୱ ଏବେ ବି କାର୍ଯ୍ୟ କରୁଛି। ଯେ କୌଣସି ବ୍ୟକ୍ତିତ୍ୱର ତିନୋଟି ମୁଖ୍ୟ ଦିଗ ହେଲା ଇଦ୍ (ଆଦିମ ପ୍ରବୃତ୍ତି), ଇଗୋ (ଅହଂ ଭାବ), ଓ ସୁପର୍ ଇଗୋ (ବିବେକ)। କେବଳ ଇଦ୍ ନୁହେଁ, ସୁପର ଇଗୋ, ଅର୍ଥାତ୍ ବିବେକକୁ ଅତିମାତ୍ରାରେ ଅନୁସରଣ କଲେ ବି ଆମେ ଅସାମାଜିକ ହୋଇଯିବା। ଏଣୁ କେହି କେହି ଗୌତମ ବୁଦ୍ଧଙ୍କୁ ଅସାମାଜିକ ବୋଲି କହନ୍ତି। ପ୍ରକୃତରେ ମଣିଷର ଇଗୋ ବଳିଷ୍ଠ ହେଲେ ହିଁ ସେ ଇଦ୍ ଓ ସୁପର ଇଗୋକୁ ଆୟତ୍ତ କରି, ନିଜର ବ୍ୟକ୍ତିତ୍ୱକୁ ସନ୍ତୁଳିତ କରିପାରେ। ପ୍ରଫେସର ଦାସ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ପରେ ଉପସ୍ଥିତ ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ।

# ଶେଷ ପୃଷ୍ଠା



## ତୁଚ୍ଛତାଚ୍ଛଲ୍ୟ *

ପ୍ରେମ ପଞ୍ଚାମୃତରେ ପଢ଼ିଥିଲି;

"ଏ ନିତ୍ୟ ଅଇଶ୍ୱର୍ଯ୍ୟ ସୁଖ; ଏଠାରେ ନାହିଁ ଶୋକ ଦୁଃଖ"।

ଆହୁରି ମଧ୍ୟ ପଢ଼ିଥିଲି ଯେ;

"ଅନେକ ଅଗ୍ନିକୁଢ଼ ଥାଇ; ଯେସନେ ପ୍ରଦୀପ ଲଗାଇ"।

ପିଲାଟି ଦିନରୁ ଭାଷା ଓ ସାହିତ୍ୟର ସଂସାରରେ ହିଁ ଏହି ପ୍ରାଣ ସେହି ଅଇଶ୍ୱର୍ଯ୍ୟ ସୁଖ ପାଇ ଆସିଛି। ଦେଖା, ଶୁଣା, ବୁଝା, ପଢ଼ା, ଶିଖା, ଲେଖା ଓ କୁହା ପ୍ରଭୃତିର ସାତ କ୍ରିୟାପ୍ରକ୍ରିୟାରେ ଏହି ଜୀବନ ଯାତ୍ରାପଥର ଅଗ୍ନିକୁଢ଼ରୁ ଜ୍ଞାନବିଜ୍ଞାନର ପ୍ରଦୀପଟିଏ ଜଳାଇପାରିଛି ଆପଣା ହୃଦୟରେ। ଅନେକ ସୁଧୀ ଜ୍ଞାନୀଗୁଣୀଙ୍କ ଠାରୁ ବୋଧର ଇନ୍ଧନ ମଧ୍ୟ ପାଇଛି ସେହି ପ୍ରଦୀପକୁ ଜଳାଇ ରଖିବା ନିମନ୍ତେ। ଏବେ; ମୁଁ ଭାଷା ଓ ସାହିତ୍ୟ ପଥରେ ଆଗେଇ ଯିବାର ସାମର୍ଥ୍ୟ ବୁଝିଲିଣି, ଶିଖିଲିଣି ଖୁଣ୍ଟୁଣା ଖୁଣ୍ଟିରୁ ନିଜର ପଘା ଖୋଲିବାର, ଜାଣିଗଲିଣି ଚଢ଼କାକୁ ପକ୍ଷତି କରିବାର କୌଶଳ। ଏଣୁ, ଓଡ଼ିଆ ଭାଷା ସାହିତ୍ୟ ସହ ଆଗସରିବା ହିଁ ଏକମାତ୍ର ଲକ୍ଷ୍ୟ ମୋର।

ଓଡ଼ିଆ ସାହିତ୍ୟରେ ଅହଂସର୍ବସ୍ୱ ରଥୀ ମହାରଥୀଙ୍କ ଭିଡ଼ ଏବେ। ଏହା ଦୃକ୍‌ସିଦ୍ଧ ଦିନ ପ୍ରତିଦିନର ପୁସ୍ତକମେଳା, ସାହିତ୍ୟମଞ୍ଚ, ପୁସ୍ତକ ଉନ୍ମୋଚନ, ଭାଷା ମହୋତ୍ସବ ଓ ବିଭିନ୍ନ ସାହିତ୍ୟ ଯାତ୍ରାରେ। ପଣକାହାଣିଆଁ ବେଭାରରେ ପ୍ରକାଶନ, ଚଅଁରା ଭଅଁରା ବୋଧରେ ସଞ୍ଚାର ମାଧ୍ୟମରେ ପ୍ରଚାର ଓ ପ୍ରସାରଣ, ଅର୍ଦ୍ଧଜରତୀୟନ୍ୟାୟରେ ଚୟନ ପ୍ରକ୍ରିୟା, ପ୍ରଭୃତି ଦେଖି ସମୀକ୍ଷ୍ୟବାଦୀ ସଭିଏଁ ଏବେ ତୁନି ହୋଇ ବସିଛନ୍ତି। ଏହି ସୁଯୋଗରେ ଲେଖକଙ୍କ ଭାଇ-ବନ୍ଧୁ-କୁଟୁମ୍ବ ସମୀକ୍ଷ୍ୟକାରୀର ଦାୟିତ୍ୱ ନେଇଛନ୍ତି। ଦୁଇ ଚାରି ମାନପତ୍ର, ଉପାଧି ଓ ଉପଢୌକନ ପାଇସାରିଥିବା ସାହିତ୍ୟିକଗଣ ଏବକାର ଲେଖକଙ୍କୁ ତୁଚ୍ଛତାଚ୍ଛଲ୍ୟ କରିବା ନିଜର ଅଧିକାର ବୋଲି ମନେ କରୁଛନ୍ତି। ସମଝାଇ କହିବି; ବୟସାଧିକ୍ୟରେ ନିଜକୁ ଅତି ପଣ୍ଡିତ ବୋଧରେ ଅନ୍ୟକୁ ତୁଚ୍ଛତାଚ୍ଛଲ୍ୟ କରୁଥିବା ବିଜ୍ଞାନୀସମୂହ ନିଜକୁ ଏହି ବ୍ୟାଧିରୁ ନିଜକୁ ମୁକ୍ତ କରିବା ହୁଅନ୍ତୁ। ଧୁଆ ମୂଳା ଅଧୁଆ ମୂଳାକୁ ଏକା ଭାଉ ନ ଦିଅନ୍ତୁ।

"ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ" ନ୍ୟାୟରେ ଓଡ଼ିଆ ଭାଷା ସାହିତ୍ୟର ଏହି ଦୁର୍ଦ୍ଦିନରେ ଅନେକ ସୁଧୀ ଭାଷାପ୍ରେମୀ ସମଗ୍ର ଭାଷା ପାଇଁ ଜନ ସଚେତନତା ଓ ସାହିତ୍ୟପ୍ରେମୀ କେତେ ଶୁଦ୍ଧ କାଳଜୟୀ ସାହିତ୍ୟକୁ ଆଦର୍ଶ ପାଠକଙ୍କ ପାଖରେ ପହଞ୍ଚାଇବାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି।

ତାରିଖଜ୍ଞାପକ ପଞ୍ଜିକାରେ ପୁରୁଣାବର୍ଷରୁ ନୂଆବର୍ଷ ଆଡ଼କୁ ଆଗେଇଲା ବେଳେ ସାହିତ୍ୟ ସଂସାର କିଛି ଅଭିଜ୍ଞାନ ରଖିଯାଏ। ମୁଠାଏ ସୁଖଦ ଆଉ ଅଞ୍ଜୁଳାଏ ହତାଶ, ବିଫଳ, ପ୍ରବଞ୍ଚନା ଅବା ହୃଦୟବିଦାରକ କଥା ସବୁ। ସାହିତ୍ୟ ତ୍ରିଭୁଜର ସମସ୍ତ ସାହିତ୍ୟପ୍ରେମୀଙ୍କ ଦିବ୍ୟଚେତନା ଓ ଗଠନାତ୍ମକ ଅଭିବୃଦ୍ଧି ତଥା ନିରପେକ୍ଷ ସହାବସ୍ଥାନରେ ହିଁ ଓଡ଼ିଆ ସାହିତ୍ୟର ନୂଆବର୍ଷ ଆସିବ; ପ୍ରଶସ୍ତି ଓ ସମୃଦ୍ଧିର। ଚୀନ ଦେଶରେ କଥାଟିଏ ପ୍ରଚଳିତ; "ଆପଣା ହୃଦୟରେ ସବୁଜ ବୃକ୍ଷଟିଏ ସଦା ରଖି ଚାଲ; ଗୀତ ଗାଇବା ପକ୍ଷୀଟିଏ ନିଶ୍ଚୟ ଆସିବ।" ସେହି ଭାବରେ ଭାଷା ଓ ସାହିତ୍ୟପ୍ରତି ଆପଣାର ଆଗ୍ରହ ଓ ସାଧନା ଜାରୀ ରହୁ; ଓଡ଼ିଆ ସାହିତ୍ୟର ସମୃଦ୍ଧି ନିଶ୍ଚିତ ହେବ।

-ପ୍ରଭୂ

* **ତୁଚ୍ଛତାଚ୍ଛଲ୍ୟ** – ତୁଚ୍ଛଜ୍ଞାନ, ହେୟଜ୍ଞାନ, ହତମାନ୍ୟ

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

Eastern India's **No.1*** Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own



- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB

Call : 8093091301

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey

Jugaad Corner

A bit of Jugaad & lots of Love





Jugaad Corner deals with supplies of raw bases for art and craft purposes for artists and Crafters PAN India.





www.jugaadcorner.com

www.facebook.com/jugaadcorner

www.instagram.com/jugaadcorner



We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar – 751024, Odisha
Contact – 9439034505,



Blessed Fingers deals with art and craft finished products and orders even accepted on çustomizations.

www.blessedfingers.com

www.facebook.com/theblessedfingers

www.instagram.com/theblessedfingers

Blessed Fingers








Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy